ବର୍ଷ-୫୧ : ସଂଖ୍ୟା-୧୨ ଡିସେମ୍ବର, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୪ ନଭେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଭୟ | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ଉପସଂହାର - ୫) ତତ୍ପରେ – ଅସୀମ ଅନନ୍ତ | ··· | ମନୋଜ ଦାସ | ··· | ୭ |
| ହେ ପ୍ରକୃତି ! ଶାନ୍ତ ହୁଅ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୧୨ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ଦ୍ୱିତୀୟ ଅଧ୍ୟାୟ) ଭକ୍ତି ଓ ଜ୍ଞାନର ସମନ୍ୱୟ | ··· | ଶେଖ ଅବଦୁଲ କାଶମ | ··· | ୧୩ |
| ୧୭ ନଭେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୧୮ |
| ୫ ଡିସେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୧୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୧) | ··· | ··· | ··· | ୧୯ |
| ମା'ଙ୍କ ଆଶୀର୍ବାଦ | ··· | ରାମକୃଷ୍ଣ ଦାସ | ··· | ୨୩ |
| ବିଶ୍ୱାସ ଓ ବିଜୟ | ··· | ମନୋଜ ଦାସ | ··· | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୬) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୭ |
| କୋଟି କୋଟି ଦଣ୍ଡବତ ! (କବିତା) | ··· | ସୁନାମଣି ରାଉତ | ··· | ୩୦ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୪) | ··· | ସାହାନା ଦେବୀ | ··· | ୩୧ |
| ମୋ'ଠାରେ ସଙ୍ଗୀତର ସମ୍ପ୍ରକାଶ ଘଟିଲା କିପରି | ··· | ସୁନୀଲ କୁମାର ଭଟ୍ଟାଚାର୍ଯ୍ୟ | ··· | ୩୩ |
| କବି ନିଶିକାନ୍ତ (୫) | ··· | ··· | ··· | ୩୫ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୭) | ··· | ଗୟାଧର ଦାଶ | ··· | ୩୯ |
| ଆଧ୍ୟାତ୍ମିକତାର ପରିଭାଷା (୪) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୩ |
| ବାର୍ତ୍ତାବହ (କବିତା) | ··· | ଶାନ୍ତି ମହାନ୍ତି | ··· | ୪୭ |
| ଆମ ଶରୀର (୩୨) | ··· | ଭୋଳେଶ୍ୱର ଭୂୟାଁ | ··· | ୪୮ |
| ସୁସ୍ଥତାର ପରମ ଗୋପନୀୟତା (୬) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୧ |
| ପ୍ରେମାନନ୍ଦ ବାବୁଙ୍କୁ ଆମର ଶ୍ରଦ୍ଧାଞ୍ଜଳି | ··· | ··· | ··· | ୫୪ |
| ଆଧ୍ୟାତ୍ମିକ ଅଭିଯାତ୍ରାରେ ଗୁରୁ ଓ ଶାସ୍ତ୍ରର ଭୂମିକା | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ରହିଛି ଏପରି ଏକ ଶକ୍ତି ଯାହା କୌଣସି ଶାସକ ପ୍ରୟୋଗ କରି ପାରେନା; ରହିଛି ଏପରି ଏକ ସୁଖ କୌଣସି ପାର୍ଥିବ ସାଫଲ୍ୟ ଯାହା ଆଣି ଦେଇ ପାରେନା; ରହିଛି ଏପରି ଏକ ଆଲୋକ ଯାହା କୌଣସି ପ୍ରଜ୍ଞା କରି ପାରେନା ଆୟତ୍ତ; ରହିଛି ଏପରି ଏକ ଜ୍ଞାନ ଯାହା ଉପରେ କୌଣସି ଦର୍ଶନ ଏବଂ ବିଜ୍ଞାନ ଲଭି ପାରେନା ଚୂଡ଼ାନ୍ତ ଦକ୍ଷତା; ରହିଛି ଏପରି ଏକ ବିମଳ ଆନନ୍ଦ ଯାହାର ଉପଭୋଗ କୌଣସି ବାସନାର ତୃପ୍ତିବିଧାନରୁ ମିଳି ପାରେନା; ପ୍ରେମ ପାଇଁ ରହିଛି ଏଭଳି ଏକ ତୃଷା କୌଣସି ମାନବିକ ସମ୍ପର୍କ ଯାହାର ତୁଷ୍ଟିସାଧନ କରି ପାରେନା; ରହିଛି ଏକ ଶାନ୍ତି ଯାହା ଜଣେ କେଉଁଠି ବି ପାଏନା, ଏପରିକି ମୃତ୍ୟୁରେ ବି ନୁହେଁ ।

ତାହାହେଲା ସେହି ଶକ୍ତି, ସେହି ସୁଖ, ସେହି ଆଲୋକ, ସେହି ଜ୍ଞାନ, ସେହି ବିମଳ ଆନନ୍ଦ, ସେହି ପ୍ରେମ ଏବଂ ସେହି ଶାନ୍ତି ଯାହା ଝରି ଆସେ ଦିବ୍ୟ କରୁଣାରୁ ।

ଡିସେମ୍ବର ୨୮, ୧୯୨୮ — ଶ୍ରୀମା



# ୨୪ ନଭେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

There is behind all this life the look of an eternal Being upon its multitudinous becomings.... But this knowledge is valueless for Yoga if it is only an intellectual and metaphysical notion void of life and barren of consequence; a mental realisation alone cannot be sufficient for the seeker. For what Yoga searches after is not truth of thought alone or truth of mind alone, but the dynamic truth of a living and revealing spiritual experience.

– Sri Aurobindo

ଏ ସମଗ୍ର ଜୀବନ ଏବଂ ତାହାର ବହୁଧା ପରିପ୍ରକାଶ ପଶ୍ଚାତରେ ବିଦ୍ୟମାନ ଏକ ଶାଶ୍ୱତ ସତ୍ତାର ଦୃଷ୍ଟି.... କିନ୍ତୁ ଏହି ଜ୍ଞାନ ଯୋଗ ପାଇଁ ମୂଲ୍ୟହୀନ ଯଦି ଏହା କେବଳ ପ୍ରାଣଶୂନ୍ୟ ଏବଂ ଫଳ ବିରହିତ ବୌଦ୍ଧିକ ଏବଂ ଦାର୍ଶନିକ ଧାରଣା ହୋଇ ରହିଥିବ; କେବଳ ମାତ୍ର ମାନସିକ ଉପଲବ୍ଧି ଜଣେ ସନ୍ଧିତ୍ସୁ ପାଇଁ ଯଥେଷ୍ଟ ହୋଇ ପାରେନା । କାରଣ ଯୋଗର ଯାହା ଆଭିମୁଖ୍ୟ ତାହା ଭାବନାଗତ ସତ୍ୟ ମାତ୍ର ନୁହେଁ କିଂବା ମାନସିକ ସତ୍ୟ ମାତ୍ର ନୁହେଁ, କିନ୍ତୁ ଏକ ଜୀବନ୍ତ ପ୍ରକାଶମାନ ଆଧ୍ୟାତ୍ମିକ ଅଭିଜ୍ଞତାର ପ୍ରକ୍ରିୟ ସତ୍ୟ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

(୧୦୦)

## ଶ୍ରୀଅରବିନ୍ଦ

In scenes forbidden to our pallid sense
Amid miraculous scents and wonder-hues
He met the forms that divinise the sight,
To music that can immortalise the mind
And make the heart wide as infinity
Listened, and captured the inaudible
Cadences that awake the occult ear:
Out of the ineffable hush it hears them come
Trembling with the beauty of
a wordless speech,
And thoughts too great and deep to find a voice,
Thoughts whose desire
new-makes the universe.

ଆମର ବିବର୍ଣ୍ଣ ଇନ୍ଦ୍ରିୟାନୁଭବ ସକାଶେ ନିଷିଦ୍ଧ ଦୃଶ୍ୟାବଳୀରେ ଅଲୌକିକ ସୁରଭି ଓ ଅପରୂପ ରଙ୍ଗମାଳା ମଧ୍ୟରେ ସେ ସାକ୍ଷାତ୍ କଲେ ସେହିସବୁ ରୂପ ଯାହା ଦୃଷ୍ଟିକୁ ଦିବ୍ୟାୟିତ କରେ, ଶୁଣିବାକୁ ପାଇଲେ ଏମନ୍ତ ସଙ୍ଗୀତ ମନକୁ ଯାହା ଅମର କରି ଗଢ଼ି ତୋଳେ ଏବଂ ହୃଦୟକୁ ଅସୀମତା ସଦୃଶ ପ୍ରସାରିତ କରିଦିଏ, ଶ୍ରୁତିପଟରେ ସେ ଧରି ରଖିଲେ ଅଶ୍ରୁତ ଛନ୍ଦ ସକଳ ଯାହା ଅତୀନ୍ଦ୍ରିୟ ନିଭୃତ ଶ୍ରବଣକୁ ଜଗାଇ ଦିଏ : ତାହା ଶୁଣିପାରେ ଅନିର୍ବଚନୀୟ ନିସ୍ତବ୍ଧତା ଭିତରୁ ଶବ୍ଦଶୂନ୍ୟ ଭାଷାର ସୁଷମାରେ ଶିହରିତ ହୋଇ ଝରି ଆସୁଥିବା ସେଇ ସମସ୍ତ ଛନ୍ଦ, ପୁଣି ଏଥି ସହିତ ଆସୁଥିବା ମହାନ୍ ଓ ଗଭୀର ଚିନ୍ତାରାଜି ଯାହା କଣ୍ଠରେ ଅଭିବ୍ୟକ୍ତି ପାଇପାରେ ନାହିଁ, ସେଇ ଚିନ୍ତାରାଜିର ବାସନା ପ୍ରବେଗ ହିଁ ବିଶ୍ୱକୁ ନବ ନିର୍ମାଣ କରିଥାଏ ।

A scale of sense that climbed with fiery feet
To heights of unimagined happiness,
Recast his being's aura in joy-glow,
His body glimmered like a skiey shell;
His gates to the world were
swept with seas of light.

ଇନ୍ଦ୍ରିୟାନୁଭବର ଏକ ସୋପାନ ଯାହା ଆଗ୍ନେୟ ପଦକ୍ଷେପରେ ଅକଳ୍ପନୀୟ ସୁଖର ତୁଙ୍ଗ ଶିଖରକୁ ଆରୋହଣ କରି ଚାଲିଥିଲା, ପୁଲକ-ଜ୍ୟୋତିରେ ତାଙ୍କ ସତ୍ତାର ସୂକ୍ଷ୍ମ ଆଭାମଣ୍ଡଳକୁ ତାହା ନୂଆ ଭାବେ ଗଢ଼ିଦେଲା, ଆକାଶୀ ଶାମୁକାଟିଏ ପରି ତାଙ୍କର ତନୁ ଦୀପ୍ତିରେ ଝଲମଲ କରି ଉଠିଲା; ସଂସାର ମଧ୍ୟକୁ ତାଙ୍କର ପ୍ରବେଶ-ତୋରଣମାନ ବିଧୌତ ହେଲା ଆଲୋକର ସିନ୍ଧୁମାଳାରେ ।

His earth, dowered with celestial competence,
Harboured a power that needed now no more
To cross the closed customs-line
of mind and flesh
And smuggle godhead into humanity.

ସ୍ୱର୍ଗୀୟ ସାମର୍ଥ୍ୟରେ ବିଭୂଷିତ ତାଙ୍କର ପୃଥିବୀ ଏପରି ଏକ ଶକ୍ତିକୁ ଆଶ୍ରୟ ଦେଇଥିଲା ଯାହା ଲାଗି ଏବେ ଆଉ ପ୍ରୟୋଜନ ନ ଥିଲା ଶୁଲ୍କ ମୂଲ୍ୟ ଦେଇ ମନ ଓ ଦେହର ରୁଦ୍ଧ ସୀମାକୁ ଅତିକ୍ରମ କରିବା ଏବଂ ଚୋରାପଥ ଦେଇ ମଣିଷ ଭିତରେ ଦେବତାର ଅନୁପ୍ରବେଶ ଘଟାଇବା ।

It shrank no more from the supreme demand
Of an untired capacity for bliss,

*(ଅବଶିଷ୍ଟାଂଶ ୧୭ ପୃଷ୍ଠାରେ ଦେଖନ୍ତୁ)*

# ଭୟ

## ଶ୍ରୀମା

### ଭୟ ଏକ ଅଶୁଦ୍ଧତା

ଭୟ ବା ଆଶଙ୍କା କରିବା ହେଲା ଏକ ପ୍ରକାର ଅଶୁଦ୍ଧତା; ସମସ୍ତ ବଡ଼ ବଡ଼ ଅଶୁଦ୍ଧତା ଭିତରୁ ଏହା ଗୋଟିଏ । ପୃଥିବୀପୃଷ୍ଠରେ ଭଗବାନଙ୍କ କାର୍ଯ୍ୟଧାରାକୁ ନଷ୍ଟଭ୍ରଷ୍ଟ କରିଦେବା ପାଇଁ ଯେଉଁ ଭଗବତ୍ ବିରୋଧୀ ଶକ୍ତିଗୁଡ଼ିକ ଅଛନ୍ତି, ସେହିଠାରୁ ଏହା ସିଧାସଳଖ ଆସିଥାଏ । ଯେଉଁମାନେ ପ୍ରକୃତରେ ଯୋଗସାଧନା କରିବାକୁ ଚାହାନ୍ତି, ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା – ସମସ୍ତ ଶକ୍ତି ଦେଇ, ସମସ୍ତ ନିଷ୍ଠା ଦେଇ ଯଥାସମ୍ଭବ ତିତିକ୍ଷାର ସହିତ ନିଜ ଚେତନାରୁ ଏହି ଭୟ-ଆଶଙ୍କାକୁ ଠେଲି ଫୋପାଡ଼ି ଦେବା – ଏପରିକି ଭୟର ଛାଇ ପର୍ଯ୍ୟନ୍ତ ନିଜ ମଧ୍ୟରେ ସ୍ଥାନ ନ ଦେବା । ଏ ବାଟରେ ଚାଲିବାକୁ ହେଲେ ଜଣକୁ ଖୁବ୍ ନିର୍ଭୀକ ହେବାକୁ ପଡ଼ିବ । ନୀଚ, କ୍ଷୁଦ୍ର, ମଳିନ ଏବଂ କୁତ୍ସିତ ଭାବେ ନିଜ ଭିତରେ ସଂକୁଚିତ ହୋଇଯିବା ହିଁ ଭୟ, ଏଥିପାଇଁ ଜଣେ ନିର୍ଭୀକ ହେବା ଆବଶ୍ୟକ ।

ଏକ ଅପ୍ରତିହତ ସାହସ, ପରିପୂର୍ଣ୍ଣ ନିଷ୍ଠା, ଅକୁଣ୍ଠ ଆତ୍ମଦାନ ଏହି ପଥରେ ଚାଲିବା ପାଇଁ ନିତାନ୍ତ ପ୍ରୟୋଜନ, ଯାହାଫଳରେ ଜଣେ ହିସାବ ବା ମୂଲଚାଲ କରିବ ନାହିଁ, କିଛି ପାଇବାର ମନୋବୃତ୍ତି ରଖି ସେ ଆତ୍ମଦାନ କରେ ନାହିଁ, ସୁରକ୍ଷା ପାଇବାର ମନୋବୃତ୍ତି ନେଇ ସେ ବିଶ୍ୱାସ ସ୍ଥାପନ କରେ ନାହିଁ, ଏପରି ଆସ୍ଥା ରଖେ ନାହିଁ ଯାହାକି ପ୍ରମାଣ ଖୋଜୁଥିବ – ନିର୍ଭୀକତା ହେଉଛି ଏପରି ଏକ ବସ୍ତୁ ଯାହାକି ଯୋଗମାର୍ଗରେ ଯାତ୍ରା କରିବା ନିମନ୍ତେ ଅପରିହାର୍ଯ୍ୟ, ଏବଂ ଏହାହିଁ କେବଳ ତୁମକୁ ସମସ୍ତ ବିପଦରୁ ପ୍ରକୃତରେ ସୁରକ୍ଷା ଦେଇ ପାରିବ ।

### ସବୁ ଭୟରୁ ମୁକ୍ତ ହୁଅ

ତୁମେ ଏଇ ଯୋଗରେ ପ୍ରବେଶ କରିବା କ୍ଷଣି ସବୁ ପ୍ରକାର ଭୟରୁ ମୁକ୍ତ ରହିବା ଉଚିତ – ମନର ଭୟ, ପ୍ରାଣର ଭୟ ଏବଂ ଶରୀରର ଭୟ ଯାହକି ଲୁଚି ରହିଛି ତୁମ ଜୀବକୋଷ ଭିତରେ । ଯୋଗମାର୍ଗରେ ତୁମେ ଯେଉଁ ଆଘାତ ଓ ଧକ୍କା ପାଇଥାଅ ତାହାର ଉପଯୋଗିତା ହେଉଛି ସମସ୍ତ ଭୟରୁ ମୁକ୍ତ ହେବା । ତୁମ ଭୟର କାରଣମାନ ବାରଂବାର ତୁମ ଉପରକୁ ଲମ୍ଫ ଦେଉଥାଏ, ଯେପର୍ଯ୍ୟନ୍ତ ତୁମେ ସେସବୁ ଆଗରେ ମୁକ୍ତ ଆଉ ନିର୍ଲିପ୍ତ ହୋଇ ଛିଡ଼ା ନ ହୋଇଛ, ଯେପର୍ଯ୍ୟନ୍ତ ତୁମେ ଭୟ ଦ୍ୱାରା ଅସ୍ପର୍ଶ୍ୟ ଓ ନିର୍ମଳ ନ ରହିଛ । କାହାର କାହାର ସମୁଦ୍ର ପ୍ରତି ଭୟ ରହିଛି, କାହାର ବା ନିଆଁକୁ ଭୟ ରହିଛି । ଏପରି କ୍ଷେତ୍ରରେ ଦେଖିବ ଯେ ତାକୁ ବାରଂବାର ଏହି ସମୁଦ୍ର ଓ ନିଆଁର ଭୟ ଭିତରେ ପଡ଼ିବାକୁ ହେଉଥିବ, ଯେପର୍ଯ୍ୟନ୍ତ ତା'ର ଗୋଟିଏ ସୁଦ୍ଧା ପ୍ରାଣକୋଷ ଭୟରୁ ମୁକ୍ତ ନ ହୋଇଛି । ତୁମେ ଲକ୍ଷ୍ୟ କରିବ ଯେ, ଯାହାକୁ ତୁମେ ଭୟ କରୁଛ, ସେହି ଭୟର କାରଣ ତୁମ ଜୀବନରେ ବାରଂବାର ଆସୁଥିବ, ଯେପର୍ଯ୍ୟନ୍ତ ତୁମେ ସେଥିରୁ ପୂର୍ଣ୍ଣ ମୁକ୍ତ ନ ହୋଇଛ । ଯିଏ ରୂପାନ୍ତର ଚାହୁଁଛି ବା ରୂପାନ୍ତର-ଯୋଗକୁ ଅନୁସରଣ କରିବାକୁ ଚାହୁଁଛି ସେ ଯେପରି ଏହା ମଧ୍ୟ ଦେଇ ଗତି କରି ସଂପୂର୍ଣ୍ଣ ଭାବେ ନିର୍ଭୟ ହୁଏ । ତା' ପ୍ରକୃତିର କୌଣସି ସ୍ତରରେ ସେ ଯେପରି ଭୟାତୁର ନ ହୁଏ ବା ଭୟର କୌଣସି କାରଣ ଦ୍ୱାରା ସେ ଯେପରି ଦୋହଲି ନ ଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ଉପସଂହାର - ୫)

## ତତ୍ପରେ – ଅସୀମ ଅନନ୍ତ


## ମନୋଜ ଦାସ


### The Self's Infinity

I have become what before Time I was.
A secret touch has quieted thought and sense:
All things by the agent Mind created pass
Into a void and mute magnificence.
My life is a silence grasped by timeless hands;
The world is drowned in an immortal gaze.
Naked my spirit from its vestures stands;
I am alone with my own self for space.
My heart is a centre of infinity,
My body a dot in the soul's vast expanse.
All being's huge abyss wakes under me,
Once screened in a gigantic Ignorance.
A momentless immensity pure and bare,
I stretch to an eternal everywhere.(1)

(Sri Aurobindo, Collected Poems, p. 610)

ଇତାଲୀୟ ମାର୍କୋପୋଲୋ ପ୍ରାଚ୍ୟ ଭୂଖଣ୍ଡର ବହୁସ୍ଥାନ ସନ୍ଦର୍ଶନ କରି ଏବଂ ଚୀନରେ ସତର ବର୍ଷ ବିତାଇ ସ୍ୱଗୃହ ଭେନିସ୍ ଲେଉଟି ଯାଇ ତାଙ୍କ ଅଭିଜ୍ଞତା ଲିପିବଦ୍ଧ କରାଇଲେ । ୧୩୨୩ରେ ସେ ମୃତ୍ୟୁ ଶଯ୍ୟାରେ ଥିବା ବେଳେ ଜଣେ ପୁରୋହିତ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଆସି ପରାମର୍ଶ ଦେଲେ, ''ମାର୍କୋ ! ତୁମେ ଯେତେସବୁ ଅଜବ କଥା ତଥ୍ୟ ଭାବରେ ଗପିଛ, ସେସବୁ ସତ୍ୟ ନୁହେଁ ବୋଲି ସ୍ୱୀକାର କରିଯାଅ ।''

ମାର୍କୋ ଶାନ୍ତ କଣ୍ଠରେ କହିଲେ, ''ମୁଁ ଯେତିକି ତଥ୍ୟ ଜାଣିଛି, ତା'ର ଅର୍ଦ୍ଧେକ ମଧ୍ୟ କହି ନାହିଁ !''

ଏ ବହିର ଲେଖକ ଏତିକି କହିପାରେ, ସେ ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ରାଜନୀତିରେ କର୍ମରତ ଥିବାର ସାମାନ୍ୟ ବର୍ଷ କେତୋଟିର ଯେତିକି ତଥ୍ୟ ଏ ବହିରେ ଲିପିବଦ୍ଧ କରିଛି, ସେ ତାହାଠାରୁ ଅଧିକ ନିଜେ ନ ଜାଣିଥିଲେ ମଧ୍ୟ ଅନ୍ତତଃ ଦଶଗୁଣ ଅଧିକ ଯେ କାଳଗର୍ଭରେ ବିଲୀନ ହୋଇଯାଇଛି, ତାହାର ବହୁ ପ୍ରମାଣ ଏବଂ ଯଥେଷ୍ଟ ଆଭାସ ସେ ପାଇଛି । ଗୋପନୀୟତା ରକ୍ଷା ନିମନ୍ତେ ବିପ୍ଳବୀମାନଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ, ସତର୍କତା ଅଭାବରୁ ତଥା ସେତେବେଳେ ଆବଶ୍ୟକୀୟ ଆଧୁନିକ ବ୍ୟବସ୍ଥା ନଥିବାରୁ ତତ୍କାଳୀନ ପତ୍ରପତ୍ରିକା, ବ୍ୟକ୍ତିଗତ ଦିନପଞ୍ଜି ଓ

ଚିଠିପତ୍ରର ବିଲୁପ୍ତି, ଏ ପରିସ୍ଥିତିର ମୁଖ୍ୟ କାରଣ । ସଂସାରରୁ ବିଦାୟ ନେବା ପୂର୍ବରୁ ସେ ଯୁଗର ବୀରମାନଙ୍କୁ ଏବଂ ସେମାନଙ୍କୁ ସାମନା କରୁଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ସହ ସାକ୍ଷାତ୍କାର ଟେପ୍‌ରେକର୍ଡ଼ ନହେଲେ ବି ଅନ୍ତତଃ ହାତଲେଖା ଭାବରେ ଲିପିବଦ୍ଧ କରାଯିବାର ଆବଶ୍ୟକତା ମଧ୍ୟ ସମ୍ଭବତଃ କାହାରି ମନକୁ ଆସି ନଥିଲା ।

ଏସବୁ ବ୍ୟତିରେକେ କିଛି କିଛି ବିସ୍ମୟଜନକ ଏବଂ ଏ ଲେଖକ ବୁଝି ନ ପାରିବା ଭଳି ଚେତନା ବା ଅବଚେତନା ହେତୁ ବି ଥାଇପାରେ । ଆଜିର ଇତିହାସର କେତେଜଣ ପାଠକ ମନେ ରଖିଛନ୍ତି ଯେ ଅସହଯୋଗ ଓ ବିଦେଶୀ ବର୍ଜନ ଭଳି ନୀତିର ଉଦ୍ଗାମ ଆଦି ପ୍ରବର୍ତ୍ତକ ଥିଲେ ବିପ୍ଳବୀ ପର୍ଯ୍ୟାୟର ଶ୍ରୀଅରବିନ୍ଦ ? (ଉପସଂହାର ଅନ୍ତର୍ଭୁକ୍ତ ''ପୂର୍ବାବଧାରିତ ଶିଖର ଅଭିମୁଖେ'' ପରିଚ୍ଛେଦରେ ବଡ଼ଲାଟ ଲର୍ଡ଼ ମିଣ୍ଟୋଙ୍କ ନିକଟକୁ ବଙ୍ଗ ଛୋଟଲାଟ ବେକାର୍‌ଙ୍କ ୧୯୧୦ ଏପ୍ରିଲ ୧୯ର ଚିଠି ଦେଖନ୍ତୁ ।) ପଣ୍ଡିଚେରୀରେ ଅବସ୍ଥାନ ଭିତରେ ମଧ୍ୟ ଭାରତ ତଥା ପୃଥିବୀର ରାଜନୈତିକ ପରିସ୍ଥିତି ଉପରେ ଯେ ଶ୍ରୀଅରବିନ୍ଦ ଲକ୍ଷ୍ୟ ରଖୁଥିଲେ, ତାହାର ଅବଶ୍ୟ ସ୍ଥୂଳ ପ୍ରମାଣର ଅଭାବ ନାହିଁ; କିନ୍ତୁ ସୂକ୍ଷ୍ମ ସ୍ତରରେ ମଧ୍ୟ ଯେ ସେ କେବେ କେବେ ସେସବୁକୁ ପ୍ରଭାବିତ କରୁଥିବେ, ଲର୍ଡ଼ ହାର୍ଡ଼ିଞ୍ଜଙ୍କୁ ଆରୋଗ୍ୟ କରିବା ଦିଗରେ ତାଙ୍କ ଉଦ୍ୟମ (ଯାହା ଆମେ ପ୍ରାୟ ଦୈବାତ୍ ଜାଣୁଛୁଁ) ତାହା ସେ ଧାରାର ଏକ ନମୁନା ହୋଇପାରେ । କିନ୍ତୁ ଜୀବନର ଏ ପର୍ଯ୍ୟାୟରେ ତାଙ୍କର ପ୍ରଧାନ କାର୍ଯ୍ୟକ୍ଷେତ୍ର ହେଲା ଚେତନା । ଆଜି ପୃଥିବୀରେ ଯେତେ ଛୋଟ ବଡ଼ ସଙ୍କଟ ଉପୁଜୁଛି, ସେ ସମସ୍ତର ଭିତ୍ତି ଚେତନା । ଆମେ କେଉଁ ଗୋଟିକୁ ଆର୍ଥନୀତିକ, କେଉଁଟିକୁ ରାଜନୈତିକ, ଆଉ କାହାକୁ ବା ମନସ୍ତାତ୍ତ୍ୱିକ ଇତ୍ୟାଦି ଭାବରେ ଚିହ୍ନିତ କରିପାରୁଁ, କିନ୍ତୁ ସବୁର ଭିତ୍ତି ଆମ ଚେତନା । ଆଜିର ମଣିଷ ପାଖରେ ବୁଦ୍ଧି, କୌଶଳ, ଚାତୁର୍ଯ୍ୟ, ଜ୍ଞାନ ଓ ବିଜ୍ଞାନର ଅଭାବ ନାହିଁ; ଭଲ ଓ ମନ୍ଦର ପାର୍ଥକ୍ୟ ବୁଝିବା ଭଳି ବିବେକରେ ମଧ୍ୟ ସେ ଊଣା ନୁହେଁ । କିନ୍ତୁ ତା' ଚେତନାରେ ଏଭଳି କୌଣସି ଅଣାୟତ୍ତ ହଳାହଳ ରହିଛି, ଯାହା ମହାନ୍ ଆଦର୍ଶସବୁକୁ ବିକଳ କରିଦିଏ ।

ସେହି ହଳାହଳ ବା ନିଶ୍ଚେତନା ରୂପାନ୍ତରିତ ନ ହେଲେ, ମାନବଜାତି ବିବର୍ତ୍ତନରେ ଆଜିର ଏ ସ୍ତରରୁ ଉତ୍ତୀର୍ଣ୍ଣ ହୋଇ ଏକ ମହତ୍ତର ସ୍ତରରେ ଉପନୀତ ନ ହେଲେ କୌଣସି ସଙ୍କଟର ଅବସାନ ହେବ ନାହିଁ । ଅନ୍ୟାନ୍ୟ ବହୁ ପର୍ଯ୍ୟାୟର ଅସଂହତି ସମେତ ଆଜି ଆମ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ହୋଇଛି ବିପୁଳ ବିକାଶ; ସଙ୍ଗେ ସଙ୍ଗେ ତାକୁ ଯଥାର୍ଥ ଭାବରେ ଉପଯୋଗ କରିବା ଦିଗରେ ଆମ ମାନସିକ ସାମର୍ଥ୍ୟର ଅଭାବଜନିତ ଯେଉଁ ଦୟନୀୟ ଅସଂହତି ପ୍ରକଟ ହୋଇଛି, ସେଥିରୁ ଆମେ କୌଣସି ଛଳ ବଳ କୌଶଳ ଦ୍ୱାରା ଉତ୍ତୀର୍ଣ୍ଣ ହୋଇ ପାରିବା ନାହିଁ । ପରିବେଶ ସହ ପ୍ରାଣୀର ଜୀବନଶୈଳୀର ଅସଂହତି ଭଳି ପୂର୍ବରୁ ବିବିଧ ଅସଂହତି ଯୋଗୁଁ କେତେ ପ୍ରଜାତି (species) ଧରାପୃଷ୍ଠରୁ ବିଲୁପ୍ତ ହୋଇଛନ୍ତି ।

ବିବର୍ତ୍ତନର ଏ ଚଳିତ ପର୍ଯ୍ୟାୟରୁ ଆମ ଚେତନାକୁ ଊର୍ଦ୍ଧ୍ୱାୟିତ କରିବା ନିମନ୍ତେ ଏକ ରୂପାନ୍ତରକ୍ଷମ ଦିବ୍ୟଶକ୍ତିର ହସ୍ତକ୍ଷେପ ପ୍ରୟୋଜନ । ମାନବର ପ୍ରାଣ, ମନ ଓ ଆତ୍ମା ସମେତ ତା' ସ୍ଥୂଳ ସତ୍ତା ବା ଶରୀର ଉପରେ ମଧ୍ୟ ସେ ଦିବ୍ୟଶକ୍ତି କାର୍ଯ୍ୟକାରୀ ହେବା ଚାହି । ସେହି ଶକ୍ତିର ଅବତରଣ ସମ୍ଭବ କରାଇବା ଥିଲା ଶ୍ରୀଅରବିନ୍ଦଙ୍କ ଯୋଗର ମୌଳିକ ଆଭିମୁଖ୍ୟ ।

ଅତୀତରେ କୌଣସି ଯୋଗୀ ବା ଋଷି ଏ ତତ୍ତ୍ୱ ପରିବେକ୍ଷଣ କରିଥିବାର ଜଣା ନାହିଁ । ଯଦି ବେଦରେ ଏହାର ଆଭାସ ଥିବ, ତେବେ କେହି ଅନ୍ତତଃ ତା'ର ଭାବୋଦ୍ଧାର କରି ନାହାନ୍ତି । ଏ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଲାଭ ନିମନ୍ତେ ଆମକୁ ଶ୍ରୀଅରବିନ୍ଦଙ୍କ ରଚନାମାନ ଅଧ୍ୟୟନ କରିବାକୁ ହେବ । ଯଦ୍ୟପି ମନ ଦ୍ୱାରା ଏ ରୂପାନ୍ତରକାରୀ ଶକ୍ତି ଅନୁଭବ କରିବା ସମ୍ଭବପର ନୁହେଁ, ଏହାର ସତ୍ୟତା ଓ ଯୌକ୍ତିକତା ବୋଧଗମ୍ୟ ହୋଇ ପାରିବ । ପୂର୍ଣ୍ଣଯୋଗ ନାମରେ ବିଦିତ ଏ ମାର୍ଗରେ କେବଳ ସାଧନା ମାଧ୍ୟମରେ ଅଗ୍ରସର ହେଲେ ହିଁ ଅନୁଭବ ନିଶ୍ଚିତ ।

ମାନବଜାତି ସକାଶେ ଶ୍ରୀଅରବିନ୍ଦ ରଖିଯାଇଥିବା ପ୍ରତିଶ୍ରୁତିର ଧାରଣା କରିପାରିବା ନିମନ୍ତେ, ଏ ଲେଖକର ମନେହୁଏ ଶ୍ରୀମାଙ୍କର ବିଭିନ୍ନ ସମୟରେ ପ୍ରଦତ୍ତ ତିନୋଟି ଲେଖା ସ୍ନିଗ୍ଧପ୍ରଭ ବର୍ତ୍ତିକା ଭଳି ଆମକୁ ଦିଗ୍‌ଦର୍ଶନ ଦେଇପାରେ । ପ୍ରଥମ ବାଣୀଟି ସୁପରିଚିତ । ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ ଅପରାହ୍ଣରେ ଶ୍ରୀଅରବିନ୍ଦଙ୍କୁ ପ୍ରଥମଥର ଦର୍ଶନ କରିବା ଅବସରରେ ଭଗବାନଙ୍କ ଉଦ୍ଦେଶ୍ୟରେ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ନିର୍ଗତ ହୋଇଥିଲା ଶ୍ରୀମା'ଙ୍କ ହୃଦୟରୁ । ପରଦିନ ସେ ଏହା ଲିପିବଦ୍ଧ କରନ୍ତି ତାଙ୍କ ଦିନଲିପିରେ :

''ପୃଥିବୀରେ ସହସ୍ର ସହସ୍ର ବ୍ୟକ୍ତି ଗହନତମ ଅନ୍ଧକାରରେ ନିମଜ୍ଜିତ ଥା'ନ୍ତୁ ନା କାହିଁକି, ଆମେ ଯାହାଙ୍କୁ

ଗତକାଲି ଦେଖିଲୁଁ, ସେ ଧରାପୃଷ୍ଠେ ବିଦ୍ୟମାନ; ତାଙ୍କ ଉପସ୍ଥିତି ହିଁ ଏହା ପ୍ରମାଣ କରିବାକୁ ଯଥେଷ୍ଟ ଯେ ଦିନ ଆସିବ ଯେବେ ଅନ୍ଧକାର ହେବ ଆଲୋକରେ ରୂପାନ୍ତରିତ ଏବଂ ଧରାପୃଷ୍ଠେ ତୁମ ରାଜୁତି ହେବ ଅବଶ୍ୟ ପ୍ରତିଷ୍ଠିତ ।''(୨)

["It matters little that there are thousands of beings plunged in the densest ignorance, He whom we saw yesterday is on earth; his presence is enough to prove that a day will come when darkness shall be transformed into light, and Thy reign shall be indeed established upon earth."

(CWM. - 1, p. 113)]

ଶ୍ରୀମା ଉପରୋକ୍ତ ଅନୁଭବରେ 'ପ୍ରମାଣ' ଶବ୍ଦ ବ୍ୟବହାର କରିବା ତାତ୍ପର୍ଯ୍ୟପୂର୍ଣ୍ଣ । ସେ 'ପ୍ରମାଣ' ମରମୀ (mystic) ପ୍ରମାଣ; ଯୁକ୍ତିସାପେକ୍ଷ ନୁହେଁ । ସେ ପର୍ଯ୍ୟାୟରେ ପରିଦୃଷ୍ଟ ବ୍ୟକ୍ତି ବା ବସ୍ତୁର ଭୂମିକା ବ୍ୟକ୍ତି ବା ବସ୍ତୁ ସହିତ ହିଁ ଜାଜ୍ଜ୍ୱଲ୍ୟମାନ ହୋଇ ରହିଥାଏ ।

ଅଗଣନ ଯୋଗୀ, ଋଷି ଓ ମହାପୁରୁଷ ଦିବ୍ୟ ଜୀବନର ବିଭିନ୍ନ ଅର୍ଥ କରିଛନ୍ତି ଏବଂ ସେସବୁ ଗରିମାମୟ । କିନ୍ତୁ ଶ୍ରୀମା ତାଙ୍କ ଦିବ୍ୟଦୃଷ୍ଟିରେ ଯାହା ଦେଖିଲେ ତାହା ହେଲା ମହାଯୋଗୀ ଶ୍ରୀଅରବିନ୍ଦଙ୍କ 'ଦିବ୍ୟ ଜୀବନ' ବ୍ୟକ୍ତି ଭିତରେ ନୁହେଁ; ପୃଥିବୀରେ ଦିବ୍ୟ ଜୀବନର ପ୍ରବର୍ତ୍ତନ, ଏକ ନୂତନ ଦିବ୍ୟ ଚେତନା ଦ୍ୱାରା ଅର୍ଦ୍ଧ ବିକଶିତ, ଅବଲୀଳାକ୍ରମେ ନାନାଦି ଅପଶକ୍ତିର ଶିକାର ବନି ଯାଉଥିବା ଆଜିର ମାନବ ଚେତନା ସ୍ଥାନରେ ଏକ ନୂତନ, ମହତ୍ ଚେତନାର ପ୍ରବର୍ତ୍ତନ ।

ଏହାରି ନିଶ୍ଚୟତା ସମ୍ପର୍କରେ ୧୯୬୧ ଅଗଷ୍ଟ ୧୫ରେ ପ୍ରଦତ୍ତ ଶ୍ରୀମାଙ୍କର ଏହି ବାଣୀଟି ପ୍ରଣିଧାନ :

''ପୃଥିବୀର ଆଧ୍ୟାତ୍ମିକ ପ୍ରଗତିର ଇତିହାସରେ ଶ୍ରୀଅରବିନ୍ଦ ଯାହାର ପ୍ରତିଭୂ ତାହା ଏକ ଶିକ୍ଷା ନୁହେଁ; ଏପରିକି ଏକ ସତ୍ୟୋନ୍ମୋଚନ ମଧ୍ୟ ନୁହେଁ, ତାହା ପରମଙ୍କର ପ୍ରତ୍ୟକ୍ଷ ଭାବେ ପ୍ରେରିତ ଏକ ଶକ୍ତିଶାଳୀ କର୍ମ ।''(୩)

["What Sri Aurobindo represents in the world's history is not a teaching, not even a revelation; it is a decisive action direct from the Supreme." (CWM-13, p. 4)]

ତୃତୀୟଟି ଅନବଦ୍ୟ; ସତେ ଯେପରି ପଙ୍କ୍ତିଟିଏ ଭିତରେ ଗୋଟିଏ ମହାକାବ୍ୟର ସ୍ପନ୍ଦନ ! ଶ୍ରୀମାଙ୍କର ୧୯୫୦ ଡିସେମ୍ବର ୯ ତାରିଖ ସନ୍ତକ ସମ୍ବଳିତ ସମାଧି ଗାତ୍ରରେ ଖୋଦିତ ତାଙ୍କର ପ୍ରାର୍ଥନା କଥା କୁହାଯାଉଛି :

''ତୁମକୁ – ଯିଏ ଆମ ପ୍ରଭୁଙ୍କ ସ୍ଥୂଳ ଆବରଣ, ତୁମକୁ ଆମର ଅନନ୍ତ କୃତଜ୍ଞତା । ତୁମେ ଯିଏ ଆମ ସକାଶେ ଏତେ କରିଛ, ଯିଏ କରିଛ ଏତେ କର୍ମ, ସଂଗ୍ରାମ, ଆଶା, ଏତେ ସହ୍ୟ କରିଛ, ତୁମ ଆଗରେ, ଯିଏ ସମସ୍ତ ସଂକଳ୍ପ, ସବୁ ପ୍ରଚେଷ୍ଟା କରିଛ, ଆମ ପାଇଁ ସବୁ ହାସଲ କରିଛ, ତୁମ ଆଗରେ ଆମେ ନତଶିର ଏବଂ ସନିର୍ବନ୍ଧ ଅନୁନୟ କରୁଁ ଯେ ନିମେଷକ ସକାଶେ ମଧ୍ୟ ଆମେ ତୁମ ପାଖରେ ଯେତେ ଯାହା ପାଇଁ କୃତଜ୍ଞ, ଆମେ ଯେପରି ମୁହୂର୍ତ୍ତକ ସକାଶେ ମଧ୍ୟ ତାହା କଦାଚ ବିସ୍ମୃତ ନହେଉଁ ।''(୪)

["To Thee who hast been the material envelope of our Master, to Thee our infinite gratitude. Before Thee who hast done so much for us, who hast worked, struggled, suffered, hoped, endured so much, before Thee who hast willed all, attempted all, prepared, achieved all for us, before Thee we bow down and implore that we may never forget, even for a moment, all we owe to Thee." (CWM. - 13, p. 7)]

ଆମକୁ ନିବିଡ଼ ଆନ୍ତରିକତା ସହ ମନେ ରଖିବାକୁ ହେବ ଯେ ଏହି ମାନ୍ତ୍ରିକ ପ୍ରାର୍ଥନା ପ୍ରଭୁଙ୍କ କଳେବର ପ୍ରତି ଉଦ୍ଦିଷ୍ଟ । ଆମକୁ ମନେ ରଖିବାକୁ ହେବ ଯେ ଆମ ଚେତନାର ଆଧାର ଯେଉଁ ସ୍ଥୂଳ ଶରୀର, ତାହାର ରୂପାନ୍ତର ଦିଗରେ ଅଭୂତପୂର୍ବ ଏବଂ ଜଟିଳ ଯୋଗ ସାଧନା କରୁଥିଲେ ଶ୍ରୀଅରବିନ୍ଦ ତା'ଙ୍କ ଆପଣା କଳେବର ମାଧ୍ୟମରେ । ଏହି ପ୍ରାର୍ଥନାଟିର ପୁନରାବୃତ୍ତି ଓ ତହିଁ ଉପରେ ଗଭୀର ଏକାଗ୍ର ଧ୍ୟାନ ଯଦି ସମ୍ଭବ ହୁଏ, ତେବେ ସେହି ଅଭୂତପୂର୍ବ କ୍ରିୟାର ଆଭାସ ହୁଏତ ଆମ ଅନୁଭୂତି-ବଳୟ ସ୍ପର୍ଶ କରିପାରେ ।

ଆଧ୍ୟାତ୍ମିକ ଜଗତରୁ ଆସି ଆମେ ଯଦି ସ୍ଥୂଳ ବିଜ୍ଞାନ ଜଗତ୍ ଉପରେ ଦୃଷ୍ଟି ପକାଇବା, ଆମେ ଦେଖିବା ବହୁକାଳ ଧରି ଶାରୀରିକ କ୍ଷୟ ତଥା ମୃତ୍ୟୁକୁ ଦୂରେଇ ରଖିବା ନିମନ୍ତେ,

ଏପରିକି ଏହାକୁ ହଟାଇ ଦେବା ନିମନ୍ତେ ପ୍ରଚେଷ୍ଟା ଅବ୍ୟାହତ ରହିଛି ନିରନ୍ତର । ତା'ର ଇତିହାସ ଦୀର୍ଘ ଏବଂ ସହଜଲଭ୍ୟ ମଧ୍ୟ । ଏଠାରେ ଗୋଟାଏ ମାତ୍ର ଦୃଷ୍ଟାନ୍ତ ବିଚାରକୁ ନିଆଯାଉ । ଜଣେ ଗବେଷକ ଆଲ୍‌ଭିନ୍ ସିଲ୍‌ଭରଷ୍ଟିନ୍ ଗତ ଶତାବ୍ଦୀର ଅଷ୍ଟମ ଦଶକ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ''ମୃତ୍ୟୁ ଉପରେ ବିଜୟ'' (Conquest of Death) ନାମକ ଚିକିତ୍ସାଭିତ୍ତିକ ଗ୍ରନ୍ଥଟିଏ ପ୍ରକାଶ କଲେ । ସେଥିରେ ଯୌକ୍ତିକ ବୈଜ୍ଞାନିକ ତଥ୍ୟମାନ ପରିବେଷଣ କରି ସେ ପ୍ରତିପାଦିତ କଲେ ଯେ ବିଂଶ ଶତାବ୍ଦୀର ଅଷ୍ଟମ ଦଶକ ଶେଷ ହେବା ବେଳକୁ ମଣିଷର ହୃଦ୍‌ରୋଗ, କ୍ୟାନ୍‌ସର, ଡାଏବେଟିସ୍ ଇତ୍ୟାଦି ମୃତ୍ୟୁର ମୁଖ୍ୟ କାରଣ ସବୁ ପ୍ରାୟ ଅନ୍ତ ହୋଇଥିବେ । ତେଣୁ ତାଙ୍କ ପାଠକମାନେ ତେଣିକି Immortal ନ ହେଲେ ବି Emortal ହେବେ; ଅର୍ଥାତ୍ ଅମର ନ ହେଲେ ମଧ୍ୟ ମରିବାକୁ ବାଧ୍ୟ ରହିବେ ବୋଲି କୁହାଯାଇ ପାରିବ ନାହିଁ । (ଅବଶ୍ୟ ଦୁର୍ଘଟଣା ଭଳି ବ୍ୟାଧି-ବହିର୍ଭୂତ ମୃତ୍ୟୁ କଥା ଅଲଗା ।)(୫)

ବିଂଶ ଶତାବ୍ଦୀର ଅଷ୍ଟମ ଦଶକର ଶେଷ ବେଳକୁ ତାଙ୍କ ତାଲିକାର ରୋଗସବୁର ପୂର୍ଣ୍ଣ ନିରାମୟତାର ପଦ୍ଧତି ଚାଲୁ ହୋଇପାରିଲା କି ନାହିଁ ସେ ପ୍ରସଙ୍ଗ ଥାଉ, କିନ୍ତୁ ଦେଖାଦେଲା ଭୀଷଣ ନୂତନ ବ୍ୟାଧି ଏଡ୍‌ସ୍(AIDS) ! ପରେ ଦେଖା ଦେଇଛି ଅସମ୍ଭାଳ ବିଶ୍ୱବ୍ୟାପ୍ତ ଭୟାବହ ସଂକ୍ରାମକ ଯେଉଁ ବ୍ୟାଧି ତା'ର ଉଲ୍ଲେଖ ବାହୁଲ୍ୟ ମାତ୍ର ।

ଏହି ପଟଭୂମିରେ ଆମେ ସ୍ମରଣ କରିବା ଶ୍ରୀଅରବିନ୍ଦ ବହୁବର୍ଷ ତଳେ ତାଙ୍କର ''ଦିବ୍ୟ ଜୀବନ'' (The Life Divine) ଗ୍ରନ୍ଥର 'Rebirth and Other Worlds' ପରିଚ୍ଛେଦର ଗୋଟିଏ ପାଦଟୀକାରେ ଲେଖିଥିବା କଥାଟିଏ; ଯାହାର ମର୍ମ – ଦିନେ ମଣିଷ ତା' କଳେବର ଅନିର୍ଦ୍ଦିଷ୍ଟ କାଳ ବର୍ତ୍ତି ରହିବାର ଉପାୟ ସ୍ଥୂଳ ବିଜ୍ଞାନ ଅଥବା ନିଗୂଢ଼ ବିଜ୍ଞାନ (Occult Science) ଯୋଗେ ଆବିଷ୍କାର କରିଛି ବୋଲି ଦାବି କରିବା ସତ୍ତ୍ୱେ ଯେଯାବତ୍ ମଣିଷର ଆନ୍ତର ଜୀବନର ଅଭିବୃଦ୍ଧି ନିମନ୍ତେ ଦେହ ଯଥାର୍ଥ ଯନ୍ତ୍ର ହେବାକୁ ଅକ୍ଷମ ରହିଥିବ, ଯେକୌଣସି ମାର୍ଗରେ ଆତ୍ମା ଗୋଟାଏ କଳେବର ଛାଡ଼ି ଅନ୍ୟ କଳେବର ଗ୍ରହଣ କରିବ । ସ୍ଥୂଳ କାରଣ ହିଁ ମୃତ୍ୟୁର ଏକମାତ୍ର କାରଣ ନୁହେଁ; ଆଭ୍ୟନ୍ତରୀଣ ସତ୍ୟ କାରଣ ହେଲା ଏକ ଆଧ୍ୟାତ୍ମିକ ଆବଶ୍ୟକତା । କ୍ରମବିକାଶରେ ଏକ ନୂତନ ସତ୍ତାର ବିକାଶ ।

["Even if Science,– physical Science or occult Science,– were to discover the necessary conditions or means for an indefinite survival of the body, still, if the body could not adapt itself so as to become a fit instrument of expression for the inner growth, the soul would find some way to abandon it and pass on to a new incarnation. The material or physical causes of death are not its sole or its true cause; its true inmost reason is the spiritual necessity for the evolution of a new being." (The Life Divine, p. 854)](୬)

ପ୍ରାଜ୍ଞ ତଥା ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ରଚନାବଳି ଏକାଗ୍ରଭାବେ ଅଧ୍ୟୟନ କରିଥିବା ବ୍ୟକ୍ତିମାନେ ବହୁତ କିଛି ବୁଝିବେ । ଏ ଲେଖକ ତା'ର ସାଧାରଣ ଜ୍ଞାନ ଯୋଗେ ଏତିକି ବୁଝୁଛି, କ୍ରମାଗତ ଭାବେ ଏକ ପରସ୍ପର ବିରୋଧାତ୍ମକ ପରିସ୍ଥିତି ତୀବ୍ରରୁ ତୀବ୍ରତର ଭାବେ ଉପୁଜିଛି । ମାନବ କଳେବର ତା'ର ଚେତନାର କ୍ରମବର୍ଦ୍ଧିଷ୍ଣୁ ପରିସର ଓ ମହତ୍ତର ଅଭୀପ୍ସାଲବ୍ଧ ଶକ୍ତି ଧାରଣ କରିବାକୁ ଅକ୍ଷମ ଥିବା ଯାଏ ଚେତନା ତହିଁ ଭିତରେ ସୀମିତ ରହିପାରିବ ନାହିଁ । ତାହା କଳେବର ଛାଡ଼ି ଦେବ । ଅନ୍ୟ ପକ୍ଷରେ କୌଣସି ମହତ୍ତର ରୂପାନ୍ତରକ୍ଷମ ଦିବ୍ୟ ଶକ୍ତି କଳେବର ଉପରେ ହସ୍ତକ୍ଷେପ ନକଲେ ତାହା ସେଭଳି କ୍ଷମତା ଆୟତ୍ତ କରିପାରିବ ନାହିଁ । ଏହି ସମସ୍ୟା ଦୂର କରିବା ନିମନ୍ତେ ଶ୍ରୀଅରବିନ୍ଦ କରୁଥିଲେ ଦିବ୍ୟଶ୍ରମ । ଶ୍ରୀମାଙ୍କ ଭାଷାରେ ଏହା ପ୍ରତ୍ୟକ୍ଷ ଭାବରେ ପରମଙ୍କ ନିକଟରୁ ହିଁ ସମାଗତ ଏକ କର୍ମ ଏବଂ ଏହା କାର୍ଯ୍ୟକାରୀ ହେବା ଅନିବାର୍ଯ୍ୟ ।

ଏହି ଶକ୍ତିର କାର୍ଯ୍ୟକାରିତା ସ୍ପଷ୍ଟ ହୋଇ ନପାରେ ଯେପର୍ଯ୍ୟନ୍ତ ଉପଯୁକ୍ତ ମୁହୂର୍ତ୍ତ ଉପନୀତ ନ ହୋଇଛି । କିନ୍ତୁ ଗୋଟିଏ ଘଟଣା – ଅଭାବନୀୟ – ଆମକୁ ସେ ସମ୍ପର୍କରେ ସାମାନ୍ୟ ଆଭାସ ଦେଇପାରେ । ୧୯୫୦ ଡିସେମ୍ବର ୪ ତାରିଖ, ରାତି ଗୋଟାଏ କୋଡ଼ିଏ ମିନିଟରେ (ମଧ୍ୟରାତ୍ରି ପରେ ହୋଇ ଥିବାରୁ ୫ ତାରିଖ) ଶ୍ରୀଅରବିନ୍ଦ କଳେବର ତ୍ୟାଗ କଲେ । ୯ ତାରିଖ ପର୍ଯ୍ୟନ୍ତ ତାଙ୍କ ତ୍ୟକ୍ତ କଳେବରରେ ମୃତ୍ୟୁର ସାମାନ୍ୟତମ ପ୍ରତିକ୍ରିୟା ଦେଖା ଦେଲା ନାହିଁ । ତାଙ୍କ

ସେବାର ସୌଭାଗ୍ୟ ଅର୍ଜନ କରିଥିବା ଅନ୍ୟତମ ଡାକ୍ତର କଲିକତାର ବିଖ୍ୟାତ ସର୍ଜନ ଡଃ ପ୍ରଭାତ କୁମାର ସାନ୍ୟାଲଙ୍କର ଏକ ଅଭିଜ୍ଞତାର କିୟଦଂଶ ଉପରେ ଦୃଷ୍ଟିପାତ କରାଯାଉ :

''ଊଷା ହୋଇ ନଥାଏ । ମୁଁ ଶ୍ରୀଅରବିନ୍ଦଙ୍କ କକ୍ଷରେ ପ୍ରବେଶ କଲି । ଶ୍ରୀମା ଏବଂ ମୁଁ ତାଙ୍କୁ ଅବଲୋକନ କଲୁଁ । କେଡ଼େ ବିସ୍ମୟ ବିଚିତ୍ର, କେଡ଼େ ସୁନ୍ଦର ସେ ଦିଶୁଥିଲେ – ଏକ କନକପ୍ରଭାରେ ! ମୋତେ ବିଜ୍ଞାନ ଦେଇଥିବା ଶିକ୍ଷା ଅନୁସାରେ ମୃତ୍ୟୁର ଯେଉଁସବୁ ଲକ୍ଷଣ ଦେଖାଯିବା ଉଚିତ, ତହିଁରୁ କିଛି ହିଁ ନଥିଲା, ସାମାନ୍ୟତମ ରଙ୍ଗହାନି ବା କ୍ଷୟ । ଶ୍ରୀମା ମୃଦୁ କଣ୍ଠରେ କହିଲେ, ''ଯେଯାଏ ଅତିମାନସ ଆଲୋକ ଛାଡ଼ି ନଯାଇଛି, କଳେବର କ୍ଷୟର କୌଣସି ଲକ୍ଷଣ ଦେଖାଇବ ନାହିଁ; ଦିନଟିଏ ଲାଗିପାରେ କିଂବା ବହୁଦିନ ଅଧିକ ।'' ମୁଁ ମୃଦୁ କଣ୍ଠରେ ତା'ଙ୍କୁ ପ୍ରଶ୍ନ କଲି, ''ଆପଣ ଯେଉଁ ଆଲୋକ କଥା କହୁଛନ୍ତି, ତାହା କାହିଁ – ମୁଁ ତାହା ଦେଖି ପାରନ୍ତି ନାହିଁ ?''

''ମୁଁ ସେତେବେଳେ ଶ୍ରୀଅରବିନ୍ଦଙ୍କ ଶଯ୍ୟା ନିକଟରେ ନତଜାନୁ ହୋଇ ବସିଥିଲି – ଶ୍ରୀମା'ଙ୍କ ପାଦ ପାଖରେ । ସେ ମୋ ଆଡ଼େ ଅନାଇ ସ୍ମିତ ହସଟିଏ ହସିଲେ ଏବଂ ଅନନ୍ତ କରୁଣାଭରେ ତାଙ୍କ କର ମୋ ଶିର ଉପରେ ସ୍ଥାପନ କଲେ ।

''ଶୋଇ ଥିଲେ ସେ – ଏକ ଉଜ୍ଜ୍ୱଳ ନୀଳାଭ କନକ ଦ୍ୟୁତିର ଆଚ୍ଛାଦନ ଭିତରେ ।''(୭)

ଅଚାନକେ ଶ୍ରୀଅରବିନ୍ଦଙ୍କ କଳେବର ବେଷ୍ଟନ କରି ଆବିର୍ଭୂତ ହେବା ଆଲୋକ ଦର୍ଶନ – ଡଃ ସାନ୍ୟାଲଙ୍କର ଏ ଅଭିଜ୍ଞତା ଆମକୁ ଏକ 'ଚମତ୍କାର' (miracle) ସନ୍ଦର୍ଶନ ବୋଲି ମନେ ହୋଇପାରେ । ଶ୍ରୀମାଙ୍କ ସାଧାରଣ କାର୍ଯ୍ୟକଳାପର କ୍ଷେତ୍ର ଓ ପରା-ଜଗତ ଭିତରେ ବିଶେଷ ଦୂରତା ଥିବା ଭଳି ମନେ ହୁଏନା । ତେବେ ତାହା ଭିନ୍ନ ପ୍ରସଙ୍ଗ । ଏହା ଥିଲା ଜଣେ ଭକ୍ତଙ୍କ ପ୍ରତି ଶ୍ରୀମା'ଙ୍କର ଏକ କରୁଣାମୟ ଶୁଭେଚ୍ଛାର ନମୁନା ମାତ୍ର ।

ଏହା ଘଟିଥିଲା ଡିସେମ୍ବର ୬ ତାରିଖ ଦିନ । ହଜାର ହଜାର ନରନାରୀ ସେ କକ୍ଷ ମଧ୍ୟ ଦେଇ ଏକ ପରେ ଏକ ଦିବସ ବ୍ୟାପୀ ଅନବରତ ନିରବ ସାରିବଦ୍ଧ ଯାତ୍ରା କରିବା ସତ୍ତ୍ୱେ ଏବଂ ସେ କକ୍ଷ ଶୀତତାପ-ନିୟନ୍ତ୍ରିତ ହୋଇ ନଥିବା ସତ୍ତ୍ୱେ ଶ୍ରୀଅରବିନ୍ଦଙ୍କ କଳେବର ରହିଥାଏ ଉଜ୍ଜ୍ୱଳ ସୁନ୍ଦର – ଶ୍ରୀମା ୯ ତାରିଖରେ ତାହା ସମାଧିସ୍ଥ କରିବାର ସିଦ୍ଧାନ୍ତ ନେବା ପର୍ଯ୍ୟନ୍ତ । ସେତେବେଳେ ପଣ୍ଡିଚେରୀ ଫରାସୀ ଉପନିବେଶ । ସଂଶୟୀ ଫରାସୀ ଡାକ୍ତରମାନେ ନିୟମିତ ଦେଖୁଥା'ନ୍ତି । ସେମାନଙ୍କ ବିସ୍ମୟ ବିଷୟ କରିବା ବାହୁଲ୍ୟ ।

ଆନ୍ତର ଜୀବନରେ ତାଙ୍କ ନିରବଚ୍ଛିନ୍ନ ଯୋଗ ଚାଲୁ ରଖିବା ସଙ୍ଗେସଙ୍ଗେ ଅଗଣନ ଅନୁରକ୍ତ, ଜିଜ୍ଞାସୁ ଏବଂ କୌତୂହଳୀମାନଙ୍କର ପ୍ରଶ୍ନସବୁର ସ୍ୱହସ୍ତ ଲିଖିତ ଉତ୍ତର ଦେବାରେ ଶ୍ରୀଅରବିନ୍ଦ ଯେ ଅତୀବ ଉଦାର ଥିଲେ ତାହା ଏକ ବିସ୍ମୟର କଥା । ସଙ୍ଗେ ସଙ୍ଗେ ସେ ପୁଣି ବିରାଟ ବିଶ୍ୱ ଘଟଣାମାନଙ୍କରେ ଆଧ୍ୟାତ୍ମିକ ସ୍ତରରୁ ହସ୍ତକ୍ଷେପ କରୁଥା'ନ୍ତି । ଆମ ଜାଣିବାରେ ସର୍ବାଧିକ ଉଲ୍ଲେଖଯୋଗ୍ୟ ବ୍ୟାପାର ହେଲା ଦ୍ୱିତୀୟ ମହାଯୁଦ୍ଧ । ସୂକ୍ଷ୍ମ ସ୍ତରରେ ତାହା ଭୟାବହ ଆସୁରିକ ଶକ୍ତି ଏବଂ ଶୁଭଙ୍କର ପ୍ରଗତିର ଶକ୍ତି ଭିତରେ ସଂଘର୍ଷ । ଅତିଭୌତିକ ଜଗତ୍ ସମ୍ପର୍କରେ ଯେଉଁମାନଙ୍କର କିଛି ଧାରଣା ରହିଛି, ଗୋଟାଏ ବିସ୍ମୃତ-ପ୍ରାୟ କଥା ମନେ ପକାଇଲେ ଏହି ସଂଘର୍ଷ ପଶ୍ଚାତରେ ଥିବା ତାତ୍ପର୍ଯ୍ୟ ସେମାନେ କଳନା କରି ପାରିବେ । ହିଟ୍‌ଲର ସଦର୍ପ ଘୋଷଣା କରି ଦିନେ ପୃଥିବୀକୁ ସ୍ତମ୍ଭିତ କରି ଦେଲା ଯେ ୧୯୪୦ ମସିହା ଅଗଷ୍ଟ ୧୫ ତାରିଖ ଦିନ ସେ ନିଜେ ଇଂଲଣ୍ଡର ବକିଂହାମ ରାଜପ୍ରାସାଦରୁ ହିଁ ନାଜିଶକ୍ତିର ବିଜୟ ଘୋଷଣା କରିବ । ତାରିଖଟି ଶ୍ରୀଅରବିନ୍ଦଙ୍କ ଜନ୍ମଦିନ; ମାନବତାର ଉତ୍ତରଣର ସଙ୍କେତ । ସେହି ଦିନ ନାଜିଶକ୍ତିର ବିଜୟ ଅର୍ଥ କ୍ରମବିକାଶର ଗତିରୋଧ; ବିଂଶ ଶତାବ୍ଦୀର ମଧ୍ୟଭାଗରେ ସଭ୍ୟତାର ପଶ୍ଚାଦାପସରଣ, ଦାନବିକ ଅହଙ୍କାର, ନିର୍ମମତା ଓ ବର୍ବରତା ପାଖରେ ସଭ୍ୟତାର ଅସହାୟ ପରାଜୟ । ଦୁଷ୍ଟଶକ୍ତିର ଯୋଜନା ବିଫଳ ହେଲା ।

ଶ୍ରୀଅରବିନ୍ଦଙ୍କ ଜୀବନର ପଣ୍ଡିଚେରୀ ପର୍ଯ୍ୟାୟ ଉପରେ ଉପଯୁକ୍ତ ଗ୍ରନ୍ଥ ଦିନେ ପ୍ରଣୀତ ହେବ – ସଚେତନ ଓ ଗ୍ରହଣଶୀଳ ସନ୍ଧାନୀବର୍ଗଙ୍କ ସକାଶେ, ଏ ଲେଖକ ଏହି ଆଶା ପୋଷଣ କରି ବିଦାୟ ନେଉଛି ।

(ସମାପ୍ତ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

୧. Collected Poems, CWSA, Vol. 2

୨. Prayers and Meditations : The Mother
୩. Words of the Mother - I, CWM., Vol. - 13
୪. ତତ୍ରୈବ
୫. Alvin Silverstein; Conquest of Death, Macmillan, New York and Collier Macmillan, London.
୬. The Life Divine, CWSA, Vol. - 22
୭. To Thee Our Infinite Gratitude : Writing on the passing of Sri Aurobindo; Sri Aurobindo Ashram. ❑

# ହେ ପ୍ରକୃତି ! ଶାନ୍ତ ହୁଅ

**ହୃଷୀକେଶ ପଣ୍ଡା**

ହେ ପ୍ରକୃତି ! ଏ ସୃଷ୍ଟିର ଅପୂର୍ବ ବିଧାଣି
ଜଡ଼ଠାରୁ ଜୀବନ ପର୍ଯ୍ୟନ୍ତ
ଜନ୍ମଠାରୁ ମରଣ ପର୍ଯ୍ୟନ୍ତ
ତବ ଆଲିଙ୍ଗନେ ସିକ୍ତ ଚରାଚର ହୁଏ ଆତଯାତ
ତୁମର ଏ ଅନୁକମ୍ପା ପାଇଁ
ଋଣୀ ଆମେ ମରଣ ଯାବତ ।

ଆମ ଦୃଷ୍ଟି ଅନ୍ତରାଳେ
ତୁମେ ଜାଜ୍ୱଲ୍ୟମାନ କାଳ କାଳ
ଗ୍ରହ ନକ୍ଷତ୍ର ଜଳ ସ୍ଥଳ
ଜୀବ ଜଗତ ଆଦି ମୂଳ
ବ୍ୟାପୃତିରେ ଜାଗୃତିରେ
ତୁମେ ତାଙ୍କ ଊର୍ଜାର ହିଲ୍ଲୋଳ ।

ତୁମେ ହିଁ ନିର୍ଲିପ୍ତ ସତ୍ତା
ଊର୍ଦ୍ଧ୍ୱମୁଖୀ ଅଭୀପ୍ସାର ନିଷ୍କମ୍ପ ସଳିତା
ଭୂମିରେ ଭୂମାର ସନ୍ଧାନ ପାଇଁ
ତୁମେ ଅଟ ଭିତ୍ତିଭୂମି
କ୍ରିୟାଶୀଳା ସୃଷ୍ଟିର ନିର୍ମାତା,
ପରାତ୍ପର ଜନନୀଙ୍କ ଛାୟାମୂର୍ତ୍ତି ତୁମେ
କରିବାକୁ ସତ୍ୟ ଶିବ ସୁନ୍ଦର ଏ ଧରା
ରଚି ଥାଅ ନବ ନବ ସୃଜନର ଲୀଳା ।

ଅଜ୍ଞାନ ମାନବ ତା'ର ଅହମିକା ପାଇଁ
ଡାକୁଅଛି ବିନାଶକୁ ତୁମ ପାଦେ ଶିକୁଳି ଲଗାଇ
ତେଣୁ ତୁମେ ଖଡ୍ଗ ହସ୍ତା
ଜ୍ୱାଳାମୁଖୀ ଜଳ ସ୍ଥଳ ଆକାଶ ମରୁତ,
ତୁମ ଅଙ୍ଗେ ଜାଗୁଅଛି ଅସ୍ଥିର କମ୍ପନ
ଦୋହଲୁଛି ପାର୍ଥିବ ଜୀବନ
ବ୍ୟାପୁଅଛି ମହାମାରୀ, ସୁନାମୀ, ଭୂକମ୍ପ
କ୍ଷିପ୍ର ତୁମ ପ୍ରାଣର ସ୍ପନ୍ଦନ ।

ହେ ଜନନୀ ଯୋଗମାୟା !
ପ୍ରକୃତି ହିଁ ତୁମ ସ୍ଥୂଳ ରୂପ
ମହାମାରୀ ଆତଙ୍କରେ ସନ୍ତାପିତ ସାରା ବିଶ୍ୱ
ଶୁଣ ବାରେ ତା' କଣ୍ଠର ଆତୁର ବିଳାପ
ଶାନ୍ତ ହୁଅ ହେ ପ୍ରକୃତି !
ତ୍ୟାଗ କରି ମାୟାର କୁହେଳି
ଅଜ୍ଞାନକୁ ଦିଅ ସଦ୍‌ଜ୍ଞାନ
ଜାଗିଉଠୁ ଧ୍ୱଂସ ତଳୁ ସୃଜନୀ ସମ୍ଭାର ।

ତବ ପାଦେ ଏତିକି ମିନତି
କୃପାମୟି କୃପାକର !
ସୁସ୍ଥ ହେଉ ମାନବସମାଜ
କର ତାକୁ ସଙ୍କଟରୁ ମୁକ୍ତି ॥ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ଦ୍ୱିତୀୟ ଅଧ୍ୟାୟ)

## ଭକ୍ତି ଓ ଜ୍ଞାନର ସମନ୍ୱୟ

ଶେଖ ଅବଦୁଲ କାଶମ

ବିଭିନ୍ନ ଦାର୍ଶନିକ ତତ୍ତ୍ୱର ପରିବେଷଣ ଗୀତାର ଉଦ୍ଦେଶ୍ୟ ନୁହେଁ । ମନୁଷ୍ୟକୁ ପାର୍ଥିବ ଜୀବନର ଅପୂର୍ଣ୍ଣତାରୁ ଏକ ଦିବ୍ୟ ପରିପୂର୍ଣ୍ଣତା ଆଡ଼କୁ ନେଇଯିବା ପାଇଁ ଏହା ଉଦ୍ଦିଷ୍ଟ । ଗୀତା ବାଣୀର ନିର୍ଯାସ ଆମ ଜୀବନଚର୍ଯ୍ୟା ଭିତରକୁ କିପରି ଆସିବା ଉଚିତ । ଏକ ଦାର୍ଶନିକ ସତ୍ୟ ସେତେବେଳେ ସାର୍ଥକତା ଲାଭ କରେ ଯେତେବେଳେ ତାହା ଜୀବନ ଭିତରେ ବାସ୍ତବ ରୂପେ ଉପଲବ୍ଧ ହୁଏ । ଗୀତାର ସମସ୍ତ ତତ୍ତ୍ୱ ଜୀବନ-କୈନ୍ଦ୍ରିକ । ଏହି ଗ୍ରନ୍ଥର ସପ୍ତମ ଅଧ୍ୟାୟ ଯାହା ବର୍ତ୍ତମାନ ଆମ ଆଲୋଚନାର ପରିସରଭୁକ୍ତ ସେଥିରେ ଦାର୍ଶନିକ ତତ୍ତ୍ୱର ଅବତାରଣା ସହ ତାହାର ପ୍ରୟୋଗାତ୍ମକ ଉପାୟ ମଧ୍ୟ ଦର୍ଶାଇ ଦିଆଯାଇଛି । ଇତି ପୂର୍ବରୁ କର୍ମ ଓ ଜ୍ଞାନ ମଧ୍ୟରେ ସମନ୍ୱୟ କିପରି ସମ୍ଭବ ସେ ବିଷୟଟି ଆମେ ଅଧ୍ୟୟନ କରିଥିଲେ । ବର୍ତ୍ତମାନ ଭକ୍ତି ଓ ଜ୍ଞାନ ମଧ୍ୟରେ ସମନ୍ୱୟର ସୂତ୍ର ଏହି ସପ୍ତମ ଅଧ୍ୟାୟରୁ ଆମେ ପାଇପାରିବା ।

ପ୍ରଥମତଃ ତିନୋଟି ତତ୍ତ୍ୱ ବା ଶକ୍ତିର ଆଲୋଚନା ଏଠାରେ ଆବଶ୍ୟକ : ଯଥା – ପୁରୁଷୋତ୍ତମ (The Supreme Lord), ନୈର୍ବ୍ୟକ୍ତିକ ଆତ୍ମା (Impersonal Self) ଓ ଜୀବନ (multiple soul) । ପୁରୁଷୋତ୍ତମ ହେଉଛନ୍ତି ପରାତ୍ପର ପରମ ତତ୍ତ୍ୱ ଯିଏ ସକଳ ସୃଷ୍ଟିର ଊର୍ଦ୍ଧ୍ୱରେ ରହିଛନ୍ତି । ସେ ସକଳ ସୀମିତତା, ବିଭାଜନ ଓ ଅବିଦ୍ୟାରୁ ମୁକ୍ତ ହୋଇ ରହିଥା'ନ୍ତି । ସମ୍ଭୂତି ବା କ୍ରମାଭିବ୍ୟକ୍ତିର ଧାରାରେ ସେ ଯେଉଁ ଶାଶ୍ୱତ ଅପରିବର୍ତ୍ତନୀୟ ସ୍ଥିତି ଧାରଣ କରନ୍ତି ତାହା ନୈର୍ବ୍ୟକ୍ତିକ ଆତ୍ମା ରୂପେ ପରିଚିତ । ଏହା ହେଉଛି ପୁରୁଷୋତ୍ତମଙ୍କର ଚିରନ୍ତନ ବିଶ୍ରାମ, ନିଷ୍କ୍ରିୟତା ବା ନିବୃତ୍ତିର ଅବସ୍ଥା । ସେଇ ପରମ ତତ୍ତ୍ୱ ଯେତେବେଳେ ନାନା ରୂପ ଓ ପ୍ରାଣୀ ସମୂହଙ୍କ ଭିତରେ ନିଜକୁ ପ୍ରକାଶିତ କରନ୍ତି ତାହାକୁ ବହୁଧା ଜୀବାତ୍ମା (multiple soul) ବୋଲାଯାଏ । ଏହା ହେଉଛି ତାଙ୍କର ସକ୍ରିୟତା ବା ପ୍ରବୃତ୍ତିର ଅବସ୍ଥା । ଜୀବ ହେଉଛି ପରାପ୍ରକୃତି ବା ପରାଶକ୍ତିଙ୍କର ଏକ ଆତ୍ମ ପ୍ରସର୍ଜନ (self-projection) । ପରାପ୍ରକୃତି ହେଉଛି ପୁରୁଷୋତ୍ତମଙ୍କର ପ୍ରକୃତି ବା ସ୍ୱଭାବ । ନିମ୍ନ ଜଗତରେ ଜୀବ ପୁରୁଷଙ୍କର ପ୍ରତିନିଧି ହୋଇଥିବା ବେଳେ ପରାପ୍ରକୃତି ଜୀବ ଭିତରେ 'ସ୍ୱଭାବ' ରୂପେ ପ୍ରକଟିତ ହୋଇଥାଏ । ସ୍ୱଭାବ ହେଉଛି ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ବିଶିଷ୍ଟ ଗୁଣ ବା ମୌଳିକ ଆଧ୍ୟାତ୍ମିକ ଶକ୍ତି ଯାହାକୁ ନେଇ ଆତ୍ମା ଶରୀରକୁ ଆଧାର କରି ଜନ୍ମଗ୍ରହଣ କରେ । 'ସ୍ୱଭାବ' କହିଲେ ଏଠାରେ ପରିବାର ବା ପରିବେଷ୍ଟନୀରୁ ଆହରଣ କରିଥିବା ଅଭ୍ୟାସ ବା ଗୁଣ ସମୂହକୁ ବୁଝାଉ ନାହିଁ । ଏହା ହେଉଛି ଜୀବର ଅସଲ ଗୁଣ ଯାହା ତାହାର ଅଭିବ୍ୟକ୍ତିକୁ ନିୟନ୍ତ୍ରଣ କରେ, ତା'ର ଯଥାର୍ଥ ବିକାଶର ସୂତ୍ର ସ୍ୱରୂପ ହୋଇଥାଏ । ଆତ୍ମାର ସ୍ୱଧର୍ମ ଅର୍ଥାତ୍ ଯେଉଁ ଧର୍ମକୁ ଆଧାର କରି ସେ ବିକାଶ ପଥରେ ଆଗେଇ ଯାଏ ତାହା ଏହି ସ୍ୱଭାବ ଉପରେ ହିଁ ନିର୍ଭର କରେ ।

ପରମା ଦିବ୍ୟ ପ୍ରକୃତିଙ୍କର ଶକ୍ତି ହିଁ ଜୀବ ଭିତରେ ନିଗୂଢ଼ ଭାବରେ କ୍ରିୟା କରୁଥାଏ । ଜୀବ ଭିତରେ ଯେଉଁ ବିଶିଷ୍ଟ ଓ ମୌଳିକ ଗୁଣ ରହିଥାଏ ତାହା ହେଉଛି ଏକ ଆଧ୍ୟାତ୍ମିକ ଶକ୍ତି କାରଣ ତାହା ପରାପ୍ରକୃତିଙ୍କଠାରୁ ନିଃସୃତ ହୋଇ ଆସିଥାଏ । ତେଣୁ ବ୍ୟକ୍ତି ଯଦି ସେହି ମୂଳ ସ୍ୱଭାବ (intrinsic nature) ଓ ଆଧ୍ୟାତ୍ମିକ ଶକ୍ତିକୁ ଅବଲମ୍ବନ କରି କର୍ମ କରେ ତେବେ ତାହା ବିଶୁଦ୍ଧ ଦିବ୍ୟ କର୍ମ ହୋଇପାରିବ । ଅର୍ଥାତ୍ ମାନସିକ ଚିନ୍ତା, ସଂକଳ୍ପ ଓ କାମନା ଦ୍ୱାରା ପ୍ରେରିତ ନ ହୋଇ ଅନ୍ତର୍ନିହିତ ଆତ୍ମାର ନିର୍ଦ୍ଦେଶରେ ହିଁ କର୍ମ କରିବା ବିଧେୟ । ତଦ୍ୱାରା ସେ ଭଗବାନଙ୍କ ଇଚ୍ଛାର ଯନ୍ତ୍ର ହୋଇପାରିବ ।

ମନୁଷ୍ୟ ନିମ୍ନ ପ୍ରକୃତିର ଅଧୀନ ହୋଇ ଯେତେବେଳେ କର୍ମ କରେ ସେହି କର୍ମ ଭ୍ରାନ୍ତ ଓ ବିକୃତ ହୋଇଥାଏ । ଅହଂ ଓ ବାସନାରୁ ଉଦ୍ଭୂତ ହୋଇଥିବା ସେହି କର୍ମ ହେଉଛି ଅଜ୍ଞାନର

କର୍ମ । ଆମକୁ ଅହଂପୂର୍ଣ୍ଣ ବ୍ୟକ୍ତିତ୍ୱରୁ ମୁକ୍ତ ହେବାକୁ ପଡ଼ିବ । ଏଥିପାଇଁ ଆମକୁ ପ୍ରଥମେ ନୈର୍ବ୍ୟକ୍ତିକ ଆତ୍ମାକୁ ଧାରଣ କରିବାକୁ ହେବ । ନୈର୍ବ୍ୟକ୍ତିକ ଆତ୍ମାଙ୍କ ସହିତ ଏକତ୍ୱ ଉପଲବ୍ଧି କଲେ ଆମେ ବାସ୍ତବ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବା । ଫଳରେ ପୁରୁଷୋତ୍ତମଙ୍କ ସହିତ ଆମର ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହେବ ଏବଂ ଆମ ଭିତରେ ତାଙ୍କର ଇଚ୍ଛା କାର୍ଯ୍ୟକାରୀ ହୋଇ ପାରିବ ।

ନିମ୍ନତର ପ୍ରକୃତି ଆମକୁ ପାପରେ ଲିପ୍ତ କରାଏ । ଉଗ୍ର ରାଜସିକ ବୃତ୍ତି ଏବଂ ନିକୃଷ୍ଟ ତାମସିକ ବୃତ୍ତିସକଳ ଆମକୁ ବଳପୂର୍ବକ ଅଜ୍ଞାନମୟ କର୍ମରେ ପ୍ରବୃତ୍ତ କରାନ୍ତି । ଏଥିରୁ ମୁକ୍ତ ହେବାକୁ ହେଲେ ସାତ୍ତ୍ୱିକ ଭାବସମୂହ ହିଁ ଆମର ପ୍ରଥମ ଓ ପ୍ରଧାନ ଅବଲମ୍ବନ ହେବା ଆବଶ୍ୟକ । ସାତ୍ତ୍ୱିକ ଭାବ ରାଜସିକ ବାସନାକୁ ନିୟନ୍ତ୍ରିତ କରିଥାଏ । ସାତ୍ତ୍ୱିକ ସଂକଳ୍ପ ଓ ସାତ୍ତ୍ୱିକ ପ୍ରେରଣା ଦ୍ୱାରା ପରିଚାଳିତ ହେଲେ ଆମେ ଆମର ଅଜ୍ଞାନମୟ ବୃତ୍ତିଗୁଡ଼ିକୁ ସଂଯମିତ କରିପାରିବା ଏବଂ ତା' ଉପରେ କର୍ତ୍ତୃତ୍ୱ ଲାଭ କରିବା । ସାତ୍ତ୍ୱିକ ଭାବ ଦ୍ୱାରା ପ୍ରେରିତ କର୍ମ ବିଶୁଦ୍ଧ ଓ ସୁଶୃଙ୍ଖଳିତ ହୋଇଥାଏ । ରାଜସିକ ବାସନା ଓ ତାମସିକ ବୃତ୍ତିସକଳ ଦ୍ୱାରା ବଶୀଭୂତ ହୋଇ କରା ଯାଉଥିବା କର୍ମ ଆମକୁ ସର୍ବଦା ଦୁଃଖ ଓ ଅଶାନ୍ତି ଦେଇଥାଏ । ଅନ୍ୟ ପକ୍ଷରେ ସାତ୍ତ୍ୱିକ ଭାବରୁ ଆମେ ଜ୍ଞାନର ଆଲୋକ ଓ ବିଶୁଦ୍ଧ କର୍ମର ବିଧାନ ପ୍ରାପ୍ତ କରୁ ଯାହା ଆମକୁ ଶାନ୍ତି ଓ ଆନନ୍ଦ ଆଡ଼କୁ ନେଇଯାଏ । ଆମ ଭିତରେ ସତ୍ତ୍ୱ ଗୁଣର ବିକାଶ ଘଟିଲେ ଆମେ ଗୁଣ ତ୍ରୟର ବଶ୍ୟତାରୁ ମୁକ୍ତ ହୋଇ ଉର୍ଦ୍ଧ୍ୱକୁ ଉଠିପାରିବା ।

ଅହଂ ଓ କାମନା-ବାସନାର ସେବା କରିବା ହେଉଛି ଆସୁରିକ ଭାବ । ଯେଉଁମାନଙ୍କର ଏହି ଅସୁର-ଭାବ ଥାଏ ସେମାନଙ୍କ ଜ୍ଞାନ ମାୟା ଦ୍ୱାରା ଅପହୃତ ହୋଇଥାଏ । ସେମାନଙ୍କର କର୍ମ ମୂଢ଼ତାପୂର୍ଣ୍ଣ ହୋଇଥାଏ । ସେମାନେ ନିଜର ଅହଂକୁ ହିଁ ଭଗବାନ୍ ରୂପେ ପ୍ରତିଷ୍ଠା କରିଥା'ନ୍ତି । ଆମେ ଜାଣୁ ହିରଣ୍ୟକଶିପୁ କିପରି ନିଜକୁ ଭଗବାନ୍ ରୂପେ ଘୋଷଣା କରି ତ୍ରିପୁରରେ ସମସ୍ତଙ୍କ ଦ୍ୱାରା ପୂଜିତ ହେବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଥିଲା । ଏପରି ବ୍ୟକ୍ତିମାନେ ଉଚ୍ଚତର ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ନିଜ ଭିତରେ ତଥା ସଂସାରର ସମସ୍ତଙ୍କ ଭିତରେ ଯେ ଭଗବାନ୍ ରହିଛନ୍ତି ଏହି ଜ୍ଞାନ ସେମାନଙ୍କର ନ ଥାଏ । ନିମ୍ନତର ପ୍ରକୃତି ଦ୍ୱାରା ସେମାନେ ସମ୍ପୂର୍ଣ୍ଣ ରୂପେ ବଶୀଭୂତ ହୋଇଥା'ନ୍ତି ।

ଏକ ଉଚ୍ଚତର ଜୀବନ ବଞ୍ଚିବାକୁ ହେଲେ ଉର୍ଦ୍ଧ୍ୱତନ ପ୍ରକୃତି ଆଡ଼କୁ ଆସ୍ପୃହା କରିବାକୁ ହେବ । ଅହଂ ଓ କାମନା-ବାସନାରୁ ନିଜକୁ ମୁକ୍ତ କରିବା ପାଇଁ ପ୍ରଥମେ ସତ୍ ଚିନ୍ତା ଓ ସତ୍ କର୍ମର ଆଶ୍ରୟ ନେବାକୁ ହେବ । ସାତ୍ତ୍ୱିକ ଭାବ ଓ ଉଚ୍ଚ ନୈତିକ ଆଦର୍ଶର ଅନୁସରଣ ଦ୍ୱାରା ପାପର କ୍ରମଶଃ ବିନାଶ ଘଟେ । ରାଜସିକ ବାସନା ଓ ନିମ୍ନତର ପ୍ରବୃତ୍ତିର ମୋହ ମନୁଷ୍ୟକୁ ପାପ କର୍ମରେ ପ୍ରବୃତ୍ତ କରାଏ । ସେଥିରୁ ମୁକ୍ତ ହେବା ପାଇଁ ଭଗବାନଙ୍କର ଶରଣାଗତ ହେବା ଆବଶ୍ୟକ । ଭଗବାନ୍ ହିଁ ବ୍ୟକ୍ତି ଭିତରେ ବିଶୁଦ୍ଧ ପ୍ରକୃତିର ବିକାଶ ଘଟାନ୍ତି । ଶ୍ରୀକୃଷ୍ଣ କହନ୍ତି – "ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ" । (୭/୧୪) ଅର୍ଥାତ୍, "ଯେଉଁମାନେ ମୋର ଶରଣାପନ୍ନ ହୁଅନ୍ତି ସେମାନେ ଏହି ମାୟାକୁ ତରି ଯାଆନ୍ତି" ।

କିନ୍ତୁ ଶ୍ରେଷ୍ଠଗତି ଲାଭ କରିବା ପାଇଁ କେବଳ ସାତ୍ତ୍ୱିକ ଚିନ୍ତା ଓ ସାତ୍ତ୍ୱିକ କର୍ମ ଯଥେଷ୍ଟ ନୁହେଁ । ସାତ୍ତ୍ୱିକ ବ୍ୟକ୍ତି ମଧ୍ୟ ଇଚ୍ଛା ଓ ଦ୍ୱେଷ ଦ୍ୱାରା ପରିଚାଳିତ ହୋଇଥାଏ । ନାମ ରୂପର ସୀମିତତା ଭିତରେ ସେ ଛନ୍ଦି ହୋଇପଡ଼େ । ସାତ୍ତ୍ୱିକ ଅହଂ ତା'ର ଉର୍ଦ୍ଧ୍ୱଗତିକୁ ବ୍ୟାହତ କରେ । ଫଳରେ ଉଚ୍ଚତମ ଓ ବିଶ୍ୱାତୀତ ଜ୍ଞାନ ଲାଭରୁ ସେ ବଞ୍ଚିତ ହୋଇଥାଏ । ସୁତରାଂ ରାଜସିକ ଅହଂ ଓ ଜଡ଼ ତାମସିକ ଅହଂକୁ ଦୂର କରିବା ସହ ସାତ୍ତ୍ୱିକ ଅହଂକୁ ମଧ୍ୟ ପରିତ୍ୟାଗ କରିବାକୁ ହୋଇଥାଏ । ନିଜ ଭିତରେ ଅଧିକରୁ ଅଧିକ ବିଶୁଦ୍ଧତା ଓ ଜ୍ଞାନ ପ୍ରତିଷ୍ଠା କରିବା ଦ୍ୱାରା ସାତ୍ତ୍ୱିକ ଅହଂକୁ ଅତିକ୍ରମ କରା ଯାଇପାରେ ।

ସଦାଚାର ସମ୍ପନ୍ନ ନୈତିକ ଜୀବନରୁ ଉର୍ଦ୍ଧ୍ୱରୁ ଉଠିବା ସକାଶେ ଆଧ୍ୟାତ୍ମିକ ପ୍ରକୃତିର ଶକ୍ତି ସାହାଯ୍ୟ କରିଥାଏ । ଜଣେ ନିଜର ଉଚ୍ଚତର ଆଧ୍ୟାତ୍ମିକ ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ହେଲେ ପାପ-ପୁଣ୍ୟର ଦ୍ୱନ୍ଦ୍ୱ ବା ମୋହରୁ ମୁକ୍ତ ହୋଇଯାଏ । ଏହି ଉଚ୍ଚତର ସ୍ଥିତିରେ ପହଞ୍ଚିବା ପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ଆତ୍ମଜ୍ଞାନ, ସମତା ଓ ନୈର୍ବ୍ୟକ୍ତିକ ଭାବ । ଏହା ଦ୍ୱାରା ଜ୍ଞାନ ଓ କର୍ମ ମଧ୍ୟରେ ସୁସମଞ୍ଜସତା ପ୍ରତିଷ୍ଠା କରା ଯାଇପାରେ । ଆଧ୍ୟାତ୍ମିକତା ଓ ସାଂସାରିକ କାର୍ଯ୍ୟ ମଧ୍ୟରେ ଆଉ କୌଣସି ବିରୋଧ ରହେ ନାହିଁ । ଆତ୍ମାର ଅଚଳ ନିଷ୍କ୍ରିୟତା ଓ ପ୍ରକୃତିର କ୍ରିୟାଶୀଳ ଶାଶ୍ୱତ ଲୀଳା ମଧ୍ୟରେ ସୁସଙ୍ଗତି ସମ୍ଭବ ହୁଏ ।

ଏକ ସୁସମଞ୍ଜସ ଆଧ୍ୟାତ୍ମିକ ଜୀବନ ପାଇଁ ଜ୍ଞାନ ଓ କର୍ମ ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଭକ୍ତି । ଏହାର ଅର୍ଥ ହେଲା ପ୍ରେମ, ଉପାସନା ଓ ଭକ୍ତି ଦ୍ୱାରା ଆମକୁ

ପୁରୁଷୋତ୍ତମଙ୍କୁ ଲାଭ କରିବାକୁ ହେବ । ତେବେ ନିଜ ଭିତରେ ଭଗବାନଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ କରିବା ପାଇଁ ମଧ୍ୟ ତୀବ୍ର ଆସ୍ପୃହା ଓ ଶୁଦ୍ଧ ବିନମ୍ର ପ୍ରାର୍ଥନା ଆବଶ୍ୟକ । ଈଶ୍ୱରଙ୍କ ପାଖରେ ନିଜର ସକଳ କର୍ମକୁ ସମର୍ପଣ କରିବା ଯେମିତି ପ୍ରୟୋଜନ ତାଙ୍କ ପାଖରେ ଭକ୍ତି ଓ କୃତଜ୍ଞତାର ନୈବେଦ୍ୟ ବାଢ଼ି ଦେବା ମଧ୍ୟ ସେମିତି ପ୍ରୟୋଜନ ।

ସାଧାରଣ ପ୍ରକୃତିରୁ ମୁକ୍ତି ପାଇବାକୁ ହେଲେ ତିନୋଟି ପ୍ରକ୍ରିୟା ମଧ୍ୟ ଦେଇ ଯିବାକୁ ହେବ । ପ୍ରଥମ ପଦକ୍ଷେପ ହେଲା କର୍ମ ମଧ୍ୟରେ ପ୍ରାଣିକ ଅହଂରୁ ମୁକ୍ତ ହେବା ଏବଂ ରାଜସିକ ପ୍ରକୃତିର କାମନା-ବାସନାରୁ ମୁକ୍ତ ହେବା ଏବଂ ନୈତିକ ସତ୍ତାର ଦୃଢ଼ ସଂଯମ ଦ୍ୱାରା ସାତ୍ତ୍ୱିକ ପ୍ରକୃତିର ବିକାଶ ସାଧନ କରିବା । ଦ୍ୱିତୀୟ ପଦକ୍ଷେପ ହେଲା ଦ୍ୱନ୍ଦ୍ୱସବୁକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଯିବା; ଶାନ୍ତି, ସମତା ଓ ଅଚଞ୍ଚଳତାର ସାଧନା ଦ୍ୱାରା ନୈର୍ବ୍ୟକ୍ତିକ ଭାବରେ ପ୍ରତିଷ୍ଠିତ ହେବା ଏବଂ ଅକ୍ଷର ବ୍ରହ୍ମ ତଥା ସର୍ବଭୂତ ସହିତ ଏକାତ୍ମତା ଲାଭ କରିବା । ଏହି ରୂପେ ସାଧନା କରିବା ଫଳରେ ଆମ ସତ୍ତା ଭିତରେ ବିଶୁଦ୍ଧତା ସମ୍ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବ । ଆମର ଆତ୍ମଜ୍ଞାନ ମଧ୍ୟ ବିଶାଳ ଓ ବିସ୍ତୃତ ହେବ । ତୃତୀୟ ଅବସ୍ଥାରେ ଆମେ ପୁରୁଷୋତ୍ତମଙ୍କ ଚେତନା ରାଜ୍ୟର ସୀମାନ୍ତକୁ ଆସି ତାଙ୍କ ସହ ଭକ୍ତିର ନିବିଡ଼ ସମ୍ବନ୍ଧ ସ୍ଥାପନ କରିବା, ତାଙ୍କ ପାଖରେ ନିଜକୁ ସମର୍ପଣ କରିଦେବା । ଏହି ଧାରାରେ ଭକ୍ତି ସଂଯୁକ୍ତ ହେବା ଦ୍ୱାରା ସାଧନା ପରିପୂର୍ଣ୍ଣତା ଲାଭ କରିବ । ଭଗବାନଙ୍କ ସମଗ୍ର ସ୍ୱରୂପକୁ (ସମଗ୍ରଂ ମାମ୍) ଜାଣିବା ତଥା ସର୍ବଭୂତରେ ଏବଂ ସର୍ବତ୍ର ଏକ ପରମାତ୍ମାଙ୍କୁ ଦର୍ଶନ କରିବା, ଏହା ସାଧନାର ଏକ ମହତ୍ତ୍ୱପୂର୍ଣ୍ଣ ସିଦ୍ଧି । ଏହା ଦ୍ୱାରା ସତ୍ତା ଭିତରେ ସମତା ଦୃଢ଼ୀଭୂତ ହୁଏ ଏବଂ ବ୍ୟକ୍ତି ଦ୍ୱନ୍ଦ୍ୱ ଓ ମୋହରୁ ମୁକ୍ତ ହୋଇଯାଏ । ସମତା ଓ ଏକତ୍ୱ ଦର୍ଶନ ଦ୍ୱାରା ବ୍ୟକ୍ତି ଭିତରେ ଭଗବାନଙ୍କ ପ୍ରତି ସର୍ବତୋମୁଖୀ ପରାଭକ୍ତି ଜାଗ୍ରତ ହୁଏ । ଜ୍ଞାନଯୋଗ ଓ କର୍ମଯୋଗ ସହିତ ଭକ୍ତିଯୋଗ ସମ୍ମିଳିତ ହେଲେ ଆଧ୍ୟାତ୍ମିକ ଉପଲବ୍ଧି ସମ୍ପୂର୍ଣ୍ଣତା ଓ ସୁଦୃଢ଼ ପ୍ରତିଷ୍ଠା ଲାଭ କରେ । ଗୀତା ଆମ ଆଗରେ ଯେଉଁ ଲକ୍ଷ୍ୟ ରଖିଛି ତାହା ହେଉଛି ସମଗ୍ର ସତ୍ତାର ପୂର୍ଣ୍ଣତା ମଧ୍ୟ ଦେଇ ପୁରୁଷୋତ୍ତମଙ୍କ ସହିତ ମିଳିତ ହେବା । କର୍ମଯୋଗରେ ଯେଉଁ ସାଧନା ଯଜ୍ଞ(ଆତ୍ମୋତ୍ସର୍ଗ)ରୁ ଆରମ୍ଭ ହୋଇଥାଏ ତାହା ବର୍ତ୍ତମାନ ଭକ୍ତି, ଆରାଧନା ଓ ଉପାସନା ଦ୍ୱାରା ପୂର୍ଣ୍ଣତା ପ୍ରାପ୍ତ ହୁଏ ।

ଭକ୍ତି ଓ ସମର୍ପଣ ମାଧ୍ୟମରେ ପୁରୁଷୋତ୍ତମ ଭଗବାନଙ୍କ ସହ ଏକ ବ୍ୟକ୍ତିଗତ ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ । ସାଧକ ବୁଝିପାରେ ଯେ ଯେଉଁ ଭଗବାନ୍ ପୁରୁଷୋତ୍ତମରୂପେ ସମସ୍ତଙ୍କ ଊର୍ଦ୍ଧ୍ୱରେ ଜୀବନ ଓ ସତ୍ତାର ଅଧୀଶ୍ୱର ହୋଇ ରହିଛନ୍ତି ସେ ପୁଣି ଜଗତରେ ମଧ୍ୟ ଅନୁପ୍ରବିଷ୍ଟ ହୋଇ ସକଳ ବସ୍ତୁ ଓ ଜୀବମାନଙ୍କ ମଧ୍ୟରେ ବହୁଧା ଆତ୍ମା (multiple soul) ରୂପେ ରହିଛନ୍ତି । ତେଣୁ ସେ କେବଳ ଊର୍ଦ୍ଧ୍ୱସ୍ଥିତ ପୁରୁଷୋତ୍ତମଙ୍କ ପାଖରେ ନିଜକୁ ସମର୍ପଣ କରେ ତାହା ନୁହେଁ, ବିଶ୍ୱଗତ ଭଗବାନଙ୍କଠାରେ ମଧ୍ୟ ସେ ନିଜକୁ ସମର୍ପଣ କରିଦିଏ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି –

''ଯୋ ମାମେବମସମ୍ମୂଢ଼ୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ ।।''
(୧୫/୧୯)

ଅର୍ଥାତ୍, ''ଯେ ମୋତେ ପୁରୁଷୋତ୍ତମ ବୋଲି ଜାଣେ ସେ ମୋହରହିତ ହୋଇ ତାହାର ସମସ୍ତ ଜ୍ଞାନ ସହିତ ସର୍ବଭାବରେ ଓ ତାହାର ପ୍ରାକୃତ ଜୀବନର ସମସ୍ତ ଦିଗରୁ ମୋତେ ଭଜନ କରେ ।'' ଏହି ଭକ୍ତି ସମ୍ପୂର୍ଣ୍ଣ ଜ୍ଞାନ ଓ ସମ୍ପୂର୍ଣ୍ଣ ଆତ୍ମନିବେଦନ ଉପରେ ପ୍ରତିଷ୍ଠିତ । ଏଥିରୁ ଆମେ ସ୍ୱଷ୍ଟ ରୂପେ ବୁଝିପାରିବା ଯେ ଜ୍ଞାନ ପରିଶେଷରେ ଭକ୍ତିରେ ପରିସମାପ୍ତ ହୁଏ ଏବଂ ଭକ୍ତି ମଧ୍ୟ ଜ୍ଞାନରେ ପରିପୂର୍ଣ୍ଣତା ଲାଭ କରେ ।

ଗୀତାର ଦୃଷ୍ଟିରେ ଭକ୍ତିର ଅନ୍ୟାନ୍ୟ ରୂପ ଅପେକ୍ଷା ଜ୍ଞାନଦୀପ୍ତ ଭକ୍ତି ହିଁ ଶ୍ରେଷ୍ଠତର । ଶ୍ରୀକୃଷ୍ଣ ଚାରି ପ୍ରକାର ଭକ୍ତ ବିଷୟରେ ଉଲ୍ଲେଖ କରିଛନ୍ତି । ପ୍ରଥମ ଶ୍ରେଣୀର ଭକ୍ତମାନେ ସାଂସାରିକ ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହେବା ପାଇଁ ଭଗବାନଙ୍କଠାରେ ଶରଣାପନ୍ନ ହୁଅନ୍ତି, ସେମାନଙ୍କୁ ''ଆର୍ତ୍ତ'' ବୋଲି କୁହାଯାଇଛି । ଏମାନଙ୍କ ଭକ୍ତିରେ ରହିଥାଏ ପ୍ରାଣିକ ଭାବପ୍ରବଣତା । ଦ୍ୱିତୀୟ ଶ୍ରେଣୀର ଭକ୍ତମାନେ ଇହ ଜୀବନର ଉନ୍ନତି, ଆର୍ଥିକ ସମୃଦ୍ଧି, ଅନୁକୂଳ ପରିସ୍ଥିତି ଓ ସୁଖସୌଭାଗ୍ୟ ଲାଭ ପାଇଁ ଭଗବାନଙ୍କୁ ଖୋଜନ୍ତି । ଏମାନେ ହେଲେ ''ଅର୍ଥାର୍ଥୀ'' । ଏମାନଙ୍କ ଭକ୍ତିରେ ବ୍ୟବହାରିକ ଜ୍ଞାନ, ଗତିଶୀଳ ପ୍ରବୃତ୍ତି ଓ କର୍ମପ୍ରବଣତା ରହିଥାଏ । ତୃତୀୟ ଶ୍ରେଣୀର ଭକ୍ତମାନେ ଜ୍ଞାନଲାଭର ଆକାଂକ୍ଷା ରଖି ଭଗବାନଙ୍କୁ ଲୋଡ଼ନ୍ତି । ସେମାନଙ୍କୁ ''ଜିଜ୍ଞାସୁ'' ବୋଲି କୁହାଯାଇଛି । ସେମାନଙ୍କ ଭକ୍ତି ବିଚାରବୁଦ୍ଧି ଉପରେ ଅଧିକ ନିର୍ଭରଶୀଳ । ଚତୁର୍ଥରେ ହେଲେ ଜ୍ଞାନୀ ଭକ୍ତ, ଯେଉଁମାନେ ଜ୍ଞାନ ସହିତ ଭଗବାନଙ୍କର ଉପାସନା କରନ୍ତି । ସେମାନେ

ଅନ୍ତର୍ଜ୍ଞାନ ଦ୍ୱାରା ଭଗବାନଙ୍କ ସର୍ବବ୍ୟାପକତାକୁ ଜାଣି ତାଙ୍କର ଶରଣାଗତ ହୁଅନ୍ତି ।

ଗୀତା ଏ ଚାରିପ୍ରକାର ଭକ୍ତିକୁ ଅନୁମୋଦନ କରିଛି । ମାତ୍ର ଚତୁର୍ଥ ଶ୍ରେଣୀର ଭକ୍ତି (ଜ୍ଞାନୀର ଭକ୍ତି)କୁ ସର୍ବଶ୍ରେଷ୍ଠ ବୋଲି କହିଛି । ସେ ଯାହାହେଉ, ଅନ୍ୟ ତିନିପ୍ରକାର ଭକ୍ତିକୁ ସାଧନାର ପ୍ରାରମ୍ଭିକ ପ୍ରସ୍ତୁତିରୂପେ ସ୍ୱୀକାର କରାଯାଇ ପାରେ ।

ଗୀତା କହିଛି ଯେ ଅନେକ ଜନ୍ମ ଧରି ଆଧ୍ୟାତ୍ମିକ ସାଧନା କରିବା ପରେ ଏପରି ଏକ ମହତ୍ ଜନ୍ମର ସୁଯୋଗ ଆସେ ଯେତେବେଳେ ମନୁଷ୍ୟ ସବୁକିଛି ପରମାତ୍ମା (ବାସୁଦେବଃ ସର୍ବମିତି) ବୋଲି ପୂର୍ଣ୍ଣତଃ ଜାଣିପାରେ । ଏହି ସମଗ୍ର ଜ୍ଞାନକୁ ଲାଭ କରିଥିବା ମହାତ୍ମା ପୃଥିବୀରେ ବିରଳ ବୋଲି ଗୀତାର ମତ (ସ ମହାତ୍ମା ସୁଦୁର୍ଲଭଃ) । ସର୍ବତ୍ର ଭଗବାନଙ୍କୁ ଦର୍ଶନ କରି ପାରୁଥିବା ଜ୍ଞାନୀ ଭକ୍ତ ଭଗବାନଙ୍କ ସହିତ ନିତ୍ୟଯୁକ୍ତ ହୋଇ ରହିଥାଏ । ସେ ସର୍ବବ୍ୟାପୀ ଜ୍ଞାନର ମହାନ୍ ଶକ୍ତି ଦ୍ୱାରା ତଥା ତା'ର ପ୍ରକୃତିର ସକଳ ବୃତ୍ତି ଓ ସମଗ୍ର ସତ୍ତାକୁ ନେଇ (ସର୍ବବିତ୍ ସର୍ବଭାବେନ) ଭଗବାନଙ୍କ ସହିତ ଅବିଚ୍ଛେଦ୍ୟ ସମ୍ବନ୍ଧ ସ୍ଥାପନ କରିଥାଏ । ଅନନ୍ୟ ଭକ୍ତି ସମ୍ପନ୍ନ (ଏକଭକ୍ତିଃ) ଏପରି ଜ୍ଞାନୀ ଭକ୍ତ ''ମୋର ଆତ୍ମାସ୍ୱରୂପ (ଆତ୍ମୈବ ମେ) ଓ ଅତି ପ୍ରିୟ (ଅତ୍ୟର୍ଥଂ ପ୍ରିୟଃ)'' ବୋଲି ଶ୍ରୀକୃଷ୍ଣ କହିଛନ୍ତି ।

ବ୍ୟକ୍ତି ଆପଣାର ସ୍ୱଭାବ ଓ ପ୍ରୟୋଜନ ଅନୁଯାୟୀ ବିଭିନ୍ନ ଦେବଦେବୀଙ୍କୁ ଭକ୍ତି ଓ ଉପାସନା କରିପାରେ । ପାର୍ଥିବ ସୁଖ ସୌଭାଗ୍ୟ ଲାଭ, ବିଭିନ୍ନ କାମନା ପୂରଣ ତଥା ଦୁଃଖକଷ୍ଟରୁ ମୁକ୍ତି ପାଇଁ ଏପରି ଭକ୍ତି କରାଯାଇ ଥାଏ । ବ୍ୟକ୍ତିର ବିଶ୍ୱାସ ଦୃଢ଼ ଥିଲେ ଦେବଦେବୀମାନେ ତା'ର ମନସ୍କାମନା ପୂର୍ଣ୍ଣ କରନ୍ତି । କିନ୍ତୁ ଏହା ଦ୍ୱାରା ଯେଉଁ ଅଭୀଷ୍ଟ ଲାଭ ହୁଏ ତାହା କ୍ଷଣସ୍ଥାୟୀ । କେତେକ ବ୍ୟକ୍ତି ଭଗବାନଙ୍କୁ କଠୋର ନ୍ୟାୟ ପରାୟଣ ବିଚାରକ ରୂପେ ବା ଭୟଙ୍କର ଦଣ୍ଡଦାତା ରୂପେ ମଧ୍ୟ ଭକ୍ତି କରନ୍ତି । ଏହା ଭୟମିଶ୍ରିତ ଭକ୍ତି ଯାହାର ଫଳ ସୀମିତ ଓ ଦୋଷଯୁକ୍ତ । ପୁଣି କେତେକ ବ୍ୟକ୍ତି ଭକ୍ତି ନାମରେ ଅତ୍ୟନ୍ତ ଜିଦ୍‌ଖୋର ହୋଇ ମୂର୍ଖତାପୂର୍ଣ୍ଣ ଆଚରଣ କରିଥା'ନ୍ତି । ଏହାର ପରିଣାମ ଦୁଃଖଦାୟକ ହୋଇଥାଏ । ମନୁଷ୍ୟମାନେ ଅଜ୍ଞାନତା-ବଶତଃ ନାନା ବାସନା ଦ୍ୱାରା ପରିଚାଳିତ ହୁଅନ୍ତି । ସେହି ବାସନାଗୁଡ଼ିକ ଦ୍ୱାରା ସେମାନଙ୍କର ଅନ୍ତରର ଜ୍ଞାନ ଅପହୃତ ହୋଇଥାଏ (କାମୈସ୍ତୈସ୍ତୈର୍ହୃତଜ୍ଞାନାଃ) ।

ଅଜ୍ଞାନ ମନୁଷ୍ୟମାନେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭଗବାନଙ୍କ ଅସମ୍ପୂର୍ଣ୍ଣ ରୂପଗୁଡ଼ିକୁ ଅର୍ଥାତ୍ ଦେବତାମାନଙ୍କୁ ପୂଜା କରିବାକୁ ଯାଇ ନାନା ସଂକୀର୍ଣ୍ଣ ନିୟମ ଓ ମତବାଦ ମଧ୍ୟରେ ନିଜକୁ ବାନ୍ଧି ରଖନ୍ତି । ସେମାନେ ଭଗବାନଙ୍କର ଅନନ୍ତତା ଓ ବିଶାଳତାକୁ ଧାରଣା କରିପାରନ୍ତି ନାହିଁ । କ୍ଷୁଦ୍ରବୁଦ୍ଧି ସମ୍ପନ୍ନ ଏହି ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜା କରି ଯେଉଁ ଫଳ ବା ଆଧ୍ୟାତ୍ମିକ ସିଦ୍ଧି ଲାଭ କରନ୍ତି ତାହା ସୀମିତ ଓ କ୍ଷଣଭଙ୍ଗୁର । ଅନ୍ୟ ପକ୍ଷରେ ଯେଉଁ ଜ୍ଞାନୀ ଭକ୍ତମାନେ ବିଶ୍ୱାତୀତ ପୂର୍ଣ୍ଣ ଭଗବାନଙ୍କର ଆରାଧନା କରନ୍ତି ସେମାନେ ଉଚ୍ଚତମ ଓ ଚିରସ୍ଥାୟୀ ଆଧ୍ୟାତ୍ମିକ ସିଦ୍ଧି ପ୍ରାପ୍ତ ହୁଅନ୍ତି । ଶ୍ରୀକୃଷ୍ଣ ଏକଥାକୁ ସ୍ପଷ୍ଟ କରିଦେଇ କହିଛନ୍ତି –

''ଅନ୍ତବତ୍ତୁ ଫଳଂ ତେଷାଂ ତଦ୍‌ଭବତ୍ୟଳ୍ପମେଧସାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ମଦ୍‌ଭକ୍ତା ଯାନ୍ତି ମାମପି ॥''
(୭/୨୩)

ଅର୍ଥାତ୍, ''କିନ୍ତୁ ସେହି ତୁଚ୍ଛ ବୁଦ୍ଧିଯୁକ୍ତ ମନୁଷ୍ୟମାନଙ୍କୁ ସେହି ଦେବତାମାନଙ୍କ ଆରାଧନାରୁ ନାଶବାନ୍ ଫଳ ମିଳେ । ଦେବତାମାନଙ୍କୁ ପୂଜା କରୁଥିବା ମନୁଷ୍ୟମାନେ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ମୋର ଭକ୍ତମାନେ ମୋତେ ହିଁ ପ୍ରାପ୍ତ ହୁଅନ୍ତି ।''

ଦେବଦେବୀମାନେ ହେଲେ ଭଗବାନଙ୍କର ଏକ ଏକ ପ୍ରକାଶ । ତେଣୁ ମନୁଷ୍ୟମାନେ ନିଜ ନିଜ ପ୍ରକୃତି ଅନୁଯାୟୀ ବିଭିନ୍ନ ଦେବଦେବୀଙ୍କୁ ଭକ୍ତି କଲେ ମଧ୍ୟ ସେହି ଦେବଦେବୀଙ୍କ ମଧ୍ୟରେ ଥାଇ ଭଗବାନ୍ ହିଁ ସେହି ଭକ୍ତିକୁ ଗ୍ରହଣ କରନ୍ତି ତଥା ଉତ୍ତର ଦିଅନ୍ତି । କୌଣସି ଭକ୍ତି ଯେତେ ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ନିରର୍ଥକ ନୁହେଁ । ଭଗବାନ୍ କହୁଛନ୍ତି –

''ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥''
(୭/୨୧)

ଅର୍ଥାତ୍, ''ଯେଉଁ ଯେଉଁ ଭକ୍ତ ଯେଉଁ ଯେଉଁ ଦେବତାଙ୍କୁ ଶ୍ରଦ୍ଧା ସହକାରେ ପୂଜା କରିବାକୁ ଇଚ୍ଛା କରେ, ସେହି ସେହି ଦେବତାଙ୍କ ପ୍ରତି ହିଁ ମୁଁ ତା'ର ସେହି ଶ୍ରଦ୍ଧାକୁ ଦୃଢ଼ କରିଦିଏ ।''

ଏଥିରୁ ଜଣାଗଲା ଯେ ଶ୍ରଦ୍ଧା ବା ବିଶ୍ୱାସ ହେଉଛି ସବୁଠୁ ବଡ଼ ପ୍ରୟୋଜନୀୟ ବସ୍ତୁ । ଭଗବାନଙ୍କୁ ଲୋଡ଼ିବାର ମାର୍ଗ ବା ଧାରା ଯାହା ବି ହେଉ ଯଦି ବିଶ୍ୱାସ ସୁଦୃଢ଼ ଥିବ ତେବେ ଭଗବାନଙ୍କର କୃପା ଓ ସହାୟତା ମିଳିବା ସୁନିଶ୍ଚିତ । ବ୍ୟକ୍ତିର ଯଦି ଆନ୍ତରିକତା ଥିବ ତେବେ ଭଗବାନ୍ ତା'ର ବିଶ୍ୱାସକୁ

ଦୃଢ଼ୀଭୂତ କରନ୍ତି ଏବଂ ନାନାବିଧ ଅନୁଭୂତି ମଧ୍ୟ ଦେଇ ପରିଶେଷରେ ତାକୁ ଯଥାର୍ଥ ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

ମନୁଷ୍ୟ ସ୍ୱକୀୟ ଧାରାରେ ତା'ର ଭକ୍ତି ଓ ବିଶ୍ୱାସର ପଥରେ ଅଗ୍ରସର ହୋଇ ଧୀରେ ଧୀରେ ବିଭିନ୍ନ ପ୍ରକାରର ଆଧ୍ୟାତ୍ମିକ ଉପଲବ୍ଧି ଲାଭ କରିଥାଏ । ନାନା ରୂପ ଓ ନାନା ଗୁଣ ମଧ୍ୟରେ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ଦ୍ୱାରା ତା'ର ଆଧ୍ୟାତ୍ମିକ ଅନୁଭୂତି କ୍ରମଶଃ ପରିପକ୍ୱ ହୁଏ । ଅବଶେଷରେ ସେ ହୃଦୟଙ୍ଗମ କରେ ଯେ ଭଗବାନ୍ ହିଁ ସକଳ ରୂପ ମଧ୍ୟରେ ଅବସ୍ଥାନ କରୁଛନ୍ତି ଏବଂ ସେହି ଏକ ହିଁ ଭଗବାନ୍ ସବୁକିଛିର ଆଦିମୂଳ । ସେ ହିଁ ବିଶ୍ୱଗତ ଓ ବିଶ୍ୱାତୀତ । ଏହିପରି ଭାବରେ ଭକ୍ତି ଜ୍ଞାନ ସହିତ ଏକ ହୋଇଯାଏ । ମନୁଷ୍ୟ ଜାଣିପାରେ ଯେ ଭଗବାନ୍ ପ୍ରକୃତି ମଧ୍ୟରେ ତଥା ଆତ୍ମା ମଧ୍ୟରେ ନିବାସ କରୁଛନ୍ତି । ଭକ୍ତି ଓ ଜ୍ଞାନର ସମନ୍ୱୟ ଫଳରେ ବ୍ୟକ୍ତିର ସମଗ୍ର ଜୀବନ ଓ ସମସ୍ତ ସତ୍ତା ଯୋଗଯୁକ୍ତ ହୁଏ । ଭକ୍ତି ଓ ବିଶ୍ୱାସ ଶୁଦ୍ଧତମ ପର୍ଯ୍ୟାୟରେ ଉପନୀତ ହେଲେ ମନୁଷ୍ୟ ସାମ୍ପ୍ରଦାୟିକତା, ରୀତିନୀତିଗତ ଅନୁଷ୍ଠାନ ଓ ବ୍ୟକ୍ତିଗତ ସଂକୀର୍ଣ୍ଣତାଗୁଡ଼ିକରୁ ମୁକ୍ତ ହୋଇଯାଏ ।

ଭଗବାନଙ୍କୁ ସର୍ବବ୍ୟାପୀ, ସର୍ବଜ୍ଞାତା, ସର୍ବଶକ୍ତିମାନ୍ ଓ ସର୍ବନିୟାମକ ରୂପେ ଜାଣିବା ପରେ ଭକ୍ତ ଭିତରେ ପ୍ରେମ ପରିପୂର୍ଣ୍ଣତା ଲାଭ କରେ । ସେ ନିଜ ଭିତରେ ପରମ ତୃପ୍ତି ଓ ପରମ ଆନନ୍ଦ ଅନୁଭବ କରେ । ଦୁଃଖଶୋକ ବିଲୀନ ହୋଇଯାଏ । ଭଗବାନ୍ କେବଳ ଚୈତନ୍ୟମୟ ଓ ଜ୍ଞାନମୟ ନୁହନ୍ତି ସେ ମଧ୍ୟ ଆନନ୍ଦମୟ ଅଟନ୍ତି । ତାଙ୍କରିଠାରୁ ଭକ୍ତ ମଧ୍ୟକୁ ଜ୍ଞାନ ଓ ଆନନ୍ଦର ଅବାରିତ ଧାରା ପ୍ରବାହିତ ହୁଏ । ଜ୍ଞାନୀଭକ୍ତ ସମସ୍ତ ଦ୍ୱନ୍ଦ୍ୱ ଓ ସଂଶୟରୁ ମୁକ୍ତ ହୋଇଯାଏ । ଐକାନ୍ତିକ ଭକ୍ତି ପରମ ଜ୍ଞାନରେ ପହଞ୍ଚାଇ ଦିଏ ଏବଂ ପରମ ଜ୍ଞାନ ପରାଭକ୍ତିରେ ପରିଣତ ହୁଏ ।

ଜ୍ଞାନ, ଭକ୍ତି ଓ କର୍ମ ମଧ୍ୟରେ ଯଥାର୍ଥ ସମନ୍ୱୟ ଦ୍ୱାରା ବ୍ୟକ୍ତି ସର୍ବାନ୍ତଃକରଣରେ ଓ ସର୍ବଭାବରେ ପରମେଶ୍ୱରଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ଉପସଂହାରରେ ଜ୍ଞାନୀ ଭକ୍ତ ବିଷୟରେ ଶ୍ରୀଅରବିନ୍ଦ କହନ୍ତି :

"His is the divine birth in the supreme Nature, integral in being, completed in will, absolute in love, perfected in knowledge. In him the Jiva's cosmic existence is justified because it has exceeded itself and so found its own whole and highest truth of being."

(Essays on the Gita, P. 288)

ଅର୍ଥାତ୍, ''ତାହାର ପରାପ୍ରକୃତିରେ ଦିବ୍ୟ ଜନ୍ମ ଘଟେ, ସେ ହୋଇଯାଏ ସତ୍ତାରେ ସମ୍ପୂର୍ଣ୍ଣ ବିକଶିତ, ଇଚ୍ଛା ଶକ୍ତିରେ ପୂର୍ଣ୍ଣ, ପ୍ରେମରେ ଅନନ୍ୟ ଓ ଜ୍ଞାନରେ ସିଦ୍ଧ । ତାହା ମଧ୍ୟରେ ଜୀବର ବିଶ୍ୱଲୀଳା ସାର୍ଥକ ହୋଇଥାଏ କାରଣ ସେ ନିଜଠାରୁ ଆହୁରି ଊର୍ଦ୍ଧ୍ୱକୁ ଉଠିପାରିଛି ଏବଂ ଏହି ଭାବରେ ନିଜ ଜୀବନର ସମଗ୍ର ଓ ଉଚ୍ଚତମ ସତ୍ୟକୁ ଲାଭ କରିପାରିଛି ।''

(କ୍ରମଶଃ)

❑❑❑

---

(*ପୃଷ୍ଠା ୫ର ଅବଶିଷ୍ଟାଂଶ*)

A might that could explore its own infinite
And beauty and passion and the depths' reply
Nor feared the swoon of glad identity
Where spirit and flesh in inner ecstasy join
Annulling the quarrel between self and shape.

ପରମ ଦାବୀରୁ ତାହା ଆଉ ପଶ୍ଚାଦ୍‌ପଦ ହେଲା ନାହିଁ, ପରମାନନ୍ଦର ଏକ ଶ୍ରାନ୍ତିହୀନ ସାମର୍ଥ୍ୟ, ଆପଣା ଆନନ୍ତ୍ୟର ଅଭିଯାନରେ ବାହାରି ପାରୁଥିବା ଏକ ବିକ୍ରମ ଏବଂ ସୌନ୍ଦର୍ଯ୍ୟ ଓ ଆବେଗ ତଥା ଗଭୀରତାର ପ୍ରତ୍ୟୁତ୍ତର,– ଏଇସବୁ ଥିଲା ତା'ର ଦାବୀ । ସୁଖାପ୍ଳୁତ ଏକାତ୍ମକତାର ସେଇ ତଲ୍ଲୀନାବସ୍ଥା ପ୍ରତି ତା'ର ବି କୌଣସି ଭୟ ନ ଥିଲା, ଯେଉଁଠାରେ ରୂପ ଓ ଅରୂପ ଆତ୍ମା ମଧ୍ୟରେ ଥିବା କଳହ ତୁଟାଇ ଚିନ୍ମୟ ସତ୍ତା ଏବଂ ରକ୍ତମାଂସର ଶରୀର ସମ୍ମିଳିତ ହୁଅନ୍ତି ଏକ ଆନ୍ତର ଉଲ୍ଲାସରେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

## ୧୭ ନଭେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

It is useless to talk of consciousness, knowledge, equality of soul, universality, infinity, eternity, supreme truth, the divine presence and... of all sorts of things like that, if you make no effort yourselves to *live* these things and feel them concretely within you....

...to understand the supreme truths you must put them into practice in your daily life.

– The Mother

ଚେତନା, ଜ୍ଞାନ, ଆତ୍ମିକ ଏକତା, ମହାଜାଗତିକତା, ଅସୀମ, ଶାଶ୍ୱତ, ପରମ ସତ୍ୟ, ଦିବ୍ୟ ଉପସ୍ଥିତି ଏବଂ... ଏହିସବୁ ସତ୍ୟ ତୁମ **ଜୀବନରେ ଜୀବନ୍ତ** ହୋଇ ନ ଥିବେ ଏବଂ ତୁମେ ଯଦି ସେସବୁକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରୁ ନ ଥିବ... ତେବେ ଏସବୁ ବିଷୟରେ କଥା ହେବା ମୂଲ୍ୟହୀନ ।

... ଏହି ସବୁ ପରମ ସତ୍ୟକୁ ବୁଝିବା ପାଇଁ ତୁମେ ନିଜେ ସେସବୁକୁ ତୁମର ଦୈନିକ ଜୀବନରେ ଅନୁସରଣ କରିବା ଚାହି ।

– ଶ୍ରୀମା

## ୫ ଡିସେମ୍ବର, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

A mutual debt binds man to the Supreme:
His nature we must put on as he put ours;
We are sons of God and must be even as he:
His human portion, we must grow divine.
Our life is a paradox with God for key.

– Sri Aurobindo

ଏକ ପାରସ୍ପରିକ ଋଣ ମଣିଷକୁ ବନ୍ଧନ କରିଛି **ଶୀ**ର୍ଷୋତ୍ତମଙ୍କ ସହ :
ଆମେ କରିବୁଁ ତାଙ୍କ ପ୍ରକୃତି ଗ୍ରହଣ, ସେ ଯେମିତି କରିଛନ୍ତି ଆମର;
ଆମେ **ଈ**ଶ୍ୱରଙ୍କ ସନ୍ତାନ ଏବଂ ନିଶ୍ଚେ ହେବୁ ତାଙ୍କରି ସମାନ :
ତାଙ୍କ ମାନୁଷୀ ଅଂଶ, ଆମେ ନିଶ୍ଚେ ହୋଇ ଉଠିବୁ ଦିବ୍ୟ ।
ଆମ ଜୀବନ ଏକ କୂଟାଭାସ; ଯାହାର କୁଞ୍ଚିକା **ଭ**ଗବାନ୍ ।

– ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୧)

### ପୃଥିବୀପୃଷ୍ଠରେ ଶ୍ରୀମା'ଙ୍କର ଆବିର୍ଭାବ ଓ କ୍ରିୟା :

ଶ୍ରୀମା'ଙ୍କ ମହାପ୍ରୟାଣ ପରେ, ନଭେମ୍ବର ୧୯୭୩ ମସିହାରେ ନଳିନୀକାନ୍ତ ଗୁପ୍ତ ତାଙ୍କର ସାପ୍ତାହିକ ସାନ୍ଧ୍ୟ ପାଠଚକ୍ର (କ୍ଲାସ)ରେ ଉପସ୍ଥିତ ନବୀନ ତଥା ପୁରାତନ ଆଶ୍ରମବାସୀଙ୍କୁ ନିମ୍ନୋକ୍ତ ବିଷୟଟି ପଢ଼ି ଶୁଣାଇଥିଲେ :

''ମୋର ମନେହୁଏ ତୁମମାନଙ୍କୁ ଶ୍ରୀମା'ଙ୍କ ସମ୍ବନ୍ଧରେ କିଛି କହିବା ଆବଶ୍ୟକ – ତାଙ୍କର ଜୀବନ ସମ୍ବନ୍ଧରେ କିଛି ଏବଂ କିଛି ତାଙ୍କର କ୍ରିୟାଧାରା ସମ୍ବନ୍ଧରେ ।

''ତୁମେ ସମସ୍ତେ ଜାଣିଛ, ଶ୍ରୀମା ତାଙ୍କ ଜୀବନର ପ୍ରଥମ ପର୍ଯ୍ୟାୟ ଫ୍ରାନ୍ସରେ ହିଁ ବିତାଇଥିଲେ, ପ୍ୟାରିସ ସହରରେ । ତେଣୁ ସ୍ୱଭାବତଃ ଅଧିକାଂଶ ସମୟରେ ତାଙ୍କୁ ଫରାସୀ ବୋଲି ଚିହ୍ନିତ କରାଯାଉଥିଲା । ତାଙ୍କୁ ଇଉରୋପୀୟାନ୍ ବୋଲି ସୂଚିତ କରାଯାଉଥିଲା । ଏହି ମନ୍ତବ୍ୟକୁ ସେ ସର୍ବଦା ଦୃଢ଼ ଭାବରେ ଖଣ୍ଡନ କରି କହୁଥିଲେ, 'ମୁଁ ଇଉରୋପୀୟ ନୁହେଁ, ମୁଁ ଫରାସୀ ନୁହେଁ ।' ପ୍ରକୃତରେ କହିବାକୁ ଗଲେ ତାଙ୍କର ପରିବାର ଆସିଥିଲେ ଇଜିପ୍ଟରୁ (ମିଶର ଦେଶରୁ) । ତାଙ୍କର ମାତାପିତା ତାଙ୍କ ଜନ୍ମର ଗୋଟିଏ ବର୍ଷ, ମାତ୍ର ଗୋଟିଏ ବର୍ଷ ପୂର୍ବରୁ ଇଜିପ୍ଟରୁ ଫ୍ରାନ୍ସକୁ ଗମନ କରିଥିଲେ । ଏବଂ ଇଜିପ୍ଟରେ ତାଙ୍କ ପରିବାର, ମନେହୁଏ ଏକ ଅତି ପ୍ରାଚୀନ ମିଶର ଦେଶୀୟ ପରିବାରର ଅନ୍ତର୍ଭୁକ୍ତ ଥିଲେ,– ଏପରିକି ଖୁବ୍ ସମ୍ଭବତଃ ମିଶରର ଏକ ସୁଖ୍ୟାତ ରାଜବଂଶର – 'ଫାରାଓ' ('Pharaohs') ବଂଶର ଥିଲେ ।* ତେଣୁ ସ୍ୱଭାବ ବା ସ୍ୱଧର୍ମରେ, ଚରିତ୍ରଗତ ଭାବରେ ତାଙ୍କର ପ୍ରକୃତ ଜ୍ଞାତି ଥିଲେ ମିଶରଦେଶୀୟ, ଯଦିଓ ସେ ଆଜନ୍ମରୁ ଲାଳିତପାଳିତ ହୋଇଥିଲେ ଫ୍ରାନ୍ସରେ । ତେଣୁ ସଠିକ ଭାବରେ କହିବାକୁ ଗଲେ ସେ ମଧ୍ୟପ୍ରାଚ୍ୟ (Middle East) ଦେଶୀୟ ଥିଲେ, ଅର୍ଥାତ୍ ଇଉରୋପର ପୂର୍ବାଂଶ ସହିତ ଏସିଆର ପଶ୍ଚିମାଂଶର ମିଳନ ସ୍ଥାନର । ତେଣୁ ଏହି ମିଳନପୀଠର ସୁସଙ୍ଗତି ହିଁ ଶ୍ରୀମା'ଙ୍କର ଜୀବନଧାରା ଏବଂ ଏହି ମିଳନପୀଠର ନିର୍ଦ୍ଧାରିତ ଭବିଷ୍ୟତ୍ ତାଙ୍କର ମାନସିକ ଓ ନୈତିକ ଚରିତ୍ରବତ୍ତାରେ, ଗୁଣଧର୍ମରେ ପ୍ରତିଫଳିତ ।

''ମୁଁ କହିଛି ଯେ ଶ୍ରୀମା'ଙ୍କ ଜୀବନର ପ୍ରଥମାର୍ଦ୍ଧ ଫ୍ରାନ୍ସରେ ବିତିଥିଲା । କିନ୍ତୁ ଫ୍ରାନ୍ସରେ କାହିଁକି ? ଏହି ନିର୍ବାଚନରେ ଏକ ତାତ୍ପର୍ଯ୍ୟ ରହିଛି । ଏବେ ଆମେ ଉଣାଧିକେ ସମସ୍ତେ, ଶ୍ରୀମା'ଙ୍କ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କର୍ମର ମୌଳିକ ତାତ୍ପର୍ଯ୍ୟ ସମ୍ବନ୍ଧେ ଅବଗତ ହୋଇଛୁ । ସେ ଜନ୍ମଗ୍ରହଣ କରିଥିଲେ ପୃଥିବୀପୃଷ୍ଠରେ ଏକ ନୂତନ ଆଲୋକକୁ ଅବତରି ଆଣି ତା'ର ଅଭିବ୍ୟକ୍ତି ନିମନ୍ତେ । ସେ ଚାହିଁଥିଲେ ଏକ ନୂତନ ଜଗତ୍, ବିଶ୍ୱକୁ ପରିଚାଳିତ କରୁଥିବା ପୁରାତନ ଶକ୍ତି ବା ପ୍ରକୃତି ଏବଂ ପୁରୁଣା ସଂସ୍କୃତିର ଜଗତ୍ ନୁହେଁ, କିନ୍ତୁ ସମ୍ପୂର୍ଣ୍ଣ ଏକ ନୂତନ ଜଗତ୍, ନୂତନ ମାନବଜାତି । ଜନ୍ମରୁ ହିଁ ସେ ନିଜ ସହିତ ନେଇ ଆସିଥିଲେ ସେଇ ନୂତନ ଆଲୋକ ଯାହାକି ଏଠାରେ, ଏହି ଭୌତିକ ଜଗତରେ ମଣିଷକୁ ଏବଂ ଜଗତକୁ ପୁନଃ ସୃଷ୍ଟି କରିବ,

---

* ଏହି ପ୍ରସଙ୍ଗରେ ଆମେ ଉଲ୍ଲେଖ କରିପାରୁ ଯେ ଶ୍ରୀମା ଫ୍ରାନ୍ସରୁ ଭାରତକୁ ପ୍ରଥମ ଥର ଆଗମନ କରିବା ସମୟରେ ଇଜିପ୍ଟର କାଇରୋ ମ୍ୟୁଜିୟମ୍ ଦେଖିବାକୁ ଜାହାଜରୁ ଓହ୍ଲାଇ ଥିଲେ । ମ୍ୟୁଜିୟମ୍‌ର କାଚ ଆଲମାରିରେ ଇଜିପ୍ଟର ସୁପ୍ରସିଦ୍ଧା ମହାରାଣୀ ହାଥ୍‌ସେପ୍‌ସୁଟ୍ (Hatchepsut)ଙ୍କର ବ୍ୟକ୍ତିଗତ ପ୍ରସାଧନ ଉପକରଣସବୁର ପ୍ରଦର୍ଶନୀ ଉପରେ ନଜର ପଡ଼ିବା ମାତ୍ରେ ଶ୍ରୀମା ଚଡ଼ାଗଳାରେ କହି ଉଠିଥିଲେ, 'ଏସବୁକୁ ଏମିତି ଖରାପ ଭାବରେ ସଜାଇ ରଖାଯାଇଛି କାହିଁକି ? ମୁଁ ତ ଏସବୁକୁ କେବେ ହେଲେ ଏମିତି ସଜାଇ ରଖୁ ନ ଥିଲି ।'... ଫେରିବା ପଥରେ ସେ ହୃଦୟଙ୍ଗମ କରିଥିଲେ ଯେ ସେ ତାଙ୍କର ଏକ ବିଗତ ଜନ୍ମରେ ସେହି ବିଖ୍ୟାତ ମହାରାଣୀ ଥିଲେ ।

(Georges Van Vrekhem : 'The Mother', P. 97)

ପୁନଃ ରୂପ ଦେବ । ନୂତନ ଆଲୋକକୁ ଅବତରଣ କରାଇ ତାକୁ ପାର୍ଥିବ ଜଗତରେ ଅଭିବ୍ୟକ୍ତ କରାଇବାକୁ ହେଲେ ପ୍ରଥମେ ଆମକୁ ଆମ ମନରେ ଅର୍ଥାତ୍ ମନଃସ୍ତରରେ ଗ୍ରହଣ କରିବାକୁ ହେବ; ଅର୍ଥାତ୍ ଆମକୁ ନିଶ୍ଚିତ ରୂପେ ସେହି ନୂତନ ଆଲୋକକୁ ଦର୍ଶନ କରିବା ଉଚିତ, ସେଇଟିକୁ ଚିହ୍ନିବା ଉଚିତ ଯେ ସେଇଟି ହେଉଛି ଯଥାର୍ଥରେ ଏକ ନୂତନ ଆଲୋକ ଏବଂ ସେଇଟିକୁ ଲାଭ କରିବା ସକାଶେ ଆମର ଆନ୍ତରିକ ଉଦ୍ୟମ ଚଳାଇବା ଉଚିତ । ଆଉ ମଣିଷର ଏହି ମନଃସ୍ତରଟି ହେଉଛି ପ୍ରଥମ ବା ସର୍ବୋଚ୍ଚ ପାତ୍ର ବା ଆଧାର ।... ତେଣୁ ଊର୍ଦ୍ଧ୍ୱର ଆଲୋକ ପୃଥିବୀପୃଷ୍ଠକୁ ଅବତରି ଆସି ମଣିଷ ମଧ୍ୟରେ ଯେତେବେଳେ ଅନୁପ୍ରବେଶ କରେ, ଏହା ପ୍ରଥମେ ମଣିଷର ମସ୍ତିଷ୍କକୁ ସ୍ପର୍ଶ କରିଥାଏ, ଅର୍ଥାତ୍ ଆମର ମନକୁ ସ୍ପର୍ଶ କରିଥାଏ ଏବଂ ଆମେ ସେଇଟିକୁ ଦେଖିପାରୁ, ତା' ସମ୍ବନ୍ଧେ ସଚେତନ ହୋଇପାରୁ । ଅଧୁନା ଏହି ଯୁଗରେ ଫ୍ରାନ୍ସ ମାନବସମାଜର ମନଃସ୍ତରର ସର୍ବୋତ୍ତମ ଆଧାରର ପ୍ରତିନିଧିତ୍ୱ କରେ; ଏହାର ସଂସ୍କୃତି, ସଭ୍ୟତାର ସର୍ବୋତ୍ତମ ପରିସ୍ଫୁଟନର ପ୍ରତିନିଧିତ୍ୱ କରେ । ତେଣୁ ଶ୍ରୀମା ସେଇଠି ଜନ୍ମଗ୍ରହଣ କରିବାକୁ ସିଦ୍ଧାନ୍ତ ନେଇଥିଲେ ଯଦ୍ୱାରା ମଣିଷଜାତିର ସର୍ବୋତ୍ତମ ସ୍ତରର ମନ ତାଙ୍କରି ମାଧ୍ୟମରେ ସେହି ନୂତନ ଆଲୋକକୁ ଚିହ୍ନି ପାରିବ ଓ ଗ୍ରହଣ କରିପାରିବ । ସେ ସେଠାରେ ତଦାନୀନ୍ତନ ବିଶିଷ୍ଟ ତଥା ବରେଣ୍ୟ ଗୋଷ୍ଠୀଙ୍କ ଗହଣରେ, ସର୍ବୋତ୍ତମ ରୀତି ଓ ସଭ୍ୟତାସମ୍ପନ୍ନ ବ୍ୟକ୍ତିଙ୍କ ଗହଣରେ ଜୀବନ ବିତାଇ ଥିଲେ । ବୈଜ୍ଞାନିକ, ଚିତ୍ରଶିଳ୍ପୀ, କବି, ଉଚ୍ଚତମ ସୁରୁଚିସମ୍ପନ୍ନ ସୁପ୍ରତିଷ୍ଠିତ ମାନସିକ ଓ ନୈତିକ ଗୁଣ ଥିବା ବ୍ୟକ୍ତିଙ୍କ ସହିତ ରହିଥିଲେ । ସେ ସେଠାରେ ଉପସ୍ଥିତ ଥିଲେ ଯଦ୍ୱାରା ତାଙ୍କରି ସଂସ୍ପର୍ଶରେ ଓ ସାହଚର୍ଯ୍ୟରେ ଆସି ସେମାନେ ସେହି ନୂତନ ଆଲୋକକୁ ବିନା ଦ୍ୱିଧାରେ ନିଜ ଭିତରେ ସଞ୍ଚାରିତ କରିପାରିବେ । ପରିଣାମରେ ଏହି ଆଭ୍ୟନ୍ତରୀଣ ଉଦ୍ଦେଶ୍ୟ ରଖି ସେ ଏକ ସଙ୍ଗଠନ, କହିବାକୁ ଗଲେ ଏକ ଗୋଷ୍ଠୀ ପ୍ରସ୍ତୁତ କରିଥିଲେ, ଯାହାର ନାମ ଥିଲା 'Le Cosmique' ('ଲ କସ୍‌ମିକ୍') ଅର୍ଥାତ୍ 'Cosmic' ଯାହାର ଅର୍ଥ 'ସମଗ୍ର ପୃଥିବୀ' । ଅନ୍ୟ ଭାବରେ ବ୍ୟକ୍ତ କଲେ ଶ୍ରୀମା ଫ୍ରାନ୍ସରେ ଯାହା କରୁଥିଲେ, ଯାହା ସେ ପ୍ରଦାନ କରୁଥିଲେ, ସେସବୁ ସମଗ୍ର ପୃଥିବୀରେ, ସମଗ୍ର ମାନବ-ସମାଜରେ, ମନଃସ୍ତରରେ, ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ସଞ୍ଚରି ଯାଉଥିଲା । ପୁନଶ୍ଚ ସେହି ସଙ୍ଗଠନର ଅର୍ଥ ଏକ ସାର୍ବଭୌମିକ ଅଥବା ସମଗ୍ର ବିଶ୍ୱକୁ ଧାରଣ କରୁଥିବା ଏକ ଚେତନାର ସଙ୍ଗଠନ । ଶ୍ରୀମା ଫ୍ରାନ୍ସରେ ସେହି ସର୍ବୋତ୍ତମ ମାନସିକ ଅଗ୍ରଗତି ମାଧ୍ୟମରେ ଏକ ନୂତନ ଧରଣର ମାନସିକ ଜଗତ୍ ସୃଷ୍ଟି କରୁଥିଲେ ଯଦ୍ୱାରା ଆତ୍ମ-କୈନ୍ଦ୍ରିକ, ଅହଂ ସର୍ବସ୍ୱ, ସ୍ୱାର୍ଥପର ମନଃସ୍ତରରୁ ଅତିକ୍ରମ କରି ସେମାନେ ଆହୁରି ଅଧିକତର ପରିବ୍ୟାପ୍ତ ମାନସ ସ୍ତରକୁ ଉନ୍ନୀତ ହୋଇ ଉଠିବେ ।*

''...ଆମେମାନେ ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କର 'The Golden Light' କବିତାଟି ସ୍ମରଣରେ ଆଣିପାରୁ – ସେହି ସୁବର୍ଣ୍ଣ ଆଲୋକ କେମିତି ଊର୍ଦ୍ଧ୍ୱରୁ ଅବତରି ଆସି ଆମ ମସ୍ତିଷ୍କରେ ଅର୍ଥାତ୍ ମସ୍ତକରେ ଅନୁପ୍ରବେଶ କଲା । ଏହା ଆମର ଚିନ୍ତାଧାରାକୁ ଭାସ୍ୱର କରିଥାଏ, ବୁଝାମଣାରେ ଉନ୍ନତି ସାଧନ ଘଟାଇ ଥାଏ, ଏହାକୁ ନିରପେକ୍ଷ ଓ ସୁଦୂର ପ୍ରସାରୀ କରିଥାଏ, ଗଭୀରତର ହୃଦୟସ୍ପର୍ଶୀ କରାଇଥାଏ, ତୀକ୍ଷ୍ଣ କରିଥାଏ । କିନ୍ତୁ ଏହି ଆଲୋକ ସମ୍ବନ୍ଧେ କେବଳ ବୁଦ୍ଧିସମ୍ପନ୍ନ ବା ବିଚାରଶକ୍ତି ସମ୍ପନ୍ନ ହୋଇଉଠିବା ଯଥେଷ୍ଟ ନୁହେଁ, ଏହି ଆଲୋକ ପ୍ରତି ଗଭୀର ଅନୁରାଗ, ଆନ୍ତରିକ ପ୍ରେମ ରହିଥିବା ଉଚିତ । ତେବେ ଯାଇ ଆମେ ଏହାର ଅଧିକାରୀ ହୋଇ ପାରିବା । ତେଣୁ ସୁବର୍ଣ୍ଣ ଆଲୋକଟି ହୃଦ୍‌କେନ୍ଦ୍ରକୁ ଅବତରଣ କରିବା ଆବଶ୍ୟକ । ତେଣୁ ଶ୍ରୀମା ସର୍ବପ୍ରଥମେ ମାନବଜାତିର ଉତ୍ତମାଙ୍ଗରେ, ଅର୍ଥାତ୍ ଏହାର ଚେତନା ଉତ୍କ୍ରମଣରେ ସର୍ବୋଚ୍ଚ ପାହାଚର ଶୀର୍ଷଦେଶରେ ସେହି ଆଲୋକର ଅବତରଣ ଘଟାଇଲେ ଏବଂ ପୃଥିବୀପୃଷ୍ଠରେ ଭାଗବତ ଜୀବନଯାପନ କରିବାର 'ଦୀକ୍ଷା' ଦେବା କାର୍ଯ୍ୟଟି ଶ୍ରୀମା ଫ୍ରାନ୍ସରୁ ହିଁ ଆରମ୍ଭ କଲେ ।

ଫ୍ରାନ୍ସରୁ ଶ୍ରୀମା ଜାପାନକୁ ଗଲେ, ସୁଦୂର ପ୍ରାଚ୍ୟ ଦେଶକୁ ତାଙ୍କର ଦ୍ୱିତୀୟ ପର୍ଯ୍ୟାୟର କର୍ମ ଆରମ୍ଭ କରିବା ସକାଶେ । ସେ ସେଠାରେ ଦୀର୍ଘ ପାଞ୍ଚ ବର୍ଷ ବିତାଇ ଥିଲେ । ଜାପାନ 'ଜେନ୍ ବୌଦ୍ଧ ଧର୍ମର ଦେଶ' ହିସାବରେ ସୁଖ୍ୟାତ; 'ଜେନ୍' ଧାରାରେ ସେମାନେ ବୁଦ୍ଧଙ୍କ ସମୟରୁ ଧ୍ୟାନ-ଧାରଣା କରିବାରେ

* ନିଜ ସମ୍ବନ୍ଧେ କହିବାକୁ ଯାଇ ଚମ୍ପକଲାଲଙ୍କୁ ଶ୍ରୀମା ଜୁଲାଇ ୧୯୫୧ରେ କହିଥିଲେ : 'ମୁଁ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲି କାରଣ କିଛି ସ୍ୱତନ୍ତ୍ର ଶିକ୍ଷା ଆବଶ୍ୟକ ଥିଲା ।' ('ଚମ୍ପକଲାଲ କହନ୍ତି', ପୃ. ୧୬୬)

ଦକ୍ଷ । ଅର୍ଥାତ୍ ଆନ୍ତର ଚେତନାରେ ପ୍ରବେଶ କରିବାର ଏକ ବିଶେଷ ଧାରାରେ, କେବଳ ସୁସଙ୍ଗତ ବିଚାରଶକ୍ତି ସମ୍ପନ୍ନ ମାନସିକ ଚେତନାରେ ନୁହେଁ, ଚେତନାର ଏକ ନିଗୂଢ଼ ଓ ଅଧିକ ସମ୍ବେଦନଶୀଳ ସ୍ଥିତିରେ ଅନ୍ତର୍ମୁଖୀ ହୋଇ ଏକାଗ୍ର ଦୃଷ୍ଟିରେ ଅବଲୋକନ କରିବାର ପଦ୍ଧତିରେ ଧ୍ୟାନ-ଧାରଣାରେ ନିମଗ୍ନ ରହିବାରେ ଦକ୍ଷ । ପ୍ରକୃତରେ କହିବାକୁ ଗଲେ ଦେଶ ହିସାବରେ ଜାପାନ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଜୀବନୀଶକ୍ତି ବା ପ୍ରାଣଶକ୍ତିର ଦେଶ; ଭୌତିକ ଜଗତରେ ଜୀବନଯାପନ ପ୍ରଣାଳୀରେ ଶୃଙ୍ଖଳା ଓ ସୌନ୍ଦର୍ଯ୍ୟର ପରିସ୍ଫୁଟନ ନିମନ୍ତେ ଏକ ସୁରୁଚିସମ୍ପନ୍ନ କଳାନିପୁଣ ପ୍ରାଣଶକ୍ତି ବ୍ୟବହାର କରିବାର ଦେଶର ପ୍ରତୀକ ବା ପ୍ରତିନିଧିତ୍ୱ କରେ । ସୁବର୍ଣ୍ଣ ଆଲୋକଟି ଏହି ଭୌତିକ ଜଗତରେ ଅଭିବ୍ୟକ୍ତ ହୋଇ କ୍ରିୟାଶୀଳ ହେବା ସକାଶେ, ଯେପରିକି କେତେକ ମାତ୍ରାରେ ମାନବଜାତିର ଭୌତିକ ଶରୀରକୁ ଅଧିକାର କରିବା ସକାଶେ ଉପରୋକ୍ତ ଧରଣର ପ୍ରାଣଶକ୍ତିର ଆଧାର ହୋଇଉଠିବା ଏକାନ୍ତ ଆବଶ୍ୟକ ।...

''ପ୍ରକୃତରେ କହିବାକୁ ଗଲେ ଜାପାନୀମାନଙ୍କର ବଳିଷ୍ଠ, ସୁସଂଯତ, ସୁନିୟନ୍ତ୍ରିତ ଏବଂ ଉତ୍କୃଷ୍ଟ ସମ୍ବେଦନଶୀଳ ପ୍ରାଣଶକ୍ତି ରହିଛି । ଜାପାନରେ ଥିବା ବେଳେ ଶ୍ରୀମା ତାଙ୍କର ଏକ ସୁନ୍ଦର ସୂକ୍ଷ୍ମ ଦର୍ଶନର କଥା ଲିପିବଦ୍ଧ କରିଛନ୍ତି । ଏକ ଜାପାନୀ ମାଆ ଓ ତା'ର ଶିଶୁ : ଏହି ଶିଶୁଟି ଥିଲା ମାନବଜାତିରେ ଜନ୍ମଗ୍ରହଣ କରିଥିବା ସେହି ଅଭିନବ ସୃଷ୍ଟିର ନୂତନ ଶିଶୁ; ଅର୍ଥାତ୍ ତା'ର ପ୍ରତୀକ । ତେଣୁ ଚେରୀ ପ୍ରସ୍ଫୁଟିତ ଦେଶରେ ନୂତନ ପୃଥିବୀର ଆବାହନର ସୂତ୍ରପାତ ହେଲା – ଏକ ନୂତନ ପ୍ରାଣ ଜଗତ୍, ସମଗ୍ର ମାନବଜାତି ସକାଶେ ।

('ଧ୍ୟାନ ଓ ପ୍ରାର୍ଥନା', ୫ ଡିସେମ୍ବର, ୧୯୧୬ ଦ୍ରଷ୍ଟବ୍ୟ)

''ଶ୍ରୀମା ହେଉଛନ୍ତି ସୃଜନଶୀଳ ଚେତନା; ଯେଉଁଠି ଯାଇ ପହଞ୍ଚୁଥିଲେ, ଯେଉଁଠିକୁ ଯିବା ସକାଶେ (ପରମ ପ୍ରଭୁଙ୍କର) ନିର୍ଦ୍ଦେଶ ଆସୁଥିଲା, ସେଠାରେ ତାଙ୍କର ଉପସ୍ଥିତି ନୂତନ କିଛି ସୃଜନ କରିବା ଦିଗରେ ହିଁ ଗତି କରୁଥିଲା । ସ୍ଥାନ-କାଳ-ପାତ୍ରର ଆବଶ୍ୟକତା ମୁତାବକ ଏକ ନୂତନ ପୃଥିବୀ ସୃଷ୍ଟି କରିବା, ଏକ ମାନବ ସତ୍ତା ଓ ତା'ର ଚେତନାର ଏକ ନୂତନ ସ୍ଥିତି, ପରିମେୟ ଓ ପରିସର ସୃଷ୍ଟି କରିବା । ଏବଂ ଏହିପରି ଭାବରେ ସେ ସମଗ୍ର ପୃଥିବୀକୁ ନୂତନ ସୃଷ୍ଟି ନିମିତ୍ତ ପ୍ରସ୍ତୁତ କରିଛନ୍ତି ଏବଂ ତାଙ୍କର ଏହି ନବସୃଷ୍ଟି ଅକ୍ଷୁଣ୍ଣ ଓ ଅମର । କାରଣ ମାନବ ସତ୍ତାର ବିବର୍ତ୍ତନଧାରାରେ ତାଙ୍କର ଏହି ନବସୃଷ୍ଟି ହେଉଛି ଏକ ସଂଯୋଜିତ ସିଦ୍ଧି (added achievement) । ତେଣୁ ଆମେ ଯେଉଁ ନିପୁଣ, ବଳିଷ୍ଠ, ସୁଶୃଙ୍ଖଳିତ ପ୍ରାଣ ଜଗତ୍ କଥା କହୁଥିଲୁ, ସେଇଟିକୁ ସର୍ବାନ୍ତଃକରଣରେ ସମର୍ଥନପୂର୍ବକ ତା'ର ଭାରବହନ କରିବା ସକାଶେ ପୃଥିବୀପୃଷ୍ଠରେ ଏହାର ଅଭିବ୍ୟକ୍ତି ନିମନ୍ତେ ଆବଶ୍ୟକ ଏକ ଦକ୍ଷ ବା ଯୋଗ୍ୟ ଭୌତିକ ଶରୀର । ତେଣୁ ସୁବର୍ଣ୍ଣ ଆଲୋକଟି ନିଶ୍ଚିତ ରୂପେ ପଦଯୁଗଳ ପର୍ଯ୍ୟନ୍ତ ଅବତରି ଆସିବା ଉଚିତ ।* ଶ୍ରୀମା ଏଠାରେ ସେହି କାର୍ଯ୍ୟ କରୁଛନ୍ତି ଏବଂ ଏଇଥିପାଇଁ, କେବଳ ଏଇଥିପାଇଁ ସେ ଆଶ୍ରମ ସୃଷ୍ଟି କରିଛନ୍ତି ।

''ତୁମେମାନେ ସମସ୍ତେ ଜାଣିଛ ଶ୍ରୀମା ଏଠାରେ କିପରି ଶାରୀରିକ ଶିକ୍ଷାରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ଯଦ୍ଦ୍ୱାରା ଶରୀର ତା'ର ସକଳ ଇନ୍ଦ୍ରିୟ ସମେତ ସେଇ ସୁବର୍ଣ୍ଣ ଆଲୋକକୁ ଗ୍ରହଣ କରି ଧାରଣ କରିପାରିବ । ସେ ଆମମାନଙ୍କୁ ସର୍ବଦା କହି ଆସିଛନ୍ତି ଯେ ଶାରୀରିକ ଶିକ୍ଷା ଆମକୁ ନୂତନ ଚେତନା, ନୂତନ ଆଲୋକ ଧାରଣ କରିବାର ଆଧାରଟିକୁ ପ୍ରସ୍ତୁତ କରିବ । ଆମମାନଙ୍କୁ ନିଶ୍ଚିତରୂପେ ଏକ ବଳିଷ୍ଠ ଶରୀର, ଏକ ସୁନ୍ଦର ମନୋହର ଶରୀର – ଯନ୍ତ୍ରଣା ଓ କ୍ଲେଶ ଆଦି ଯାବତୀୟ ଦୁଃଖକଷ୍ଟକୁ ସହ୍ୟ କରିପାରୁଥିବା ଏକ ଶରୀର ଗଠନ କରିବାକୁ ହେବ । କାରଣ ନୂତନ ଆଲୋକଟି ବେଶ୍ ଶକ୍ତିଶାଳୀ । ଏହା କେବଳ ଆଲୋକ ନୁହେଁ, ଶକ୍ତି ମଧ୍ୟ; ଏଥି ନିମିତ୍ତ ଆମକୁ ଧାରଣକ୍ଷମ ହେବାକୁ ହେବ ଏବଂ ତା'ର ଆଦେଶ ବା ନିର୍ଦ୍ଦେଶକୁ ପାଳନ ତଥା ନିୟନ୍ତ୍ରଣାଧୀନ କରିବାକୁ ହେବ । ପ୍ରକୃତରେ ସେ ଏଠାକୁ ଆସିଛନ୍ତି (ତାଙ୍କର ପୂର୍ଣ୍ଣାଙ୍ଗ ନବସୃଷ୍ଟିର) ଏକ ବାସ୍ତବ ଓ ଭୌତିକ ରୂପ, ସମ୍ପୂର୍ଣ୍ଣ ଅଭିନବ ଏହି ଦିବ୍ୟ ଆଲୋକକୁ ଧାରଣ କରିବା ନିମିତ୍ତ ଏକ ପାର୍ଥିବ ଶରୀର (an earthly body)ର ଏକ ବାହ୍ୟ ଆକୃତି (shape) ଦେବା ସକାଶେ ।

---

* Thy golden Light came down into my feet;
My earth is now Thy playfield and Thy seat.
(Sri Aurobindo : 'Collected Poems', p. 605)

''ବର୍ତ୍ତମାନ ଏଠାରେ କେବଳ ଏକ ସୁନ୍ଦର ଶରୀର ବ୍ୟକ୍ତିର ଚରମ ପରିଣତି ନୁହେଁ, ସିଦ୍ଧିର ଚରମ ସୀମା ନୁହେଁ, ସୁନ୍ଦର ପ୍ରାଣ ମଧ୍ୟ ଆବଶ୍ୟକ । କେବଳ ସେତିକି ନୁହେଁ, କାରଣ ଶରୀର ଓ ପ୍ରାଣ ଉପରେ ସିଦ୍ଧିଲାଭ କରିବାକୁ ହେଲେ ସୁନ୍ଦର ମନର ଅଧିକାରୀ ହେବାକୁ ହେବ । ତେଣୁ ଶ୍ରୀମା ଏଠାରେ ସୁନ୍ଦର ଶରୀର ଗଠନ ସକାଶେ ଶାରୀରିକ ଶିକ୍ଷାର ବନ୍ଦୋବସ୍ତ କରିଛନ୍ତି; ସ୍କୁଲର ସଂଗଠନ କରିଛନ୍ତି ମନର କର୍ଷଣ ସକାଶେ । ମନର କର୍ଷଣ କହିଲେ କେବଳ ବିଭିନ୍ନ ବିଷୟରେ ତଥ୍ୟ ସଂକଳନ ନୁହେଁ, କେବଳ ଗଦା ଗଦା ପୁସ୍ତକ ଅଧ୍ୟୟନ ନୁହେଁ; ଏହି ଶିକ୍ଷା ମନ ତଥା ସ୍ୱୀୟ ମାନସିକ ଉପାଦାନଟିକୁ ବିଶୁଦ୍ଧ କରି ଗଢ଼ିଥାଏ, ପ୍ରତିବନ୍ଧକଶୂନ୍ୟ କରି ଗଢ଼ି ତୋଳେ, ଊର୍ଦ୍ଧ୍ୱର ଆଲୋକକୁ ଅନ୍ୱେଷଣ କରି ତାକୁ ଚିହ୍ନିବା ସକାଶେ ମନକୁ ଉଚ୍ଚସ୍ତରକୁ ଉନ୍ନୀତ କରିଥାଏ ।

''ମୁଁ ତୁମମାନଙ୍କୁ ଇତିପୂର୍ବରୁ କହିଛି ଯେ ତୁମକୁ ନୂତନ ଆଲୋକଟିକୁ ମସ୍ତିଷ୍କ ମାଧ୍ୟମରେ ଗ୍ରହଣ କରିବାକୁ ହେବ ଏବଂ ହୃଦୟରେ ମଧ୍ୟ, ତା'ପରେ ତୁମର ପ୍ରାଣିକ କର୍ମଶକ୍ତି ମଧ୍ୟରେ । ଏଠାରେ ତୁମେ କେବଳ ସେହି ନୂତନ ଆଲୋକକୁ ଚିହ୍ନି ସେଇଟି ସମ୍ବନ୍ଧେ ସଚେତନ ହୋଇଉଠିବା ନୁହେଁ, ତା' ପ୍ରତି ସର୍ବାନ୍ତଃକରଣରେ ଅନୁରକ୍ତ ହୋଇ ଏଠାରେ ତୁମକୁ ପ୍ରଦତ୍ତ ବିଶେଷ କର୍ମ ସମ୍ପାଦନରେ ଏଇଟି ଉପରେ ଗଭୀର ମନୋନିବେଶପୂର୍ବକ ନିଜକୁ ଉତ୍ସର୍ଗ କରିବାକୁ ହେବ । ଏବଂ ଏହା ପରେ ହିଁ ଶ୍ରୀମା'ଙ୍କର ମୌଳିକ ବା ପ୍ରଧାନ କାର୍ଯ୍ୟ (Central work)ର ସୂତ୍ରପାତ ହୁଏ – ପୃଥିବୀପୃଷ୍ଠରେ ତାଙ୍କ ଉପସ୍ଥିତିର ବିଶେଷ ଅବଦାନ, ଆମମାନଙ୍କ ପ୍ରତି ତାଙ୍କର ଅପାର କରୁଣା ।

''କୁହାଯାଇଥାଏ ଯେ ତୁମେ ଯେତେବେଳେ କୌଣସି କିଛିକୁ ଭଲ ପାଇ ବସ, ତୁମେ ତୁମର ହୃଦୟ ମାଧ୍ୟମରେ ହିଁ ଭଲ ପାଇଥାଅ, କିନ୍ତୁ ଏହି ଭଲ ପାଇବା ବା ପ୍ରେମ ମଧ୍ୟରେ ବି ପ୍ରେମ ରହିଛି ତଥା ହୃଦୟ ମଧ୍ୟରେ ହୃଦୟ ରହିଛି; ଯଥାର୍ଥ ପ୍ରେମ, ଦିବ୍ୟ ପ୍ରେମ ରହିଛି ଏହି ହୃଦୟର ଗଭୀରରେ, ଯାହାକି ତୁମର ଆତ୍ମା, ତୁମ ମଧ୍ୟରେ ତୁମର ଯଥାର୍ଥ ସତ୍ତା ବା ଯଥାର୍ଥ ତୁମେ । ଏହି ଯଥାର୍ଥ ବା ପ୍ରକୃତ ସତ୍ତାଟି ସମ୍ମୁଖକୁ ଆସିବାର ପ୍ରକ୍ରିୟାଟିରେ ସାହାଯ୍ୟ କରିବା ହିଁ ହେଉଛି ଏଠାରେ ଶ୍ରୀମା'ଙ୍କର ସ୍ୱତନ୍ତ୍ର କରୁଣା; ଆମ ପ୍ରତ୍ୟେକଙ୍କୁ, ଆମ ସମସ୍ତଙ୍କୁ ଶ୍ରୀମା'ଙ୍କର ବିଶେଷ ଅବଦାନ ।

''ଶ୍ରୀମା ଆମମାନଙ୍କୁ ଆମର ଆତ୍ମା ଦେଇଛନ୍ତି ।... ଏଠାରେ ରହିବାର (ତାଙ୍କ ସାନ୍ନିଧ୍ୟରେ ରହିବାର ଅର୍ଥାତ୍ ତାଙ୍କ ପ୍ରତି ଉନ୍ମୀଳିତ ରହିବାର) ଏକ ବିଶେଷ ସୁଯୋଗ ରହିଛି । କାରଣ, ଆମେ ଜାଗ୍ରତ୍ ଭାବରେ ଏହି ଆନ୍ତର ସତ୍ତାକୁ, ଏହି ଅନ୍ତରଙ୍ଗ ବ୍ୟକ୍ତିସତ୍ତାକୁ, 'ଦିବ୍ୟ ଶିଶୁ' (Divine child)କୁ ଯିଏକି ଆମେ ନିଜେ, ଆମ ନିଜ ମଧ୍ୟରେ ବହନ କରି ଚାଲିଛୁ । ଏଠାରେ ଏହି ଦିବ୍ୟ ଶିଶୁ ହିଁ ଆମର ଦିବ୍ୟ ବ୍ୟକ୍ତିତ୍ୱକୁ ଗଢ଼ିବାରେ ଲାଗିଛି । ଏହି ଦିବ୍ୟ ଶିଶୁ ହିଁ ପରିଶେଷରେ ଏଠାରେ, ଏହି ପାର୍ଥିବ ଜଗତରେ, ଆମ ଜୀବନରେ ଆମକୁ ଦେବ ସୁନ୍ଦର ଏକ ମନ, ସୁନ୍ଦର ଏକ ପ୍ରାଣ, ସୁନ୍ଦର ଏକ ଶରୀର – ଯାହାକିଛି ଆମର ଆବଶ୍ୟକ, ଯାହାକିଛି ସମ୍ପୂର୍ଣ୍ଣ ଓ ଉତ୍କୃଷ୍ଟ ଏବଂ ଯାହାକିଛି ନିଖୁଣ ଓ ତ୍ରୁଟିହୀନ । 'ସାବିତ୍ରୀ'ର ସେଇ ହୃଦୟସ୍ପର୍ଶୀ ଉକ୍ତିଟି ସ୍ମରଣ କରିପାରୁ :

'Built is the golden tower,
the flame-child born.'

(Savitri, p. 702)

''ଶ୍ରୀମା ଏଠାରେ (ଆଶ୍ରମରେ) ନବ-ଜୀବନର ସୁବର୍ଣ୍ଣ ମିନାର ନିର୍ମାଣ କରିଛନ୍ତି ଏବଂ ଶିଶୁଟି ମଧ୍ୟ ଏଠାରେ ଜାଗ୍ରତ୍ ରହିଛି; ଜ୍ୟୋତିର୍ମୟ ଶିଶୁ । ଏହି ଶିଶୁ ହିଁ ଏଠାରେ ଆମ ସମସ୍ତଙ୍କ ଅନ୍ତରରେ ଲୁକ୍କାୟିତ ହୋଇ ରହିଛି । ଆମକୁ ଏହାର ଅନ୍ୱେଷଣ କରିବାକୁ ହେବ, ଚିହ୍ନିବାକୁ ହେବ, ତାକୁ ସମ୍ମୁଖକୁ ଆଣିବାକୁ ହେବ – ଏହା ହିଁ ହୋଇଉଠିବ ଆମମାନଙ୍କ ଜୀବନର ପ୍ରଧାନ ଉଦ୍ଦେଶ୍ୟ; ଏଠାରେ, ପୃଥିବୀପୃଷ୍ଠରେ ରହି ଆମେ ଯାହାକିଛି କାର୍ଯ୍ୟରେ ପରିଣତ କରିବାକୁ ସିଦ୍ଧାନ୍ତ ନେଉ ବା ଚାହୁଁ, ଏହା ହିଁ ହେବ ଆମର ଲକ୍ଷ୍ୟ ଏବଂ ଚରମ ସିଦ୍ଧି ।...

''ଶ୍ରୀମା ଆମମାନଙ୍କ ସହିତ ଏବେ ବି ରହିଛନ୍ତି ଏବଂ ଆମମାନଙ୍କ ଗହଣରେ ବେଶ୍ ସକ୍ରିୟ ରହିଛନ୍ତି, ତାଙ୍କର ଦିବ୍ୟ ଉପସ୍ଥିତି ଏବେ ବି ଏଠାରେ ବିଦ୍ୟମାନ, ଏପରିକି ବାସ୍ତବ ରୂପେ, କାରଣ ଆମେ ପ୍ରତ୍ୟେକେ ନିଜ ନିଜ ଅନ୍ତରରେ 'ଦିବ୍ୟ ଶିଶୁ'କୁ (ଅର୍ଥାତ୍, ତାଙ୍କୁ ହିଁ) ବହନ କରିଛୁ ।''

(The Mother Abides, p. 24 - 29)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

# ମା'ଙ୍କ ଆଶୀର୍ବାଦ

## ରାମକୃଷ୍ଣ ଦାସ

### ପ୍ରାର୍ଥନା

ନିଜର ଇନ୍ଦ୍ରିୟସବୁ ପୂର୍ବ ଅଭ୍ୟାସବଶତଃ ସ୍ୱାଭାବିକ ରୂପେ ବିଷୟରେ ଧାବିତ ହୁଅନ୍ତି, ମନରେ ସେହିସବୁ ବିଷୟରେ ବିଚାର ଆସେ । ଦୀପଶିଖାରେ ପତଙ୍ଗ ଝାସ ଦେବା ସଦୃଶ ପ୍ରାଣ ବିଷୟରେ ଡେଇଁ ପଡ଼ିବାକୁ ଚାହେଁ । ସେହି ପ୍ରତିକୂଳ ସମୟରେ ଇନ୍ଦ୍ରିୟର ପ୍ରଲୋଭନକାରୀ ବାହ୍ୟ ବସ୍ତୁର ଆକ୍ରମଣ ମଧ୍ୟ ହୁଏ । ଏହି ସମୟ ବହୁତ ବିପଜ୍ଜନକ । ସେତେବେଳେ ସାଧକ ନିଜକୁ ଏକେବାରେ ଅସହାୟ ଓ ଅସମର୍ଥ ମନେକରେ । ମା'ଙ୍କ ପ୍ରତି ଥିବା ଶ୍ରଦ୍ଧା-ଭକ୍ତି ଆବୃତ ହୋଇ ଯାଇଥାଏ, ସମର୍ପଣ ଭାବ ଆସେ ନାହିଁ । ମା'ଙ୍କ ନାମ ସ୍ମରଣରେ ରୁଚି ନ ଥାଏ, ଥାଏ କେବଳ ବିଷୟର ବିଚାର । ଏହି ସମୟରେ ସାବଧାନ ହୁଅ । କେବଳ ବୁଦ୍ଧିକୁ ସମ୍ମୁଖରେ ରଖ । ବିଶ୍ୱାସ, ଭକ୍ତି, ଶ୍ରଦ୍ଧା, ସମର୍ପଣଭାବ ବିଷୟରୂପୀ ଘୋର ଅନ୍ଧକାରରେ ଆବୃତ ହୋଇ ଯାଇଥିବା ସତ୍ତ୍ୱେ ମା'ଙ୍କୁ କେବଳ ଶବ୍ଦରେ ପ୍ରାର୍ଥନା କର । କୁହ – ''ମୁଁ ଏକେବାରେ ନିଃସହାୟ । ବିରୋଧୀ ଶକ୍ତିମାନେ ନିଜ ମାୟା ଜାଲରେ ମୋ ହାତଗୋଡ଼ ବାନ୍ଧି ମୋତେ ପଙ୍ଗୁ କରି ଦେଇଛନ୍ତି । ଏହି ସମୟରେ ତୁମେ ତୁମର ଅହେତୁକୀ କୃପାରେ ମୋତେ ରକ୍ଷା କର । ତୁମେ ଅଶରଣର ଶରଣ, ଦରିଦ୍ରର ବନ୍ଧୁ, ତୁମେ ନିଜ କରୁଣାରେ ଦୁର୍ଦାନ୍ତ ରାକ୍ଷସରାଜ ହିରଣ୍ୟକଶିପୁ ହାତରୁ ପ୍ରହ୍ଲାଦକୁ ମୃତ୍ୟୁମୁଖରୁ ରକ୍ଷା କରିଥିଲ । ରାବଣ ତ୍ରାସରେ ତ୍ରାସିତ ବିଭୀଷଣକୁ ଶରଣ ଦେଇଥିଲ, ତୁମ ଆଶ୍ରିତ ଜନ ବିପଦରେ ପଡ଼ି ତୁମକୁ ଡାକିଲେ ନିଜ ଐଶ୍ୱର୍ଯ୍ୟକୁ ଭୁଲି ଆଶ୍ରିତକୁ ରକ୍ଷା କରିବାକୁ ଧାଇଁ ଯାଅ । ଅଶ୍ୱତ୍ଥାମାର ବ୍ରହ୍ମାସ୍ତ୍ରରୁ ପରୀକ୍ଷିତଙ୍କୁ ଉତ୍ତରାଗର୍ଭରେ ଚକ୍ର ଉଡ଼ାଳି ରକ୍ଷା କରିଥିଲ । ଗଜକୁ କୁମ୍ଭୀର ବୁଡ଼ାଇ ଦେଉଥିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଗରୁଡ଼ ପିଠିରୁ ଉତରି ଦୌଡ଼ିଥିଲ, କୁମ୍ଭୀରକୁ ବିନାଶ କରି ଗଜକୁ ରକ୍ଷା କରିଥିଲ । ରାଜସଭାରେ ଦ୍ରୋଣ-ଭୀଷ୍ମାଦି ଗୁରୁଜନଙ୍କ ସମ୍ମୁଖରେ ପାଣ୍ଡବ-କୁଳବଧୂ ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସମୟରେ ତା'ର ଆର୍ତ୍ତ ଡାକ ଶୁଣି ଭୋଜନ ଛାଡ଼ି ତାକୁ ରକ୍ଷା କରିଥିଲ । ଦ୍ରୌପଦୀ ଖଣ୍ଡିଏ ମାତ୍ର ବସ୍ତ୍ର ପରିଧାନ କରିଥିଲେ । ସେହି ବସ୍ତ୍ର ସହିତ ତୁମେ ଏକ ହୋଇ ଯିବାରୁ ତାହା ହୋଇଗଲା ଅନନ୍ତ । ସେହି ଦ୍ରୌପଦୀଙ୍କର ବସ୍ତ୍ର ଟାଣି ଦୁଃଶାସନ ପାହାଡ଼ ସଦୃଶ ଜମା କରିଦେଲା । ଶହେ ହାତୀର ବଳ ଧାରଣ କରିଥିବା ଦୁଃଶାସନର ବଳ ହ୍ରାସ ହୋଇଗଲା । କିନ୍ତୁ ବସ୍ତ୍ର ସମାପ୍ତ ହେଲା ନାହିଁ । ଶେଷରେ ସେ ଦୁର୍ବଳ ହୋଇ ଦ୍ରୌପଦୀଙ୍କ ଅଙ୍ଗରୁ ବସ୍ତ୍ର ଆଉ ଟାଣି ନ ପାରି ଲଜ୍ଜାରେ ମୁଖ ପୋତି ବସି ପଡ଼ିଲା । ପାଣ୍ଡବଙ୍କ ଭକ୍ତିବଶ ହୋଇ ସେମାନଙ୍କ ହିତକାମନାରେ ଦୂତ ହୋଇ ଦୁର୍ଯ୍ୟୋଧନ ପାଖକୁ ଗଲ; ସେଠାରେ ଷଡ଼ ରସ ଭୋଜନ ତ୍ୟାଗ କରି ବିଦୁର ଘରେ ଶାଗ ଖାଇ ସନ୍ତୁଷ୍ଟ ହେଲ । ତ୍ରେତାରେ ଗୃଧ୍ରରାଜର ମୃତ୍ୟୁ ସମୟରେ ତାକୁ ନିଜ କୋଳରେ ଧାରଣ କଲ, ନିଜ ହସ୍ତରେ ତା'ର ଶବଦାହ ତଥା ଅନ୍ତ୍ୟେଷ୍ଟି-କ୍ରିୟା ସମ୍ପନ୍ନ କଲ । ତୁମ କରୁଣାର ସୀମା ନାହିଁ, ବ୍ୟକ୍ତି ତାହା କଳ୍ପନା କରିବାକୁ ଅସମର୍ଥ । ସେହି ଅନନ୍ତ ଅଫୁରନ୍ତ କରୁଣାରେ ମନୁଷ୍ୟର ସୀମିତ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ । ଏପରି କରୁଣା ବିଦ୍ୟମାନ ଥିବା ସତ୍ତ୍ୱେ ଅଭାଗା ଜୀବ ଦୁଃଖ ପାଉଅଛି । ପ୍ରପୀଡ଼ିତ ଜୀବଙ୍କୁ ଉଦ୍ଧାର କରିବା ସକାଶେ ଏହି ପୃଥିବୀରେ କେତେ ପିତା, ମାତା, ଗୁରୁ ରୂପେ ଅବତାର ନେଇଛ । ଏହି ପୃଥିବୀରେ ସ୍ୱର୍ଗରାଜ୍ୟ ସ୍ଥାପନ କରିବା ସକାଶେ ବର୍ତ୍ତମାନ ତୁମେ ମା ରୂପେ ପ୍ରାପ୍ତ ହୋଇଅଛ । ମୁଁ ନିଃସହାୟ । ମୋର କେହି ମାତ୍ର ଆଶ୍ରୟ ନାହିଁ । ତୁମ କୃପା ପ୍ରାପ୍ତିର ଉପାୟ ଭକ୍ତି, ସମର୍ପଣ, ଅଭୀପ୍ସା ମୋର ନାହିଁ । ମାତ୍ର ମୋର ଏକମାତ୍ର ଆଶ୍ରୟ ତୁମେ; ତୁମେ ନିଜ କରୁଣା, ନିଜ କୃପା ଗୁଣରେ ମୋତେ ରକ୍ଷା କର, ସାହାଯ୍ୟ କର; ଜ୍ଞାନ, ଭକ୍ତି, ଶକ୍ତି, ଧୈର୍ଯ୍ୟ ଓ ସାହସ ଦିଅ । ମୋର ସମସ୍ତ ସତ୍ତାକୁ ମୁଁ ଯେପରି ତୁମ ଚରଣରେ ନିଃଶେଷରେ ନିବେଦନ କରିପାରେ । ତୁମରି ଆଶ୍ରୟରେ, ତୁମରି ଶକ୍ତିରେ ପ୍ରତିକୂଳ ଶକ୍ତିର ଆକ୍ରମଣକୁ ଅତିକ୍ରମ କରିପାରେ, ସମସ୍ତ ବାଧାବିପତ୍ତିରେ ତୁମରି ଆଶ୍ରୟରେ ଅବିଚଳିତ ରହି ପ୍ରତିକୂଳ ଆକ୍ରମଣକୁ ଉତ୍ତର ଦେଉଥିବା ସତ୍ତାକୁ ଯେପରି ତୁମ ଚରଣରେ ସମର୍ପଣ କରିପାରେ ।''

ସେହି ପ୍ରତିକୂଳ ତଥା ବିଚଳିତ ଅବସ୍ଥାରେ ଏଇ ପ୍ରକାର

ପ୍ରାର୍ଥନା କଲେ ମନ ଏକାଗ୍ର ହୁଏ, ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରିବାର ମାର୍ଗ ଉନ୍ମୁକ୍ତ ହୋଇଯାଏ । ମା'ଙ୍କ ଶକ୍ତି ବ୍ୟକ୍ତି-ସତ୍ତାରେ ପ୍ରବେଶ କରି ବିରୋଧୀ ଶକ୍ତିକୁ ବିତାଡ଼ିତ କରିଦିଏ । ତାହାର ସ୍ଥାନରେ ଆଣିଦିଏ ଶାନ୍ତି, ଶକ୍ତି, ସମର୍ପଣର ଭାବ, ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଦିବ୍ୟାନନ୍ଦ । ବିରୋଧୀ ଶକ୍ତିର ଆକ୍ରମଣ ବ୍ୟର୍ଥ ହେବାରେ ସାଧକର ହୁଏ ଗୋଟିଏ ଦୃଢ଼ ପଦକ୍ଷେପ । ଏହାରି ଦ୍ୱାରା କ୍ରମଶଃ ବଢ଼େ ସାହସ, ଧୈର୍ଯ୍ୟ ଏବଂ ବିଶ୍ୱାସ । ସବୁଠାରୁ ଶକ୍ତିଶାଳୀ, ସରଳ ଓ ନିରାପଦ ମାର୍ଗ ହେଲା ମା'ଙ୍କ ପ୍ରତି ବିଶ୍ୱାସ । ବିଶ୍ୱାସ ନିରପେକ୍ଷ । ତାହା କୌଣସି ସାଧନା ଉପରେ ନିର୍ଭର କରେ ନାହିଁ, ପ୍ରାପ୍ତ ହୁଏ ଅଭୀପ୍ସାରେ । ତାହାକୁ ଧରି ରଖିଲେ ତାହା କ୍ରମଶଃ ବଢ଼େ ।

## ଧ୍ୟାନ

ଧ୍ୟାନର ଏକେବାରେ ପ୍ରାରମ୍ଭିକ ଅବସ୍ଥାରେ ସରଳ ଉପାୟ ହେଲା ମା'ଙ୍କ ଫଟୋକୁ ସାମନାରେ ରଖି ଆଖି ଖୋଲି ଦେଖ । ପରେ ଆଖି ବନ୍ଦ କରି ସେହି ଫଟୋକୁ ଦେଖି ପାରିଲେ ହୃଦୟର ଗଭୀରକୁ ନେଇଯିବାକୁ ଚେଷ୍ଟା ବା ସଂକଳ୍ପ କର । ନିୟମିତ ରୂପେ ପ୍ରତିଦିନ ଠିକ୍ ସମୟରେ ଧ୍ୟାନ ଅଭ୍ୟାସ କରି ହୃଦୟର ଗଭୀରରେ ମା'ଙ୍କ ମୂର୍ତ୍ତିକୁ ନେଇଯିବାର ଚେଷ୍ଟା ଜାରି ରଖିଲେ ବ୍ୟକ୍ତିର ଅଭୀପ୍ସା ତୀବ୍ର ବା ଶିଥିଳ ହେବା ଅନୁସାରେ କମ୍ ଅଥବା ଅଧିକ ଦିନରେ ହୃଦୟ ଗଭୀରରେ ସେ ପ୍ରବେଶ କରିପାରେ । ଯେତେ ଗଭୀରକୁ ଯାଇପାର ଯାଅ । ମା'ଙ୍କ ଫଟୋରେ ଚେତନା ଏକାଗ୍ର ହେବା ସଙ୍ଗେ ସଙ୍ଗେ କିଂବା ହୃଦୟରେ ପ୍ରବେଶ କରିବା ପରେ ଅଥବା ବହୁତ ଗଭୀରକୁ ଯିବା ପରେ ମା'ଙ୍କ ମୂର୍ତ୍ତି ଅନ୍ତର୍ହିତ ହୋଇ କେବଳ ଚେତନା ଏକାଗ୍ର ହୋଇପାରେ । କେବେ କେବେ ସେହି ଚେତନା ହୃଦୟ ଗଭୀରରୁ ବାହାରି ଆସି ଭିନ୍ନ ଭିନ୍ନ କେନ୍ଦ୍ରରେ କ୍ରିୟା କରିପାରେ । ସେତେବେଳେ ବ୍ୟକ୍ତି ନିଜ ଚେତନାର କ୍ରିୟାର ପ୍ରତିକୂଳ ଇଚ୍ଛା ବା ସଂକଳ୍ପ ନ କରି ଚେତନାର ଗତିରେ ନିଜ ସଂକଳ୍ପକୁ ଏକ କରିଦେବ । କେବଳ ଅନ୍ୟ ବିଚାରକୁ ପ୍ରବେଶ କରିବାକୁ ଦେବ ନାହିଁ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୧୨୯-୧୩୦) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

କାହାଣୀ :

# ବିଶ୍ୱାସ ଓ ବିଜୟ

## ମନୋଜ ଦାସ

ରୁଦ୍ରପୁର ଏକ ଛୋଟ ରାଜ୍ୟ । କିନ୍ତୁ ଉଭୟ ରାଜା ଓ ପ୍ରଜାମାନେ ଥିଲେ ଶାନ୍ତିପ୍ରିୟ ।

କିନ୍ତୁ ପ୍ରତିବେଶୀ କୁନ୍ଦନପୁରୀ ରାଜ୍ୟର ରାଜା ଲୋଭୀ । ସେ ଚୁପ୍‌ଚାପ୍ ସୈନ୍ୟବାହିନୀ ପ୍ରସ୍ତୁତ କରୁଥା'ନ୍ତି – ରୁଦ୍ରପୁର ଆକ୍ରମଣ କରି ଲୁଣ୍ଠନ କରିବା ନିମନ୍ତେ । ରୁଦ୍ରପୁରର ରାଜା ପ୍ରତିବେଶୀର ଏଭଳି ଉଦ୍ଦେଶ୍ୟ ସମ୍ପର୍କରେ କିଛି ଜାଣି ନ ଥା'ନ୍ତି । ସେ ନିଶ୍ଚିନ୍ତ ଭାବରେ ରାଜ୍ୟରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହ ଦେବାରେ, କବି ଓ ଲେଖକ ସମ୍ମିଳନୀ ଡକାଇ ଲୋକଙ୍କ ଭିତରେ ସାହିତ୍ୟ ପ୍ରତି ଅନୁରକ୍ତି ଜନ୍ମାଇବାରେ ବିପୁଳ ଅର୍ଥବ୍ୟୟ କରୁଥା'ନ୍ତି । କୁନ୍ଦନପୁରୀର ରାଜା ଓ ତାଙ୍କ ମନ୍ତ୍ରୀ, ସେନାପତି ଇତ୍ୟାଦିଙ୍କୁ ସେସବୁ ଉତ୍ସବ ଉପଭୋଗ କରିବା ନିମନ୍ତେ ନିମନ୍ତ୍ରଣ କରୁଥା'ନ୍ତି । ସେମାନେ କୃତାର୍ଥ ହେବାର ଛଳନା କରି ଆସୁଥା'ନ୍ତି, କିନ୍ତୁ ବାସ୍ତବରେ ରୁଦ୍ରପୁରର ଅତିଥି ହୋଇ ସେ ରାଜ୍ୟର ସୈନ୍ୟ ସଂଖ୍ୟା, ଦୁର୍ଗର ସୁରକ୍ଷା ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ରର ପରିମାଣ ଇତ୍ୟାଦି ସମ୍ପର୍କରେ ଜ୍ଞାନ ଅର୍ଜନର ଚେଷ୍ଟା କରୁଥା'ନ୍ତି ।

ଦିନେ ହଠାତ୍ ରୁଦ୍ରପୁରର ରାଜାଙ୍କ ପାଖରେ ଆସି ପହଞ୍ଚିଲା କୁନ୍ଦନପୁରୀ ରାଜାଙ୍କ ବାର୍ତ୍ତା – ତୁମେ ଆମ ପାଖରେ ଆତ୍ମସମର୍ପଣ କର । ତୁମ ରାଜ୍ୟ ଆମ ରାଜ୍ୟ ସହ ମିଶିଯାଉ, ନ ହେଲେ ଆମେ ତୁମ ରାଜ୍ୟ ଆକ୍ରମଣ କରି ଛାରଖାର କରିଦେବୁ । ତୁମର ତଥା ତୁମ ବଂଶର ସମସ୍ତେ ବନ୍ଦୀ ହେବେ – ଯଦି ଯୁଦ୍ଧକ୍ଷେତ୍ରରେ ତୁମ ପ୍ରାଣ ନ ଯାଏ !

ରୁଦ୍ରପୁରର ରାଜା ଜଣେ ସରଳ ଓ ଉତ୍ତମ ମଣିଷ ସିନା, କିନ୍ତୁ ସଙ୍ଗେ ସଙ୍ଗେ ଅତ୍ୟନ୍ତ ସାହସୀ ମଧ୍ୟ । ସେ ତତ୍‌କ୍ଷଣାତ୍ ପ୍ରଧାନ ସେନାପତିଙ୍କୁ ନିର୍ଦ୍ଦେଶ ଦେଲେ, ସୈନ୍ୟବାହିନୀ ପ୍ରସ୍ତୁତ କର ।

ପ୍ରଧାନ ସେନାପତି ଦୋଦୋପାଞ୍ଚ ହୋଇ କହିଲେ, ''ମଣିମା ! କୁନ୍ଦନପୁରୀର ସୈନ୍ୟବାହିନୀ ତୁଳନାରେ ଆମ ବାହିନୀ କ୍ଷୁଦ୍ର । ପୁଣି ଆମ ଗୁପ୍ତଚରମାନେ କହୁଛନ୍ତି, କୁନ୍ଦନପୁରୀର ରାଜା ଆମ ରାଜ୍ୟ ଆକ୍ରମଣ କରିବା ନିମନ୍ତେ ପ୍ରାୟ ଦଶ ବର୍ଷ ହେବ ପ୍ରସ୍ତୁତ ହେଉଛନ୍ତି । ଯୁଦ୍ଧ ହେଲେ ଆମର ପରାଜୟ ନିଶ୍ଚିତ । ବରଂ ସନ୍ଧି କରାଯାଉ । ବିନା ଯୁଦ୍ଧରେ ସେ ବରଂ ଆମ ରାଜ୍ୟର କିଛି ଅଂଶ ନିଅନ୍ତୁ ।''

ରାଜା ନୀରବରେ ପ୍ରଧାନ ସେନାପତିଙ୍କ ମୁହଁକୁ ଅନାଇ ରହିଲେ । ପ୍ରଧାନ ସେନାପତି ମହୋଦୟ ଚକ୍ଷୁ ତଳକୁ କରି ଅପରାଧୀ ଭଳି ଠିଆ ହୋଇଥା'ନ୍ତି ।

''ପ୍ରଧାନ ସେନାପତି ! ଏହି ମୁହୂର୍ତ୍ତରୁ ତୁମ ପଦରେ ମୁଁ ମୋ ନିଜକୁ ନିଯୁକ୍ତ କରୁଛି । ତୁମେ ଜଣେ ସାଧାରଣ ସୈନିକ ଭାବରେ ରହିପାର, ନ ହେଲେ ଅବସର ଗ୍ରହଣ କରିପାର ।''

ଏହା କହି ରାଜା ସମସ୍ତ ଉପସେନାପତିଙ୍କୁ ଡକାଇଲେ । ଦେବମନ୍ଦିର ଆଗରେ ସେମାନେ ଆଗ ଧାଡ଼ିରେ ଠିଆ ହେଲେ । ସମଗ୍ର ସୈନ୍ୟବାହିନୀକୁ ସେମାନଙ୍କ ପଛରେ ଠିଆ ହେବାକୁ ନିର୍ଦ୍ଦେଶ ଦିଆଗଲା ।

ରାଜା ମନ୍ଦିର ସାମନାରେ ଗୋଟିଏ ମଣ୍ଡପ ଉପରେ ଠିଆ ହୋଇ ଘୋଷଣା କଲେ – ''କୁନ୍ଦନପୁରୀ ଆମ ରାଜ୍ୟ ଆକ୍ରମଣ ଏବଂ ଲୁଣ୍ଠନ କରିବାକୁ ଚାହେଁ । ଆମେ ଆତ୍ମସମର୍ପଣ କଲେ ମଧ୍ୟ ସେମାନେ ଲୁଣ୍ଠନ କରିବେ ହିଁ କରିବେ । ଆମ ଆଗରେ ଦୁଇଟି ପଥ – ହୁଏତ ଆମେ ଆମ ସ୍ୱାଧୀନତା ବିସର୍ଜନ ଦେବା; ଶତ୍ରୁ ଆସି ଆମ ଘର ଦ୍ୱାର ଛାରଖାର କରିବା, ଆମ ପରିବାର ଉପରେ ଅତ୍ୟାଚାର କରିବା ଭଳି ଦୁର୍ଭାଗ୍ୟକୁ ଆଦରି ନେବା, ନତୁବା ଯୁଦ୍ଧ କରି ଆମ ଭାଗ୍ୟ ପରୀକ୍ଷା କରିବା । ଆପଣମାନେ କ'ଣ କହୁଛନ୍ତି ?''

ଉପସେନାପତିମାନେ ପ୍ରଥମେ ଚୁପ୍ ରହିଲେ । ପ୍ରଧାନ ସେନାପତିଙ୍କ ମତ ସେମାନଙ୍କୁ ଜଣାଥିଲା । ତାଙ୍କ ମତ ଉପେକ୍ଷା କରି କିଛି କହିବା ଭଳି ସାହସ ସେମାନଙ୍କର ନ ଥିଲା । କିନ୍ତୁ ପରେ ପରେ କହିଲେ, ''ମହାରାଜ ଯାହା କହିବେ, ଆମେ ତାହା ହିଁ ମାନିନେବା ।''

ରାଜା କେଇ ମୁହୂର୍ତ୍ତ ଅପେକ୍ଷା କରି ପୁନର୍ବାର ମୁହଁ ଖୋଲିଲେ – ''ଶୁଣ ମୋର ସହକର୍ମୀମାନେ, ମୁଁ କିଛି କହିବାକୁ ଚାହେଁନା । ଆମେ ଆମ କର୍ମପନ୍ଥା କ'ଣ ହେବ ତାହା

ଭଗବାନଙ୍କ ଉପରେ ଛାଡ଼ିଦେବା । ମୁଁ ଦିଅଁଙ୍କ ଆଗରେ ଥିବା ଗୋଟାଏ ସ୍ୱର୍ଣ୍ଣମୁଦ୍ରା ଉପରକୁ ଫିଙ୍ଗିବି । ତାହା ତଳେ ପଡ଼ିବା ପରେ ଦେଖିବା — ଯଦି ଦିଅଁଙ୍କର ମୂର୍ତ୍ତି ପଟଟି ଉପରକୁ ଥିବ ତେବେ ବୁଝିବାକୁ ହେବ ଯେ ଆମ ବିଜୟ ସୁନିଶ୍ଚିତ ବୋଲି ଦୈବ ବାକ୍ୟ ମିଳିଗଲା । ଯଦି ଦିଅଁଙ୍କ ମୂର୍ତ୍ତି ଉପରକୁ ନ ଥିବ ତେବେ ଆମେ ଆତ୍ମସମର୍ପଣ କରିବା । ଆପଣମାନେ କ'ଣ କହୁଛନ୍ତି ?''

''ମହାରାଜଙ୍କର ଜୟ ହେଉ । ଆପଣଙ୍କର ସିଦ୍ଧାନ୍ତ ଠିକ୍ ।'' ସମସ୍ତେ ସମସ୍ୱରରେ କହିଲେ ।

ରାଜା ମନ୍ଦିର ଭିତରକୁ ଯାଇ ସ୍ୱର୍ଣ୍ଣମୁଦ୍ରାଟି ନେଇ ଆସିଲେ । ଉପସେନାପତିମାନଙ୍କୁ ଚକ୍ରାକାରେ ମଣ୍ଡପଟିକୁ ଘେରି ଠିଆ ହେବାକୁ ନିର୍ଦ୍ଦେଶ ଦେଲେ ।

''ହେ ଭଗବାନ୍ ! ତୁମ ଇଚ୍ଛା ପୂର୍ଣ୍ଣ ହେଉ !'' କହି ରାଜା ମୁଦ୍ରାକୁ ମୁଣ୍ଡରେ ଛୁଇଁଲେ । ଅତଃପର ସେ ମୁଦ୍ରାଟି ଶୂନ୍ୟକୁ ଫୋପାଡ଼ିଲେ । ମୁଦ୍ରା ମଣ୍ଡପ ଉପରେ ପଡ଼ିବା ମାତ୍ରେ ରାଜା ଉପସେନାପତିମାନଙ୍କୁ ହିଁ ତାହା ଉପରେ ଦୃଷ୍ଟିପାତ କରିବାକୁ ନିର୍ଦ୍ଦେଶ ଦେଲେ ।

ସେମାନେ ଦେଖିଲେ ମୁଦ୍ରାର ଦୃଶ୍ୟମାନ ପିଠି ଉପରେ ଦିଅଁଙ୍କ ମୂର୍ତ୍ତି ।

''ମହାରାଜଙ୍କର ଜୟ ହେଉ, ଜୟ ହେଉ । ଆମ ବିଜୟ ସୁନିଶ୍ଚିତ, ସୁନିଶ୍ଚିତ !'' ବୋଲି ସେମାନେ ଉଲ୍ଲାସଭରେ ନିଜ ନିଜ ତରବାରି ଉଦ୍ୟତ କରି କହିଲେ ।

''ବେଶ୍ । ଆମ ବିଜୟ ସୁନିଶ୍ଚିତ । ମୁଁ ବର୍ତ୍ତମାନ ଆପଣମାନଙ୍କ ପ୍ରଧାନ ସେନାପତି !'' ରାଜା ନିଜେ ଅସି ଉତ୍ତୋଳନ କରି କହିଲେ ।

ରାଜାଙ୍କ ନେତୃତ୍ୱରେ ସୈନ୍ୟବାହିନୀ ରାଜ୍ୟ ସୀମାନ୍ତରେ ପହଞ୍ଚିଲେ । ଶତ୍ରୁପକ୍ଷକୁ ଆହ୍ୱାନ ଦିଆଗଲା — ''ଆସ ଆକ୍ରମଣ କରିବ ପରା ? କର ! ଆମେ ପ୍ରସ୍ତୁତ ।''

ଶତ୍ରୁପକ୍ଷର ଗୁପ୍ତଚର ଯାଇ ତାଙ୍କ ରାଜାଙ୍କୁ କହି ଦେଇଥା'ନ୍ତି — ଦିଅଁ ରୁଦ୍ରପୁରର ଜୟ ହେବ ବୋଲି ନିର୍ଭୁଲ ସଙ୍କେତ ଦେଇଛନ୍ତି । ଏକ ଦିଗରେ ସେ ସମ୍ବାଦ ଏବଂ ଅନ୍ୟ ଦିଗରେ ସେମାନଙ୍କ ରାଜାଙ୍କ ନେତୃତ୍ୱରେ ରୁଦ୍ରପୁର ବାହିନୀର ପ୍ରଚଣ୍ଡ ସଂକଳ୍ପ — ଏଥିରେ କୁନ୍ଦନପୁରୀ ରାଜା ଭୟଭୀତ ହୋଇ ନାନାଦି ଉପଢ୍ୌକନ ସହ ପଠାଇଲେ ଦୂତ । ଦୂତକୁ ସ୍ୱାଗତ କରାଗଲା । ଦୂତ କହିଲା, ''ମହାରାଜ, ଆପଣ କ'ଣ ବିଶ୍ୱାସ କରୁଛନ୍ତି ଆମ ରାଜା ଆପଣଙ୍କ ରାଜ୍ୟ ଆକ୍ରମଣ କରିଥା'ନ୍ତେ ? ସେ ଟିକିଏ ଥଟ୍ଟା କରୁଥିଲେ ! ବାସ୍ତବରେ ତାଙ୍କ ଇଚ୍ଛା, ଆପଣଙ୍କ ରାଜକୁମାର ଆମ ଜେମାଙ୍କୁ ବିବାହ କରିବେ । ସମୁଧୀ ବନିବା ପୂର୍ବରୁ ସେ ଟିକିଏ ସମୁଧୀସୁଲଭ ଆଚରଣ କରୁଥିଲେ । କ୍ଷମା କରନ୍ତୁ ।''

ରୁଦ୍ରପୁର ରାଜା ଦୂତ ହାତରେ ବେଶ୍ କିଛି ଉପହାର ପଠାଇଲେ ଏବଂ ଆନନ୍ଦରେ ସେ ବିବାହ ପ୍ରସ୍ତାବ ଗ୍ରହଣ କରୁଛନ୍ତି ବୋଲି ଜଣାଇଲେ । ବାତାବରଣରେ ବିରାଜମାନ କଲା ଶାନ୍ତି । ତା'ପରେ ଲାଗିଲା ବୈବାହିକ ଧୁମଧାମ ! ଉଭୟ ରାଜ୍ୟର ପ୍ରଜାବର୍ଗଙ୍କ ଆନନ୍ଦ କଥା କହିଲେ ନ ସରେ ।

କେହି ଜାଣିଲେ ନାହିଁ ଯେ ସେ ସ୍ୱର୍ଣ୍ଣମୁଦ୍ରାର ଦୁଇପାଖ ଥିଲା ଏକ ପ୍ରକାର । ଦୁଇ ପାଖରେ ହିଁ ଦିଅଁଙ୍କ ମୂର୍ତ୍ତି ଥିଲା ! ସ୍ୱୟଂ ରାଜା ବି ଏକଥା ଜାଣିଥିଲେ କି ନା ଆମକୁ ଜଣା ନାହିଁ !

❑❑❑

ସଂପୂର୍ଣ୍ଣ ସାହସ : ଯେକୌଣସି କ୍ଷେତ୍ର ହୋଇଥାଉ ଓ ଯେକୌଣସି ବିପଦ ହୋଇଥାଉ ପଛକେ, ଦୃଷ୍ଟିକୋଣ ସେହିପରି ସ୍ଥିର ଓ ସୁନିଶ୍ଚିତ ହୋଇ ରହିଥିବ, କେବେହେଲେ ବଦଳୁ ନଥିବ ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୬)

## ମହେନ୍ଦ୍ରନାଥ ସ୍ୱାଇଁ

**ଆମ ଭିତରର ବାସ୍ତବତା :**

ଯେତେବେଳେ ପୂର୍ବାକାଶରେ ପ୍ରଥମ ଛାୟାଟି ଦୃଷ୍ଟିପଥାରୂଢ଼ ହୁଏ, ଯେତେବେଳେ ଗୋଧୂଳି ତା'ର ଧୂସର ବର୍ଣ୍ଣର ଅଞ୍ଚଳଟିକୁ ସମସ୍ତଙ୍କ ଉପରେ ଢାଙ୍କି ଦିଏ ରାତ୍ରିର ଅନ୍ଧକାରରୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଯେତେବେଳେ ଗୌରବୋଜ୍ଜ୍ୱଳ ସୂର୍ଯ୍ୟ ରଜନୀ ରାଣୀଙ୍କୁ ସମ୍ମାନ ପ୍ରଦର୍ଶନପୂର୍ବକ କ୍ରମଶଃ ପଶ୍ଚିମ ଦିଗ୍‌ବଳୟ ଭିତରକୁ ଅବରୋହଣ କରୁଥା'ନ୍ତି, ଠିକ୍ ସେତିକିବେଳେ ପ୍ରକୃତି ଭିତରେ ଏବଂ ପ୍ରକୃତି ସୃଷ୍ଟ ଜୀବମାନଙ୍କ ଭିତରେ ସୃଷ୍ଟି ହୋଇଥାଏ ଏକ ଅପୂର୍ବ ସ୍ୱର୍ଗୀୟ ଶିହରଣ; ଚକ୍ଷୁ ମୁଦ୍ରିତ ହୋଇଯାଏ, କରପତ୍ର ଦ୍ୱୟ ପରସ୍ପରକୁ ଆଲିଙ୍ଗନପୂର୍ବକ ଏକ ପବିତ୍ର, ଦିବ୍ୟ ଅଭୀପ୍ସାର ମୁଦ୍ରାରେ ଅନ୍ତର ଭିତରେ ଦିନସାରା ସାଇତି ରଖିଥିବା ପ୍ରେମକୁ ଢାଳି ଦେଇଥା'ନ୍ତି ପରମ ପ୍ରଭୁଙ୍କ ପାଦପଦ୍ମରେ – ''ହେ ପ୍ରଭୁ ! ଅଦ୍ୟ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଯାହା ହୋଇଛି ସେଥିରେ ଆପଣଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହୋଇଛି ।''

ନୀଡ଼କୁ ପ୍ରତ୍ୟାବର୍ତ୍ତନ କରୁଥିବା ପକ୍ଷୀମାନଙ୍କର କାକଳି, ପକ୍ଷଚାଳନା, ଅନ୍ତରୀକ୍ଷରେ ଶ୍ରେଣୀବଦ୍ଧ, ଶୃଙ୍ଖଳିତ, ସଙ୍ଗତିପୂର୍ଣ୍ଣ ଉଡ୍‌ଡ଼ୟନରେ ସୃଷ୍ଟ ଅପୂର୍ବ ଚିତ୍ରପଟ ସଂଦର୍ଶନରେ ଯେ କେହି ବ୍ୟକ୍ତି ବିମୋହିତ ହୋଇ ପଡୁଛନ୍ତି । ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିବା ଗାଭୀଟିଏ; ଖୁରା ତା'ର ଚଳଚଞ୍ଚଳ, ଘରେ ଛାଡ଼ି ଯାଇଛି ସୁନ୍ଦର ଛୁଆଟିଏ, ଫେରିଆସି ତାକୁ ଗେଲ କରିବ, ତା' ବେକ ଉପରେ ନିଜ ବେକକୁ ଲଦି ଦେଇ ଜିଭରେ ମୁହଁକୁ ଟିକେ ଚାଟି ଦେଇ କହିବ, ''ଆ, ଖାଇ ଦେ'' । କାରଣ ସେ ଜାଣେ ନିଜ ଛୁଆକୁ କ୍ଷୀର ଦେଲା ପରେ ଦୋହନ ପ୍ରକ୍ରିୟାଟି ସୁଗମ ହୋଇ ଥାଏ ।

କତିପୟ ସବୁଜ ବୃକ୍ଷ, ଲତା, ଗୁଳ୍ମ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କର ଅନୁପସ୍ଥିତିକୁ ଲକ୍ଷ୍ୟ କରି ଖୋଲା ପତ୍ରମାନଙ୍କୁ ଯୋଡ଼ି ଦେଇ ମୁଦ୍ରିତ ହୋଇ ଧ୍ୟାନମଗ୍ନ ହୋଇ ଯାଉଛନ୍ତି, ଅନ୍ୟ କେତେକ ମହିରୁହ ଲକ୍ଷ ଲକ୍ଷ ଶାଖାପ୍ରଶାଖା ରୂପକ ବାହୁ ଉତ୍ତୋଳନପୂର୍ବକ ଅସ୍ତଗାମୀ ତପନକୁ ବିଦାୟ ପ୍ରଣାମ ଜଣାଉଛନ୍ତି । ଗୋଟିଏ ଦିବସର କାର୍ଯ୍ୟ ସମାପ୍ତ ହୁଅନ୍ତେ ଏତାଦୃଶ ନମ୍ର, ସୁନ୍ଦର, ଶାନ୍ତ ପରିବେଶଟି ଯୋଗୀ, ଋଷି ଓ ତପସ୍ୱୀମାନଙ୍କ ଚେତନାକୁ ଊର୍ଦ୍ଧ୍ୱଗାମୀ କରିବାରେ ଏବଂ ସାଧାରଣ ଲୋକଟିର ଭିତରକୁ ଯାଇ "Inner isolation" ବା ''ଅନ୍ତଃ ସଙ୍ଗରୋଧୀ'' (Quarantine) ଏକୁଟିଆ କିଛି ସମୟ ରହିଯିବା ପାଇଁ ଉପଯୁକ୍ତ ପରିବେଶଟିଏ ପ୍ରଦାନ କରୁଛି । ଏହିପରି ଏକ ଅପୂର୍ବ ବେଳାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି ଅଗଷ୍ଟ ୧୫, ୧୯୧୩ ତାରିଖରେ –

> "In this even-fall, Thy Peace deepens and grows more sweet and Thy Voice more clear and distinct in the silence that fills my being."
>
> (Prayers and Meditations, P. 28)

''ଏହିପରି ଶୃଙ୍ଖଳିତ ସୁସଙ୍ଗତ ସୂର୍ଯ୍ୟାସ୍ତର ଅପୂର୍ବ ବେଳାରେ ହେ ପ୍ରଭୁ, ଆପଣଙ୍କର ଦିବ୍ୟ ପ୍ରଶାନ୍ତି ଗଭୀରରୁ ଅଧିକ ଗଭୀରକୁ ଭେଦି ଯାଉଛି ଏବଂ ଅଧିକ ମଧୁର ହୋଇ ଉଠୁଛି ଏବଂ ଆପଣଙ୍କର ଦିବ୍ୟ-ସ୍ୱର ଗଭୀର ନୀରବତା ଭିତରେ ଅଧିକ ପରିଷ୍କାର ଏବଂ ସୁସ୍ପଷ୍ଟ ହୋଇ ମୋର ସତ୍ତାକୁ ପରିପୂର୍ଣ୍ଣ କରି ଦେଉଛି ।''

ଦିବସାନ୍ତେ ସୂର୍ଯ୍ୟ ପଶ୍ଚିମ ଆକାଶରେ କ୍ରମଶଃ ନିମ୍ନାବତରଣ କରନ୍ତି; ସନ୍ଧ୍ୟା ଆସେ, ଏହା ''ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ'' । ଏହି ଅନୁଷ୍ଠାନରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୁଏ ନାହିଁ । ଏହାକୁ ଦିବ୍ୟଜନନୀ "this even-fall" ବୋଲି ଉଲ୍ଲେଖ କରିଛନ୍ତି । ଆମେ ଆମର ସାଧାରଣ ମନରେ ଏହାର ଗୁରୁତ୍ୱ ଅନୁଭବ କରିପାରୁ ନାହିଁ କିନ୍ତୁ ଏହା ଘଟେ, ଘଟୁଛି ଓ ଘଟୁଥିବ ।

ଏହା ହେଉଛି ଅଭିନବ ଯାଦୁକରି ଅଦ୍ଭୁତ ସନ୍ଧ୍ୟା କାଳର ଦୃଶ୍ୟ, ଏହା ଅନୁଭବୀର ଅନୁଭବକୁ ଋଦ୍ଧିମନ୍ତ କରେ । ଜୀବନ ଜଞ୍ଜାଳର ବ୍ୟସ୍ତ ବିବ୍ରତ ବିପଣୀର ବହୁ ଦୂରରେ ଏକ ନିଭୃତ

କୋଣରେ ଦଣ୍ଡାୟମାନ ହୋଇ ଅଥବା ଏକ ପୁଷ୍ପଶୋଭିତ ସୁନ୍ଦର ବାଟିକା ମଧ୍ୟରେ ଉପବେଶନ କରି ବା ରଜତ-ବାଲୁକା ସନ୍ଧ୍ୟାରେ ଶୟନ କରିଥିବା ନଦୀ କୂଳରେ ହେଉ କିଂବା ସମୁଦ୍ର ବେଳାରେ ହେଉ କିଛି ସମୟ ଧ୍ୟାନମଗ୍ନ ହୋଇ ଆମେ ବସିଗଲେ ମଧୁର, ଚମତ୍କାର ତଥା ସମ୍ଭାବନାପୂର୍ଣ୍ଣ ନୀରବତା ସମ୍ବନ୍ଧରେ ସଚେତନ ହୋଇଯାଉ । କାରଣ ଶ୍ରୀଅରବିନ୍ଦ ମନ୍ତ୍ରମୟୀ ''ସାବିତ୍ରୀ'' ମହାକାବ୍ୟରେ ଉଲ୍ଲେଖ କରିଥିବା ମନ୍ତ୍ରଟି –

"In absolute silence sleeps an absolute Power."

(Savitri, P. 311)

ଉକ୍ତ ପ୍ରାର୍ଥନାଟିରେ ମା ପରମ ପ୍ରଭୁଙ୍କର ଦିବ୍ୟ ମଧୁର ସ୍ୱର ସ୍ପଷ୍ଟ ଶୁଣି ପାରୁଛନ୍ତି, ପ୍ରତ୍ୟେକ ଦିବ୍ୟ ଶବ୍ଦକୁ ପୃଥକ୍ ପୃଥକ୍ ଭାବରେ ହୃଦୟରେ ଅନୁଭବ କରୁଛନ୍ତି । ମା'ଙ୍କର ସମଗ୍ର ସତ୍ତାରେ ଏହି ଭାବ ପୂର୍ଣ୍ଣ ହୋଇଯାଉଛି । ଆମ୍ଭମାନଙ୍କ ନିମନ୍ତେ ଦିବ୍ୟଜନନୀଙ୍କର ଏହି ଉକ୍ତି ସାଧନାର ମାଧ୍ୟମ ଓ କର୍ମ-ପ୍ରେରଣାର ଉତ୍ସ । ଏହା ପାଠ କଲେ ଆମ୍ଭମାନଙ୍କର ହୃଦୟରେ ସ୍ଥିତ ପରମ ପ୍ରେମିକଙ୍କ ଦିବ୍ୟମୂର୍ତ୍ତି ଉଦ୍ଭାସିତ ହୋଇ ଉଠେ, ବହୁ ଦୂରରୁ ତାଙ୍କ ଦିବ୍ୟ ସ୍ୱର ରହି ରହି ଭାସି ଆସୁଥିବା ପରି ଶ୍ରୁତିଗୋଚର ହୁଏ । ସେହି ଦିବ୍ୟସ୍ୱର ପ୍ରତୀକଧର୍ମୀ ମଧ୍ୟ ହୋଇ ପାରେ । ଯଥା : ସୁମଧୁର ବଂଶୀର ସ୍ୱନ, ଝିଙ୍କାରିର ଝିଁ ଝିଁ ଶବ୍ଦ, ନୂପୁରର ଝୁଣୁଝୁଣୁ ଶବ୍ଦ ଅଥବା ମନ୍ଦିରରୁ ଭାସି ଆସୁଥିବା ସନ୍ଧ୍ୟା ଆଳତିର ଘଣ୍ଟ-ଘଣ୍ଟାର ଶବ୍ଦ ମଧ୍ୟ ହୋଇ ପାରେ । ଧ୍ୟାନ ପ୍ରାର୍ଥନାର ଅନେକ ସ୍ଥଳରେ ମା'ଙ୍କର ପରମ ପ୍ରଭୁଙ୍କ ପ୍ରତି ଏତାଦୃଶ ଆହ୍ୱାନ ତଥା ଆତ୍ମନିବେଦନର ପରିପୂର୍ଣ୍ଣ ଚିତ୍ରକଳ୍ପମାନ ପ୍ରସ୍ଫୁଟିତ ହୋଇ ଅଛନ୍ତି । ଏହି ସମସ୍ତ ଦିବ୍ୟଭାବ ଏକତ୍ରିତ ହୋଇଛନ୍ତି ମା'ଙ୍କର 'ରାଧାଙ୍କ ପ୍ରାର୍ଥନା'ରେ – ଯାହା ପ୍ରାର୍ଥନା ଜଗତର ଦିବ୍ୟ-ପଥରେ ଏକ ହୀରକ ନିର୍ମିତ ସ୍ତମ୍ଭ, ଶାଶ୍ୱତ, ଅକ୍ଷୟ ମାଇଲଖୁଣ୍ଟ । ସେହି ''ରାଧାଙ୍କ ପ୍ରାର୍ଥନା''ର ଅନ୍ତଃସ୍ରୋତ ଆଲୋଚିତ ଅଗଷ୍ଟ ୧୫, ୧୯୧୩ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ପ୍ରକାଶିତ ହୋଇଅଛି । ତାହା ହେଲା :

> "O Divine Master, Thine is all our life, our thought, our love, all our being. Take unto Thyself once more what is Thine; for Thou art ourselves in our Reality."

(Prayers and Meditations, P. 28)

''ହେ ମୋର ଦିବ୍ୟପ୍ରଭୁ, ଆମର ସମଗ୍ର ଜୀବନ ଆପଣଙ୍କର, ଆମର ସକଳ ଭାବନା, ଚିନ୍ତା, ଆମର ପ୍ରେମ, ଆମର ସମଗ୍ର ସତ୍ତା ମଧ୍ୟ ଆପଣଙ୍କର । ଏହି ସମସ୍ତଙ୍କୁ ଆପଣ ଆଉ ଥରେ ନିଜ ଭିତରକୁ ଟେକି ନିଅନ୍ତୁ – କାରଣ ଏହି ସବୁ ତ ଆପଣଙ୍କର ନିଜର; କାରଣ ଆପଣ ହିଁ ଆମ୍ଭମାନଙ୍କ ଭିତରେ ବିରାଜିତ, ଆମର ପ୍ରକୃତ ବାସ୍ତବତା ହିଁ ଆପଣ ।''

ଏହା ହିଁ ଜୀବାତ୍ମାର ପରମାତ୍ମାଙ୍କ ପ୍ରତି ଆହ୍ୱାନ, ନିବେଦନ, ଶ୍ରୀରାଧାଙ୍କର ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ପ୍ରତି ଆତ୍ମନିବେଦନ; ଏହା ହିଁ ନିତ୍ୟ-ବୃନ୍ଦାବନରେ ରାଧାକୃଷ୍ଣଙ୍କର ଦିବ୍ୟ ଲୁଚକାଳି ଖେଳ । ଆବୃତ ହେବା ଓ ପୁନଶ୍ଚ ଅନାବୃତ ହେବାର ଦିବ୍ୟ ପ୍ରକ୍ରିୟା । ଏହି କ୍ରୀଡ଼ା ଚାଲିଥିବ ଯେପର୍ଯ୍ୟନ୍ତ ଆମର ଆତ୍ମା ଏହାକୁ ଅନୁଭବ କରି ନାହାନ୍ତି ବା କହି ପାରି ନାହାଁନ୍ତି ।

"Thou art ourselves in our Reality."

ହେ ପ୍ରଭୁ, ''ଆମ ଭିତରେ ଆମର ପ୍ରକୃତ ବାସ୍ତବତା ହିଁ କେବଳ ଆପଣ ସ୍ୱୟଂ ।''

ଯେପର୍ଯ୍ୟନ୍ତ ସେହି ଦିବ୍ୟ ଆନନ୍ଦମୟ ମୁହୂର୍ତ୍ତଟି ଉପସ୍ଥିତ ହୋଇ ନାହିଁ ସେପର୍ଯ୍ୟନ୍ତ ଆମ୍ଭେମାନେ ମା'ଙ୍କର ଉକ୍ତ ପ୍ରାର୍ଥନାରେ ଉଲ୍ଲିଖିତ ଦିବ୍ୟ-ସନ୍ଧ୍ୟାର ସୂତ୍ରମାନଙ୍କୁ ଦୃଢ଼ ଭାବରେ ଧରି ଉପଯୋଗ କରିବା, ଏକ ଅନୁପମ ଆନ୍ତର ଜଗତଟିଏ ସୃଷ୍ଟି କରି ତନ୍ମଧ୍ୟରେ ବାସ କରିବା । ତାହା ହେଲେ ଯାଇଁ ଆମ ଜୀବନ ବ୍ୟାପାରରେ ଯେଉଁ ଘନଘଟା ଆସି ଆମକୁ ମାଡ଼ି ବସୁଛି ସେଥିରୁ ସୁରକ୍ଷିତ ହୋଇ କର୍ମ-ଯୋଗରେ ଲିପ୍ତ ହୋଇ ପାରିବା ।

ଉକ୍ତ ପ୍ରାର୍ଥନାରେ ଦିବ୍ୟପ୍ରେମର ଏକ ରହସ୍ୟାବୃତ ଭିତିରି କଥା ନିହିତ ଅଛି । ତାହା ହେଉଛି ପ୍ରାର୍ଥନାଟିର ତାରିଖ – ଅଗଷ୍ଟ ୧୫, ୧୯୧୩ ଯାହା ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ । ମା ସେତେବେଳେ ଭାରତ ବର୍ଷକୁ ଆସି ନାହାନ୍ତି, ଶ୍ରୀଅରବିନ୍ଦଙ୍କୁ ସ୍ଥୂଳ ଶରୀରରେ ଦର୍ଶନ କରି ନାହାନ୍ତି, କିନ୍ତୁ ତାଙ୍କୁ ସ୍ୱପ୍ନରେ ଦର୍ଶନ କରିଛନ୍ତି; ଯାହାଙ୍କୁ ସିଏ ''କୃଷ୍ଣ'' ବୋଲି ସମ୍ବୋଧନ କରିଛନ୍ତି । ପରବର୍ତ୍ତୀ ସମୟରେ ମାର୍ଚ୍ଚ ୨୯, ୧୯୧୪ ମସିହାରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ଯାହା ମାର୍ଚ୍ଚ ୩୦ ତାରିଖ ପ୍ରାର୍ଥନାରେ ଲେଖିଛନ୍ତି ତାହା ସର୍ବଜନବିଦିତ । ଏହି ପରିପ୍ରେକ୍ଷୀରେ ଜନୈକ ତରୁଣ ସାଧକଙ୍କର ଅନୁଭୂତି ବର୍ଣ୍ଣନା କଲେ ଆମେ ଜାଣି ପାରିବା ଦିବ୍ୟଜନନୀ ଶ୍ରୀମା କିପରି ତାଙ୍କର ସନ୍ତାନମାନଙ୍କୁ ସର୍ବଦା ତାଙ୍କ ସୁରକ୍ଷାର ବଳୟ ଭିତରେ ରଖୁଥିଲେ ତାହା ହୃଦୟଙ୍ଗମ କରିପାରିବା –

ସାଧକ-ଭକ୍ତ ଜଣକ ୧୯୫୦ ଅଗଷ୍ଟ ୧୫ ଦର୍ଶନକୁ ଆସିବା ନିମନ୍ତେ ମା'ଙ୍କର ଅନୁମତି ପ୍ରାପ୍ତ ହୋଇ ଥାଆନ୍ତି । ସେତେବେଳେ ପଣ୍ଡିଚେରୀ ଆସିବାକୁ ହେଲେ ''ପାସପୋର୍ଟ''ର ଆବଶ୍ୟକତା ହେଉଥାଏ । ବହୁକଷ୍ଟରେ 'ପାସପୋର୍ଟ'ଟି ଯୋଗାଡ଼ କରିଥା'ନ୍ତି । ତାଙ୍କୁ ସେତେବେଳେ ଚବିଶ ବର୍ଷ । ଆଶ୍ରମରେ ପହଞ୍ଚି ପ୍ରଥମେ ସେ ରବୀନ୍ଦ୍ରଜିଙ୍କୁ ସାକ୍ଷାତ୍ କଲେ ଏବଂ ତାଙ୍କୁ ଅନୁରୋଧ କଲେ କିଛି କାମ ଦେବା ପାଇଁ । ରବୀନ୍ଦ୍ରଜି ତାଙ୍କୁ ମା'ଙ୍କ ପାଖକୁ ନେଇଗଲେ । ମା ତାଙ୍କ ଆଖିକୁ ଚାହିଁଲେ ଏବଂ ସିଏ ମା'ଙ୍କ ଆଖିକୁ । ମା ସମ୍ମତି ସୂଚକ ସ୍ମିତହାସ୍ୟଟି ପ୍ରଦାନ କରି କୃପାବାରି ବର୍ଷଣ କରିବାକୁ ଲାଗିଲେ । ଯୁବ ଭକ୍ତଙ୍କୁ ରବୀନ୍ଦ୍ରଜି କିଛି କାମରେ ନିୟୋଜିତ କରି ଦେଲେ ।

ଏହା ଭିତରେ ତିନିମାସ ବିତିଗଲା । ଦିନେ ଯୁବ-ସାଧକ ଜଣକ ରବୀନ୍ଦ୍ରଜିଙ୍କୁ ନମ୍ରତାର ସହିତ ଜିଜ୍ଞାସା କଲେ, 'ରବୀନ୍ଦ୍ରଜି ! ମା ମୋତେ ଗ୍ରହଣ କରିଛନ୍ତି ଟି ? ରବୀନ୍ଦ୍ରଜି ଏହି କଥାକୁ ମା'ଙ୍କ ଦୃଷ୍ଟିକୁ ଆଣିଲେ । ମା'ଙ୍କର ଉତ୍ତର, ''ଯଦି ସିଏ ନିଶ୍ଚିତ ନୁହନ୍ତି, ତା'ହେଲେ ଘରକୁ ଫେରିଯାଇ ପାରନ୍ତି ।'' ମା'ଙ୍କର ଏତାଦୃଶ ଉତ୍ତରରୁ ସୂଚନା ମିଳିଲା ଯେ ମା ତାଙ୍କ ରହିବାରେ ମୋହର ଲଗାଇ ଦେଇଛନ୍ତି । ଭକ୍ତଙ୍କର ଆନନ୍ଦ କହିଲେ ନ ସରେ । ଯୁଆଡ଼େ ଯାଉଥା'ନ୍ତି ମା'ଙ୍କୁ ଦର୍ଶନ କରୁଥା'ନ୍ତି – ସକାଳେ ବାଲକୋନୀ ଦର୍ଶନ, ସକାଳ ୯ଟା ୧୦ ମିନିଟରେ ଧ୍ୟାନଗୃହରେ ଆଶୀର୍ବାଦ ଗ୍ରହଣ, ଅପରାହ୍ଣ ୪ଟାରେ ମା ଯେତେବେଳେ 'ଟେନିସ ଗ୍ରାଉଣ୍ଡ'କୁ ଯାଆନ୍ତି ସେତେବେଳେ ଆଶ୍ରମ ପ୍ରାଙ୍ଗଣର ଗୋଟିଏ କୋଣରେ ଠିଆ ହୋଇ ମା'ଙ୍କୁ ଦର୍ଶନ, ଟେନିସ ଗ୍ରାଉଣ୍ଡରୁ ଫେରି ମା ''ପ୍ଲେ-ଗ୍ରାଉଣ୍ଡ''କୁ ଗଲାବେଳେ ଗେଟ୍ ପାଖରେ ଟିକିଏ ଦୂରକୁ ଠିଆ ହୋଇ ପୁନଃ ଦର୍ଶନ ଏବଂ ମା ଆଶ୍ରମକୁ ଫେରିଲା ବେଳେ ଆଶ୍ରମ ପ୍ରାଙ୍ଗଣରେ ଠିଆ ହୋଇ ଦର୍ଶନ – ଏହିପରି ପ୍ରତିଦିନ ଦିବ୍ୟ ଜନନୀଙ୍କୁ ପାଞ୍ଚ ଥର ଦର୍ଶନ କରି ତାଙ୍କର ମନ, ପ୍ରାଣ, ଶରୀର ଓ ଚୈତ୍ୟପୁରୁଷ ପୁଲକିତ ହୋଇ ଉଠୁଥାଏ । ତାଙ୍କର ମନେ ହେଉଥାଏ ସେ ଏକ ଦିବ୍ୟ ଆନନ୍ଦର ସମ୍ମୋହନ ଭିତରେ ବୁଡି ଯାଇଛନ୍ତି ।

ଅଗଷ୍ଟ ୧୫ ଦର୍ଶନ ଦିବସଟି ଉପସ୍ଥିତ ହେଲା । ଧାଡ଼ିରେ ଯାଇଁ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଅନୁଭବ କଲେ ଯେପରି ପ୍ରଭୁଙ୍କ ଠାରୁ ଏକ ପ୍ରଚଣ୍ଡ ପ୍ରଶାନ୍ତି ବିଚ୍ଛୁରିତ ହୋଇ ତାଙ୍କ ଦେହରେ ପ୍ରବେଶ କରୁଛି । ଶ୍ରୀଅରବିନ୍ଦ ସାକ୍ଷାତ୍ ଶିବଙ୍କ ପରି ଦେଖା ଯାଉଛନ୍ତି ଏବଂ ମହାଦେବଙ୍କର ବିଭାବ, ସତ୍ୟ-ଶିବ-ସୁନ୍ଦର, ପ୍ରଶାନ୍ତି ଓ ଆଲୋକର ପରିପ୍ରକାଶ ତାଙ୍କ ଶ୍ରୀମୁଖରୁ ବିଚ୍ଛୁରିତ ହେଉଛି ଏବଂ ଚତୁଃପାର୍ଶ୍ୱରେ ଖେଳି ଯାଉଛି । ଭକ୍ତଙ୍କ ହୃଦୟ ଭିତରେ ସେହି ଶାନ୍ତି ଓ ନିରବତା ସ୍ଥାୟୀ ହୋଇ ରହିଗଲା, ତାଙ୍କ ମନ ନୀରବ ନିଶ୍ଚଳ ହୋଇଗଲା, ଶାନ୍ତ ହୋଇଗଲା ଏବଂ ଚିନ୍ତାମୁକ୍ତ ହୋଇଗଲା । ସେହିଦିନ ଠାରୁ ମା'ଶ୍ରୀଅରବିନ୍ଦ ତାଙ୍କର ଇଷ୍ଟଦେବତା ହୋଇ ଗଲେ ।

ଶ୍ରୀଅରବିନ୍ଦଙ୍କ ଦେହରକ୍ଷା ପରେ ମା ''ପ୍ଲେ-ଗ୍ରାଉଣ୍ଡ''ରେ ଫରାସୀ ଭାଷା ଶିଖାଇବା ପାଇଁ ପିଲାମାନଙ୍କର କ୍ଲାସ ଆରମ୍ଭ କଲେ । ସେହି ଯୁବ ସାଧକଙ୍କୁ ମା ସେହି କ୍ଲାସରେ ଯୋଗ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହି ସମୟରେ ତାଙ୍କ ନିଜ ସମ୍ବନ୍ଧରେ ବହୁତ କଠିନ ନିଷ୍ପତ୍ତି ନେବାକୁ ହୋଇଥିଲା ଏବଂ ପ୍ରତିଥର ମା ତାଙ୍କ ପାଖରେ ଉପସ୍ଥିତ ରହି ତାଙ୍କର ପ୍ରେମ ଓ ସୁରକ୍ଷାର ହସ୍ତ ତାଙ୍କ ମୁଣ୍ଡ ଉପରେ ରଖି ସାହାଯ୍ୟ କରିଥିବା ସେ ପ୍ରକାଶ କରିଛନ୍ତି । ମା'ଙ୍କର ଦେହରକ୍ଷା ପରେ ମଧ୍ୟ ମା'ଙ୍କ ସହିତ ତାଙ୍କର ସମ୍ପର୍କ ଆହୁରି ଗଭୀରତର ହେଲା । ଥରେ ସେ ସ୍ୱପ୍ନରେ ଦେଖିଲେ ମା ତାଙ୍କ ପାଖରେ ଠିଆ ହୋଇଛନ୍ତି ଏବଂ ପଚାରୁଛନ୍ତି ''How are you'' ? ମା'ଙ୍କ ଦିବ୍ୟ ଓଷ୍ଠାଧରରେ ସ୍ମିତହାସ୍ୟର ମଧୁଝର । ମା'ଙ୍କୁ ପାଖରେ ଦେଖି ତାଙ୍କ ଚକ୍ଷୁଦ୍ୱୟରୁ ଦୁଇଧାର ଆନନ୍ଦାଶ୍ରୁ ବୋହି ଆସିଲା । ସାହସ ବାନ୍ଧି କହିଲେ, ''ମା, ମୋର ସାଧନା ଆରମ୍ଭରୁ ମୁଁ ଶାରୀରିକ ଓ ପ୍ରାଣିକ କଷ୍ଟ ଭୋଗୁଛି, ମା ଦୟାକରି ମୋତେ ଏଥିରୁ ମୁକ୍ତ କରି ଦିଅନ୍ତୁ ।'' ତତ୍ପରେ ମା ତାଙ୍କୁ ଅଭୟ ପ୍ରଦାନ କରି ହାତକୁ ଧରିଲେ ଏବଂ ତାଙ୍କୁ ଗାଡ଼ିରେ ବସାଇ ଦୁଇ ଘଣ୍ଟା କାଳ ବୁଲାଇ ଥିଲେ ।

ତା' ପରଦିନ ସେହି ସାଧକ ଜଣଙ୍କ ନଳିନୀଦାଙ୍କୁ ତାଙ୍କ ସ୍ୱପ୍ନ ବିଷୟରେ କହିଥିଲେ । ସବୁ ଶୁଣି ସାରିଲା ପରେ ନଳିନୀଦା କହିଲେ, ''You are fortunate in having Mother's contact even after her passing away.''

ଏହା ହିଁ ଆଲୋଚ୍ୟ ପ୍ରାର୍ଥନାଟିର ଅନ୍ତଃସ୍ରୋତ, ତାହା ହେଲା, ''ହେ ମା, ଆମ ଭିତରେ ଆମର ପ୍ରକୃତ ବାସ୍ତବତା କେବଳ ଆପଣ ସ୍ୱୟଂ ।''

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. Prayers and Meditations : The Mother

୨. Musing with the Mother's Prayers and Meditations – Shyam Kumari

୩. How they came to Sri Aurobindo and the Mother – Shyam Kumari ❑


# କୋଟି କୋଟି ଦଣ୍ଡବତ !

## ସୁନାମଣି ରାଉତ

ତୁମେ ଗଢ଼ିଛ ଏ ସୁନ୍ଦର ସଂସାର
ଅପରୂପ ତା'ର ଶୋଭା
ସୂର୍ଯ୍ୟ ଚନ୍ଦ୍ରତାରା ସସାଗରା ଧରା
ଆହା କେଡ଼େ ମନଲୋଭା !

କଳା କୋଇଲିର କଣ୍ଠରେ ଦେଇଛ
ସତେ କେଡ଼େ ମିଠା ସୁର
ଫୁଲ ପାଖୁଡ଼ାରେ ଭରିଛ ସୁରଭି
ଦୁଃଖ ହୋଇଯାଏ ଦୂର ।

ସୁନୀଳ ଆକାଶ ଭସା ବଉଦରେ
ଭରିଛ ସଲିଳ କଣା
ଟାଙ୍ଗର ଭୂଇଁକୁ ଉର୍ବର କରିବା
କଉଶଳ ସବୁ ଜଣା ।

ତୁମ ଦୟା ହେଲେ ମୂକ ଯେ ବାଚାଳ
ପଙ୍ଗୁ ଲଙ୍ଘିପାରେ ଗିରି
ପାପୀ 'ଅଜାମିଳ' ମୁକତି ଲଭଇ
'ଶ୍ରିୟା' ଫେରିପାଏ ଶିରୀ ।

ତୁମେ ତ ରହିଛ ଅଣୁରେ ଅଣୁରେ
ସବୁରି ଅନ୍ତର ତଳେ
ନରସିଂହ ହୋଇ ରହିଛ ଖମ୍ବରେ
ମତ୍ସ୍ୟ ରୂପେ ପୁଣି ଜଳେ ।

ଭକତିରେ ବନ୍ଧା ହେ ଦୀନବାନ୍ଧବ
ଭକତ ବତ୍ସଳ ହରି
ତୁମର ତୁଳନା ନାହିଁ ଏ ଜଗତେ
ତୁମେ ଏକା ତୁମ ପରି ।

ବିପଦରେ ଆଜି ପଡ଼ିଛୁ ସଭିଏଁ
ଧରାକୁ ପଡ଼ିଛି ଦୁଃଖ
ତୁମେ ସତ୍ୟ ତୁମେ ଶିବ ସୁନ୍ଦର
ଚକ୍ର ଆଢୁଆଳେ ରଖ ।

ମାରିଲେ ମାରିବ ତାରିଲେ ତାରିବ
ଆହେ ଜଗତର ନାଥ
ତୁମ ଶ୍ରୀଚରଣେ ଘେନାକର ଆମ
କୋଟି କୋଟି ଦଣ୍ଡବତ !! ❑

O Lord, let Thy will be done. Thou art the supreme and perfect protection.
(CWM. Vol. 15, p. 219) – The Mother

ହେ ପ୍ରଭୁ, ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ । ଆପଣ ହିଁ ସର୍ବୋଚ୍ଚ ତଥା ପରିପୂର୍ଣ୍ଣ ସୁରକ୍ଷା ।
– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୪)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ମନେ ହୁଏ ପ୍ରସ୍ତାବଟି ଆସିଥିଲା ଦେଖିବାକୁ ଯେ ପୁରାତନ ଜିନିଷସବୁ କେତେ ଦୂର ଜାଗ୍ରତ୍ କରାଇ ଉଠାଯାଇପାରେ ଏବଂ ନୂତନ ଆନ୍ତର ଚୈତ୍ୟିକ ଜୀବନ କେତେଦୂର ଏଇ ସ୍ପନ୍ଦନକୁ ପ୍ରତ୍ୟାଖ୍ୟାନ କରି ଦେଇପାରେ । ଏହା ପ୍ରାୟ ହିଁ ହୋଇଥାଏ ଯେତେବେଳେ ଭିତର ଆଡୁ ସାମନାକୁ ଆଗେଇ ଯିବା ଦିଗରେ ଏକ ପ୍ରକାର ପ୍ରେରଣା ଆସେ । ଆମେ ନିଶ୍ଚୟ ତୁମକୁ ସାହାଯ୍ୟ କରିବୁ ଏଇସବୁ ପ୍ରସ୍ତାବକୁ ବହିଷ୍କୃତ କରିବାକୁ । ଯେତେ ବି ସେ ଜୋର୍ ଦେଉ ପଛକେ, ଅହଂକାର ଉପରେ କେବଳ ନଜର ରଖିବାକୁ ହେବ ଏବଂ ସେ ଯାହାକିଛି କହିବ ତା'ର ସବୁ ପ୍ରସ୍ତାବକୁ 'ନା' କହିବାକୁ ହେବ, ସେଥିରେ ସେ ଯେଉଁ ଭୂମିକା ବି ଗ୍ରହଣ କରୁ ନା କାହିଁକି, ତା'ର ଚେଷ୍ଟା ଯେ ବିଫଳ ହେବ ତାହା ପ୍ରମାଣ ହୋଇଯିବ । ଏଇ ଭାବରେ ବ୍ୟବହାର କଲେ ସେ ପ୍ରସ୍ତୁତ ହୋଇ ଉଠିବ ସେଇ ମୁହୂର୍ତ୍ତ ନିମନ୍ତେ ଯେତେବେଳେ ଅହଂକାରକୁ ତା'ର ପ୍ରତି କର୍ମକ୍ଷେତ୍ରରୁ ମୂଳୋତ୍ପାଟନ କରିବା ନିମିତ୍ତ ଚୈତ୍ୟ ଟିକିଏ ମାତ୍ର ଧକ୍କା ଦେଲେ ହିଁ ସେ ଖସି ପଡ଼ିବ । ଅଧ୍ୟବସାୟ ସହ ଏବଂ ସ୍ଥାୟୀ ଭାବେ ସେଇ ସାମ୍ପ୍ରତିକ ଗତିବୃତ୍ତିକୁ ସକ୍ରିୟ ରଖ । ତାହା କେବେ ବି ଫଳପ୍ରସୂ ହୋଇ ପାରିବ ନାହିଁ । (୨୧.୦୩.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହି ସଂକଳ୍ପ ଅତି ଉତ୍ତମ । ଆମର ସମସ୍ତ ପ୍ରକାର ସାହାଯ୍ୟ ତୁମ ସହ ରହିବ ଯେଉଁଥିରେ କି ତୁମର ଏଇ ସଂକଳ୍ପ କାର୍ଯ୍ୟ କରିବ ଓ ଫଳପ୍ରଦ ହେବ । ପ୍ରାଣିକ ମନର କର୍ମ ତତ୍ପରତା ସମ୍ବନ୍ଧରେ ଯାହା ତୁମେ କହୁଛ ତାହାକୁ ବହିଷ୍କୃତ କରିବା ଖୁବ୍ କଠିନ କଥା ନୁହେଁ – ଆମେ ତୁମକୁ ସେଥିନିମନ୍ତେ ମଧ୍ୟ ଶକ୍ତି ପ୍ରେରଣ କରିବୁ । ମୁଁ ଶୁଣି ଖୁସି ହେଲି ଯେ ପ୍ରାଣ ଶକ୍ତି ପୁନର୍ବାର ଫେରି ଆସୁଛି – ଶରୀର ସହ ଊର୍ଦ୍ଧ୍ୱର ସଂଯୋଗ ପୁନଃ ସଂସ୍ଥାପନ ହେବା ସଙ୍ଗେ ସଙ୍ଗେ ଏହା ହେବା ହିଁ ନିଶ୍ଚିତ ଥିଲା । (୨୮.୦୩.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ବିଘ୍ନ ବୋଧହୁଏ ତୁମର କେଉଁଠାରେ କୌଣସି ସ୍ଥୂଳ ପ୍ରାଣିକ ଶରୀରର କିଂବା ଅଭ୍ୟାସବଶତଃ ଉଠି ଆସୁଛି ଅବଚେତନ ମଧ୍ୟରୁ । କିନ୍ତୁ ପ୍ରାଣ ଯଦି ଏଇ ନୂତନ ଗତିବୃତ୍ତିକୁ ସମର୍ଥନ କରେ ତା'ହେଲେ ଏଇସବୁ ବାଧାବିଘ୍ନ ବିଲୀନ ହୋଇ ଯିବାକୁ ବାଧ୍ୟ । ଅଧ୍ୟବସାୟ ସହିତ ଶାନ୍ତ ଓ ସ୍ଥାୟୀ ଭାବେ ଯେତେଟା ସମ୍ଭବ ସଜାଗ ରହି ଚାଲିବାକୁ ହେବ । ତେଣୁ ତୁମେ ଯେଉଁସବୁ ବିଷୟରେ ଲେଖିଛ ସେସବୁ ନିମନ୍ତେ ଆମର ଯେଉଁ ଶକ୍ତି ଓ ସାହାଯ୍ୟର ପ୍ରୟୋଜନ ଆମେ ସର୍ବଦା ଦେବାକୁ ହିଁ ଚେଷ୍ଟା କରିବୁ ।

(୨୮.୦୩.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ଖୁବ୍ ସ୍ୱାଭାବିକ ଯେ ମୂଳଭାବ ସହ ଅନେକ କିଛି ମିଶ୍ରଣ ରହିବ ଯେତେଦିନ ପର୍ଯ୍ୟନ୍ତ ସବୁ ଏକେବାରେ ପରିଷ୍କାର ହୋଇ ନ ଯାଇଛି । ସାଧାରଣ ପ୍ରକୃତି ତା'ର ସକ୍ରିୟତାରେ ଲାଗି ରହିଥାଏ ଏବଂ ରୂପାନ୍ତର ସମ୍ପୂର୍ଣ୍ଣ ରୂପେ ହଠାତ୍ ସଂଘଟିତ ହୋଇ ପାରେ ନାହିଁ । ବାସ୍ତବରେ ଯାହା ପ୍ରୟୋଜନ ତାହା ହେଉଛି ଚେତନାର ଭିତ୍ତିରୂପେ ଭଗବାନଙ୍କୁ ଦୃଢ଼ ଭାବେ ପ୍ରତିଷ୍ଠିତ କରିବାକୁ ହେବ, ତା'ହେଲେ ଏଇସବୁ ମିଶ୍ରଣ ଏବଂ ବାକି ଯାହାକିଛି ରହିବ ପରେ ଦେଖାଯିବ ଏବଂ ଏସବୁକୁ ଦେଖି ସ୍ଥିର ଭାବରେ ବଛାବଛି କରି କାଢ଼ି ଫୋପାଡ଼ି ଦେବାକୁ ହେବ । ବାହ୍ୟିକ ଏବଂ ତା' ସହ ଆଭ୍ୟନ୍ତରୀଣ ରୂପରେ ଏବଂ ଭାବରେ ପାଇବା ହେଉଛି ଏକ ବିରାଟ ଉନ୍ନତି ।

(୨୪.୦୪.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର :** ବର୍ତ୍ତମାନ ଯାହା କରିବାକୁ ହେବ ତାହା ହେଉଛି ଏଇ ଯେ ସମାଧି ଅବସ୍ଥାକୁ ଆସିବାକୁ ବାଧା ନ ଦେଇ ବରଂ ଏକ ସଚେତନ ଦମନ-କ୍ଷମତା ଆଣିବାକୁ ହେବ । ଅର୍ଥାତ୍, ଯେତେବେଳେ ଅନ୍ୟ କାର୍ଯ୍ୟସବୁ କରିବାକୁ ହୁଏ ସେଇ ସମୟରେ ଯଦି ଏଇ ଭାବ ଆସିବ ତେବେ ତା' ସହ ଯୁଦ୍ଧ ନ କରି (ଯାହା ଲାଗି ତୁମର ମୁଣ୍ଡ ବିନ୍ଧା ହେଉଥିଲା) ବରଂ ତା' ବଦଳରେ ତୁମକୁ ଶାନ୍ତଭାବରେ ଆନ୍ତର ଚେତନା ଆଡ଼କୁ କିଛି

ସମୟ ପାଇଁ ସମାହିତ ହୋଇ ରହିବାକୁ ହେବ, କିନ୍ତୁ ତୁମକୁ ଏଇ ସଂକଳ୍ପ ନେଇ ସମାହିତ ହେବାକୁ ହେବ ଯେଉଁଥିରେ କି ଅଳ୍ପ ସମୟ ମଧ୍ୟରେ ତୁମେ ଏସବୁଥିରୁ ମୁକ୍ତ ହୋଇ ଆସିପାର । ଯଦି ଏଇ ଅବସ୍ଥାଟି ଆସେ ଯେତେବେଳେ ତୁମେ ଅଧିକ ସମୟ ବସିବାରେ ଦେଇ ପାରିବ ଏବଂ ବାଧା (ଅନ୍ୟର ଦୃଷ୍ଟି ଗୋଚର ହେବାରେ) ପାଇବାର ସମ୍ଭାବନା ନ ଥାଏ, ତା'ହେଲେ ଏଇଭାବେ ପ୍ରତିରୋଧ କରିବ ନାହିଁ । କିନ୍ତୁ ଯେତେବେଳେ ତୁମେ ଗଭୀରକୁ ଯିବ ସେତେବେଳେ ଆସ୍ପୃହା କରି ଚାଲିବ । ଏଇ ସମାଧି ଗତିବୃତ୍ତିର କ୍ଷେତ୍ରରେ ସଚେତନତା ଓ ପ୍ରଭୁତ୍ୱ ଆହୁରି ଅଧିକ ବି କରିପାର, ଯେଉଁଥିରେ ତୁମେ ସ୍ୱଇଚ୍ଛାରେ ଅନ୍ତରର ଗଭୀରକୁ ଯାଇପାର ଏବଂ ଇଚ୍ଛାନୁଯାୟୀ ବାହାରି ଆସିପାର । ଏଇଟା ହୁଏତ ଚେତନାର ଏକ ପ୍ରବଳ ବେଗ ଭିତରେ ଗଭୀର ଆନ୍ତର ସତ୍ତା ମଧ୍ୟରେ ପ୍ରବେଶ କରିବା କିଂବା ମାନସର ଆହୁରି ଊର୍ଦ୍ଧ୍ୱକୁ ଉଠି ଯିବା; କିନ୍ତୁ ଯେତେଟା ସଚେତନ ଭାବେ କରିପାରିବ ସେତେ ହିଁ ଭଲ ।

(୨୧.୦୫.୩୭)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


The best protection is an unshakable faith in the Divine Grace.

*(MCW, Vol. 15, p. 47)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

# ମୋ'ଠାରେ ସଙ୍ଗୀତର ସମ୍ପ୍ରକାଶ ଘଟିଲା କିପରି

## ସୁନୀଲ କୁମାର ଭଟ୍ଟାଚାର୍ଯ୍ୟ

## (୧୯୨୦ - ୧୯୯୮)

ପ୍ରାୟ କୋଡ଼ିଏ ବର୍ଷ ତଳେ (ଏଇ ଲେଖାଟିର ରଚନା ସମୟରେ) ମୁଁ ପ୍ରଥମ ଥର ପାଇଁ ଆମ ଆଶ୍ରମର ଶ୍ରୀମା ଅର୍ଗାନ୍ ବଜାଉ ଥିବାର ଶୁଣିଥିଲି । ଆରମ୍ଭରେ ମୋତେ ମ୍ୟୁଜିକ୍‌ଟା କେମିତି ଅଦ୍ଭୁତ ବୋଧ ହେଲା । ଏହା ଭାରତୀୟ ବାଦ୍ୟସଙ୍ଗୀତ ନ ଥିଲା କି ପାଶ୍ଚାତ୍ୟର ବାଦ୍ୟ ସଙ୍ଗୀତ ନ ଥିଲା । ବରଂ ମୁଁ କହିବି କି ଏହା ଉଭୟର ସମ୍ମିଶ୍ରଣ ଥିଲା ? ସିଏ ଯେଉଁ ବିଷୟ ବଜାଉଥିଲେ ତାହା ଆମେ ଯାହାକୁ 'ଭୈରୋନ' ବୋଲି ଜାଣୁ, ତା'ର ପାଖାପାଖି ଥିଲା । ନିବିଡ଼ ଭାବେ ଗ୍ରଥିତ ସମଗ୍ର ସଙ୍ଗୀତର ଗଠନଟି ମଧୁର ରାଗିଣୀ ପରି ପରିବ୍ୟାପ୍ତ ହୋଇ ଯାଉଥିଲା – ତା'ପରେ ହଠାତ୍ ଏହା ଆରମ୍ଭ ହେଲା : ସ୍ୱରଗୁଡ଼ିକ ଯେପରି ଗୋଟିଏ ଗୋଟିଏ ହୋଇ ଊର୍ଦ୍ଧ୍ୱକୁ ଉଠି ଯାଉଥା'ନ୍ତି ଏବଂ ଗୋଟାକ ଉପରେ ଗୋଟିଏ ଲଦି ହୋଇ ପଡୁଥା'ନ୍ତି – ଗଭୀର, କ୍ରମାନ୍ୱୟାତ୍ମକ, – ଯେପରି ବହୁ ଦୂରରୁ ତଳକୁ ଓହ୍ଲାଇ ଆସୁଥା'ନ୍ତି ଏବଂ ଅଦମ୍ୟଭାବେ ସ୍ତରୀଭୂତ ହୋଇ ଉଠୁଥା'ନ୍ତି । ଧ୍ୱନିର ଏକ ଚମତ୍କାର ଅବୟବ ଗଠିତ ହେଲା ଏବଂ ତାହା ସ୍ୱରର ସମାହାର ଓ ସଂବୃଦ୍ଧି କରି ଶେଷରେ ଏକ ଆଲୋକନ (illumination)ରେ ଯେପରି ଫାଟି ପଡ଼ିଲା ଏବଂ ତାହା ସେ ସଙ୍ଗୀତକୁ ଏକ ଅଭିଜ୍ଞତାରେ ପରିଣତ କଲା ।

ଏହିପରି ଶ୍ରୀମା ମୋ ନିକଟରେ ସଙ୍ଗୀତର ଏକ କୁହୁକ ରାଜ୍ୟର ଗୁପ୍ତରହସ୍ୟ ପ୍ରକାଶିତ କରି ଦେଖାଇ ଦେଲେ । ଯେଉଁ ରାଜ୍ୟରେ ସେ ସମ୍ମିଳିତ ହୋଇଛନ୍ତି ଏବଂ ତାହା ରାଗରାଗିଣୀକୁ ସମୃଦ୍ଧତର, ସୁସମଞ୍ଜସ, ବିସ୍ତୃତତର, ଗଭୀରତର ଏବଂ ଅମାପ ଶକ୍ତିମନ୍ତ କରି ଦେଉଛି ।... ମୁଁ ମୋର ବାଦ୍ୟ ସଙ୍ଗୀତକୁ ମା'ଙ୍କଠାରୁ ହିଁ ଆହରଣ କରିବାକୁ ଚେଷ୍ଟା କରିଛି ।

ମୋର ଏଇ ବାଦ୍ୟ ସଙ୍ଗୀତ ମୋର ଶ୍ରମ ଏବଂ ମୋର ଭଗବାନଙ୍କ ପ୍ରତି ଅଭୀପ୍ସା ଏବଂ ମୁଁ ଯାହା ଏଇ ବାଦ୍ୟସଙ୍ଗୀତ ଦ୍ୱାରା ଜଣାଇବାକୁ ଚାହିଁଛି ତାହା ହେଲା ମୋର ଆନ୍ତର ଅଭିଜ୍ଞତାର ସୁର ।

ମା'ଙ୍କଠାରେ ମୋର ଚିନ୍ତା-ଚେତନା ସକୃତଜ୍ଞ, – ଯିଏକି ମୋର ନିର୍ଦ୍ଦେଶିକା, ଗୁରୁ, ପରିଚାଳିକା ଆଉ ସର୍ବୋପରି ମୋର ମା । ଦିନେ ତାଙ୍କର ଦିବ୍ୟ ଜ୍ୟୋତି ମୋର ହୃଦୟକୁ ଉଦ୍ଭାସିତ କରି ଦେଇଥିଲା, ଆଉ ତାଙ୍କର ସେଇ ଦିବ୍ୟ ଜ୍ୟୋତିର ଉଦ୍ଭାସ ମୋ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା, ଆଉ ତାଙ୍କର ସେହି ଦିବ୍ୟ ଜ୍ୟୋତିକୁ ହିଁ ମୁଁ ମୋର ସଙ୍ଗୀତ ମାଧ୍ୟମରେ ଅନ୍ୱେଷଣ କରୁଥିଲି ।



ଯଦି ଏହି ସଙ୍ଗୀତ କାହାକୁ କିଞ୍ଚିତ୍ ସୁଖ ବା ଆରାମ ପ୍ରଦାନ କରିପାରେ, କିଛିଟା ଆନନ୍ଦ ଦେଇପାରେ ବା କୌଣସି ବାର୍ତ୍ତା ଆଣି ଦେଇପାରେ ତା'ହେଲେ ମୁଁ ଜାଣିବି ଯେ ସିଏ (ଶ୍ରୀମା) ମୋତେ ଏଇ ଦାୟିତ୍ୱ ଦେଇ ମୋ ଉପରେ ତାଙ୍କର ଯେଉଁ ଆସ୍ଥା ସ୍ଥାପନ କରିଥିଲେ ତା'ର ଉପଯୁକ୍ତ ହେବାରେ ମୁଁ ସମର୍ଥ ହୋଇଛି ।

## ଏକ ପତ୍ରାଂଶ

[୨୧.୫.୭୩ରେ ରଲ୍‌ଫ(Rolf)ଙ୍କ ପତ୍ରର ଉତ୍ତରରେ ଲିଖିତ]

କଲିକତାଠାରୁ ୯୦ କି.ମି. ଦୂରରେ, ଉତ୍ତର ଦିଗରେ ଥିବା କୃଷ୍ଣ ନଗର ନାମକ ଏକ ଛୋଟ ସହରରେ ମୁଁ ୧୯୨୦ ମସିହା ନଭେମ୍ବର ମାସ ୩ ତାରିଖରେ ଜନ୍ମଗ୍ରହଣ କରିଥିଲି । ମୋତେ ଯେତେବେଳେ ଚାରି ବର୍ଷ ବୟସ ସେତେବେଳେ ମୋର ବାପା କଲିକତାକୁ ଆସି ସ୍ଥାୟୀଭାବେ ରହିଲେ । ମୁଁ ପିଲାଦିନରୁ ସଙ୍ଗୀତରେ ଆଗ୍ରହୀ ଥିଲି କିନ୍ତୁ ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷା ଲାଭ କରି ନ ଥିଲି । ମୁଁ ୧୯୪୨ରେ ପଣ୍ଡିଚେରୀକୁ ଆସିଲି ଏବଂ ୧୯୪୫ରେ ମୋର ପ୍ରଥମ ସଙ୍ଗୀତ ସଂଯୋଜନା (first composition) କଲି । ଏହି ଭାବେ ଜଣେ ସଙ୍ଗୀତଜ୍ଞ ଏବଂ ବାଦ୍ୟସଙ୍ଗୀତ ସଂଯୋଜକ (music composer) ହିସାବରେ ମୋର ଜୀବନ ଆରମ୍ଭ ହେଲା । ମୁଁ ପରବର୍ତ୍ତୀ ବର୍ଷଗୁଡ଼ିକରେ ଭାରତୀୟ ନୃତ୍ୟନାଟିକା ପାଇଁ ସଙ୍ଗୀତ ତିଆରି କରୁଥିଲି, କିନ୍ତୁ ୧୯୫୦ ମସିହା ପାଖାପାଖି କୌଣସି ଏକ ସମୟରେ ମୋର ଅନୁଭବ ହେଲା ଯେ ମୁଁ ମୋର ସଙ୍ଗୀତ ମାଧ୍ୟମରେ ନୃତ୍ୟ ନାଟିକାର ଅଭିନେତାମାନଙ୍କ ଛଡ଼ା ଆଉ କିଛି ଆହରଣ କରି ଆଣିପାରେ । ବସ୍ତୁତଃ ଦିନେ ମୋର ମନେପଡୁଛି – ମା ଏକ ନୃତ୍ୟ କାର୍ଯ୍ୟକ୍ରମ ଶେଷରେ ମୋତେ କହିଲେ, ‘‘ତୁମେ କ’ଣ ନୃତ୍ୟ ପାଇଁ ସଙ୍ଗୀତ ତିଆରି କରିଥିଲ !’’ ୧୯୫୯ରେ ମା’ଙ୍କର ନବବର୍ଷ ସଙ୍ଗୀତ (New Year Music) ପାଇଁ ସମବେତ ସଙ୍ଗୀତ ସଂଯୋଜନା (Orchestration) କରିବା ମୋ ଜୀବନର ଏକ ମହାନ୍ ଘଟନା । ପରେ ୧୯୬୫ରୁ ମୁଁ ନବବର୍ଷ ସଙ୍ଗୀତ ସଂଯୋଜନା ଓ ପ୍ରସ୍ତୁତ କରିବା ଦାୟିତ୍ୱ ପାଇଥିଲି; ଯେଉଁ ସଙ୍ଗୀତ କି ଆଶ୍ରମ ଜୀବନର ଏକ ଅଙ୍ଗ ହୋଇ ଉଠିଥିଲା । ୧୯୬୬ରେ ଶ୍ରୀମା ମୋତେ ତାଙ୍କର ସାବିତ୍ରୀ ପାଠ (ଆବୃତ୍ତି)କୁ ନେଇ ସଙ୍ଗୀତ ରଚନା କରିବାକୁ କହିଥିଲେ । ମୁଁ ପ୍ରାୟ ନଅ ଘଣ୍ଟାର ସାବିତ୍ରୀ ମ୍ୟୁଜିକ୍ ପ୍ରସ୍ତୁତ କରିଛି ଏବଂ ତଥାପି ଏଯାବତ୍ ଅଧା ବାଟ ଯାଏ ବି ଯାଇ ନାହିଁ ।*

କିନ୍ତୁ ଆଶ୍ରମରେ ମୋର ମୁଖ୍ୟ କାର୍ଯ୍ୟ ଥିଲା ଶିକ୍ଷା । ମୁଁ ଆମର ଶିକ୍ଷାକେନ୍ଦ୍ରରେ (ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀ) କୋଡ଼ିଏ ବର୍ଷ ଧରି ଗଣିତର ଜଣେ ଅଧ୍ୟାପକ ଥିଲି । ୧୯୬୩ରେ ମୁଁ ସେଥିରୁ ଅବ୍ୟାହତି ନେଲି ଏବଂ ସେଦିନରୁ ମୋର ଆଉ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ନ ଥିଲା ।

ସଂଗ୍ରହ ଓ ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

---

* ଏଠାରେ ଉଲ୍ଲେଖନୀୟ ଯେ ୧୯୭୩, ମେ ମାସ ୨୧ ତାରିଖରେ ସୁନୀଲଦା’ ଏକଥା ଲେଖିଥିଲେ । ଏହା ପରେ ସେ ମଝିରେ ମଝିରେ ଅସୁସ୍ଥ ହୋଇ ପଡୁଥିବା ସତ୍ତ୍ୱେ ସାବିତ୍ରୀର ମ୍ୟୁଜିକ୍ କମ୍ପୋଜ୍ କରିବା ଅବ୍ୟାହତ ରଖିଥିଲେ ଏବଂ ୧୯୯୮ର ନବବର୍ଷ ସଙ୍ଗୀତ ମଧ୍ୟ ପ୍ରସ୍ତୁତ କରିଥିଲେ । ସାବିତ୍ରୀ (Savitri) ମହାକାବ୍ୟର ଦର୍ଶମ ପର୍ବ (Book - 10)ର ୨ୟ ସର୍ଗ (Canto 2 : Gospel of Death and Vanity of the Ideal)ର ଅର୍ଦ୍ଧେକ ପର୍ଯ୍ୟନ୍ତ ମ୍ୟୁଜିକ୍ ତିଆରି କରିସାରିବା ପରେ ୨ୟ ସର୍ଗର ଆଉ ଅର୍ଦ୍ଧେକ ଲାଗି ମ୍ୟୁଜିକ୍ ନୋଟେସନ୍ ଲେଖି ରଖି ଅସୁସ୍ଥତାବଶତଃ ଆଶ୍ରମର ନର୍ସିଂ ହୋମ୍‌କୁ ଯାଇ ସେଠାରେ ୧୯୯୮, ଏପ୍ରିଲ ୩୦ ତାରିଖରେ ଶରୀର ତ୍ୟାଗ କରିଥିଲେ । ମା’ଙ୍କ ହାତରେ ଗଢ଼ା ମା’ଙ୍କ ମ୍ୟୁଜିସିଆନ୍ ସୁନୀଲଦା’ ମା’ଙ୍କ କୋଳକୁ ଫେରି ଯାଇଛନ୍ତି ।

ଚଳିତ ବର୍ଷ ତାଙ୍କର **ଜନ୍ମଶତବାର୍ଷିକୀ** । ଏହି ଅବସରରେ ତାଙ୍କ ପ୍ରତି କୃତଜ୍ଞତା ନିବେଦନ ସ୍ୱରୂପ ତାଙ୍କ ଲିଖିତ ଏ ଦୁଇଟି ଲେଖା ଏଠାରେ ପ୍ରକାଶ କରାଗଲା । ପ୍ରଥମଟି ପୂର୍ବରୁ ତାଙ୍କ କହିବା ବେଳେ ରେକର୍ଡ଼ିଂ କରାଯାଇ ଥିଲା ଏବଂ ଦ୍ୱିତୀୟଟି ଛବିଦି’ଙ୍କ ପାଖରୁ ପ୍ରାପ୍ତ ତାଙ୍କ ଫାଇଲରେ ଥିବା ଏକ ପତ୍ର । ❑

# କବି ନିଶିକାନ୍ତ

## (୫)

ପ୍ଲୀହା ରୋଗରେ ଷ୍ଫୀତୋଦର ଏବଂ ଘରୁ ବାର ବାର ପଳାଇ ଯିବାର ଅଭିଜ୍ଞତା ନେଇ ନିଶିକାନ୍ତ ଅବଶେଷରେ ପୁଣି ଉପନୀତ ହେଲେ ଶାନ୍ତିନିକେତନର କଳାଭବନରେ । ସେତେବେଳେ ତାଙ୍କର ବୟସ ଅଠର । ଦୁଇ ବର୍ଷ ରାମକିଙ୍କରଙ୍କ ତତ୍ତ୍ୱାବଧାନରେ ଶିକ୍ଷାନବୀଶ ହୋଇ ପରବର୍ତ୍ତୀ ତିନି ବର୍ଷ ଆଚାର୍ଯ୍ୟ ନନ୍ଦଲାଲଙ୍କ ନିର୍ଦ୍ଦେଶନାରେ ରହିଲେ । ଦିନବେଳା ଶିଳ୍ପକଳା ଚର୍ଚ୍ଚା, ରାତିରେ କବିତା ଲେଖା । ଖାମଖିଆଲୀ ଏଇ ଛାତ୍ରଟି ପ୍ରତି ନନ୍ଦଲାଲଙ୍କର ଯେମିତି ଆନ୍ତରିକ ସ୍ନେହ-ଶ୍ରଦ୍ଧା ଥିଲା, ସେମିତି ଥିଲା କଠୋର ଶାସନ । ଶୃଙ୍ଖଳା ଓ ସଂଯମ ବ୍ୟତୀତ ଯଥାର୍ଥ ଶିଳ୍ପୀର ବ୍ୟକ୍ତିତ୍ୱ ମୁକୁଳିତ ହୋଇପାରେ ନାହିଁ – ନନ୍ଦବାବୁ ଏହି କଥାଟିକୁ ମର୍ମେ ମର୍ମେ ବିଶ୍ୱାସ କରୁଥିଲେ ଏବଂ କାର୍ଯ୍ୟରେ ପରିଣତ କରିବାରେ କେବେ ବି ଅବହେଳା କରୁ ନ ଥିଲେ ।

ଇତିମଧ୍ୟରେ ଅଗ୍ରଜ ସୁଧାକାନ୍ତ ମଧ୍ୟ ପୁନର୍ବାର ଶାନ୍ତି-ନିକେତନକୁ ଫେରି ଆସିଛନ୍ତି । ଦିନେ ରବୀନ୍ଦ୍ରନାଥଙ୍କର ସମ୍ପର୍କୀୟ ଅନୁଜ ଅବନ (ଅବନୀନ୍ଦ୍ରନାଥ) ଠାକୁର କଲିକତାରୁ କଳାଭବନକୁ ଆସିଥିଲେ । ଜନ୍ମଦିନରେ ରବୀନ୍ଦ୍ରନାଥ ଏକ 'ପାଗଳା ଶିଳ୍ପୀ'ର ଅର୍ଘ୍ୟ ରୂପେ ପ୍ରାପ୍ତ ହୋଇଥିବା ବାରଟି କାର୍ଡ଼ରେ ଅଙ୍କା ବିଚିତ୍ର ରଙ୍ଗ ସମାବେଶର ବାରଟି ଛବି ଅବନଙ୍କୁ ଦେଖାଇଲେ । ସେଇ 'ଦ୍ୱାଦଶ ସୂର୍ଯ୍ୟ' ଦେଖି ସେ ଶିଳ୍ପୀଟିର ନାମ ଜାଣିବାକୁ ଉତ୍ସୁକ ହେଲେ, କୌଣସିଟିରେ ନାମ ଉଲ୍ଲେଖ ନ ଥିଲା ।...

ଏହାର ଠିକ୍ ପରେ ପରେ ଘଟଣାକ୍ରମେ ଅବନୀନ୍ଦ୍ରନାଥ ଠାକୁର କଳାଭବନର ସମସ୍ତ ଛାତ୍ରଙ୍କର କୃତିସବୁକୁ ଯତ୍ନରେ ସୁରକ୍ଷିତ ଥିବା ଛବିଗଦା ଭିତରୁ ଗୋଟିଏ ପରେ ଗୋଟିଏ ନିଶିକାନ୍ତଙ୍କର ଛବିକୁ ସ୍ୱତନ୍ତ୍ର ରୂପେ ବାଛି ରଖି ନନ୍ଦଲାଲଙ୍କୁ କହିଲେ, ''ଏସବୁ ହେଉଛି ସେଇ 'ପାଗଳା ଶିଳ୍ପୀ'ର । ଏହି ଛାତ୍ରଟିକୁ ତୁମର ଶାନ୍ତିନିକେତନୀ ଶିଳ୍ପ ଶିଖାଅନା । ଯେମିତି ଆଙ୍କୁଛି ସେମିତି ଆଙ୍କିବାକୁ ଦିଅ । ତୁମେ କେବଳ ତା'ର କମ୍ପୋଜିସନ୍, ରଙ୍ଗ – ଏସବୁଥିରେ ତ୍ରୁଟି ହେଲେ ମୌଖିକ ଭାବେ କହିଦିଅ ।'' – ଉପସ୍ଥିତ ଥିବା ଛାତ୍ରମାନଙ୍କ ଗହଣରେ ଲୁଚିକରି ଥିବା 'ପାଗଳା' ଏକଥା ଶୁଣି କ୍ଷିପ୍ର ପଦକ୍ଷେପରେ କୁଆଡ଼େ ଉଭାନ । ଏମିତି ଭାବରେ ନେପଥ୍ୟରେ ରହି 'ପାଗଳା ଶିଳ୍ପୀ' ନିଶିକାନ୍ତଙ୍କୁ ଛବି ଆଙ୍କିବାରେ ସ୍ୱାତନ୍ତ୍ର୍ୟ ରକ୍ଷା କରିବାର ଶକ୍ତି, ସାମର୍ଥ୍ୟ ଓ ଉତ୍ସାହ ଯୋଗାଉଥିଲେ ଅବନୀନ୍ଦ୍ରନାଥ । ଏହି ଘଟଣା ପରେ ପରେ ଦୁହିଁଙ୍କ ମଧ୍ୟରେ ବେଶ୍ ମଧୁର-ସ୍ନେହପ୍ରବଣ ବନ୍ଧୁତ୍ୱ ଗଢ଼ି ଉଠିଥିଲା । ଏମିତିକି କଲିକତାର ଓରିଏଣ୍ଟାଲ୍ ଆର୍ଟସ୍ ସ୍କୁଲର ପ୍ରଦର୍ଶନୀରେ ନିଶିକାନ୍ତଙ୍କର ଅଙ୍କା ଛବିଗୁଡ଼ିକୁ ଚିହ୍ନି ପାରି ସେ ପାଞ୍ଚଟି ଛବି କିଣି ନେବାକୁ ଚାହିଁଥିଲେ, ପ୍ରତ୍ୟେକଟିର ଦାମ ପଚାଶ ଟଙ୍କା ଦେଇ । ନିଶିକାନ୍ତ କିନ୍ତୁ କୌଣସି ପ୍ରକାରେ ତାଙ୍କଠୁଁ ପଇସା ନ ନେବାରୁ ସେସବୁକୁ ଅବନୀନ୍ଦ୍ରନାଥ କଳାଭବନକୁ ଫେରାଇ ଦେଇଥିଲେ ।

ଅବନୀନ୍ଦ୍ରନାଥ ଯେମିତି ପ୍ରଥମ ଦୃଷ୍ଟିପାତରେ ନିଶିକାନ୍ତଙ୍କର ଅନନ୍ୟ ସାଧାରଣ ଅଙ୍କନଶୈଳୀରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରି ପାରିଥିଲେ, ସେମିତି ରବୀନ୍ଦ୍ରନାଥ ତାଙ୍କର କାବ୍ୟ ପ୍ରତିଭାରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରି ପାରିଥିଲେ । ଏ ବିଷୟରେ ନିଶିକାନ୍ତ ତାଙ୍କ ଜୀବଦ୍ଦଶାର ପ୍ରାୟ ସାୟଂକାଳରେ ପଣ୍ଡିଚେରୀରୁ ତାଙ୍କର ବାଲ୍ୟବନ୍ଧୁ ସାଗରମୟଙ୍କୁ କଥାପ୍ରସଙ୍ଗରେ ଲେଖିଥିଲେ, ''ତୋ'ର ମନେ ପଡୁଛି, ମୋର ଆଠ ନଅ ବର୍ଷ ବୟସର ଗୋଟିଏ କବିତା ଖାତା କବିଗୁରୁ ମୋ ଭାଇ ସୁଧାକାନ୍ତଙ୍କଠୁ ମାଗି ନେଇଥିଲେ । ସେ ବୟସରେ ମୁଁ କୁଆଡ଼େ ଅନେକ କବିତା ଲେଖୁଥିଲି ବୋଲି ଦୀନେନ୍ଦ୍ରନାଥଙ୍କଠାରୁ କବିଗୁରୁ ଜାଣି ପାରିଥିଲେ । ସେଇ ଖାତାରେ 'ସ୍ୱପ୍ନପୁରୀ' ନାମରେ ଗୋଟିଏ ଦୀର୍ଘ କବିତା ଥିଲା । ସେଇଟିକୁ ପଢ଼ି ରବୀନ୍ଦ୍ରନାଥ ମୋର ଦୁଇ ଭାଇଙ୍କୁ କହିଥିଲେ, 'ଏଇ ପିଲାଟିକୁ ତୁମେମାନେ କବିତା ଲେଖିବାରେ ବାଧା ଦିଅନା କିଂବା ଅନ୍ୟ କାହାରିଠାରୁ କବିତା ଲେଖିବାକୁ ଶିଖାଇବାକୁ ଦେବ ନାହିଁ । ତା' ମଧ୍ୟରେ ଏକ ଭାବଲୋକ ଓ ସ୍ୱପ୍ନଲୋକ ଅଛି । ସେ ସେଇ ଲୋକରୁ ହିଁ କବିତା ଲେଖେ । ଆପାତ ଜୀବନ ଓ ନିସର୍ଗ ପ୍ରକୃତିରୁ ତା'ର ରୂପକଳ୍ପସବୁ ଆସେ ନାହିଁ – ଇତ୍ୟାଦି ।'' (୩୦.୧୦.୧୯୬୪)

କଳାଭବନରେ କିଶୋର ନିଶିକାନ୍ତଙ୍କର କବିତାଗୁଡ଼ିକ ବିଚିତ୍ରଧର୍ମୀ ଓ ଶକ୍ତି-ପୂତ ହୋଇ ଉଠିଥାଏ । ଏବେ ସେ ଆନ୍ତରିକ ଭାବରେ କବିତାର ଗୁଣଧର୍ମ ଉପରେ ରୀତିମତ ପରୀକ୍ଷା-ନିରୀକ୍ଷା ଆରମ୍ଭ କରି ଦେଇଥା'ନ୍ତି । ଅର୍ଥାତ୍, ସୃଜନ

କ୍ରିୟାଟିର ପ୍ରବଣତାରେ କେବଳ ଭାବଲୋକ ଓ ପ୍ରତୀକଧର୍ମୀ ସ୍ୱପ୍ନଲୋକ ହାତରେ ଛାଡ଼ି ନ ଦେଇ ସେ କବିତାଗୁଡ଼ିକର ନିର୍ମାଣଗତ ବା ଗଠନଗତ ପ୍ରୟାସ ଦିଗରେ ଲମ୍ଫ ଦେଲେ । ଏହା ଫଳରେ କବିତାଗୁଡ଼ିକ ଆଙ୍ଗିକରେ, ଅବୟବ ଓ ଛନ୍ଦରେ ନୂତନ ଦିଗନ୍ତରେ ପ୍ରସାରିତ ହୋଇ ଉଠିଲା ।

ନିଶିକାନ୍ତଙ୍କର ଏଇ ଧରଣର କବିତାଗୁଡ଼ିକର ରସଗ୍ରାହୀ ଥିଲେ ରବୀନ୍ଦ୍ରନାଥ । ତେଣୁ ତାଙ୍କର ଉତ୍ତରୋତ୍ତର ଉନ୍ନତି ଦିଗରେ ତାଙ୍କର ସତର୍କ ମନୋଯୋଗ ସଦାବେଳେ ଅବ୍ୟାହତ ରହିଥିଲା । ଯଦିଓ ରବୀନ୍ଦ୍ରନାଥ ତାଙ୍କୁ ସ୍ନେହରେ 'ଚାନ୍ଦକବି' ବା 'କାନ୍ତକବି' ବୋଲି ସମ୍ବୋଧନ କରୁଥିଲେ, କିନ୍ତୁ ନିଶିକାନ୍ତ ସେତେବେଳେ ନିଜର ପ୍ରତିଟି କବିତା ତାଙ୍କୁ ଦେଖାଇ ଅନୁମତି ପାଇ ସାରିବା ପରେ ହିଁ କୌଣସି ପତ୍ର-ପତ୍ରିକାରେ ଛାପିବାକୁ ଦେଇ ପାରିବେ ବୋଲି ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ । ନିଶିକାନ୍ତଙ୍କର କେତେକ କବିତାକୁ କବିଗୁରୁ ନିର୍ଦ୍ଦୟ ଭାବେ ପରିବର୍ତ୍ତନ କରି ନିଜ ନାମରେ 'ବିଚିତ୍ରା'ରେ ନିୟମିତ ପ୍ରକାଶ କରୁଥିଲେ ।* ସେସମୟରେ ନିଜେ ନିଶିକାନ୍ତ ତାଙ୍କର କବିତାଗୁଡ଼ିକୁ 'ଟୁକରି' (ଅର୍ଥାତ୍, ଟୋକେଇ) ବୋଲି ନାମକରଣ କରିଥିଲେ ।

କବିଗୁରୁଙ୍କର ଉପରୋକ୍ତ ଆକଟରେ 'ଚାନ୍ଦକବି'ଙ୍କର କୌଣସି ଦୁଃଖ ନ ଥିଲା । ପରବର୍ତ୍ତୀକାଳରେ ୧୯୪୦ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଶ୍ରୀଚରଣରେ ଉତ୍ସର୍ଗୀକୃତ ତାଙ୍କର 'ଅଲକାନନ୍ଦା' କାବ୍ୟଗ୍ରନ୍ଥର 'ଅର୍ଘ୍ୟ' କବିତାରେ ପ୍ରକାଶ କରିଛନ୍ତି :

''ଏ-କବି ତୋମାର୍ କବିଯଶୋମାଲା-
ପ୍ରାର୍ଥୀ ନୟ,
ତୋମାରି ଛନ୍ଦେ ତୋମାରଇ ସୁଧୁ
ସାଧିୟା ଲୟ ।
କବିତାର ତରେ କବିତା ଗାଁଥିନା,
ରୂପ-ରଚନାୟ ରୂପେରେ ସାଧିନା;
ଓ ଗୋ ଅପରୂପ, ଓ ଗୋ ଅନୁପମ,
ପରମ-ପ୍ରିୟ !
ଓ ଗୋ ସମ୍ରାଟ, ଅକିଞ୍ଚନେର୍ ଅର୍ଘ୍ୟ ନିୟୋ ।''

ପୁନଶ୍ଚ ୧୯୪୫ରେ ତାଙ୍କର 'ପଁଚିଶ ପ୍ରଦୀପ' କାବ୍ୟ ଗ୍ରନ୍ଥର 'ଗୋପନ ବିକାଶ' କବିତାରେ ଉଲ୍ଲେଖ କରିଛନ୍ତି :

'ଲୋକ-ଲୋଚନେର୍ ଆଡ଼ାଲେ ଆମାର୍ ରଚନା ରବେ ।'
(ରବେ, ଅର୍ଥାତ୍ ରଚନାର ଧ୍ୱନିତରଙ୍ଗ ଜାଗେ)

ପୁନଶ୍ଚ ସେତେବେଳେ ନିଶିକାନ୍ତଙ୍କର କୌତୂହଳପୂର୍ଣ୍ଣ ଅନାବିଳ ଦୁଷ୍ଟାମି କରିବାରେ କୌଣସି ବାଡ଼ବତା ନ ଥିଲା । କେବଳ ରବୀନ୍ଦ୍ରନାଥ କାହିଁକି, ଶାନ୍ତିନିକେତନର ବରେଣ୍ୟ ଅନେକେ ହିଁ ତାଙ୍କର ଦୁଷ୍ଟାମିରେ କୌଣସି ଅଭିଯୋଗ କରୁ ନ ଥିଲେ । ନିଶିକାନ୍ତଙ୍କର କୌଣସି କବିତା ଛପାଇବାରେ କବିଗୁରୁ ଆକଟ କରିବାରୁ ସେ ତାଙ୍କର ବାଲ୍ୟବନ୍ଧୁ ସାଗରମୟଙ୍କ ହାତଲେଖା ପତ୍ରିକାଟିକୁ ନିଜର ଆତ୍ମ-ପ୍ରକ୍ଷେପର ପ୍ରଧାନ ଓ ପସନ୍ଦଯୋଗ୍ୟ ମାଧ୍ୟମ ରୂପେ ବ୍ୟବହାର କରୁଥିଲେ । ସେହି ପତ୍ରିକାରେ ତାଙ୍କର ମଝିରେ ମଝିରେ କୌତୁକପୂର୍ଣ୍ଣ କବିତା ପ୍ରକାଶ ପାଉଥିଲା ଏବଂ ସମଗ୍ର ଶାନ୍ତିନିକେତନର ଆବହାଓ୍ୱା କବିତାର ଯାଦୁକମ୍ପନରେ ଆଲୋଡ଼ିତ ହୋଇ ଉଠୁଥିଲା । କବିଗୁରୁ ସ୍ମିତହାସ୍ୟ ସହ ନୀରବ ରହୁଥିଲେ ।

ଇତିପୂର୍ବରୁ ଉଲ୍ଲେଖ କରିଛୁ ଯେ ବାଲ୍ୟକାଳରୁ ନିଶିକାନ୍ତଙ୍କ ସ୍ୱଭାବରେ ଦୁଇଟି ବିପରୀତ ଭାବର ସହାବସ୍ଥାନ ଘଟିଥିଲା । କ'ଣ ପାଇଁ ଏହା ସମ୍ଭବ ହୋଇଥିଲା ତାହା ବୁଝିବା ମୁସ୍କିଲ । ଗୋଟିଏ ଦିଗରେ ଏଇ ପାର୍ଥିବ ଜୀବନ ପ୍ରତି ବୀତସ୍ପୃହ ବା ନିର୍ମୋହ ଭାବ ଏବଂ ଅନ୍ୟ ଦିଗରେ ଖାଦ୍ୟ ପ୍ରତି ପ୍ରବଳ ଆକର୍ଷଣ । ତାଙ୍କ ବନ୍ଧୁମାନେ ଥରେ ତାଙ୍କୁ ଖାଇବା ଲୋଭ ଦେଖାଇ ତାଙ୍କଠୁ ଏମିତି ବେପରୁଆ ଭାବରେ କାମଟିଏ କରି ନେଇଥିଲେ ଯେ ଶାନ୍ତିନିକେତନ ଇତିହାସରେ ଏପରି ଦୃଷ୍ଟାନ୍ତ ଆଉ ନାହିଁ । ବେପରୁଆ କାର୍ଯ୍ୟର ସୀମା ଯେ କେତେ ଦୂର ଯାଇପାରେ, ତା' ବି ସେ ଭାବି ଦେଖି ନ ଥିଲେ ।

ଏଇ ସୂତ୍ରରେ ହେମଲତା ଦେବୀ, ଯିଏକି ସେତେବେଳେ ପୂର୍ଣ୍ଣ ଉଦ୍ୟମରେ 'ବଙ୍ଗଲକ୍ଷ୍ମୀ' ପତ୍ରିକା ସମ୍ପାଦନା କରୁଥିଲେ, ନିଶିକାନ୍ତଙ୍କୁ ଆନ୍ତରିକ ଭାବରେ ଜଣାଇଲେ ତାଙ୍କର ଗୋଟିଏ

* ଏଠାରେ ପାଠକବୃନ୍ଦଙ୍କୁ ଆମେ ସୂଚାଇ ଦେବାକୁ ଚାହୁଁ ଯେ ମହାନୁଭବ କବିଗୁରୁ କ'ଣ ଭିତିରି ଉଦ୍ଦେଶ୍ୟ ରଖି ଶାନ୍ତିନିକେତନ ଆଶ୍ରମର କେବଳ ମାତ୍ର ଜଣେ ଅତି ସ୍ନେହର 'ଚାନ୍ଦକବି'ର କ୍ଷେତ୍ରରେ ଏପରି କରୁଥିଲେ; ଆମର ଦୃଢ଼ ଧାରଣା କବିଗୁରୁଙ୍କ ଉଦ୍ଦେଶ୍ୟ ମହତ ଥିଲା । କାରଣ ଏମିତି ବି ଦୃଷ୍ଟାନ୍ତ ରହିଛି ଗୁରୁ ଶ୍ରଦ୍ଧାବାନ୍ ଶିଷ୍ୟଙ୍କର ପରମ ମଙ୍ଗଳ ଘଟାଇବା ସକାଶେ ଆପାତଦୃଷ୍ଟିରେ ଅମଙ୍ଗଳ ଘଟାଇଥା'ନ୍ତି । — ସଂଗ୍ରାହକ

କବିତା 'ବଙ୍ଗଲକ୍ଷ୍ମୀ' ପାଇଁ ଲେଖି ଦେବାକୁ । ନିଶିକାନ୍ତ ତାଙ୍କୁ କବିଗୁରୁଙ୍କର ନିର୍ଦ୍ଦେଶର କଥା ସ୍ମରଣ କରାଇଦେଲେ । ପୁନଶ୍ଚ କହିବା ବାହୁଲ୍ୟ ଯେ ଉପରୋକ୍ତ ପତ୍ରିକାଟି କବିଗୁରୁ ଆଦ୍ୟ-ପ୍ରାନ୍ତ ମନୋଯୋଗ ସହକାରେ ପଢ଼ନ୍ତି ଏବଂ ତାହାର ସମାଲୋଚକ ତଥା ସ୍ଥଳ ବିଶେଷରେ ତା'ର ନିର୍ଦ୍ଦେଶକ ମଧ୍ୟ ହୋଇଥା'ନ୍ତି । ତେଣୁ ହେମଲତା ଦେବୀଙ୍କ ମଧ୍ୟରେ ଏକ ଜିଦ୍ ଜନ୍ମିଲା ଯେ ସେ ନିଶିକାନ୍ତଙ୍କଠାରୁ ଏମିତି ଏକ କବିତା ଚାହିଁବେ ଯାହାକି କବିଗୁରୁ ଆଗରୁ କେବେ ବି ପଢ଼ି ନ ଥିବେ । ତେଣୁ ବୁଦ୍ଧି ଖଟାଇ ହେମଲତା ଦେବୀ ନିଶିକାନ୍ତଙ୍କୁ ଦିନେ ଘରକୁ ଆସିବାକୁ କହି ଥାଳିଭର୍ତ୍ତି ସିଙ୍ଗଡ଼ା ଓ ରସଗୋଲା ତାଙ୍କୁ ଅର୍ପଣ କଲେ । ଆଉ 'ଚାନ୍ଦକବି' କୁଆଡ଼େ ଯିବେ ! ହେମଲତାଙ୍କର ଆନ୍ତରିକ ପ୍ରଚେଷ୍ଟା ଅବ୍ୟର୍ଥ ହେଲା । କବିତାଟିର ରଚୟିତା 'ଗଗନବିହାରୀ' – ଏକଥା କ'ଣ କବିଗୁରୁ ଟେର୍ ପାଇବେ !!

କବିଗୁରୁ ସେହି ସଂଖ୍ୟା 'ବଙ୍ଗଲକ୍ଷ୍ମୀ' ପାଇ ଆଦ୍ୟପ୍ରାନ୍ତ ଓଲଟାଇ ଦେଖୁଥିବା ବେଳେ ଗଗନବିହାରୀଙ୍କ କବିତାଟିରେ ଅଟକି ଗଲେ; ସଙ୍ଗେ ସଙ୍ଗେ ଭ୍ରୂକୁଞ୍ଚନ ହୋଇଉଠିଲା ।...

କବିଗୁରୁ ନିଶିକାନ୍ତଙ୍କୁ ଡାକି ଆଣିବା ପାଇଁ ସଦାବେଳେ ତାଙ୍କର ପାର୍ଶ୍ୱଦସ୍ୱରୂପ ଥିବା ବନମାଳୀଙ୍କୁ କହିଲେ । ବହୁତ ଖୋଜାଖୋଜି କରି ଦିନେ, ଦୁଇ ଦିନ ପରେ ବନମାଳୀ ତାଙ୍କର ଦର୍ଶନ ପାଇଲେ ଏବଂ ତୁରନ୍ତ କବିଗୁରୁଙ୍କୁ ସାକ୍ଷାତ୍ କରିବାକୁ କହିଲେ ।

'କଲିକତାରୁ ସନ୍ଦେଶ ଆସିଛି କି ରେ ?' – ନିଶିକାନ୍ତ କହି ଉଠିଲେ ।

– 'ଶୀଘ୍ର ଯାଇ ଦେଖା କରନ୍ତୁ !'...

ନିଶିକାନ୍ତଙ୍କ ଉପରେ ନଜର ପଡ଼ିବା ମାତ୍ରେ କବିଗୁରୁ କହିଉଠିଲେ, 'ଆସନ୍ତୁ, ଗଗନବିହାରୀ ବାବୁ, ଆସନ୍ତୁ !' ନିଶିକାନ୍ତଙ୍କ ମୁହଁ ମଳିନ ହୋଇଉଠିଲା । ସସମ୍ଭ୍ରମରେ ସବୁ କଥା କହିଗଲେ ।

କବିଗୁରୁ ସସ୍ନେହରେ କହିଲେ, ''ତୋର କବିତା ଚିହ୍ନିବାକୁ ମୋତେ କଷ୍ଟ ହେବ କାହିଁକି ? ମୁଁ ସବୁ ଲେଖାରେ ଦୁଇଟି ଜିନିଷ ଲକ୍ଷ୍ୟ କରେ – ଶବ୍ଦ ବିନ୍ୟାସ ଓ ବାଣୀ ବିନ୍ୟାସ । ବାଣୀ ଅର୍ଥାତ୍ ଭାବର ବାହନ । ତୋ ଲେଖାର ବିଶେଷତ୍ୱ ହେଉଛି ବାଣୀ ବିନ୍ୟାସ ଏବଂ ଏହା ସାଙ୍ଗକୁ ତୋ ଲେଖାରେ ଓତପ୍ରୋତ ଭାବରେ ଜଡ଼ିତ ଥାଏ ପ୍ରତୀକାତ୍ମକ ଶବ୍ଦ ବିନ୍ୟାସ । ମୋର ଚିହ୍ନିବାରେ କଦାପି ଭୁଲ୍ ହୁଏ ନାହିଁ ।... ହଉ, ମୋତେ ନ ଜଣାଇ ତୁ ଛାପିବାକୁ ଦେଲୁ ? ଏମିତି କଥା ତ ହୋଇ ନ ଥିଲା ।''

ନିଶିକାନ୍ତ କିଞ୍ଚିତ୍ ଅବନତ ଶିରରେ ମୁଣ୍ଡ କୁଣ୍ଡାଉ କୁଣ୍ଡାଉ କହିଲେ, ''ଆଜ୍ଞା, ବଡ଼ମା' (ହେମଲତା ଦେବୀ) ମୋତେ ଚାରୋଟି ରସଗୋଲା, ଚାରୋଟି ସିଙ୍ଗଡ଼ା ଖୁଆଇଲେ ଯେ ! ସେଇଥି ପାଇଁ ତତ୍‌କ୍ଷଣାତ୍ ମୁଣ୍ଡ ଭିତରୁ କବିତା ବାହାରି ଆସିବାରୁ ଲେଖି କରି ତାଙ୍କୁ ଦେଇଦେଲି ।''

ରବୀନ୍ଦ୍ରନାଥ ଉପରୋକ୍ତ କଥା ଶୁଣି ନ ହସି ଆଉ ରହିପାରିଲେ ନାହିଁ; କହିଉଠିଲେ, ''ଓ, ଏଇ ବ୍ୟାପାର ! ଇଏ କ'ଣ ଗୋଟିଏ କଥା ! ଶୁଣ, ମୁଁ ତୋତେ ଡବଲ ଖୁଆଇବି । କିନ୍ତୁ ମୋତେ ନ ଦେଖାଇ କୌଣସି ଜାଗାକୁ କବିତା ଲେଖି ଦେବା ଚଳିବ ନାହିଁ । କବିତା ଛପାଇବାକୁ ଚାହୁଁ ? ବେଶ୍ ଛାପା ହେବ । ଛାପିବାର ବନ୍ଦୋବସ୍ତ ମଧ୍ୟ ମୁଁ କରିଦେବି ।''

କିନ୍ତୁ କବିତା ପ୍ରତି ବା କବିତା ଛପାଇବା ପାଇଁ ସେ ପ୍ରକୃତରେ ନିର୍ବିକାର ଥିଲେ । ଆଉ ଏହା ସାଙ୍ଗକୁ ତାଙ୍କର ଥିଲା ଘରୁ ପଳାଇ ଯିବାର ପ୍ରବଳ ଆଗ୍ରହ ଓ ଝୁଙ୍କ୍ । ଏହା ମନେ ପଡ଼ିଲେ ସେ ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି କହିଲେ କବିତା ଓ ଛବିଗୁଡ଼ିକୁ ଦାନ କରି ଦେଉଥିଲେ, କେବେ କେବେ କୂଅ ଭିତରକୁ ବା ନିଆଁକୁ ନିକ୍ଷେପ କରି ଦେଉଥିଲେ । ଏଇ ଧରଣର ବିନଷ୍ଟି ମଧ୍ୟଦେଇ କେତେ ଥର ଯେ ତାଙ୍କ ଅସ୍ଥିର ଉଦାସୀ ମନକୁ ଶାନ୍ତ କରିଛନ୍ତି, ତା'ର ହିସାବ ନାହିଁ । ଏଇସବୁ ମୁହୂର୍ତ୍ତରେ ବନ୍ଧୁଗଣ ଅସହାୟ ହୋଇ ଉଠୁଥିଲେ ।

ନିଶିକାନ୍ତ ତାଙ୍କର ଏକ ସାକ୍ଷାତ୍କାରରେ ଜଣାଇଥିଲେ, ''ପିଲା ବୟସରୁ ମୁଁ ଖୁବ୍ ମ୍ୟାଲେରିଆରେ ଭୋଗିଛି, ତା'ପରେ ମାଲିଗ୍‌ନେଣ୍ଟ୍ ମ୍ୟାଲେରିଆ, ତା'ପରେ ବ୍ଲାକ୍ ୱାଟର୍ ଫିଭର୍, ତା'ପରେ ଟାଇଫଏଡ୍, ପରେ ଡବଲ୍ ନିଉମୋନିୟା, ଆଉ କେତେ ବା ରୋଗର ତାଲିକା ଦେବି ! ଏଇ ଅବସ୍ଥାରେ କ'ଣ ନିୟମିତ ସ୍କୁଲକୁ ଯାଇ ଲେଖାପଢ଼ା କରାଯାଏ ? ସେଇଠୁ କୌଣସି ପ୍ରକାରେ ଶୋଇ ବସି ଛୋଟ ବୟସରୁ କବିତା ଲେଖୁଥିଲି, କବିତା ପଢୁଥିଲି । ବଡ଼ ବଡ଼ କବିଙ୍କର କବିତା ବୁଝିପାରୁ ନଥିଲେ ମଧ୍ୟ ପଢ଼ିବାକୁ ବେଶ୍ ଭଲ ଲାଗୁଥିଲା ।''

*ପ୍ରଶ୍ନ : ଆପଣଙ୍କର କ'ଣ ସୂକ୍ଷ୍ମଦର୍ଶନ (vision) ହୁଏ ? ଆପଣଙ୍କ ସମ୍ବନ୍ଧେ ଅନେକେ ଏକଥା ନେଇ ଆଲୋଚନା କରନ୍ତି । ଏକଥା କେତେ ଦୂର ସତ୍ୟ ?*

ନିଶିକାନ୍ତ : ଅନେକ ସମୟରେ (କବିତାର ବିଷୟବସ୍ତୁ ସମ୍ବନ୍ଧରେ) ମୁଁ ପ୍ରଥମେ ଛବି (ରୂପ) ଦେଖେ, ତା'ପରେ

କବିତା ଲେଖେ । ରୂପ ଓ ବାଣୀ – ଏ ଦୁଇଟି ମଧ୍ୟରୁ ଗୋଟିଏକୁ ଅନ୍ୟଠାରୁ ଅଲଗା କରାଯାଏ ନାହିଁ । ଯେତେବେଳେ ମୁଁ କହେ 'ଗୋଲାପ', ସେତେବେଳେ ତତ୍‌କ୍ଷଣାତ୍ ଗୋଲାପର ଗୋଟିଏ ଛବି ତୁମର ମାନସପଟରେ ଭାସିଉଠେ କି ନା, କୁହ ? ଯାହା ସୁନ୍ଦର, ଯାହା ସତ୍ୟ, ସେଇଟିକୁ ନ ଦେଖିଲେ ତୁମେ କହିବ କିପରି ? ତେଣୁ 'ବାଣୀ'ର ପୂର୍ବରୁ ଆବଶ୍ୟକ ଦୃଷ୍ଟି ।''

ଶାନ୍ତିନିକେତନରେ ଅବସ୍ଥାନ କାଳରେ ହିଁ ନିଶିକାନ୍ତଙ୍କର ଏଇ ବିଶେଷ ସାମର୍ଥ୍ୟର ପ୍ରକାଶ ଘଟିଥିଲା । ତାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ କବିତା କେହି ପାଠକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜାଇଲେ ତାଙ୍କୁ ସେ ପରିଷ୍କାର କରି ଜଣାଇ ଦେଉଥିଲେ, 'ଏଇଟି ମୋର ସୂକ୍ଷ୍ମଦୃଷ୍ଟିର କବିତା ।' ଯାହାଙ୍କୁ ସେ ଏକଥା କହିଲେ, ଯଦି ସେ ଜାଣିବାକୁ ଚାହୁଁଥିଲେ ଯେ ଏହି ସୂକ୍ଷ୍ମ ଦୃଷ୍ଟି କଥାଟି କ'ଣ ? ଏହା କବିଙ୍କ ମଧ୍ୟରେ କି ଭାବର ଉଦ୍ରେକ କରାଏ ? ସେଇଠୁ ନିଶିକାନ୍ତ ତାଙ୍କୁ ବୁଝାଇବାର ଚେଷ୍ଟା ବି କରିଛନ୍ତି : 'ମୁଁ ଦେଖେ । ଆଖି ବନ୍ଦ କରି ନୁହେଁ, ଖୋଲା ଆଖିରେ । ଲୋକମାନେ ଯେମିତି ପର୍ଦ୍ଦାରେ ସିନେମା ଦେଖନ୍ତି । (ଅଦୂରର ଉନ୍ମୁକ୍ତ ଆକାଶ ଓ ବାୟୁମଣ୍ଡଳ ଆଡ଼କୁ ଅଙ୍ଗୁଳି ଦେଖାଇ କେଉଁଠି ସେ ଦେଖି ପାରନ୍ତି, କହିଲେ)... ଥରେ ଦେଖିଲି ଗୋଟିଏ ପାହାଡ଼ । ଜଣେ ବୁଢ଼ୀ ପିଠିରେ ବୋଝଟିଏ ନେଇ ଧୀରେ ଧୀରେ ସେହି ପାହାଡ଼ର ଉପରକୁ ଉଠୁଛି । ଆଉ ଥରେ ଦେଖିଲି ପ୍ରଦୀପ । ପ୍ରଦୀପ ଜଳୁଛି ।...'

ଏବେ ପୃଥ୍ୱୀନ୍ଦ୍ରନାଥଙ୍କ ସହିତ ସାକ୍ଷାତ୍କାରରୁ କିଛି –

କଥାଛଳରେ ଉଠିଲା ଗଦ୍ୟଛନ୍ଦର କବିତା ଲେଖା କଥା ।

ନିଶି : ଯେତେଦୂର ମନେପଡ଼େ ଛାପା-ଅକ୍ଷରରେ ବଙ୍ଗଳାରେ ଗଦ୍ୟଛନ୍ଦ ପ୍ରଥମ ଆରମ୍ଭ କରିଥିଲେ ପ୍ରେମେନ୍ଦ୍ର ମିତ୍ର – ଇଂରାଜୀ କବି ଲରେନ୍‌ସ୍ ବିନିୟନ୍‌ଙ୍କ ଅନୁକରଣରେ । ଠିକ୍ ତା'ର ପରପୃଷ୍ଠାରେ ଛାପା ହୁଏ ଅବନୀନ୍ଦ୍ରନାଥଙ୍କର ପାହାଡ଼ୀ ଛନ୍ଦ । କିନ୍ତୁ, ତୁ ମୋର ବନ୍ଧୁ ସାଗରମୟକୁ ପଚାରି ପାରୁ : ଏହାର ବହୁ ପୂର୍ବରୁ ମୁଁ ସାଗରର ସମ୍ପାଦିତ ହାତଲେଖା ପତ୍ରିକାରେ ଗଦ୍ୟଛନ୍ଦରେ କବିତା ଲେଖିବାକୁ ଆରମ୍ଭ କରିଛି । ଏହାର ଖୋଜ-ଖବର ଦୀନେନ୍ଦ୍ରନାଥ ଠାକୁର ରଖିଥିଲେ ।

''କବିଗୁରୁ ଦିନେ ମୋତେ ଡାକି କହିଲେ, 'ଆରେ ନିଶିକାନ୍ତ, ତୁ ଏସବୁ କ'ଣ ଲେଖୁଛୁ ? ତୋ ଖାତାଟି ମୋତେ ଦେଖା ତ ।...

''ତାଙ୍କର ଏ ଧରଣର କଥାରେ ଭିତିରି ଉଦ୍ଦେଶ୍ୟ କ'ଣ ବୁଝିବାରେ ମୋର ଆଉ ସନ୍ଦେହ ରହିଲା ନାହିଁ । ଏହା ପୂର୍ବରୁ ଏମିତି ଘଟଣା ଘଟିଛି । ତେଣୁ ମୁଁ କହିଲି, ଏଇଟା ମୋର ଗୋଟିଏ ମାତ୍ର ଖାତା ।... ତଥାପି ଗୁରୁଦେବ ଚାହୁଁଛନ୍ତି ବୋଲି ସେଇଟିକୁ ତାଙ୍କ ହାତରେ ସମ୍ପି ଦେଇ ଆସିଥିଲି ।

''ମୋ କବିତା ଉପରେ ମୁଁ କୌଣସି ଦିନ ଆସକ୍ତି ରଖିନି ।... ଖାତା ପରେ ଖାତା ଭର୍ତ୍ତି କବିତା ମୁଁ ସାଗରମୟର ଆଖି ସାମନାରେ ପୋଡ଼ି ଦେଇଛି କେତେ ଥର । ସେଇଥିରୁ କିଛି କିଛି ସେ ଉଦ୍ଧାର କରି ରଖିଥିଲା ।

''ସେ ଯାହାହେଉ, ଗୁରୁଦେବ ମୋ'ଠୁ କବିତା ଖାତା ନେଇ ନେବାର କିଛି ଦିନ ପରେ ତାଙ୍କ ନାମରେ ଗଦ୍ୟଛନ୍ଦରେ ଲେଖା 'ପ୍ରବାସୀ' ପତ୍ରିକାରେ ସେସବୁ ପ୍ରକାଶ ପାଇବାକୁ ଲାଗିଲା । ଦୀନେନ୍ଦ୍ରନାଥ ଠାକୁର ଅବାକ୍ । ସାଗରମୟ ରାଗି ନିଆଁ ।... ସେ କ'ଣ କଲା ନା ଗଦ୍ୟଛନ୍ଦରେ ଲିଖିତ ମୋର କବିତାଗୁଡ଼ିକୁ 'ପ୍ରବାସୀ' ଓ 'ବିଚିତ୍ରା'କୁ ପଠାଇ ଦେଲା । 'ପ୍ରବାସୀ' ତ ଉତ୍ତର ଦେବନି । 'ବିଚିତ୍ରା' ଲେଖିଲା : 'ରବୀନ୍ଦ୍ରନାଥଙ୍କର ନିର୍ଦ୍ଦେଶ – ତାଙ୍କ ଅନୁମତି ବିନା ଶାନ୍ତିନିକେତନ ଆଶ୍ରମର କୌଣସି ଛାତ୍ରର ରଚନା ଯେମିତି ପ୍ରକାଶ କରା ନ ଯାଏ ।'

ଅନ୍ୟ ଦିନେ କଥା କହୁ କହୁ ଭାବ ବଦଳାଇ ପୃଥ୍ୱୀନ୍‌ଙ୍କୁ ନିଶିକାନ୍ତ ସହାସ୍ୟରେ କହିଥିଲେ : ''ପୃଥ୍ୱୀନ୍, ତୁ ଦେଖିବୁ ଏମିତି ଦିନ ଆସିବ ଯେତେବେଳେ ପାଠକବୃନ୍ଦ ମୋ କବିତା ପଢ଼ି ଭାବ ବିହ୍ୱଳରେ ଆନନ୍ଦିତ ହୋଇ ମୋର ମହିମା ରଟାଇବେ, 'ସାଧକ-କବି ନିଶିକାନ୍ତ' । ତୁ କିନ୍ତୁ 'ଖାଦକ-ଲୋଭୀ ହିସିକ୍ଲାନ୍ତର ମନର କଥାସବୁକୁ ପୂର୍ବାପର ଭାବ ସହ ସଜାଇ ଲେଖି ରଖ । – ଏଇଟା ମୋର ଅନୁରୋଧ ।'' ('ହିସିକ୍ଲାନ୍ତ' ନାମଟି ନିଶିକାନ୍ତ କୌତୂହଳରେ ବ୍ୟବହାର କରୁଥିଲେ ବହୁମୂତ୍ର ରୋଗରେ ଆକ୍ରାନ୍ତ ହେବା ପରେ ।)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. ଡାଲିୟା ସରକାର : କବି ନିଶିକାନ୍ତ; ୨. ସୁଭାଷ ଘୋଷାଲ : ନିଶିକାନ୍ତ;

୩. ପୃଥ୍ୱୀନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ପଣ୍ଡିଚେରୀର ଦିନଗୁଳି, 'ଅଥ ନିଶିକାନ୍ତ'; ୧୯୮୯

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୭)

## ଗୟାଧର ଦାଶ

### ଗର୍ଭାଧାନ ପ୍ରକ୍ରିୟା ଓ ବୈଦିକ ସଂସ୍କାର

ଏକ ସୁନ୍ଦର ଆତ୍ମାକୁ ଆହ୍ୱାନ କରିବା ଏବଂ ସେହି ଆତ୍ମାକୁ ପୁତ୍ର ବା କନ୍ୟା ରୂପେ ପାଇବାରେ ସକ୍ଷମ ହେବା ସକାଶେ ଉଭୟ ପତି ଓ ପତ୍ନୀ ଏକ ଉଚ୍ଚତର ଚେତନାରେ ବାସ କରିବା ଉଚିତ । ବାଞ୍ଛିତ ଗର୍ଭଧାରଣ ନାରୀର ସହଜାତ ପ୍ରବୃତ୍ତିର ଏକ ଅଂଶ । ଥରେ ଗର୍ଭଧାରଣ ବିଷୟରେ ନିଶ୍ଚିତ ହେଲା ପରେ ଉଭୟ ପତି ଓ ପତ୍ନୀ ଏକ ପ୍ରକାର ଆନନ୍ଦ ଅନୁଭବ କରନ୍ତି ଏବଂ ଏକ ଉତ୍ତମ ବାତାବରଣ ମଧ୍ୟରେ ରହି ଏକ ନୂତନ ଆତ୍ମାକୁ ଆବାହନ କରିବା ପାଇଁ ତତ୍ପରତା ପ୍ରକାଶ କରନ୍ତି । ପରସ୍ପରର ସହମତି, ବୁଝାମଣା, ସ୍ନେହ, ଅନୁରାଗ, କୋମଳତା ସହ ଶାରୀରିକ ମିଳନ ଘଟେ । ଏହି ଶାରୀରିକ ମିଳନ ପାଇଁ ଅନେକ ବୈଦିକ ବିଧି ରହିଛି । ବାର, ମାସ, ତିଥି, ନକ୍ଷତ୍ର, ସମୟ ଆଦିର ମହତ୍ତ୍ୱ ମଧ୍ୟ ରହିଛି । ଏଥିପାଇଁ ଶୁଦ୍ଧ ପରିବେଶ ଓ ଶୁଦ୍ଧ ମାନସିକ ଅବସ୍ଥା ମଧ୍ୟ ଆବଶ୍ୟକ । ଚାଷୀ ଯେପରି ଅକ୍ଷୟ ତୃତୀୟା ଦିନ ଜମିରେ ବିହନ ବୁଣିବା ପୂର୍ବରୁ ଜମିକୁ ଖତ, ସାର ଦେଇ ବାରଂବାର ହଳ କରି ଜମିକୁ ଉର୍ବର କରି ରଖିଥାଏ ଏବଂ ଆନନ୍ଦ ମନରେ ମାଟି ମା ବିଶ୍ୱ ପ୍ରକୃତି ଓ ଈଶ୍ୱରଙ୍କୁ ପ୍ରାର୍ଥନା କରି ଭଲ ବିହନ ବୁଣେ; ଠିକ୍ ସେହିପରି ଗର୍ଭାଧାନ ପ୍ରକ୍ରିୟାଟି ଚାଲିଥାଏ । ପତି ଓ ପତ୍ନୀ ଗୋଟିଏ ଦିନ ଏବଂ ଏକ ଶୁଭ ସମୟ ସ୍ଥିର କରନ୍ତି ଯେତେବେଳେ ବାହ୍ୟ ପ୍ରକୃତି ଶାନ୍ତ ଓ ଶୀତଳ ଥାଏ ଏବଂ ଊର୍ଦ୍ଧ୍ୱରୁ ଏକ ଭଗବତ୍ ପ୍ରଭାବ ପ୍ରକାଶ ପାଉଥିବାର ଲକ୍ଷଣମାନ ପ୍ରତୀୟମାନ ହେଉଥାଏ । ଗର୍ଭାଧାନ ସକାଶେ ଅନେକ ସତର୍କତା ଅବଲମ୍ବନ କରିବା ସହ ଧାର୍ମିକ ବିଧିବିଧାନମାନ ପାଳନ କରିବା ବିଧେୟ । ଏଥିପାଇଁ କୌଣସି ବାଧ ବାଧକତା, କ୍ଲାନ୍ତି, ଅବଶୋଷ, ଅସନ୍ତୋଷ, ଉଦ୍‌ବେଗ, ଚିନ୍ତା, ଉତ୍ତେଜନା, ବିଷାଦ, ଭୟ, ଦ୍ୱିଧା ଓ ସଙ୍କୋଚ ରହିବା ଉଚିତ ନୁହେଁ । ମନର ମିଳନ ଓ ହୃଦୟର ସମ୍ମତି ଏବଂ ଆଦ୍ୟାଶକ୍ତିଙ୍କ ପ୍ରତି ଅନୁରକ୍ତି ରହିବା ଏକାନ୍ତ ଆବଶ୍ୟକ ।

ଗର୍ଭଧାରଣ ପାଇଁ ଉଦ୍ୟମ କରିବାର ଅନ୍ତତଃ ଏକ ବର୍ଷ ପୂର୍ବରୁ ଉଭୟ ପତି ଓ ପତ୍ନୀ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିବା ସକାଶେ ଯତ୍ନବାନ୍ ହେବା ଉଚିତ ଯଦ୍ୱାରା ଶିଶୁର ଭୌତିକ ଚେତନା ପାଇଁ ଏକ ଉପଯୁକ୍ତ ଭିତ୍ତି ପ୍ରସ୍ତୁତ ହୋଇ ପାରିବ । ସେମାନେ ଜୀବନ ପ୍ରତି ଏକ ସ୍ୱଚ୍ଛ ଦୃଷ୍ଟିକୋଣ, ଏକ ଶୁଭ ମନୋଭାବ, ଏକ ପ୍ରଫୁଲ୍ଲ ଚିତ୍ତ, ମାନବସମାଜ ପାଇଁ ପ୍ରେମ, ଆସ୍ଥାପୂର୍ଣ୍ଣ ଭଗବତ୍ ବିଶ୍ୱାସ, ସଦିଚ୍ଛା ଓ ମହତ୍ ଆକାଙ୍କ୍ଷା ଆଦି ପୋଷଣ କରିବା ଆବଶ୍ୟକ । ଏହା ଶିଶୁର ବିଭିନ୍ନ ଗୁଣର ବିକାଶ ନିମିତ୍ତ ଆବଶ୍ୟକୀୟ ଖୋରାକ ଯୋଗାଇ ଥାଏ । ପତି ଓ ପତ୍ନୀର ଶୁଦ୍ଧ ଅଭୀପ୍ସା, ଦୃଢ଼ ଇଚ୍ଛାଶକ୍ତି ଓ ତ୍ୟାଗପୂର୍ଣ୍ଣ ସରଳ ଓ ଆଦର୍ଶ ଜୀବନଯାପନ ହିଁ ଉତ୍ତମ ଆଧାର ପ୍ରସ୍ତୁତ କରିଥାଏ ।

ଗର୍ଭାଧାନ ପରେ ପୁଂସବନ ସଂସ୍କାରଟି ପାଳନ କରିବାକୁ ପଡ଼େ । ପୁଂସବନ ପ୍ରକ୍ରିୟାରେ ଅନେକ ବିଧିବିଧାନର ବ୍ୟବସ୍ଥା ରହିଛି । ଗର୍ଭଧାରଣର ଲକ୍ଷଣ ପ୍ରକାଶ ପାଇବା ପରେ ଦେବଦେବୀମାନଙ୍କୁ ଆରାଧନା କରିବା ଆରମ୍ଭ ହୋଇଯାଏ । ପ୍ରତି ମାସରେ, ବିଶେଷତଃ ତୃତୀୟ ମାସ ଉତ୍ତାରୁ ଶିଶୁର ଜନ୍ମ ପର୍ଯ୍ୟନ୍ତ ଘରେ ପୂଜା, ଆରାଧନା, ପାରାୟଣ, ବ୍ରାହ୍ମଣଭୋଜନ, ଯଜ୍ଞାନୁଷ୍ଠାନ, ଦାନ, ଧର୍ମ ଆଦି କରାଯାଏ । ଏହି ସମୟରେ ମାଆର ମନ, ପ୍ରାଣ ଓ ଶରୀରରେ ଭଗବତ୍ ଶକ୍ତିର ସଞ୍ଚାରଣ ନିମିତ୍ତ ଦେବଦେବୀମାନଙ୍କୁ ଆହ୍ୱାନ କରାଯାଏ ଯଦ୍ୱାରା ଏକ ମହତ୍ ଆତ୍ମା ଗର୍ଭବତୀ ନାରୀ ପ୍ରତି ଆକୃଷ୍ଟ ହେବ ଏବଂ ଏକ ଉତ୍ତମ ଆଧାର ପ୍ରାପ୍ତ ହୋଇ ଆତ୍ମାଟି ନିଜକୁ ପ୍ରକାଶ କରିପାରିବ । ଏହି ସମୟରେ ଭ୍ରୂଣର ଯଥାର୍ଥ ବୃଦ୍ଧି ଓ ସୁରକ୍ଷା ପ୍ରତି ଯଥେଷ୍ଟ ଯତ୍ନ ଓ ସତର୍କତା ଅବଲମ୍ବନ କରାଯାଇ ଥାଏ । ମାଆର ଶାରୀରିକ, ପ୍ରାଣିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ସୁସଙ୍ଗତି ପ୍ରତିଷ୍ଠା କରିବା ସକାଶେ ପରିବାରର ସବୁ ସଦସ୍ୟ ଯତ୍ନଶୀଳ ହେବା ବିଧେୟ । ପରିବେଶ ଶାନ୍ତ, ନିର୍ମଳ ଓ ମଧୁର ହେବା ଦରକାର । ମାଆର ଚିନ୍ତା ଓ ଚେତନାରେ ମାଧୁର୍ଯ୍ୟ ଭରି ଦେବା ସକାଶେ ପରିବେଶଟି ଅନୁକୂଳ ହେବା ବାଞ୍ଛନୀୟ ।

ମାଆର ଶୟନ କକ୍ଷଟି ସୁସଜ୍ଜିତ, ସୁଗନ୍ଧିତ ତଥା ଶାନ୍ତ ଓ ନିର୍ମଳ ରହିବା ଉଚିତ । ମଧୁର ଓ ଆଧ୍ୟାତ୍ମିକ ସଙ୍ଗୀତ ସହ ଗଳ୍ପ ଓ କବିତାମାନ ମାଆକୁ ଶୁଣାଇବା ଆବଶ୍ୟକ । ପ୍ରକୃତିର ମନୋରମ ପରିବେଶ, ଶସ୍ୟଶ୍ୟାମଳା ସବୁଜକ୍ଷେତ, ଫଳପୁଷ୍ପଭରା ଉଦ୍ୟାନ, ଝରଣାର କୁଳୁକୁଳୁ ନାଦ, ପକ୍ଷୀର ମଧୁର ଗୁଞ୍ଜନ, ଆଦର୍ଶମୂଳକ ଅଭିନୟ ଆଦିକୁ ଉପଭୋଗ କରିବା ପାଇଁ ମାଆକୁ ସୁଯୋଗ ଦେବା ବାଞ୍ଛନୀୟ । ସ୍ୱାମୀର ମଧୁର ପ୍ରୀତିପୂର୍ଣ୍ଣ କଥା ଓ ଆଚରଣ, ପରିବାରର ଅନ୍ୟ ସଦସ୍ୟମାନଙ୍କର ସ୍ନେହସିକ୍ତ ବ୍ୟବହାର ଏପରି ହେବ ଯେପରି ମାଆକୁ ଘରଟି ସ୍ୱର୍ଗଭୂମି ପରି ବୋଧ ହେବ । ପରିବାରରେ ଦାରିଦ୍ର୍ୟ ଥିଲେ ବି ମନରେ ଦାରିଦ୍ର୍ୟ ରହିବା ଅନୁଚିତ । ଅଭାବ ନୁହେଁ ଅଭାବବୋଧ ହିଁ ମନରେ ଅଶାନ୍ତି ଓ ଦୁଃଖ ଜାତ କରାଏ । ମାଆ ଯେପରି ଏସବୁଥିରୁ ଦୂରରେ ରହିପାରିବ ସେଥିପ୍ରତି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ । ପରସ୍ପର ପ୍ରତି ଆପଣାର ଭାବ, ଆତ୍ମୀୟତା, ପ୍ରେମ ଓ ଆନୁଗତ୍ୟ ରହିଲେ ଘରଟି ସ୍ୱର୍ଗ ପରି ବୋଧହୁଏ ଏବଂ ଏପରି ଏକ ପରିବେଶରେ ମାଆ ଏକ ଉତ୍ତମ ଆତ୍ମାକୁ ଆବାହନ କରି ଆଣିବାରେ ସମର୍ଥ ହୋଇଥାଏ । ଏଥିପାଇଁ ମାଆର ଈଶ୍ୱରଙ୍କଠାରେ ଗଭୀର ବିଶ୍ୱାସ ଓ ଆସ୍ଥା ରହିବା ଆବଶ୍ୟକ । ନିରନ୍ତର ନାମଜପ ଦ୍ୱାରା ଅପଶକ୍ତିମାନଙ୍କ ଆକ୍ରମଣରୁ ମାଆ ନିଜକୁ ସୁରକ୍ଷିତ ରଖିବାରେ ଏବଂ ହୃଦୟର ବାଣୀ ଶୁଣିବାରେ ସମର୍ଥ ହୋଇଥାଏ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ମାଆ କିଛି ସହଜ ବ୍ୟାୟାମ କରିବା ଉଚିତ ଏବଂ ନିଜର ଇଚ୍ଛାନୁସାରେ ସୁନ୍ଦର ଚିତ୍ରକଳା, ଭକ୍ତିରସାଣିତ ଗଳ୍ପ ଓ କବିତା ପଠନ, ଲିଖନ ତଥା ହସ୍ତକର୍ମ ଆଦି ସୃଜନଶୀଳ କର୍ମରେ ସମୟ ଅତିବାହିତ କରିବା ଅଧିକ ଫଳପ୍ରଦ ହୋଇଥାଏ । କୌଣସି ପ୍ରକାର ଭୟ ଓ ବିଷାଦକୁ ସ୍ଥାନ ଦେବା ଅନୁଚିତ । ମାଆର କଳ୍ପନା ଯେତେ ଶୁଦ୍ଧ, ମହାନ୍ ଓ ଉଚ୍ଚକୋଟୀର ହେବ, ତାହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ହିଁ ପଡ଼ିବ । ଏହି ସମୟରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଭଗବତ୍ ଚିନ୍ତନରେ ମନୋନିବେଶ କରିବା ବିଧେୟ ।

''ଏକଥାଟି ବେଶ୍ ସ୍ପଷ୍ଟ ଯେ ଗର୍ଭାବସ୍ଥାରେ ମାତାପିତା ଯେଉଁ ସ୍ଥିତିରେ ରହିଥା'ନ୍ତି ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଯଦି ସେମାନଙ୍କର ଭାବନାଗୁଡ଼ିକ ଅତି ନିମ୍ନ ସ୍ତରର ହୋଇଥାଏ, ଅଶ୍ଳୀଳ ହୋଇଥାଏ, ତେବେ ଏକଥା ନିଶ୍ଚିତ ଭାବରେ କୁହାଯାଇପାରେ ଯେ ସେମାନଙ୍କର ପିଲାମାନଙ୍କ ଜୀବନରେ ତାହା ପ୍ରତିଫଳିତ ହୁଏ । ଯେଉଁ ପିଲାମାନେ ସୁଗଠିତ ହୋଇ ନ ଥା'ନ୍ତି, ଭଲ ପରିବେଶରେ ଜନ୍ମ ହୋଇ ନାହାନ୍ତି ଓ ଅସମ୍ପୂର୍ଣ୍ଣ ରହି ଯାଇଛନ୍ତି (ବିଶେଷତଃ ବୁଦ୍ଧି ଦୃଷ୍ଟିରୁ ବିଚାର କରି ଦେଖିଲେ ସେମାନଙ୍କ ଭିତରେ କେତେ ଛିଦ୍ର ରହି ଯାଇଛି, କେତେ କ'ଣର ଅଭାବ ରହିଛି) ଏବଂ ଯେଉଁ ପିଲାମାନେ କେବଳ ଅର୍ଦ୍ଧଚେତନ ଓ ଅର୍ଦ୍ଧଗଠିତ, ସେମାନଙ୍କର ମାତାପିତାମାନେ ସନ୍ତାନର ଗର୍ଭଧାରଣ ସମୟରେ ଯେଉଁ ପ୍ରକାର ଚେତନାରେ ଥାଆନ୍ତି, ସର୍ବଦା ତାହାରି ଦୋଷରୁ ଏପରି ହୋଇଥାଏ । ସଂସାରରୁ ବିଦାୟ ନେଉଥିବା ବ୍ୟକ୍ତିର ଭବିଷ୍ୟତ୍ ପାଇଁ ଜୀବନର ଶେଷ ମୁହୂର୍ତ୍ତରେ ଚେତନାର ଅବସ୍ଥା ଯେପରି ଗୁରୁତ୍ୱପୂର୍ଣ୍ଣ, ଗର୍ଭଧାରଣ ମୁହୂର୍ତ୍ତରେ ପିତାମାନଙ୍କର ଚେତନାର ଅବସ୍ଥା ମଧ୍ୟ ସେହିପରି ଗୁରୁତ୍ୱପୂର୍ଣ୍ଣ, କାରଣ ତାହା ସାରା ଜୀବନରେ ପ୍ରତିଫଳିତ ହେବା ଭଳି ଏକ ଛାପ ଶିଶୁ ଉପରେ ପକାଇଥାଏ । ତେଣୁ ସେହି ମୁହୂର୍ତ୍ତର ମାନସିକ ଅବସ୍ଥା, ସେହି ମୁହୂର୍ତ୍ତର ଆସ୍ପୃହା ବା ଅଧୋଗତି ଯାହାକିଛି ସେହି ମୁହୂର୍ତ୍ତରେ ହୋଇଥାଏ; ଯଦିଓ ତାହା ଏକ ସାମାନ୍ୟ ଘଟଣା ଭଳି ମନେ ହୁଏ, ତଥାପି ତାହାର ପରିଣାମ ଯଥେଷ୍ଟ ଅଧିକ । ଏହା ଏପରି ଏକ ଶିଶୁକୁ ପୃଥିବୀକୁ ଆଣେ ଯେ କି ଅପୂର୍ଣ୍ଣ କିଂବା ଦୁଷ୍ଟ, ସର୍ବଶେଷରେ ଏକ ଅସଫଳ ଶିଶୁ ହୋଇଥାଏ । ଲୋକମାନେ ସେ ବିଷୟରେ ଆଦୌ ସଚେତନ ନୁହଁନ୍ତି ।

ପରବର୍ତ୍ତୀ ସମୟରେ ଯେତେବେଳେ ପିଲାଟି ଖରାପ ବ୍ୟବହାର କରେ ସେମାନେ ତାକୁ ଗାଳି ଦିଅନ୍ତି । କିନ୍ତୁ ସେମାନେ ବରଂ ନିଜକୁ ନିଜେ ଗାଳିଦେବା ଉଚିତ ଏବଂ କହିବା ଉଚିତ : ''ଏହି ପିଲାଟିକୁ ପୃଥିବୀକୁ ଆଣିବା ସମୟରେ ସତେ ମୁଁ ଚେତନାର କି ପ୍ରକାର ଭୟାନକ ଅବସ୍ଥାରେ ରହିଥିବି । କାରଣ ଏହି କଥା ହିଁ ସତ୍ୟ ।''

(CWM, Vol. 5, P. 413)

ଆମେମାନେ ଅନେକ ଧର୍ମପରାୟଣ ଓ ଭଗବତ୍ ବିଶ୍ୱାସୀ ବ୍ୟକ୍ତିଙ୍କୁ ଜାଣିଛେ ଯେଉଁମାନେ ଅସୀମ ସମତା, ଆତ୍ମସଂଯମ ଏବଂ ନିର୍ମଳ ଚିନ୍ତାଧାରା ପ୍ରଦର୍ଶନ କରିଛନ୍ତି । ସେମାନେ ଶାସ୍ତ୍ରକୁ ବିଶ୍ୱାସ କରନ୍ତି ଏବଂ ଶାସ୍ତ୍ରର ନିୟମଗୁଡ଼ିକୁ ମାନି ଚଳନ୍ତି । ସେମାନେ ସମାଜର ଅମଙ୍ଗଳ ଚିନ୍ତା କରନ୍ତି ନାହିଁ । ସେଥିପାଇଁ ସେମାନେ ନିର୍ବିଚାରରେ ଯୌନତୃପ୍ତି ପାଇଁ ଆଗ୍ରହ ପ୍ରକଶ କରନ୍ତି ନାହିଁ । ବହୁ ବହୁ ଘଟଣାରେ ପୃଥିବୀରେ ମାନବ ରୂପରେ 'ପଶୁ' ଜନ୍ମ ଦେବା ଭୟରେ ସେମାନେ ନିଜ

ମନରେ କାମନାବାସନାର ଯେଉଁ ଜୁଆର ସୃଷ୍ଟି ହେଉଥାଏ ତାହାକୁ ଏଡ଼ାଇ ଦିଅନ୍ତି ଏବଂ କଠୋର ସଂଯମର ପନ୍ଥା ଅବଲମ୍ବନ କରନ୍ତି । ଅନେକ ପୁଣ୍ୟାତ୍ମା ମାତାପିତାମାନେ ଗର୍ଭଧାରଣ ସମୟରେ ଭ୍ରୂଣକୁ ରକ୍ଷା କରିବା ତଥା ସୁଗଠିତ ଓ ତେଜୋମୟ କରିବା ନିମନ୍ତେ ପରମପ୍ରଭୁଙ୍କଠାରେ ପ୍ରାର୍ଥନା କରନ୍ତି ଏବଂ ବିଶ୍ୱଜନନୀ ହିଁ ମାଆ ଓ ଭ୍ରୂଣକୁ ସୁରକ୍ଷିତ କରି ରଖନ୍ତୁ ବୋଲି ପ୍ରାର୍ଥନା କରନ୍ତି ।

ପ୍ରଥମ କରି ଗର୍ଭଧାରଣ ସମୟରେ ଗର୍ଭବତୀ ନାରୀଠାରେ କେତେକ ମୌଳିକ ପରିବର୍ତ୍ତନ ଘଟିଥାଏ । ପ୍ରଥମତଃ ସେ ଖୁସିଥାଏ ଏବଂ ସୃଷ୍ଟିର ଏକ ସମ୍ପୂର୍ଣ୍ଣ ନୂତନ ଧାରା ଆରମ୍ଭ ହେଉଥିବାରୁ ମନସ୍ତାତ୍ତ୍ୱିକ ଓ ଶାରୀରିକ କେନ୍ଦ୍ରଗୁଡ଼ିକରେ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ଏବଂ ଗଭୀରତର ଓ ଉଚ୍ଚତର ଭୂମିରେ ଏକ ନୂତନ ଚେତନା ଜାଗ୍ରତ୍ ହୁଏ । ଗର୍ଭବତୀ ନାରୀ ନିଜ ଶରୀରରେ ପରିବର୍ତ୍ତନ ଘଟୁଥିବାର ଜାଣିବା ସଙ୍ଗେ ସଙ୍ଗେ ନିଜର ଚିନ୍ତା ଓ ଆବେଗରେ ମଧ୍ୟ ପରିବର୍ତ୍ତନ ଘଟୁଥିବାର ଅନୁଭବ କରେ । ସେ ବୁଝିବା ଉଚିତ ଯେ ତା'ଠାରୁ ଜନ୍ମଲାଭ କରୁଥିବା ଏକ ନୂତନ ସତ୍ତାର ଲାଳନପାଳନ ପାଇଁ ତା'ର ସମଗ୍ର ସତ୍ତାକୁ ପ୍ରସ୍ତୁତ କରିବାକୁ ହେବ । ଏହା ହେଉଛି ଗର୍ଭଧାରଣର ସ୍ୱାଭାବିକ ପରିଣତି । ଶରୀରର ପ୍ରସାରଣ ବ୍ୟତୀତ ଚେତନାର ସମ୍ପ୍ରସାରଣ ମଧ୍ୟ ଘଟେ; ନୂତନ ସୃଷ୍ଟି ପାଇଁ ଆନନ୍ଦର ଅନୁଭୂତି ଆସେ ଏବଂ ଏହି ଆନନ୍ଦାନୁଭୂତିରେ ପ୍ରେମ, ସଙ୍ଗତି, ଶାନ୍ତି ଓ ଐକ୍ୟର ସ୍ପନ୍ଦନ ଥାଏ ଯାହା ନିଜ ଭିତରୁ ଏବଂ ଊର୍ଦ୍ଧ୍ୱରୁ ଆସେ । ତା' ସହିତ ଯେତେବେଳେ ପରିବାରର ତଥା ପଡ଼ୋଶୀମାନଙ୍କର ସ୍ନେହ ଓ ସହାନୁଭୂତି ମିଶିଯାଏ ସେତେବେଳେ ପରିବେଶଟି ଶାନ୍ତି ଓ ଆନନ୍ଦଦାୟକ ହୋଇଥାଏ ।

ଗର୍ଭଧାରଣର ବିଭିନ୍ନ ଅବସ୍ଥାରେ ଯେଉଁ ପରିବର୍ତ୍ତନ ଘଟେ, ସେହି ସମୟରେ ଅସ୍ୱସ୍ତିବୋଧ କରିବା କିଂବା ଭୟଭୀତ ହେବା ଉଚିତ ନୁହେଁ । ପ୍ରାଥମିକ ଅବସ୍ଥାରେ ଗର୍ଭଧାରୀ ମହିଳା ଅସ୍ଥିର, କ୍ଳାନ୍ତ, ନିଷ୍କ୍ରିୟ ତଥା ବିରକ୍ତି ଭାବ ପ୍ରକାଶ କରନ୍ତି । କୌଣସି ଖାଦ୍ୟ, ପୋଷାକ, ରଙ୍ଗ, ଗନ୍ଧ, ଆଚାର-ବ୍ୟବହାର, ସଙ୍କେତ ଆଦି ପ୍ରତି ଆକର୍ଷିତ ବା ବିକର୍ଷିତ ହୋଇ ଥାଆନ୍ତି । ସେଥିପାଇଁ ଗର୍ଭଧାରିଣୀ ଭୟଭୀତ ହେବା ଅନୁଚିତ ଏବଂ ସମସ୍ତ ପ୍ରକାର ଅନୁଭୂତିକୁ କୌଣସି ଦ୍ୱିଧା ବା ସଙ୍କୋଚ ନ ରଖି ନିଜର ପତିଙ୍କ ନିକଟରେ ପ୍ରକାଶ କରିବାରେ ଆନନ୍ଦ ମିଳିଥାଏ । ବିଶେଷତଃ ଗର୍ଭଧାରିଣୀ ନାରୀ ଯାହା ନିଜକୁ ଶିକ୍ଷା ଦିଏ, ସେସମସ୍ତ ଶିକ୍ଷାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼ିଥାଏ ।

ସୁନ୍ଦର ଓ ସ୍ୱାସ୍ଥ୍ୟକର ପରିବେଶ ହିଁ ଉତ୍କୃଷ୍ଟ ମନୋଭାବ ପୋଷଣ କରିବାରେ ସହାୟକ ହୋଇଥାଏ । କୃତ୍ରିମତା ପରିବର୍ତ୍ତେ ସ୍ୱତଃସ୍ଫୂର୍ତ୍ତ, ସୁସଙ୍ଗତି ତଥା ସୃଜନାତ୍ମକ ବାତାବରଣ ହିଁ ମାଆ ଓ ଗର୍ଭସ୍ଥ ଶିଶୁ ପ୍ରତି ଶାନ୍ତିପ୍ରଦ ହୋଇଥାଏ । ଘରର ବାତାବରଣ ମଧ୍ୟ ଶାନ୍ତିପୂର୍ଣ୍ଣ, ସୁନ୍ଦର, ସୁସଙ୍ଗତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେବା ଉଚିତ । ବିଶେଷତଃ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ଉଚିତ ଏବଂ ସୁରୁଚି ସମ୍ପନ୍ନ ସାଦାସିଧା ଆରାମଦାୟକ ପରିଧାନର ଆବଶ୍ୟକତା ମଧ୍ୟ ରହିଛି । ପ୍ରତ୍ୟେକ ମାଆ ନିଜର ଶରୀର ସହିତ ପରାମର୍ଶ କରିବା ଉଚିତ । କି ପ୍ରକାର ଖାଦ୍ୟ ଖାଇବାକୁ ହେବ, କେତେ ପରିମାଣରେ ଏବଂ କେଉଁ ସମୟରେ ଖାଇବାକୁ ହେବ, ଏସବୁ ବିଷୟରେ ଶରୀର ତାକୁ ପରାମର୍ଶ ଦେଇ ପାରିବ । ଆବଶ୍ୟକୀୟ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍, ଲୌହ ଜାତୀୟ ଖାଦ୍ୟ, କାଲ୍‌ସିୟମ୍, ସବୁଜ ପନିପରିବା ଓ ଟଟକା ଫଳମୂଳ ଖାଇବା ଏବଂ ଆବଶ୍ୟକତା ଅନୁସାରେ ଖାଦ୍ୟର ପରିବର୍ତ୍ତନ କରିବା ଦ୍ୱାରା ମାଆ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଶିଶୁର ଶରୀର ଗଠନ ଓ ପୁଷ୍ଟି ସାଧନରେ ଗଭୀର ପ୍ରଭାବ ପକାଇଥାଏ । ଏହି ସମୟରେ ଧୂମପାନ, ମଦ୍ୟପାନ, ଚା, କଫି, ଚକୋଲେଟ ଓ ମୃଦୁପାନୀୟ, ମଇଦା ଜାତୀୟ ଖାଦ୍ୟ ପଦାର୍ଥ, ଅତ୍ୟଧିକ ଲୁଣ, ଚିନି, ମସଲା, ଲଙ୍କା ମିଶ୍ରିତ ଖାଦ୍ୟ ପଦାର୍ଥ, ଏପରିକି ପଚା, ବାସି, ଅଇଁଠା, ତିକ୍ତ ଓ କଷାଯୁକ୍ତ ଖାଦ୍ୟ ପଦାର୍ଥ ବର୍ଜନ କରିବା ଉଚିତ । ଏତଦ୍ ବ୍ୟତୀତ କଷ୍ଟକର କାର୍ଯ୍ୟ ବା ଅତ୍ୟଧିକ ପରିଶ୍ରମ, ଦୂରଯାତ୍ରା, ଅଶ୍ଳୀଳ ଚିତ୍ର, ଗଳ୍ପ, କଥାବାର୍ତ୍ତା, ଆଚରଣ, ଇଙ୍ଗିତ, ଉପନ୍ୟାସ ପଠନ ଠାରୁ ଦୂରେଇ ରହିବା ବାଞ୍ଛନୀୟ । ହିଂସା, କ୍ରୋଧ, ପ୍ରତିଶୋଧ ଓ ଉତ୍ତେଜନାପୂର୍ଣ୍ଣ ସମ୍ବାଦ ଶୁଣିବା ଓ ଚଳଚ୍ଚିତ୍ର ଦେଖିବା ସହ ନିଦ୍ରାବଟିକା ଓ କ୍ଷତିକାରକ ଔଷଧ ଖାଇବା; ବଣଭୋଜି, ସଭା-ସମିତି, କ୍ଲବର ଆମୋଦ ପ୍ରମୋଦ ଆଦିରୁ ଯଥାସମ୍ଭବ ଦୂରେଇ ରହିବା ଗର୍ଭଧାରିଣୀ ମାଆ ପକ୍ଷେ ଅନୁକୂଳ ହୋଇଥାଏ ।

ଖାଦ୍ୟ ପରି ଉତ୍ତମ ବିଶ୍ରାମ ମଧ୍ୟ ଗର୍ଭଧାରିଣୀ ମାଆ ପକ୍ଷେ ଆବଶ୍ୟକ ହୋଇଥାଏ । ଶଯ୍ୟା ଅତ୍ୟଧିକ କଠିନ ଓ ଅତ୍ୟଧିକ ନରମ ହେବା ଅନୁଚିତ । ପରିଷ୍କାର ପରିଚ୍ଛନ୍ନ ସହ ନିର୍ମଳ ବାୟୁ ଓ ଆଲୋକର ସୁବ୍ୟବସ୍ଥା ରହିବା ଆବଶ୍ୟକ । ପରିବେଶଟି କୋଳାହଳ ଶୂନ୍ୟ ହେବା ଉଚିତ । ପକ୍ଷୀର ମଧୁର

କାକଳୀ, ପୁଷ୍ପର ସୁରଭି, ନିର୍ମଳ ଆକାଶର ଉଦିତ ସୂର୍ଯ୍ୟ, ଜ୍ୟୋସ୍ନାଲୋକିତ ଚନ୍ଦ୍ର, ଚିରସବୁଜିମା କ୍ଷେତ, ନିର୍ଝରଣୀର କୁଳୁକୁଳୁ ନାଦ, ମୃଦୁ ଆଧ୍ୟାତ୍ମିକ ସଂଗୀତର ମୂର୍ଚ୍ଛନା, ପ୍ରେମ ଓ ଭକ୍ତିପୂର୍ଣ୍ଣ କାହାଣୀ, ମୟୂରର ନୃତ୍ୟ, ଝିପିଝିପି ବର୍ଷା ସହ ନୀଡ଼ ଫେରନ୍ତା ପକ୍ଷୀମାନଙ୍କର ସଂଗତିଭରା ହାବଭାବ ଆଦି ଅନେକ ପ୍ରାକୃତିକ ଶୋଭା ଗର୍ଭଧାରୀ ମାଆର ଶାରୀରିକ, ମାନସିକ, ପ୍ରାଣିକ ଓ ଚୈତ୍ୟିକ ବିକାଶ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରେ ଏବଂ ଏପରି ପରିବେଶରେ ମାଆର ମନ ଉଲ୍ଲସିତ ହୋଇ ଉଠେ, ସୁନିଦ୍ରା ହୁଏ । ଶରୀରର ଆବଶ୍ୟକତା ଅନୁସାରେ ଅନ୍ୟୂନ ସାତଘଣ୍ଟା ବିଶ୍ରାମ ଦରକାର । ଆଳସ୍ୟତାକୁ ଯଥାସମ୍ଭବ ପରିତ୍ୟାଗ କରିବା ଉଚିତ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଜାଗର ରହିବା ଏବଂ ହସ କୌତୁକରେ ମାତିବା ଶରୀର ପକ୍ଷେ କ୍ଷତିକାରକ ।

ଶିଶୁ ଯେତେବେଳେ ମାତୃଗର୍ଭରେ ପ୍ରସ୍ତୁତି ପଥରେ ଥାଏ ସେତେବେଳେ ସେ ତା'ର ମାଆ ଜରିଆରେ ତିନି ପ୍ରକାର ଖାଦ୍ୟ ଗ୍ରହଣ କରିଥାଏ । ତାହା ହେଲା ଜୀବନୀଶକ୍ତି (Protoplasm), ବାୟୁ (Air) ଓ ଧାରଣା (Impression) । ଜୀବନୀଶକ୍ତି ହେଉଛି ଭୌତିକ ଖାଦ୍ୟ, ବାୟୁ ହେଉଛି ପ୍ରାଣିକ ଖାଦ୍ୟ ଓ ଧାରଣା ମାନସିକ ଖାଦ୍ୟ ଅଟେ । ତେଣୁ ଶିଶୁଟି ମାତୃଗର୍ଭରେ ଥାଇ ନିଜର ଶରୀର, ପ୍ରାଣ ଓ ମନ ପାଇଁ ଖାଦ୍ୟ ଗ୍ରହଣ କରୁଥାଏ । ମାଆର ଏହି ଖାଦ୍ୟ ଯେତେ ଶୁଦ୍ଧ ହେବ ଶିଶୁର ଚେତନା ମଧ୍ୟ ସେତେ ଶୁଦ୍ଧ ହେବ । ଏପରିକି ମାଆ ନିଜ ଶିଶୁର ରୂପ, ଗୁଣ, ଚରିତ୍ର କିପରି ହେବ ତା'ର ଏକ ଆଦର୍ଶ ନମୁନା ମଧ୍ୟ କଳ୍ପନା କରି ପାରିବ ଏବଂ ସେହି ରୂପ, ଗୁଣ ଓ ଚରିତ୍ରଟି ଶିଶୁ ମଧ୍ୟରେ ପ୍ରତିଫଳିତ ହେବା ସକାଶେ ପ୍ରାର୍ଥନା କରିପାରିବ । ଅନେକ ମାଆ ନିଜର ପ୍ରାର୍ଥନା ଦ୍ୱାରା ନିର୍ଦ୍ଦିଷ୍ଟ ଦେବତା ବା ଦୈବୀଶକ୍ତିକୁ ପୁତ୍ର ବା କନ୍ୟା ରୂପେ ପ୍ରାପ୍ତ ହେବାରେ ସଫଳତା ହାସଲ କରିଛନ୍ତି । ଖାଇବା, ଶୋଇବା, କଥାବାର୍ତ୍ତା କରିବା ସମୟରେ କିପରି ପ୍ରାର୍ଥନା କରିବାକୁ ହେବ ବା ଏକ ଆସ୍ପୃହା ସହ ଏକାଗ୍ର ହେବାକୁ ପଡ଼ିବ ସେ ବିଷୟରେ ମାଆ କହନ୍ତି – ''ଖାଇବା ପୂର୍ବରୁ ଏପରି ଏକ ଆସ୍ପୃହା ସହ କିଛିକ୍ଷଣ ଏକାଗ୍ର ହେବ, ଯେପରିକି ତୁମେ ଯେଉଁ ଖାଦ୍ୟ ଖାଇବାକୁ ଯାଉଛ, ତାହା ତୁମ ଶରୀର ଆବଶ୍ୟକ କରୁଥିବା ଉପାଦନ ଓ ଶକ୍ତି ପାଇଁ ଏକ ମଜଭୁତ ଆଧାର ରୂପେ କାର୍ଯ୍ୟ କରିବ ।'' ''ଶୋଇବା ପୂର୍ବରୁ ଏପରି ଏକ ଆସ୍ପୃହା ସହ ତୁମେ ଏକାଗ୍ର ହୁଅ ଯେପରିକି ନିଦ୍ରା ତୁମର ସ୍ନାୟବିକ କ୍ଳାନ୍ତି ଦୂର କରିବା ସହ ତୁମ ମସ୍ତିଷ୍କରେ ପ୍ରଶାନ୍ତି ଓ ନୀରବତା ଆଣି ଦେଇପାରିବ ।'' ''କଥାବାର୍ତ୍ତା ବେଳେ ଆବଶ୍ୟକ ଅନୁସାରେ ଉତ୍ତମ, ବାସ୍ତବ ଓ ସୁଖକର କଥା କହିବ । ଅନାବଶ୍ୟକ ବା ବାଜେ କଥା ଚେତନାକୁ ନିମ୍ନଗାମୀ କରେ । ଯେତେବେଳେ ତୁମେ କଥାବାର୍ତ୍ତା କରିବ ସେତେବେଳେ ଆବଶ୍ୟକୀୟ ସଂଯମ ଅବଲମ୍ବନ କରିବ । କିଛି ସମୟ ନୀରବ ରହି କହିବାକୁ ଯାଉଥିବା ଶବ୍ଦଗୁଡ଼ିକୁ ପରୀକ୍ଷା କରିନେବ । ଯେତିକି ଅତ୍ୟାବଶ୍ୟକ କେବଳ ସେତିକି ବ୍ୟତୀତ ଅନ୍ୟ କିଛି କହିବ ନାହିଁ ।'' ନିଃଶ୍ୱାସ ପ୍ରଶ୍ୱାସ ନେବାବେଳେ ଧାରଣା କରିବ ଯେ ବିଶ୍ୱପ୍ରାଣ ଶକ୍ତି ଶରୀର ଭିତରକୁ ଧୀରେ ଧୀରେ ପ୍ରବେଶ କରୁଛି ଏବଂ ମାଆ ସମେତ ଶିଶୁର ପ୍ରତିଟି କୋଷାଣୁ ମଧ୍ୟରେ ଶକ୍ତି ଭରି ଦେଉଛି । ଆମର ପ୍ରଶ୍ୱାସ ଓ ଭାବନା ମାଧ୍ୟମରେ ଆମେ ଯେଉଁ ସ୍ପନ୍ଦନ ଗ୍ରହଣ କରି ଥାଉ ତାହା ଯେପରି ଶୁଦ୍ଧ ହେଉ ଏବଂ ପ୍ରତିଟି ଅନୁଭବ, ଭାବାବେଗ ଏକ ନୂତନ ଚେତନା, ନୂତନ ଶକ୍ତିର ସ୍ପନ୍ଦନ ବହନ କରି ଆଣୁ । ଋଷି ଅଷ୍ଟାବକ୍ର, ଶୁକ ମୁନି, ଅଭିମନ୍ୟୁ ଆଦି ମାତୃଗର୍ଭରେ ଥାଇ ଅନେକ ଶିକ୍ଷା ପାଇଥିଲେ । ତେଣୁ ମାଆର ଅଭୀପ୍ସା ଓ ଗ୍ରହଣଶୀଳତା ଅନୁସାରେ ଗର୍ଭସ୍ଥ ଶିଶୁଟି ଅନେକ କିଛି ଶିକ୍ଷାଲାଭ କରେ । ଛତ୍ରପତି ଶିବାଜୀଙ୍କ ମାଆ ଜୀଜାବାଈ ଗର୍ଭବତୀ ଥିବାବେଳେ ଏପରି ଏକ ପୁତ୍ର ପାଇବା ପାଇଁ ପ୍ରାର୍ଥନା କରିଥିଲେ ଯିଏ ଜଣେ ଯୋଦ୍ଧା ଓ ସାହସୀ ହେବ ଏବଂ ମୋଗଲମାନଙ୍କୁ ପରାସ୍ତ କରି ପିତୃ ରାଜ୍ୟକୁ ସୁରକ୍ଷା ଦେବା ସହ ସୁଶାସନ କରିପାରିବ । ସେହି ଶିବାଜୀ ଗୁରୁ ରାମଦାସଙ୍କ ନିର୍ଦ୍ଦେଶ ଅନୁସାରେ ଏପରି କାର୍ଯ୍ୟ କରିଥିଲେ ଯଦ୍ଦ୍ୱାରା ତାଙ୍କ ମାତାଙ୍କର ଇଚ୍ଛା ପୂରଣ ହୋଇ ପାରିଥିଲା ।

ଏତଦ୍‌ବ୍ୟତୀତ ଭାବୀ ମାଆ କିଛି ହାଲୁକା ବ୍ୟାୟାମ ସହ ଆସନ, ପ୍ରାଣାୟାମ କରିବା ଆବଶ୍ୟକ । ପ୍ରାତଃ ଭ୍ରମଣ, ସୃଜନଶୀଳ ଚିତ୍ର ଆଙ୍କିବା, କବିତା ରଚନା କରିବା, ଆଧ୍ୟାତ୍ମିକ ପୁସ୍ତକ ପାଠ କରିବା, ଧ୍ୟାନ ଓ ପ୍ରାର୍ଥନା କରିବା ଆଦି ଯେଉଁ ପ୍ରକାର କାର୍ଯ୍ୟରେ ରୁଚି ଥିବ ଏବଂ ଗର୍ଭସ୍ଥ ଶିଶୁର ଅଭିବୃଦ୍ଧି ସକାଶେ ଅନୁକୂଳ ହେଉଥିବ ତାହା କରିବା ଉଚିତ ।

(କ୍ରମଶଃ)

❑❑❑

# ଆଧ୍ୟାତ୍ମିକତାର ପରିଭାଷା

## (୪)

## କୁମାର ଚନ୍ଦ୍ର ମିଶ୍ର

ପରମା ଜନନୀଙ୍କ ଶକ୍ତିପୁଞ୍ଜ ଘନୀଭୂତ ହୋଇ ଜଡ଼ର ସୃଷ୍ଟି ହେଲା । ଜଡ଼ ବିବର୍ତ୍ତିତ ହୋଇ ଉଦ୍ଭିଦରେ ପରିଣତ ହେଲା । ବିବର୍ତ୍ତନ ଧାରାରେ ଉଦ୍ଭିଦ-ଚେତନା ବିକଶିତ ହୋଇ ପ୍ରାଣୀର ସୃଷ୍ଟି ହେଲା । ପ୍ରାଣିକ ଚେତନା ବିକଶିତ ହୋଇ ମାନସିକ ଚେତନାର ବିକାଶ ହେଲା । ମଣିଷର ମନ ଓ ବୁଦ୍ଧି ବିକଶିତ ହୋଇ ମଣିଷସମାଜରେ ନୈତିକତା ଓ ଧର୍ମର ଗୁରୁତ୍ୱ ପ୍ରତିପାଦନ କଲା । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ :

"All religions have saved a number of souls, but none yet has been able to spiritualise mankind. For that there is needed not cult and creed, but a sustained and all-comprehending effort at spiritual self-evolution."

(MCW. Vol. - 9, P. 77)

''ସବୁ ଧର୍ମ ଅନେକ ଆତ୍ମାର ପରିତ୍ରାଣ କରି ପାରିଛି । କିନ୍ତୁ କୌଣସି ଧର୍ମ ମଣିଷସମାଜକୁ ଏଯାବତ୍ ଆଧ୍ୟାତ୍ମିକ ସ୍ତରରେ ପ୍ରତିଷ୍ଠିତ କରିପାରି ନାହିଁ । ତେବେ ସେଥିଲାଗି ସମ୍ପ୍ରଦାୟର ଆବଶ୍ୟକତା ନାହିଁ । ଧର୍ମ ମତର ମଧ୍ୟ ଆବଶ୍ୟକତା ନାହିଁ । ସେଥିଲାଗି ଆଧ୍ୟାତ୍ମିକ ଆତ୍ମ-ବିବର୍ତ୍ତନ ନିମିତ୍ତ ଏକ ନିରବଚ୍ଛିନ୍ନ ଏବଂ ସାମଗ୍ରିକ ପ୍ରୟାସର ହିଁ ଆବଶ୍ୟକତା ରହିଛି ।'' ଏହିପରି ଆଧ୍ୟାତ୍ମିକ ଆତ୍ମ-ବିବର୍ତ୍ତନ ହିଁ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ କରିପାରିବ । ମାତ୍ର ଏଥିନିମିତ୍ତ ସମଗ୍ର ମାନବସମାଜର ସ୍ୱୀକୃତି ଆବଶ୍ୟକ । ଶ୍ରୀଅରବିନ୍ଦ କହିଛନ୍ତି :

"All would change if man could once consent to be spiritualised; but his nature, mental and vital and physical, is rebellious to the higher law. He loves his imperfection."

(MCW. Vol. - 9, P. 79)

ଅର୍ଥାତ୍, ''ନିଜକୁ ଆଧ୍ୟାତ୍ମିକତାର ସ୍ତରକୁ ଉତ୍ତୋଳିତ କରିନେବା ଲାଗି ଯଦି ମନୁଷ୍ୟ ଥରେ ବି ସ୍ୱୀକୃତି ପ୍ରଦାନ କରନ୍ତା ତେବେ ସବୁକିଛି ବଦଳି ଯାଇପାରନ୍ତା । କିନ୍ତୁ ତା'ର ମାନସିକ, ପ୍ରାଣିକ ଏବଂ ଭୌତିକ ସ୍ତରର ପ୍ରକୃତି ସେହି ଉଚ୍ଚତର ବିଧାନଟିର ବିରୋଧରେ ସତେ ଅବା ଏକ ବିଦ୍ରୋହ ଘୋଷଣା କରିଛି । ମନୁଷ୍ୟ ତା'ର ଅପୂର୍ଣ୍ଣତାଗୁଡ଼ିକୁ ହିଁ ଭଲ ପାଇବାରେ ଲାଗିଛି ।''

ଏଥିପାଇଁ ଜନମାନସରେ ଆଧ୍ୟାତ୍ମିକତାର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସଚେତନତାକୁ ଜାଗ୍ରତ୍ କରିବାକୁ ହେବ । ଅନ୍ୟଥା ପ୍ରକୃତିର ବିବର୍ତ୍ତନ ଧାରାରେ ମଣିଷସମାଜକୁ ଅନେକ ବିପର୍ଯ୍ୟୟ ଓ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ।

ଏକଦା ଦିବ୍ୟଜନନୀଙ୍କୁ ପ୍ରଶ୍ନ କରାଯାଇଥିଲା – ଆଧ୍ୟାତ୍ମିକ ଜୀବନର ଆରମ୍ଭ ହୁଏ କେତେବେଳେ ?

**ଶ୍ରୀମା :** ''ଯଥାର୍ଥ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ ଯେତେବେଳେ ଜଣେ ଚୈତ୍ୟସତ୍ତାରେ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ ହୁଏ ଓ ନିରନ୍ତର ଚୈତ୍ୟସତ୍ତାଙ୍କ ସହ ଯୁକ୍ତ ହୋଇ ରହିଥାଏ । ସେତେବେଳେ ଯାଇ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ – ଯାହାକୁ କୁହାଯାଇପାରେ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ।

''ଯେତେବେଳେ ଜଣେ ନିଜ ଚୈତ୍ୟସତ୍ତା ସହ ସଂଯୁକ୍ତ ହୋଇ ରହିଥାଏ ଓ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ ଥାଏ ଏବଂ ଏହି ଦିବ୍ୟ ଉପସ୍ଥିତିଠାରୁ ଆପଣାର କର୍ମ ଲାଗି ନିର୍ଦ୍ଦେଶ ପାଇଥାଏ ଓ ଯେତେବେଳେ ଜଣେ ଦିବ୍ୟ-ସଂକଳ୍ପର ଏକ ସଚେତନ ସହଯୋଗୀ ହୋଇ ରହିଥାଏ – ଏହା ହେଉଛି ପ୍ରାରମ୍ଭ ବିନ୍ଦୁ ।

''ତତ୍‌ପୂର୍ବରୁ ଆଧ୍ୟାତ୍ମିକ ଜୀବନ ନିମିତ୍ତ ଜଣେ ଅଭୀପ୍ସୁ ହୋଇ ଥାଇପାରେ, କିନ୍ତୁ ସେ ଆଧ୍ୟାତ୍ମିକ ଜୀବନଟି ବଞ୍ଚୁ ନ ଥାଏ ।''

(CWM. Vol. - 8, P. 136 - 137)

**ଆଧ୍ୟାତ୍ମିକ ପଥର ପାଥେୟ :**

ଆଧ୍ୟାତ୍ମିକ ଜୀବନଯାପନ କରିବା ଲାଗି ଆମେ କି ପ୍ରକାର ମନୋଭାବ ପୋଷଣ କରିବା ? ଆଧ୍ୟାତ୍ମିକ ବ୍ୟକ୍ତିର ଜୀବନରେ ନଥାଏ ସନ୍ନ୍ୟାସୀର ରୁକ୍ଷତା କିଂବା ସଂସାର ପ୍ରତି ବୈରାଗ୍ୟସୁଲଭ ବିତୃଷ୍ଣା । ତା'ର କୌଣସି ବିଷୟ ବା ବ୍ୟକ୍ତି

ପ୍ରତି ତିଳେ ମାତ୍ର ନ ଥାଏ ଆସକ୍ତି । ଏ ସଂକ୍ରାନ୍ତରେ ଗୋଟିଏ ଘଟଣା କଳ୍ପନା କରାଯାଇପାରେ ।

ଏକଦା ତିନିଜଣ ଯୁବକ ବନ୍ଧୁ ଗ୍ରାମାଞ୍ଚଳରୁ ସହରକୁ ଆସିଥିଲେ । ଉଦ୍ଦେଶ୍ୟ ଥିଲା ସହରି ଜୀବନର କିଛି ଆମୋଦ-ପ୍ରମୋଦ ଉପଭୋଗ କରିବା । ପ୍ରଥମେ ସିନେମା ଦେଖା ସରିଲା । ତତ୍‌ପରେ ଗୋଟିଏ ପଞ୍ଚତାରକା ହୋଟେଲରେ ଭୋଜନ ଓ ମକରନ୍ଦ ପାନ ସମାପ୍ତ କଲାବେଳକୁ ମଧ୍ୟରାତ୍ର ଅତିକ୍ରାନ୍ତ ହୋଇଗଲା । ତେଣୁ ତିନି ବନ୍ଧୁ ଦ୍ରୁତ ପଦକ୍ଷେପରେ ଗାଁ ମୁହାଁ ଫେରିବା ଆରମ୍ଭ କଲେ । କିଛି ସମୟ ପରେ ପହଞ୍ଚି ଗଲେ ଆପଣା ଗ୍ରାମର ସୀମାନ୍ତରେ ପ୍ରବାହିତ ହେଉଥିବା ଖରସ୍ରୋତା ନଦୀ କୂଳରେ । ନୀଦ ପାର ହେବାକୁ ପଡ଼ିବ । ବର୍ଷାଦିନ । କିନ୍ତୁ ଏହି ଅବେଳଟାରେ ନାବ କିଂବା ନାଉରିଆ କେଉଁଠୁ ପାଇବେ ? ଏଣେ ଆକାଶରେ କଳାମେଘ ଘୋଟିଛି ଯେ ମୁହଁକୁ ମୁହଁ ଦିଶୁ ନାହିଁ । ପୁଣି 'ଖିଆ' ସହିତ 'ପିଆ'ଟା ବି ଟିକିଏ ମାତ୍ରାଧିକ ହୋଇ ଯାଇଛି । ନଦୀ ପାରି ହେବାର ସମ୍ଭାବନା ନ ଥିଲେ ବି କୂଳେ କୂଳେ ଅଣ୍ଡାଳି ଅଣ୍ଡାଳି ଚାଲୁଥିବା ବେଳେ ହଠାତ୍ ହାତ ସ୍ପର୍ଶ କଲା କୂଳରେ ଭାସୁଥିବା ଗୋଟିଏ ଡଙ୍ଗାକୁ । ଖୁସିରେ ତିନିଜଣ ବନ୍ଧୁ ଡଙ୍ଗା ଭିତରକୁ ପ୍ରବେଶ କରିବା ମାତ୍ରେ ଡଙ୍ଗା ଭିତରେ ପଡ଼ି ରହିଥିବା ତିନୋଟି କାତକୁ ସେମାନେ ପାଇଗଲେ । ପ୍ରବଳ ଉତ୍ସାହର ସହିତ ତିନିବନ୍ଧୁ ଗୋଟିଏ ଲେଖା କାତ ଧରି ଡଙ୍ଗା ବାହିବାରେ ଲାଗିଗଲେ । ନିଶାର ପ୍ରଭାବରେ ରାତିସାରା କାତ ମାରୁଥା'ନ୍ତି । ଡଙ୍ଗାଟି କେଉଁ ଆଡ଼େ ଯାଉଛି ସେଥିପ୍ରତି ନିଘା ନ ଥାଏ । ଏମିତି ହେଉ ହେଉ ସିନ୍ଦୂରା ଫାଟିଲା ବେଳକୁ ତିନି ବନ୍ଧୁଙ୍କର ନିଶା ବି କମି ଆସିଥିଲା । ସେମାନେ ଲକ୍ଷ୍ୟ କଲେ ଯେ ଏପଟ କୂଳରେ ହିଁ ଡଙ୍ଗାଟି ଚକ୍କର ମାରୁଛି । ନିରେଖି ଦେଖିଲା ପରେ ଜଣା ପଡ଼ିଲା ଯେ ଡଙ୍ଗାଟି ଗୋଟିଏ ମୋଟା ରଜ୍ଜୁ ଦ୍ୱାରା କୂଳରେ ଥିବା ନଙ୍ଗର ସହିତ ବନ୍ଧା ଯାଇଛି । ତେଣୁ କେଉଁ ଦିଗରେ ବା ସେ ଗତି କରିପାରିବ ? ପରେ ଅବଶ୍ୟ ଦୁଇ କୂଳକୁ ପ୍ଳାବିତ କରି ପ୍ରବାହିତ ହେଉଥିବା ନଦୀଟିକୁ ସେମାନେ ଏକ ସାଧାରଣ ଡଙ୍ଗାରେ ପାର ହୋଇ ଗାଁ ଗୋହିରି ଦେଇ ଯିଏ ଯାହାର ଘରେ ଯାଇ ପହଞ୍ଚି ଯାଇଥିଲେ ।

ଠିକ୍ ସେହିପରି ସାଂସାରିକ କୌଣସି ଆକର୍ଷଣ – ଧନର ଆକର୍ଷଣ, କ୍ଷମତାର ଆକର୍ଷଣ, କାମନାବାସନାର ଆକର୍ଷଣ ତଥା ଖାଦ୍ୟ ପ୍ରତି ଆକର୍ଷଣ – ଏସବୁଥିରୁ ପୂର୍ଣ୍ଣ ରୂପେ ମୁକ୍ତ ନ ହେଲେ ଆଧ୍ୟାତ୍ମିକ ଜୀବନ ସ୍ରୋତରେ ସାଧକ ରୂପକ ଡଙ୍ଗାଟି ଗୋଟିଏ ସ୍ଥାନରେ ହିଁ ଚକ୍କର କାଟୁଥିବ । ନିଶାସକ୍ତ ତିନି ବନ୍ଧୁଙ୍କ ପରି କଳୁଷିତ ମନ, ପ୍ରାଣ ଓ ଶରୀର ଯେତେ ଚେଷ୍ଟା କରୁଥିଲେ ବି ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି ପରିଲକ୍ଷିତ ହେବ ନାହିଁ । କୌଣସି ବ୍ୟକ୍ତି, ବିଷୟ ବା ପରିବେଶ ପ୍ରତି ସାମାନ୍ୟ ଆସକ୍ତି ଯଦି ରହିଥାଏ ତେବେ ଆତ୍ମିକ ବିକାଶରେ ବ୍ୟାଘାତ ସୃଷ୍ଟି ହୋଇ ପାରେ । ଏହାର ଅର୍ଥ ନୁହେଁ ଯେ ଜଣେ ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା ରହିତ ଏକ ଶୁଷ୍କ ଜୀବନଯାପନ କରିବ । ବରଂ ସେସବୁର ଗୁଣଧର୍ମ ଭିନ୍ନ ପ୍ରକାରର ହେବ, ଅର୍ଥାତ୍ ସେସବୁଥିରେ ତିଳେମାତ୍ର ଆସକ୍ତି ରହିବ ନାହିଁ ।

ସଚେତନତା, ସତର୍କତା ବା ସଦା ଜାଗରୂକତା ହେଉଛି ଆଧ୍ୟାତ୍ମିକ ଜୀବନ ଲାଗି ଏକ ଅପରିହାର୍ଯ୍ୟ ଆବଶ୍ୟକତା । ନିମ୍ନ ଗତିବୃତ୍ତି ବା ପ୍ରକୃତିକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ଯୁଗପତ୍ ଉଚ୍ଚତର ଗତିବୃତ୍ତିଗୁଡ଼ିକୁ ଆୟତ୍ତ କରିବା ଲାଗି ଏକ ନିରନ୍ତର ପ୍ରୟାସ ଜାରି ରଖିବା ଆବଶ୍ୟକ । ଏ ଜୀବନ ହେଲା ନିରନ୍ତର ପର୍ବତ ଆରୋହଣ କରିବା ସଦୃଶ; ଯେଉଁଠି ଅତୀତକୁ ପଛରେ ପକେଇ ଅବିରତ ଆଗେଇବାକୁ ହେବ । କୌଣସି ସ୍ଥିତିରେ ଅଟକିଯିବା ହେଉଛି ଏକ ମିଥ୍ୟା ବା ମନ୍ଦ ଗତିବୃତ୍ତି । ଦିବ୍ୟଜନନୀ ଶ୍ରୀମା କହନ୍ତି :

"... Everything that does not progress necessarily declines and perishes,..."

(CWM. Vol. - 9, p. 175)

*

"Stagnation means decomposition."

(CWM. Vol. - 15, P. 76)

''...ଯାହାକିଛି ଅଗ୍ରଗତି କରେ ନାହିଁ ସ୍ୱତଃ ସେସବୁର ଅବନିତ ଘଟେ ଓ ଧ୍ୱଂସ ହୁଏ, ...''

*

''ସ୍ଥାଣୁତ୍ୱର ଅର୍ଥ ହେଲା ଅବକ୍ଷୟ ।''

ତେଣୁ କୌଣସି ଦୁର୍ବଳତାକୁ ଜୟ କରିବା ଲାଗି, ମନ୍ଦ ଗତିବୃତ୍ତିକୁ ପ୍ରତ୍ୟାଖ୍ୟାନ କରିବା ଲାଗି, କିଛି ନୂଆ ବିଷୟ ଶିଖିବା ଲାଗି, କିଛି ସଂଶୋଧନ କରିବା ଲାଗି, କିଛି ଆୟତ୍ତ କରିବା ଲାଗି କୌଣସି ସୁଯୋଗକୁ ହାତଛଡ଼ା କରାଯାଏ ନାହିଁ ।

ଅହଂର ବିକଳ୍ପ ରୂପେ ଅନ୍ୟ ଏକ ଚେତନା ସମ୍ପର୍କରେ ସଚେତନ ହେବା – ଯେଉଁ ଚେତନାଟି ବ୍ୟାପକ, ଅନନ୍ତ,

ଆତ୍ମସ୍ଥିତ, ଅତିପବିତ୍ର, ସେହି ଚେତନାକୁ ଆପଣାର କରିବା; ତାହାରି ପ୍ରଭାବରେ ଅଧିକରୁ ଅଧିକ ଜୀବନ ଅତିବାହିତ କରିବା ହେଲା ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟ । ସମ୍ପୂର୍ଣ୍ଣ ରୂପେ ଅହଂକାରରୁ ମୁକ୍ତ ନ ହେଲେ ଆଧ୍ୟାତ୍ମିକ ଜୀବନଯାପନ କରିବା ସମ୍ଭବ ହୁଏ ନାହିଁ ।

ଦିବ୍ୟତମ ସମ୍ଭାବ୍ୟ ମୂଲ୍ୟବୋଧଗୁଡ଼ିକ ପ୍ରତି ଜୀବନ ଓ ତାହାର ପ୍ରତ୍ୟେକ ବିଭାବକୁ ଉନ୍ନୀତ କରିବା ହେଲା ଆଧ୍ୟାତ୍ମିକ ଜୀବନର ଅନ୍ୟ ଏକ ସମ୍ବଳ ।

ଯାହାକିଛି ଆଧ୍ୟାତ୍ମିକ ଜୀବନ ଲାଗି ସହାୟକ ତାହାକୁ ହିଁ ଆପଣାର କରିନେବା, ସେ ସମ୍ପର୍କୀୟ ବହି ପଢ଼ିବା, ସେପରି ଲୋକଙ୍କ ସହ ସମ୍ପର୍କ ରଖିବା, ନିଜ ପରିବେଶଟିକୁ ସର୍ବଦା ଶୁଦ୍ଧ, ନିର୍ମଳ ଓ ସୌନ୍ଦର୍ଯ୍ୟମୟ କରି ରଖିବା ଲାଗି ପ୍ରୟାସ କରିବା ହେଲା ଆଧ୍ୟାତ୍ମିକ ଜୀବନର ଅନ୍ୟ ଏକ ଦିଗ ।

ସତତ ଦିବ୍ୟସାନ୍ନିଧ୍ୟ ଅନୁଭବ କରିବା, ପ୍ରତ୍ୟେକ ବସ୍ତୁ, ଘଟଣା ଓ ପରିସ୍ଥିତିରେ ସେହି ପରମ ଦିବ୍ୟସତ୍ତାଙ୍କ ସଂକଳ୍ପକୁ ଅନୁଭବ କରିବା; କେବଳ ନିଜ ଅନ୍ତରରେ ନୁହେଁ, ଅନ୍ୟମାନଙ୍କ ମଧ୍ୟରେ ବି ସେହି ଦିବ୍ୟସତ୍ତାଙ୍କ ଉପସ୍ଥିତିକୁ ଅନୁଭବ କରିବା, ଅଣୁ ପରମାଣୁରେ ସର୍ବତ୍ର ତାଙ୍କୁ ହିଁ ଅବଲୋକନ କରିବା ହେଉଛି ଆଧ୍ୟାତ୍ମିକ ଜୀବନର ଲକ୍ଷଣ । ଆଧ୍ୟାତ୍ମିକ ଜୀବନର କୌଣସି ବାହ୍ୟ ସଙ୍କେତ ନ ଥାଏ । ଦାଢ଼ି, ଚୁଟି, ଚିତା-ଚଇତନ, ଗେରୁଆ ବସ୍ତ୍ର କିଂବା କୌପୁନୀ-କମଣ୍ଡଳୁ ଆଧ୍ୟାତ୍ମିକ ଜୀବନର ପ୍ରମାଣ ଦିଏ ନାହିଁ । ଏହା ମୁଖ୍ୟତଃ ଏକ ଅନ୍ତର୍ମୁଖୀ ଜୀବନ । ତେବେ ଆଧ୍ୟାତ୍ମିକ ଜୀବନକୁ କେତୋଟି ସୂତ୍ର ବା ସଂଜ୍ଞା ଦ୍ୱାରା ନିର୍ଦ୍ଧାରଣ କରାଯାଇ ପାରେ ନାହିଁ । ଲକ୍ଷ୍ୟ ଅନେକ, ପଥ ଅନେକ; କିନ୍ତୁ ଅନୁଭବ ଏକ, ଉପଲବ୍ଧି ଅନେକ । ନଦୀ ଗୋଟିଏ କିନ୍ତୁ ତୁଠ ଭିନ୍ନ ଭିନ୍ନ । ବହୁ ବିଭିନ୍ନତା ଓ ବହୁଳତାର ସମାହାର ହେଲା ଆଧ୍ୟାତ୍ମିକ ଜୀବନ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଧ୍ୟାତ୍ମିକ ଓ ଅଣ ଆଧ୍ୟାତ୍ମିକ ଜୀବନ – ଏ ଦୁଇ ପ୍ରକାର ଜୀବନର ବିଭେଦ ବା ବିଭାଜନକୁ ପ୍ରତ୍ୟାଖ୍ୟାନ କରିବା । ଆଧ୍ୟାତ୍ମିକ ଜୀବନ ଓ ସାଂସାରିକ ଜୀବନ – ଏ ଦୁଇଟି ପରସ୍ପର ବିରୋଧୀ ପୃଥକ୍ ପୃଥକ୍ କଥା ନୁହେଁ । ଅସଲ କଥା ହେଲା ଚେତନାର ବିକାଶ । ଆଧ୍ୟାତ୍ମିକ ଜୀବନ ପାଇଁ ସନ୍ନ୍ୟାସୀ କିଂବା ବୈରାଗୀ ହେବା ଅନାବଶ୍ୟକ । ଚେତନା ହେଉଛି ଏକ – ଉଭୟ କ୍ଷେତ୍ରରେ । କିନ୍ତୁ ଏହାର ଚାରି ଭାଗରୁ ତିନି ଭାଗ ସୁପ୍ତ ଅବସ୍ଥାରେ ଥାଏ । ଆମର ମୁଖ୍ୟ ଭୂମିକା ହେଲା ଯେକୌଣସି ଉପାୟରେ ସେହି ଚେତନାକୁ ବିକାଶ କରିବା, ଉନ୍ମୀଳିତ କରିବା ଓ ଉଚ୍ଚତର ସତ୍ୟର ସ୍ପନ୍ଦନରେ ତାହାକୁ ଭରିଦେବା – ଉଚ୍ଚତର ପ୍ରଜ୍ଞା ଦ୍ୱାରା ତାହାକୁ ଉଦ୍ଭାସିତ କରିବା । ଊର୍ଦ୍ଧ୍ୱଭୂମିରେ ଯେଉଁ ପରମସତ୍ୟ ରହିଛି ତାହାକୁ ନିମ୍ନ ଭୂମିକୁ ଓହ୍ଲାଇ ଆଣିବା । ତଦ୍ୱାରା ହିଁ ବ୍ୟକ୍ତିଗତ ଓ ବ୍ୟଷ୍ଟିଗତ ସମସ୍ୟାଗୁଡ଼ିକର ଯଥାର୍ଥ ସମାଧାନ ହୋଇ ପାରିବ ।

ଜଣେ ଯୋଗୀ ସର୍ବଦା ନମନୀୟ ହୋଇ ରହିଥିବ । ତା' ଲାଗି ଅପରିହାର୍ଯ୍ୟ ବୋଲି କିଛି ନ ଥିବ, କିଛି ବିଷୟକୁ ଗୋଟିଏ ବୋଝ ବୋଲି ମଧ୍ୟ ଅନୁଭବ କରିବ ନାହିଁ । ଆଧ୍ୟାତ୍ମିକ ପଥରେ ପ୍ରବେଶ କରିବା ପୂର୍ବରୁ ବନ୍ଧନ ମୁକ୍ତ ହେବା ଲାଗି କେତେଜଣ ନିଜର ସବୁ ଧନ ସମ୍ପତ୍ତିକୁ କାଢ଼ି ଫୋପାଡ଼ି ଦେବା ଲାଗି ଇଚ୍ଛା କରୁଥା'ନ୍ତି, ଯଦ୍ୱାରା ସେମାନେ ବୋଝମୁକ୍ତ ହୋଇ ପରମ ଦିବ୍ୟସତ୍ତାଙ୍କ ନିକଟରେ ସର୍ବାନ୍ତଃକରଣରେ ନିଜକୁ ସମର୍ପି ଦେଇ ପାରିବେ । ଭୋଗ, ବିଳାସ ଆଣି ଦେଉଥିବା ନାନା ଦ୍ରବ୍ୟ ଦ୍ୱାରା ଯେଉଁମାନେ ପରିବେଷ୍ଟିତ ହୋଇ ରହିଥା'ନ୍ତି, ସେଗୁଡ଼ିକୁ ପରିତ୍ୟାଗ କରି ପଳାଇ ଯିବାକୁ ସେମାନେ ଆକୁଳ ହେଉଥା'ନ୍ତି । ଏ ସଂକ୍ରାନ୍ତରେ ଦିବ୍ୟଜନନୀ କହନ୍ତି :

"If you are to get something, you accept it, and if you are to give up the very same thing, you with an equal willingness leave it. Things come and you take them up; things go and you let them pass, with the same smile of equanimity in the taking or the leaving."

(MCW. Vol. 3, P. 54)

କାରଣ ଆମ ନିକଟରେ ଯେଉଁ ଧନ ସମ୍ପତ୍ତି ଥାଏ ତାହା ଆମର ନୁହେଁ – ତାହା ସେହି ପରମ ଦିବ୍ୟସତ୍ତାଙ୍କର । ତେଣୁ, ତୁମେ କୌଣସି ସମ୍ପଦର ଭୋଗ କର ବୋଲି ଯଦି ସେ ଚାହୁଁଥା'ନ୍ତି ତେବେ ତୁମେ ତାହାକୁ ନିଶ୍ଚୟ ଭୋଗ କରିପାରିବ, କିନ୍ତୁ ପରମୁହୂର୍ତ୍ତରେ ସେଗୁଡ଼ିକୁ ସମାନ ସହାସ୍ୟ ବଦନରେ ବର୍ଜନ କରିବା ଲାଗି ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ ।

ସର୍ବାବସ୍ଥାରେ ଧ୍ୟାନସ୍ଥ ହୋଇ କର୍ମ କରିବା ମନୁଷ୍ୟପକ୍ଷରେ ସମ୍ଭବ । ହାଟବଜାରର କୋଳାହଳ ମଧ୍ୟରେ ବି ଜଣେ ଧ୍ୟାନସ୍ଥ ହୋଇ ରହିପାରିବା ଆବଶ୍ୟକ । ଯେତେବେଳେ ଧ୍ୟାନ କରିବା ଲାଗି କୌଣସି ପ୍ରୟାସ କରିବାକୁ

ହୁଏ ନାହିଁ, ବରଂ ଧ୍ୟାନରୁ ଓହରି ଆସିବା ଲାଗି ପ୍ରୟାସ କରିବାକୁ ହୁଏ ସେତେବେଳେ କେବଳ ଧ୍ୟାନ ସଫଳ ହୋଇ ପାରିଛି ବୋଲି ଜାଣିବାକୁ ହେବ । କର୍ମ ସମ୍ପାଦନ କରୁଥିବା ସମୟରେ ମଧ୍ୟ ଆଧ୍ୟାତ୍ମିକ ପଥର ସାଧକ ଧ୍ୟାନସ୍ଥ ରହିପାରିବା ଆବଶ୍ୟକ । ଏ ସମ୍ବନ୍ଧରେ ଦିବ୍ୟଜନନୀ ଶ୍ରୀମା କହନ୍ତି :

"To work, to act with devotion and an inner consecration is also a spiritual discipline. The final aim is to be in constant union with the Divine, not only in meditation but in all circumstances and in all the active life."

(MCW. Vol. 3, P. 20)

ତାହାର ଭାବାନୁବାଦ ହେଲା : ''ଏକ ଶ୍ରଦ୍ଧା ଓ ଭକ୍ତିର ଭାବ ରଖି କାର୍ଯ୍ୟ କରିବା ଏବଂ ଅନ୍ତରରେ ଏକ ଉତ୍ସର୍ଗୀକୃତ ଭାବ ବା ସଂକେନ୍ଦ୍ରଣକୁ ଅତୁଟ କରି ରଖିଥିବା – ଏହାକୁ ମଧ୍ୟ ଏକ ଆଧ୍ୟାତ୍ମିକ ଶୃଙ୍ଖଳା ବୋଲି କୁହାଯିବ । ଦିବ୍ୟ ପରମ ସତ୍ତାଙ୍କ ସହ ଯୁକ୍ତ ହୋଇ ରହିବା – ଏହା ହିଁ ଚୂଡ଼ାନ୍ତ ଉଦ୍ଦେଶ୍ୟ । କେବଳ ଧ୍ୟାନ କରୁଥିବା ବେଳେ ହିଁ ସଂଯୁକ୍ତ ହୋଇ ରହିବା ନାହିଁ, ମାତ୍ର ସର୍ବଦା ସବୁ ପରିସ୍ଥିତିରେ ଏବଂ ସମଗ୍ର ସକ୍ରିୟ ଜୀବନଟି ମଧ୍ୟରେ ଆମେ ତାଙ୍କରି ସହ ସଂଯୁକ୍ତ ହୋଇ ରହି ପାରୁଥିବା ।''

କେତେଜଣ ଧ୍ୟାନସ୍ଥ ଥିବା ସମୟରେ ଯଦି କୌଣସି ବାଧା ସୃଷ୍ଟି ହୁଏ ତେବେ ସେମାନେ ରୁଷ୍ଟ ବା ଅସ୍ଥିର ହୋଇ ଉଠନ୍ତି । ଏହାକୁ କଦାପି ଆଧ୍ୟାତ୍ମିକ ଅଗ୍ରଗତି ବା ଏକ ଆଧ୍ୟାତ୍ମିକ ଶୃଙ୍ଖଳାର ଲକ୍ଷଣ ବୋଲି କୁହାଯିବ ନାହିଁ । ପୁନଶ୍ଚ ନାନା କର୍ମରେ ଲିପ୍ତଥିବା କେତେକ ଲୋକ ଅନୁଭବ କରୁଥା'ନ୍ତି ଯେ ଧ୍ୟାନ କରିବା ଦ୍ୱାରା ଯେପରି ସେମାନେ ପରମ ଦିବ୍ୟ ସତ୍ତାଙ୍କର କୌଣସି ଏକ ଋଣର ପରିଶୋଧ କରୁଛନ୍ତି । ଏହା ବି ଆଧ୍ୟାତ୍ମିକ ଜୀବନର ଲକ୍ଷଣ ନୁହେଁ ।

ଅମୃତ କଳସର ସ୍ୱରୂପ, ଆକାର ବା ତା'ର ଉପାଦାନ ଯାହା ହେଉ ନା କାହିଁକି ଅମୃତ ଆସ୍ୱାଦନ କରିବା ହେଲା ଆମର ଲକ୍ଷ୍ୟ । ଅର୍ଥାତ୍ ଆଧ୍ୟାତ୍ମିକ ଜୀବନରେ ପରମ ଦିବ୍ୟସତ୍ତାଙ୍କ ସହ ଏକାତ୍ମତା ସ୍ଥାପନ କରିବା ହେଲା ଆମର ମୁଖ୍ୟ ଉଦ୍ଦେଶ୍ୟ; ସେଥିଲାଗି ପଥ, ଉପାୟ, ପ୍ରଣାଳୀ ଯାହା ହେଉ ନା କାହିଁକି । ଏ ସଂକ୍ରାନ୍ତରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ ରଚିତ 'ବିଚାର ଓ ସୂତ୍ରାବଳୀ'ର ଏକ କାରିକାରେ କହିଛନ୍ତି :

"The quarrels of religious sects are like the disputing of pots, which shall be alone allowed to hold the immortalising nectar. Let them dispute, but the thing for us is to get at the nectar in whatever pot and attain immortality."

(Thoughts and Aphorisms, No. 53, P. 83)

ଅର୍ଥାତ୍, ''ବିଭିନ୍ନ ଧର୍ମ ସଂପ୍ରଦାୟ ମଧ୍ୟରେ ଥିବା କଳହ ଅମୃତ କଳସମାନଙ୍କ ମଧ୍ୟସ୍ଥ କଳହ ସଦୃଶ, ଯେଉଁମାନେ ଅମରତ୍ୱ ପ୍ରଦାନକାରୀ ଅମରତ୍ୱକୁ ଏକୁଟିଆ ଧାରଣ କରି ରଖିବାର ଅନୁମତି ପାଇବା ଲାଗି ଦାବି କରୁଥା'ନ୍ତି । ସେମାନେ ପରସ୍ପର କଳହ କରୁଥା'ନ୍ତୁ, କିନ୍ତୁ ଆମର କର୍ତ୍ତବ୍ୟ ହେଲା ଯେକୌଣସି ପାତ୍ରରେ ତାହା ଥାଉ ପଛକେ ଆମକୁ ଅମୃତ ପାନ କରି ଅମରତ୍ୱ ପ୍ରାପ୍ତ କରିବାକୁ ହେବ ।''

ମାର୍ଗ ଭିନ୍ନ ଭିନ୍ନ ହୋଇପାରେ, ଯାହାର ଯେଉଁଥିରେ ରୁଚି ବା ଯିଏ ଯେଉଁ ମାର୍ଗଟିକୁ ସର୍ବୋତ୍କୃଷ୍ଟ ବୋଲି ମନେ କରେ ସେ ସେହି ମାର୍ଗକୁ ଅନୁସରଣ କରିପାରେ, କିନ୍ତୁ ଉପଲବ୍ଧ ଅମୃତ ମଧ୍ୟରେ ଅର୍ଥାତ୍ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମତା ଲାଭ କରିବାରେ ହିଁ ଅମରତ୍ୱ ପ୍ରଦାନକାରୀ ଶକ୍ତି ରହିଛି ।

ପାର୍ଥିବ ଜୀବନକୁ ଅଗ୍ରାହ୍ୟ କରିବା ଦ୍ୱାରା ମାନୁଷୀ ସମସ୍ୟା ସକଳର ସମାଧାନ ସମ୍ଭବ ନୁହେଁ । ଏହି ଭୌତିକ ଜଗତରେ ହିଁ ଏକ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ କରି ଜୀବନକୁ ରୂପାନ୍ତରିତ କରାଯାଇ ପାରେ ଓ ଦିବ୍ୟଜୀବନ ପ୍ରତିଷ୍ଠା କରାଯାଇପାରେ । ବର୍ତ୍ତମାନ ପାର୍ଥିବ ଜଗତର ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ନିମ୍ନୋକ୍ତ ସନ୍ଦେଶଟି ଅତି ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

"The changes we see in the world today are intellectual, moral, physical in their ideal and intention: the spiritual revolution waits for its hour and throws up meanwhile its waves here and there. Until it comes the sense of the others cannot be understood and till then all interpretations of present happening and forecast of man's future are vain things. For its nature, power, event are that which will determine the next cycle of our humanity."

(SABCL, Vol. 16, p. 394)

ଏହାର ଭାବାନୁବାଦ ହେଲା : ‘‘ବର୍ତ୍ତମାନ ପୃଥିବୀରେ ଯେତେ ଯାହା ପରିବର୍ତ୍ତନ ହେବାର ଦେଖାଯାଉଛି ଆପଣାର ଆଦର୍ଶ ତଥା ଅଭିପ୍ରାୟରେ ସେଗୁଡ଼ିକ କେବଳ ବୁଦ୍ଧି ଦ୍ୱାରା ପ୍ରେରିତ, ନୈତିକତା ଦ୍ୱାରା ଅନୁପ୍ରାଣିତ, ଏବଂ କେବଳ ଭୌତିକ କ୍ଷେତ୍ରରେ ହିଁ ସେହି ପରିବର୍ତ୍ତନସବୁ ସଂଗଠିତ ହେଉଛି । ଅସଲ **ଆଧ୍ୟାତ୍ମିକ ବିପ୍ଳବଟି** ଆପଣାର ମୁହୂର୍ତ୍ତଟିକୁ ଆସିବା ଲାଗି ତଥାପି ଅପେକ୍ଷା କରି ରହିଛି, ଏବଂ ବର୍ତ୍ତମାନ କେବଳ ଅତ୍ର ତତ୍ର ଆପଣାର ତରଙ୍ଗଗୁଡ଼ିକୁ ବିକ୍ଷିପ୍ତ କରିଦେଇଛି । ସେହି ବିପ୍ଳବଟି ନ ଆସିବା ଯାଏ ଅନ୍ୟ ବିପ୍ଳବଗୁଡ଼ିକର ପରିପୂର୍ଣ୍ଣ ତାତ୍ପର୍ଯ୍ୟକୁ ମଧ୍ୟ କଦାପି ହୃଦୟଙ୍ଗମ କରିହେବ ନାହିଁ, ଏବଂ ସେପର୍ଯ୍ୟନ୍ତ ବର୍ତ୍ତମାନ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ଯାବତୀୟ ଭାଷ୍ୟ ଓ ମନୁଷ୍ୟର ଭବିଷ୍ୟତ୍ ସମ୍ବନ୍ଧରେ ବିଶ୍ଳେଷଣଗୁଡ଼ିକୁ ବୃଥା ବୋଲି ହିଁ କହିବାକୁ ପଡ଼ିବ । କାରଣ, କେବଳ ସେହି ବିପ୍ଳବର ପ୍ରକୃତି, ଶକ୍ତି ଏବଂ ସଂଘଟନ ହିଁ ଆମ ମନୁଷ୍ୟସମାଜର ପରବର୍ତ୍ତୀ ଯୁଗଚକ୍ର ବା କଳ୍ପଟିକୁ ନିର୍ଦ୍ଧାରଣ କରିଦେବ ।’’

❑❑❑

# ବାର୍ତ୍ତାବହ

## ଶାନ୍ତି ମହାନ୍ତି

ଆନନ୍ଦ ନିହିତ ଜୀବନ ଯାତ୍ରା
ପଥର ପଥିକ ହୋଇ,
ଅଜଣା ଦୁଃଖର ଯେତେ କୋଳାହଳ
ଶୁଣିବି ତ ଥରେ ରହି !

ମଧୁ ପ୍ରୟାସୀ ମୋ ହୃଦୟ କଳିର
ବିମଳ ହସର ଧାରେ
ନିଜ ମୁକୁଳନ ଚିତ୍ରିତ ରୂପ
ସଜାଇବି ପ୍ରେମ ଭରେ ।

ମନ ଆକାଶର ବର୍ଣ୍ଣିଳ ଆଭା
ବିଜୟୀ ସୂର୍ଯ୍ୟର ହସ
ଅନନ୍ତ ଆଶାର ମାଧୁରିମା ତୋଳି
ଅରୂପର ଅଧିବାସ ।

ଜୀବନର ଗୀତି ଅସୀମ ବରଣେ
ଗୋପନେ ଗାଉଛି କିଏ,
କେଉଁ ମଧୁକର ନିଜ ଆୟୋଜନେ
ନିଜକୁ ଅରପି ଦିଏ !

ଭାବନା ସକଳ ଝରିତ ପଡୁଛି
ଧ୍ୱନିର ତରଙ୍ଗ ହୋଇ
ବିଭାସିତ ସେହି ନୀଳ ନିର୍ଝରିଣୀ
ଗାଉଛି ତନ୍ମୟ ହୋଇ ।

ପ୍ରିୟତମ ତା’ର ଶୁଣୁଛନ୍ତି ବସି
ଗୋପନ ଇସାରା ଦେଇ,
ସେ ପାଇଁ ଗାଉଛି ଅଧୀର ଆନନ୍ଦେ
ନିଜକୁ ପାଶୋରି ଦେଇ ।

ଦିଗନ୍ତ ଦିଶୁଛି ନବ ଆଲୋଡ଼ିତ
ଉଷାର କିରଣ ହୋଇ,
ଅତନ୍ଦ୍ର ବେଳାର ପଥଚାରୀ ମୁଁ ଯେ
ଚାଲିବାକୁ ହେବ
ଅସୀମର ବାର୍ତ୍ତା ନେଇ ।

❑❑❑

# ଆମ ଶରୀର

## (୩୨)

## ଭୋଳେଶ୍ୱର ଭୂୟାଁ

### କୋରୋନାର ବିଦାୟ ପାଇଁ ପ୍ରସ୍ତୁତି ଓ ପ୍ରାର୍ଥନା

ଏହି ଲେଖାଟି ଅକ୍‌ଟୋବର ୧୫ ତାରିଖରେ ଆରମ୍ଭ କରାଯାଇଛି । ଏହି ସମୟରେ କୋରୋନାର ଅବସ୍ଥା ବିଷୟରେ ପ୍ରଥମେ ଆମକୁ ଅବଲୋକନ କରିବାକୁ ହେବ ।

| ସ୍ଥାନ | ପୂର୍ଣ୍ଣରୋଗୀ ସଂଖ୍ୟା | ଆରୋଗ୍ୟ ସଂଖ୍ୟା | ସକ୍ରିୟ ରୋଗୀ | ମୃତ୍ୟୁ |
|---|---|---|---|---|
| ଭାରତ | ୭୧,୭୦,୬୧୫ | ୬୨,୨୧,୯୭୯ (୮୬.୭୭%) | ୮,୩୮,୭୩୩ (୧୧.୬୯%) | ୧,୦୯,୮୯୩ (୧.୫୩%) |
| ଓଡ଼ିଶା | ୨,୫୪,୬୬୨ | ୨୩୦,୧୪୨ (୯୦%) | ୨୩,୩୭୭ (୯.୧୭%) | ୧୦୪୦ (୦.୪%) |
| ପଣ୍ଡିଚେରୀ | ୩୧, ୭୩୭ | ୨୬,୫୫୫ (୮୩.୬୭%) | ୪,୬୧୭ (୧୪.୫୫%) | ୫୬୫ (୧.୭୮%) |

ଆମେ ଏଠାରେ କେବଳ ତିନୋଟି ସ୍ଥାନର କଥା ଉଲ୍ଲେଖ କରିଛୁ – ଭାରତ, ଓଡ଼ିଶା ଓ ପଣ୍ଡିଚେରୀ । ଏହି ହିସାବ ଅନୁସାରେ ଓଡ଼ିଶାରେ ଶତକଡ଼ା ଆରୋଗ୍ୟ ସଂଖ୍ୟା ସବୁଠାରୁ ଅଧିକ ଓ ପଣ୍ଡିଚେରୀ ସର୍ବନିମ୍ନ ରହିଛି । ସେ ଯାହା ବି ହେଉ ସବୁଠାରେ ସଚେତନ ଭାବରେ ପ୍ରୟାସ ଚାଲିଛି ରୋଗଟିର ନିରାକରଣ ପାଇଁ । ଏହି ପତ୍ରିକାଟି ଯେତେବେଳେ ୨୦୨୦, ଡିସେମ୍ବର ମାସରେ ଆମ ପାଠକମାନଙ୍କ ନିକଟରେ ପହଞ୍ଚିବ ସେତେବେଳେ ଆଶା କରୁଛୁ ଓ ପ୍ରାର୍ଥନା କରୁଛୁ – କୋରୋନା ରୋଗରୁ ଭାରତବର୍ଷ ତଥା ସମଗ୍ର ପୃଥିବୀ ସମ୍ପୂର୍ଣ୍ଣ ମୁକ୍ତ ହୋଇ ସାରିଥିବ ।

ପୃଥିବୀ ବ୍ୟାପୀ ଏହି ଭୟଙ୍କର ମହାମାରୀ କୋରୋନାର ପ୍ରାଦୁର୍ଭାବ ଦେଖି ଅଧିକାଂଶ ବ୍ୟକ୍ତି ଭୟଭୀତ ହେଉଥିବେ । କିନ୍ତୁ ଭିନ୍ନ ଦୃଷ୍ଟିରୁ ଦେଖିଲେ ମାନୁଷୀ ଚେତନାର ଉତ୍ତରଣରେ ଏହା ସହାୟକ ଭଳି ମନେହୁଏ । ଏହି ପରିପ୍ରେକ୍ଷୀରେ ଗୋଟିଏ କଥା ମନେପଡ଼େ । ଶ୍ରୀମା ପ୍ରକୃତିକୁ କହିଛନ୍ତି ରୂପାନ୍ତର କାମରେ ତାଙ୍କୁ ସାହାଯ୍ୟ କରିବା ପାଇଁ । ପ୍ରକୃତି ମଧ୍ୟ ମା'ଙ୍କ କଥାରେ ସମ୍ମତି ଦେଇଛି । ଆମେ ଦେଖୁ ଆଶ୍ରମରେ କୌଣସି ବିଶେଷ କାର୍ଯ୍ୟ ସମୟରେ ପ୍ରକୃତି କିପରି ସାହାଯ୍ୟ କରେ । ଏପରିକି ପ୍ରକୃତି ମଧ୍ୟ ଆଶ୍ରମ ପାଇଁ ଅର୍ଥ ବ୍ୟବସ୍ଥା କରିଥାଏ । ଆଶ୍ରମ ଗଠନର ପ୍ରାରମ୍ଭ ଅବସ୍ଥାରେ ଯେତେବେଳେ ଅର୍ଥର ସଙ୍କଟ ଦେଖାଦେଲା ଶ୍ରୀମା ସେତେବେଳେ ବିଘ୍ନରାଜ ଗଣେଶଙ୍କୁ ଆର୍ଥିକ ସହାୟତା କରିବାକୁ କହିଥିଲେ । ଶ୍ରୀ ଗଣେଶ ମଧ୍ୟ ଅର୍ଥ ସଂଗ୍ରହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଆଶ୍ରମର ଅର୍ଥ ସଙ୍କଟ ଦୂର ହୋଇଥିଲା । କିନ୍ତୁ ଅନେକ ଦିନ ପରେ ଶ୍ରୀ ଗଣେଶ ମା'ଙ୍କୁ କହିଥିଲେ ଯେ ଆଶ୍ରମ ପାଇଁ ଅର୍ଥ ଯୋଗାଇବା ତାଙ୍କର କ୍ଷମତାର ବାହାରକୁ ଚାଲିଯାଇଛି । ସେତେବେଳେ ଶ୍ରୀମା ପ୍ରକୃତି ମା'ଙ୍କୁ ଡାକି ତାଙ୍କ ହାତରେ ଅର୍ଥ ଯୋଗାଣର ଭାର ଅର୍ପଣ କରିଥିଲେ । ଏହିପରି ଭାବରେ ପ୍ରକୃତି ମା ଆମକୁ ବହୁ ଭାବରେ ସହାୟତା କରି ଆସିଛନ୍ତି । ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟରେ ସାରା ପୃଥିବୀରେ ଯେଉଁ ସଙ୍କଟଜନକ ଅବସ୍ଥା ଉପୁଜିଛି ସେତେବେଳେ ଶ୍ରୀମା'ଙ୍କର ଏହି ବିଶ୍ୱସ୍ତ ଯନ୍ତ୍ର ପ୍ରକୃତି କିପରି ନିଷ୍କ୍ରିୟ ହୋଇ ରହି ପାରିବେ !

ମଣିଷର ପୂର୍ଣ୍ଣତା ପାଇଁ, ଲକ୍ଷ୍ୟର ପ୍ରାପ୍ତି ପାଇଁ ପରମ ନିୟାମକ ଭଗବାନ୍ ତା' ଗନ୍ତବ୍ୟ ପଥରେ ନାନା ବାଧାବିଘ୍ନ ସୃଷ୍ଟି କରନ୍ତି ଓ ତାକୁ ଅତିକ୍ରମ କରିବାକୁ ପରୋକ୍ଷରେ ସହାୟତା ମଧ୍ୟ କରନ୍ତି । ଲକ୍ଷ୍ୟ ପ୍ରାପ୍ତି ପାଇଁ ମନୁଷ୍ୟକୁ ବହୁ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଭଗବାନଙ୍କ ସୃଷ୍ଟ ଏହି ପରୀକ୍ଷାସବୁ ମଣିଷ ଭିତରେ ଯୁଗ ଯୁଗ ଧରି ଲୁଚି ରହିଥିବା

ଅଜ୍ଞାନ, ଅନ୍ଧକାର ଶକ୍ତିର ଧ୍ୱଂସ ପାଇଁ । ପରୀକ୍ଷାର ଅଗ୍ନିରେ ଦଗ୍ଧ ହୋଇ ସାଧକ ଶୁଦ୍ଧ ସୁବର୍ଣ୍ଣ ପରି ସମୁଜ୍ଜ୍ୱଳ ହୋଇ ଭଗବତ୍ ପଥରେ ଅଗ୍ରସର ହେବାର ସୁଯୋଗ ପାଇଥାଏ । ଆଜିର ଏହି ଦେବ ମୁହୂର୍ତ୍ତରେ ମଣିଷର ଅଗ୍ରଗତି ପାଇଁ ଏହି ମହା ମନ୍ଥନର ସୁତ୍ରପାତ ହୋଇଛି । ଏହି ମନ୍ଥନର ଉଦ୍ଦେଶ୍ୟ ମଣିଷ ଭିତରେ ସଂଗୁପ୍ତ ହୋଇ ରହିଥିବା ଅସତ୍ୟରୂପୀ ହଳାହଳକୁ ନିଷ୍କାସିତ କରି ତାକୁ ପୂର୍ଣ୍ଣତା ପଥରେ ଆଗେଇ ନେବା ।

ଆଜିର ଏହି କୋରୋନା ମହାମାରୀର ସଙ୍କଟ ସମୟରେ ହଜାର ହଜାର, ଲକ୍ଷ ଲକ୍ଷ ଲୋକ ଏ ରୋଗରେ ଆକ୍ରାନ୍ତ ହେଉଛନ୍ତି, ସେହିପରି ହଜାର ହଜାର ସଂଖ୍ୟାରେ ଲୋକ ମଧ୍ୟ ସୁସ୍ଥ ହୋଇ ଯାଉଛନ୍ତି । ଏହା କିପରି ସମ୍ଭବ ହେଉଛି ? ଏ ସମ୍ପର୍କରେ ଶ୍ରୀମାଙ୍କ ବକ୍ତବ୍ୟ ଆମେ ୨୦୨୦, ଜୁଲାଇ ସଂଖ୍ୟା ନବପ୍ରକାଶରେ ଆଲୋଚନା କରିଛୁ । ସେଥିରୁ କିଛି ଅଂଶ ଏଠାରେ ଉଦ୍ଧାର କରୁଛି : ‘‘ସେମାନେ (ଡାକ୍ତରମାନେ) ଉଦ୍ଭାବନ କରିଛନ୍ତି ପ୍ରତ୍ୟେକ ରୋଗର ଏକ ପ୍ରକାର ମାଇକ୍ରୋବ୍ ରହିଛି ଯାହା ଏହାକୁ ଆରୋଗ୍ୟ କରିଥାଏ (ଏହାକୁ ତୁମେ ମାଇକ୍ରୋବ୍ କୁହ ବା ଏକ ପ୍ରକାର ଜୀବାଣୁ କୁହ) । କିନ୍ତୁ ସବୁଠାରୁ ବିଶେଷ କଥା ହେଲା ଏହି ‘Microbe’ ହେଲା ଅତ୍ୟନ୍ତ ସଂକ୍ରାମକ, ଏପରିକି ଏହା ରୋଗଜୀବାଣୁଠାରୁ ମଧ୍ୟ ବେଶୀ ସଂକ୍ରାମକ ହୋଇଥାଏ । ଏବଂ ଏହା ସାଧାରଣତଃ ଦୁଇଟି ଅବସ୍ଥାରେ ଉତ୍ପନ୍ନ ହୋଇଥାଏ : ଯେଉଁମାନଙ୍କର ଏକ ପ୍ରକାର ପ୍ରାକୃତିକ ଭଲ ମିଜାଜ ଓ ଶକ୍ତି ରହିଥାଏ ଏବଂ ଯେଉଁମାନଙ୍କର ଏକ ଶକ୍ତିଶାଳୀ ଇଚ୍ଛା ଶକ୍ତି ରହିଥାଏ ଭଲ ହେବା ପାଇଁ । ଏହି ଲୋକମାନେ ହଠାତ୍ ଏହି (ଆରୋଗ୍ୟକାରୀ) ଜୀବାଣୁକୁ ଧରି ପାରନ୍ତି ଏବଂ ଭଲ ହୋଇ ଥାଆନ୍ତି ଏବଂ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯଦି କୌଣସି ସଂକ୍ରାମକ ରୋଗ ଲାଗିଥିବା ସମୟରେ ଜଣେ ଚିକିତ୍ସା ଦ୍ୱାରା ରୋଗମୁକ୍ତ ହୁଏ, ସେହି ସଂକ୍ରମଣରେ ଆକ୍ରାନ୍ତ ଅନ୍ୟ ତିନିଜଣ ମଧ୍ୟ ତତ୍‌କ୍ଷଣାତ୍ ଆରୋଗ୍ୟ ହୋଇ ଥାଆନ୍ତି । ଏବଂ ଯେଉଁମାନେ ରୋଗମୁକ୍ତ ହୁଅନ୍ତି ସେମାନଙ୍କ ଶରୀରରେ ମଧ୍ୟ ଏହି (ଆରୋଗ୍ୟକାରୀ) ଜୀବାଣୁ ମିଳିଥାଏ ।’’

(MCW, Vol. 4, p. 210) — ଶ୍ରୀମା

କୋରୋନା ପାଇଁ ଠିକ୍ ଏହିପରି ଘଟଣା ଘଟୁଛି । ମଣିଷକୃତ ଟିକା ବ୍ୟବହାର କରିବା ପୂର୍ବରୁ ପ୍ରକୃତି ଦ୍ୱାରା ଏହି ଟିକାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆମେ ମୁଖା ପିନ୍ଧି ବାହାରକୁ ଯାଇଥାଉ । କାହିଁକି ? କାରଣ ପରିବେଶରେ ମଧ୍ୟ କୋରୋନା ରୋଗର ଜୀବାଣୁ ରହିଥାଇ ପାରନ୍ତି । କେହି କେହି ମଧ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେତେବେଳେ ରୋଗୀକୁ ଚିକିତ୍ସା କରିବାକୁ ପଡ଼େ । ଆଜି ଯଦି ଆମେ ଆରୋଗ୍ୟ ଦିଗରେ ଗତି କରିଥାଉ, ଏଥିପାଇଁ ଯେ ଡାକ୍ତରମାନଙ୍କର କୌଣସି ଅବଦାନ ନାହିଁ ଏକଥା ଆମେ କହିପାରିବୁ ନାହିଁ । ଡାକ୍ତରମାନେ ଯେଉଁ ଔଷଧ ପ୍ରୟୋଗ କରିଥାଆନ୍ତି ତାହା ଦ୍ୱାରା ରୋଗୀ ଯେତେଟା ଭଲ ହୋଇ ନ ଥାଏ ଡାକ୍ତରଙ୍କ ସଦିଚ୍ଛା ଦ୍ୱାରା ରୋଗ ବେଶୀ ଭଲ ହୋଇଥାଏ । ଏପରି ସଦିଚ୍ଛାପୂର୍ଣ୍ଣ, ସାହସୀ ଡାକ୍ତରମାନଙ୍କ ବାତାବରଣରେ ଏକ ସୁରକ୍ଷା ବଳୟ ରହିଥାଏ ଏବଂ ତାଙ୍କ ଭିତରୁ ଏକ ପ୍ରକାର ନିରାମୟର ପ୍ରକମ୍ପ ଉତ୍ପନ୍ନ ହୋଇଥାଏ ଯାହା ରୋଗୀକୁ ସହଜରେ ରୋଗମୁକ୍ତ କରିଥାଏ । ଏହା ଏକ ଦିବ୍ୟ ପ୍ରକ୍ରିୟା । ଅନ୍ୟ ପକ୍ଷରେ ଔଷଧ ଯେତେଟା ଆରୋଗ୍ୟ କରି ନ ଥାଏ, ରୋଗୀର ଡାକ୍ତରଙ୍କ ଉପରେ ଥିବା ନିର୍ଭରତା ହିଁ ରୋଗୀକୁ ଅଧିକ ରୋଗମୁକ୍ତ କରିଥାଏ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନୁଷ୍ୟର ଆଚରଣ ଓ ତା’ର ମନୋଭାବ । ଆମ୍ଭମାନଙ୍କ ଭୁଲ୍ ଅଭ୍ୟାସ ଓ ଆଚରଣ ପାଇଁ ହିଁ ଆମ ଶରୀରର ରୋଗ ପ୍ରତିରକ୍ଷା ଶକ୍ତି ନଷ୍ଟ ହୋଇଥାଏ ଏବଂ ଆମକୁ ରୋଗ ଆକ୍ରମଣ କରିଥାଏ । ପାନ, ବିଡ଼ି, ତମାଖୁ, ମଦ ଆଦି ନିଶାଦ୍ରବ୍ୟ ସେବନ କରିବା, ଲୋଭାସକ୍ତ ହୋଇ ଗୁଡ଼ାଏ ଖାଦ୍ୟ ଖାଇ ଶରୀରକୁ ପୃଥୁଳକାୟ କରିବା, ମାନସିକ ଦୁଶ୍ଚିନ୍ତା କରିବା ଆଦି ଏକ ଏକ ଅପରାଧ । ଏହିସବୁ ଅପରାଧ ପାଇଁ ମଣିଷକୃତ ଆଇନ କାନୁନ ହୁଏତ ତାକୁ ଦଣ୍ଡ ଦେଇ ନ ଥାଏ ସତ — ତେବେ ମଣିଷର ଏସବୁ ଦୁଷ୍କର୍ମ ପାଇଁ ପ୍ରକୃତି ଦ୍ୱାରା ତାକୁ ଦଣ୍ଡିତ ହେବାକୁ ପଡ଼ିଥାଏ । ଅଧିକାଂଶ ରୋଗ ମନୁଷ୍ୟର ସଚେତନାର ଅଭାବରୁ ହୋଇଥାଏ ।

ତେଣୁ ରୋଗରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଲା ସତ୍ୟ ଆଚରଣ କରିବା, ନିଜର ବିବେକ ଯାହା କରିବାକୁ କହୁଛି ତାକୁ ହିଁ କରିବା । ଏହି ଉପାୟରେ ମଣିଷ ନିଜକୁ ପରିବର୍ତ୍ତନ କରିପାରିବ, ସତ୍ୟରେ ପ୍ରତିଷ୍ଠା କରିପାରିବ, ଭଗବତ୍ ପଥର ପଥିକ ହୋଇପାରିବ । ତୁମେ ଯଦି ତୁମ ଶରୀରକୁ ସୁସ୍ଥ-ସବଳ, ନୀରୋଗ କରିବା ପାଇଁ ସଂକଳ୍ପ ନିଅ ତେବେ ଶ୍ରୀମାଶ୍ରୀଅରବିନ୍ଦ ତୁମକୁ ଅବଶ୍ୟ ସାହାଯ୍ୟ କରିବେ ଏବଂ ତୁମକୁ ଶରୀର ରୂପାନ୍ତରର ପଥ ପ୍ରଦର୍ଶନ କରିବେ । ଶରୀର ରୂପାନ୍ତରର ପ୍ରଥମ କାମ ହେଲା ସୁସ୍ଥ, ସବଳ, ନୀରୋଗ

ହୋଇ ଦୀର୍ଘ ଦିନ ବଞ୍ଚି ରହିବା ଏବଂ ଏହା କରିବାକୁ ହେବ ବିନା ଔଷଧରେ ଏବଂ ମା'ଙ୍କ ଉପରେ ନିର୍ଭର ଓ ଭରସା ବଳରେ । ଅର୍ଥାତ୍ ସକଳ ସମସ୍ୟାର ସମାଧାନ କେବଳ ଅତିମାନସ ଚେତନାରେ ହିଁ ରହିଛି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଆମକୁ ସୁସ୍ଥ, ସବଳ ଓ ନୀରୋଗ ହେବା ପାଇଁ କ'ଣ କରିବାକୁ ପଡ଼ିବ ? ଏହାର ଉତ୍ତରରେ ଆମେ କହିପାରୁ ବ୍ୟାୟାମ, ଆସନ, ପ୍ରାଣାୟାମ ଦ୍ୱାରା ଏବଂ ପ୍ରାକୃତିକ ବିଧାନକୁ ମାନି ଯୋଗ ଅଭ୍ୟାସ କରିବା ଦ୍ୱାରା ଆମେ ଏହି ଲକ୍ଷ୍ୟକୁ ପ୍ରାପ୍ତ ହୋଇ ପାରିବୁ ।

ଅଧିକାଂଶ ରୋଗର କାରଣ ହେଉଛି ଶରୀରରେ ମେଦବୃଦ୍ଧି । ଏ ବିଷୟରେ ଡାକ୍ତର ଗୋପାଳ ପାଲ କହୁଛନ୍ତି : ''ଆଜି ବିକାଶଶୀଳ ଦେଶମାନଙ୍କରେ ମୋଟା ହେବା ଏପରି ଏକ ସାଧାରଣ ଘଟଣା ହେଲାଣି ଯେ ଏହି ଦେଶମାନଙ୍କରେ ଆଗରୁ ଥିବା ଖାଦ୍ୟାଭାବ ହେତୁ ଯେତେସବୁ ରୋଗ ହେଉଥିଲା, ତା' ସ୍ଥାନରେ ଏହି ମୋଟା ହେବା ମହାମାରୀ ସୃଷ୍ଟି ହୋଇଛି ।''

(Medical Physiology by Dr. G. P. Pal, P. 1050)

ମୋଟା ହେବା ଯୋଗୁଁ ଆଜି Type - 2 diabates, ରକ୍ତଚାପ, ହୃଦ୍‌ରୋଗ, ମାନସିକ ଅସନ୍ତୁଳନ, କ୍ୟାନ୍‌ସର ଆଦି ରୋଗ ବିଶେଷ ଭାବରେ ବୃଦ୍ଧି ପାଇଛି । ଆଜି ଭାରତରେ ପ୍ରତ୍ୟେକ ତିନିଜଣଙ୍କ ମଧ୍ୟରୁ ଜଣକର ମଧୁମେହ (diabetes) ରୋଗ ଥିବାର ଜଣାଯାଇଛି । ରକ୍ତଚାପ ଓ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି ।

ମଣିଷ ଶରୀରର ମେଦ ବହୁଳତାକୁ ନିରାମୟ କରିବାକୁ ହେଲେ ପ୍ରଥମେ ଆମକୁ ଜାଣିବାକୁ ହେବ ଆମେ କେତେ ମୋଟା । ଅର୍ଥାତ୍ ଆମକୁ BMI (Body Mass Index) ଜାଣବାକୁ ପଡ଼ିବ । ''ଆମେ କିପରି ଆମର BMI ବାହାର କରିବୁ ?

BMI = ଶରୀରର ଓଜନ (କେ. ଜି. ମାପରେ) ÷ ଉଚ୍ଚତାର ମାପ (ମିଟରରେ)² । BMI ଯଦି ୧୯ରୁ ୨୨ ଭିତରେ ରହେ ତେବେ ତୁମେ ମୋଟା ନୁହେଁ, ୨୩ରୁ ୨୪.୯ ଭିତରେ ରହିଲେ ତୁମେ ସାଧାରଣ ମୋଟା, ୨୫ରୁ ୨୬.୯ ହେଲେ ତୁମେ ପ୍ରଥମ ଶ୍ରେଣୀର ମୋଟା, ୨୬ରୁ ୨୯.୯ ହେଲେ ଦ୍ୱିତୀୟ ଶ୍ରେଣୀର ମୋଟା ଏବଂ ୩୦ରୁ ବେଶୀ ହେଲେ ଏହା ତୃତୀୟ ଶ୍ରେଣୀର ପୃଥୁଳତା, ଯାହା ଅତୀବ ମାରାତ୍ମକ ହୋଇଥାଏ ।'' (ଆମ ଖାଦ୍ୟ, ପୃ. ୧୮)

କେବଳ ଚାଲିବା, ଦୌଡ଼ିବା, ଦୌଡ଼ିଡିଆଁ (skipping) କରିବା ଦ୍ୱାରା ଆମେ ଅତି ସହଜରେ ଶରୀରକୁ ପୃଥୁଳତାରୁ ମୁକ୍ତ କରିଥାଉ ଏବଂ ହୃଦ୍‌ରୋଗ, ଲିଭର ରୋଗ ହେବାକୁ ଦେଇ ନ ଥାଉ । ପ୍ରାଣାୟାମ ଅଭ୍ୟାସ କରିବା ଦ୍ୱାରା ସମସ୍ତ ପ୍ରକାର ଫୁସ୍‌ଫୁସ୍‌ଗତ ରୋଗରୁ ଏପରିକି କ୍ୟାନ୍‌ସର ପରି ବଡ଼ ରୋଗରୁ ମଧ୍ୟ ମୁକ୍ତ ହୋଇଥାଉ । ଏହାଛଡ଼ା ବୈଜ୍ଞାନିକ ପ୍ରଣାଳୀରେ ଯଦି ଆସନ ଓ ବ୍ୟାୟାମ ଆଦି କରିବା ତେବେ ଏଇ ସମସ୍ତ ରୋଗରୁ ମୁକ୍ତ ହେବା ସହ ଆମ ଶରୀର ରୂପାନ୍ତର ପାଇଁ ମଧ୍ୟ ପ୍ରସ୍ତୁତ ହେବ । ଏ ବିଷୟରେ ଶ୍ରୀମା କହୁଛନ୍ତି :

"Do not forget that to succeed in our yoga one must have a strong and healthy body.

For this, the body must do exercise, have an active and regular life, work physically, eat well, and sleep well.

It is in good health that the way towards transformation is found."

(MCW. Vol. - 15, P. 136)

ଅର୍ଥାତ୍ :''ଏକଥା ଭୁଲିଯାଅ ନାହିଁ ଯେ ଆମ ଯୋଗରେ ସଫଳ ହେବା ସକାଶେ ଏକ ବଳିଷ୍ଠ ତଥା ସ୍ୱାସ୍ଥ୍ୟବାନ୍ ଶରୀରର ଏକାନ୍ତ ଆବଶ୍ୟକତା ରହିଛି ।

''ଏଥିପାଇଁ ଶରୀରକୁ ବ୍ୟାୟାମ କରିବାକୁ ହେବ, ତାହାକୁ ଏକ ସକ୍ରିୟ ଏବଂ ଶୃଙ୍ଖଳିତ ଜୀବନଯାପନ କରିବାକୁ ହେବ, ଶାରୀରିକ ଶ୍ରମ କରିବାକୁ ହେବ, ଉତ୍ତମ ଖାଦ୍ୟ ଖାଇବାକୁ ଓ ଭଲ ରୂପେ ନିଦ୍ରା ଯିବାକୁ ହେବ ।

''କେବଳ ଉତ୍ତମ ସ୍ୱାସ୍ଥ୍ୟ ସାହାଯ୍ୟରେ ହିଁ ଆମେ ରୂପାନ୍ତରର ମାର୍ଗଟିକୁ ଆବିଷ୍କାର କରି ପାରିବା ।''

— ଶ୍ରୀମା

ଆଜି କୋରୋନା ରୋଗର ଅନ୍ତ ପାଇଁ ପ୍ରାର୍ଥନା କଲାବେଳେ ହୃଦ୍‌ବୋଧ ହେଉଛି ଯେ କେବଳ ଦିବ୍ୟଜନନୀ ହିଁ ଏ କାର୍ଯ୍ୟ ସମ୍ପାଦନ କରିପାରିବେ । ମାଆଙ୍କର ବିଜୟ ହେଉ ।

(କ୍ରମଶଃ)

❑❑❑

# ସୁସ୍ଥତାର ପରମ ଗୋପନୀୟତା

## (୬)

## ସୂର୍ଯ୍ୟକାନ୍ତି ମହାନ୍ତି

### ଅନ୍ତର୍ଜ୍ଞାନ

ବାରଟି ମନଃଶକ୍ତି ମଧ୍ୟରୁ ଅନ୍ତର୍ଜ୍ଞାନ ହେଉଛି ଏକ ଶକ୍ତି କେନ୍ଦ୍ର; ଯାହା ଅନ୍ତର୍ଭୁକ୍ତ କରେ ବିଜ୍ଞତା, ବିଚାରଶୀଳତା, ସଚେତନତା ଓ ଉପଲବ୍ଧି । ଏହାର ଅବସ୍ଥିତି ମସ୍ତିଷ୍କର ସମ୍ମୁଖ ଭାଗରେ, କପାଳରେ, ଚକ୍ଷୁଦ୍ୱୟର ଉପରି ଭାଗରେ ଏବଂ ସଚେତନ ମନର ପରିସରରେ । ସାଧାରଣତଃ ମସ୍ତିଷ୍କର ସମ୍ମୁଖ ଭାଗ ଧୀଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସନାତନ ଧର୍ମ ଅନୁଯାୟୀ ମଣିଷର ଅଛି ଭୌତିକ ପଞ୍ଚେନ୍ଦ୍ରିୟ (କର୍ଣ୍ଣ, ଚକ୍ଷୁ, ଜିହ୍ୱା, ନାସିକା ଓ ଚର୍ମ) ଏବଂ ଦୁଇଟି ଆଧିଭୌତିକ ଇନ୍ଦ୍ରିୟ (ଇନ୍ଦ୍ରିୟର ବିନା ସହାୟତାରେ ଭାବର ଆଦାନପ୍ରଦାନ ବା telepathy ଏବଂ ଅନ୍ତର୍ଜ୍ଞାନ ବା intuition) । ଏହି ଆଧିଭୌତିକ ଇନ୍ଦ୍ରିୟଦ୍ୱୟର ଶକ୍ତିକୁ ମଣିଷ ତା' ଜୀବନରେ ଯେତେ ଯେତେ ପ୍ରକାଶ କରେ ବା ସୁବିନିଯୋଗ କରେ, ଏହା ସେତେ ସେତେ ବିକାଶ ଲାଭ କରେ ।

ଅନ୍ତର୍ଜ୍ଞାନ ଇଚ୍ଛାଶକ୍ତି ସହ ଯୁଗ୍ମଜ ମନଃ ଶକ୍ତି ଭାବରେ ଜ୍ଞାତ । ଇଚ୍ଛାଶକ୍ତି ବାହ୍ୟସ୍ତରରେ ତ୍ୱରିତ ଭାବରେ କାର୍ଯ୍ୟ କରିବାକୁ ଚାହିଁଲା ବେଳେ ଅନ୍ତର୍ଜ୍ଞାନ କାର୍ଯ୍ୟ କରିଥାଏ ବିଚାରଶୀଳ ଓ ବିଜ୍ଞତାର ସହିତ । ଅନ୍ତର୍ଜ୍ଞାନର ଆଲୋକ ସଚେତନ ମନର ପରିସରରେ ଥିବା ସହସ୍ରାର ଚକ୍ରରେ ଏବଂ ଅବଚେତନ ମନର ପରିସରରେ ଥିବା ମଣିପୁର ଚକ୍ରରେ (solar plexus) ଅତି ଶକ୍ତିଶାଳୀ ଧୀଶକ୍ତି ପ୍ରବାହିତ କରେ । ଏଣୁ ପାକସ୍ଥଳୀ, ହୃଦୟ ଓ ସମଗ୍ର ଉଦର ଅଞ୍ଚଳ ଏହି ଆଲୋକରେ ପ୍ରଭାବିତ ହୁଏ । ଏପରିକି ଜଣକର ପାଦ ବି ଅନ୍ତର୍ଜ୍ଞାନର ଶକ୍ତି ଦ୍ୱାରା ସୂକ୍ଷ୍ମାନୁଭୂତି ପ୍ରାପ୍ତ ହୁଏ । ବାସ୍ତବରେ ପାଦର ସ୍ନାୟୁ ସିଧାସଳଖ ଭାବେ ସଂଯୋଜିତ ହୋଇଥାଏ ମସ୍ତିଷ୍କର ସମ୍ମୁଖଭାଗ ସହିତ । ଏକ ପୁରାତନ କଥା ଅଛି ଯେ, "The gait of a man is the fate of a man !" ଅର୍ଥାତ୍, ଜଣକର ଚାଲିବା ଭଙ୍ଗୀ ହେଉଛି ତା'ର ଭାଗ୍ୟ । ଏହାର ଅର୍ଥ ହେଉଛି ଜଣକର ଅନ୍ତର୍ନିହିତ ପ୍ରକୃତି ତା' ପାଦର ସ୍ୱାସ୍ଥ୍ୟକର ବା ଅସ୍ୱାସ୍ଥ୍ୟକର ଅବସ୍ଥାକୁ ଅନେକ ସମୟରେ ପ୍ରତିଫଳିତ କରାଏ । ପାଦ ହେଉଛି ଶରୀରର ମୂଳଦୁଆ, ଯାହା ଉପରେ ସେ ଛିଡ଼ା ହୁଏ । ଏଣୁ ଏହାର ସୂକ୍ଷ୍ମାନୁଭବ ସମଗ୍ର ଶରୀରକୁ ପ୍ରଭାବିତ କରେ ।

ଏକଦା ଜଣେ ବ୍ୟକ୍ତି ଦୁରାରୋଗ୍ୟ ବାତରୋଗ ବା ଗଣ୍ଠିଫୁଲା ରୋଗ ଦ୍ୱାରା ପୀଡ଼ିତ ଥିଲେ ଏବଂ ହାତ, ଆଣ୍ଠୁ ଓ ପାଦରେ ଖୁବ୍ ଯନ୍ତ୍ରଣା ପାଉଥିଲେ । ସମସ୍ତ ଡାକ୍ତରୀ ଚିକିତ୍ସା ସତ୍ତ୍ୱେ ବିଶେଷ କିଛି ଲାଭ ନ ମିଳିବାରୁ ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ସେ ପରାମର୍ଶ ନେଲେ । ଆଲୋଚନା ମାଧ୍ୟମରେ ଗୁରୁ ଏହି ରୋଗୀଙ୍କର ବ୍ୟକ୍ତିଗତ ଜୀବନ ବିଷୟରେ ବହୁକଥା ଜାଣିବାକୁ ପାଇଲେ – ଅସୁସ୍ଥ ବ୍ୟକ୍ତିଙ୍କର ମନର ଅବସ୍ଥା ସର୍ବଦା ଉଦ୍‌ବେଳିତ ଏବଂ ଉତ୍ତେଜିତ ଅବସ୍ଥାରେ ରହୁଛି । ତାଙ୍କ ଅସୁସ୍ଥ ମାନସିକ ଅବସ୍ଥାର ପରିବର୍ତ୍ତନ ଦରକାର ବୋଲି ଗୁରୁ ଜଣାଇଲେ ଏବଂ ତାଙ୍କର ପରାମର୍ଶ ଅନୁଯାୟୀ ରୋଗୀ ନିଜ ଅତୀତ ଜୀବନରେ ଘଟିଥିବା କିଛି ଘଟଣା ଏବଂ ନିଜ ମନର ଉତ୍ତେଜନାପୂର୍ଣ୍ଣ ପ୍ରକୃତି ପାଇଁ ନିଜେ ଦୁଃଖିତ ବୋଲି ସ୍ୱୀକାର କଲେ । ଯାହାକୁ ସେ ଭାବୁଥିଲେ ତାଙ୍କ ପ୍ରତି ଅନ୍ୟାୟ ବା ଅପମାନଜନକ ତାହା ତାଙ୍କ ନିଜ ଅକ୍ତିଆରେ ନ ଥିଲା, ଏଇଥି ପାଇଁ ଯେ ସେ ନିଜକୁ ହୀନ ମଣିଛନ୍ତି ଓ ସେହି ଅପମାନର ରାଜ୍ୟରେ ଘୂରି ବୁଲୁଛନ୍ତି, ତାହା ମଧ୍ୟ ସେ ବୁଝି ନ ଥିଲେ ।

ନିଜର ଭାଗିଁ ପଡ଼ିଥିବା ମାନସିକ ସ୍ଥିତିକୁ ରୋଗୀ ଜଣକ ସୁଧାରିବାକୁ ଆରମ୍ଭ କଲେ । ସେ ପୃଥିବୀର ସମସ୍ତଙ୍କୁ ନିଜ ଅନ୍ତରରେ କ୍ଷମା ଦେଇ ଚାଲିଲେ । ଧ୍ୟାନ ମାଧ୍ୟମରେ ବିକ୍ଷୁବ୍ଧ ମନକୁ ଶାନ୍ତ କରିବାକୁ ଚେଷ୍ଟା କଲେ । ସ୍ୱାସ୍ଥ୍ୟର ଉନ୍ନତି ପାଇଁ ମହାଜାଗତିକ ଶକ୍ତିଙ୍କୁ ଆବାହନ କରି ନିଜ ଚେତନାକୁ ଉପରକୁ ଉଠାଇବାକୁ ଧୀରେ ଧୀରେ ପ୍ରୟାସ କଲେ । ଅନ୍ତର୍ଜ୍ଞାନର ଆଲୋକରେ ଏହିପରି ଏକ ଚିକିତ୍ସା ଦିନ ପରେ ଦିନ ପ୍ରାୟ ଦୁଇ ମାସ ଧରି ଚାଲିଲା । ତା'ପରେ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତି ଜଣକ ସେ ରୋଗରୁ ଆରୋଗ୍ୟ ଲାଭ କଲେ । ଲୋକମାନେ କହିବାକୁ ଲାଗିଲେ ବିନା ଔଷଧରେ ଆରୋଗ୍ୟ ! ଏ ତ ଅଲୌକିକ ଘଟଣା !

ବାସ୍ତବରେ ଅନ୍ତର୍ଜ୍ଞାନର ସଚେତନ ବ୍ୟବହାର ଦ୍ୱାରା ସମ୍ମୁଖ ମସ୍ତିଷ୍କର ପ୍ରକ୍ରିୟା ସମଗ୍ର ଶରୀରକୁ ପ୍ରଭାବିତ କରିଥାଏ ।

ପୁନଶ୍ଚ, କର୍ଣ୍ଣ ଓ ଚକ୍ଷୁ – ଏ ଦୁଇ ଅଙ୍ଗକୁ ମନର ଅଙ୍ଗ ବି କୁହାଯାଏ । ଏଇ ଅଙ୍ଗ ଦୁଇଟି ଅନ୍ତର୍ଜ୍ଞାନ ସହିତ ସଂଯୁକ୍ତ । ବାସ୍ତବରେ ଜଣେ ଚକ୍ଷୁ ମାଧ୍ୟମରେ ଯେତେ ଦେଖେ ନାହିଁ, ସେତେ ତା' ଉପଲବ୍ଧି ବା ବୋଧଶକ୍ତି ମାଧ୍ୟମରେ ଦେଖେ । ସେହିପରି ମନର ଅନୁମୋଦନ କ୍ରମେ କର୍ଣ୍ଣ ଶବ୍ଦକୁ ଗ୍ରହଣ କରେ ଏବଂ ପ୍ରତ୍ୟାଖ୍ୟାନ କରେ ।

ଏଣୁ ନିଜ ମଧ୍ୟରେ ଥିବା ଅନ୍ତର୍ଜ୍ଞାନର ଶକ୍ତିକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ହେଲେ ଜଣେ ଆଲୋକକୁ ଆବାହନ କରିପାରେ । କାରଣ, ସମସ୍ତ ଜୀବ ଜଗତର ସୃଷ୍ଟି ଓ ସ୍ଥିତି ଆଲୋକରେ ହିଁ ସ୍ଥିତ । ଆଲୋକ ସଜୀବର ଜୀବନ । ଅନ୍ତର୍ଜ୍ଞାନ ମାଧ୍ୟମରେ ମନୁଷ୍ୟ ତା' ଅନ୍ତର୍ନିହିତ ଆଲୋକ ସହ ସଂଯୋଗ ସ୍ଥାପନ ବି କରିପାରେ । ଏପରିକି ପ୍ରତ୍ୟେକ ମଣିଷର ଚତୁଃପାର୍ଶ୍ୱରେ ଏକ ସୂକ୍ଷ୍ମଜ୍ୟୋତିଃ ପରିବେଷ୍ଟନ କରି ରହିଥାଏ । ଏହାକୁ କୁହାଯାଏ ଅରା (Aura) । ଏହାର ସାତଟି ସ୍ତର ଏବଂ ରଙ୍ଗ ବି ସାତଟି । ଏହି ରଙ୍ଗସବୁ ଇନ୍ଦ୍ରଧନୁ ରଙ୍ଗର କ୍ରମ ଅନୁଯାୟୀ ସଜ୍ଜିତ ହୋଇଥାଏ । ଧ୍ୟାନ ସମୟରେ ବା ମନର ଶାନ୍ତ ଅବସ୍ଥାରେ ଏହିସବୁ ରଙ୍ଗ ଉଜ୍ଜ୍ୱଳ ହୋଇ ରହିଥାଏ ଏବଂ ମନର ବିକ୍ଷୁବ୍ଧ ଅବସ୍ଥାରେ ଏହା ମଳିନ ପଡ଼ିଯାଏ । ଆଲୋକ ଉଜ୍ଜ୍ୱଳ ଅବସ୍ଥାରେ ରହିଥିବା ବେଳେ ମଣିଷର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବା ତା'ର ଦୁରାରୋଗ୍ୟ ବ୍ୟାଧି ବି ଆରୋଗ୍ୟ ହୋଇ ଯାଇପାରେ । ଅନ୍ୟ ପକ୍ଷରେ ଆଲୋକ ନିଷ୍ପ୍ରଭ ବା ମଳିନ ହେଲେ ମଣିଷକୁ ଯେକୌଣସି ରୋଗ ସହଜରେ ଆକ୍ରମଣ କରିପାରେ ।

ରେକି (Reiki) ଚିକିତ୍ସା ପ୍ରଣାଳୀର ପୁନଃ ଆବିଷ୍କର୍ତ୍ତା ଡକ୍ଟର ମିକାଓ ଉସୁଇ (Dr. Mikao Usui) ତାଙ୍କ ନିଜସ୍ୱ ଅନୁଭୂତିରେ ଲେଖିଛନ୍ତି ଯେ ପର୍ବତ ଉପରେ ତିନି ସପ୍ତାହ ଧରି ବିନା ଖାଦ୍ୟ ଓ ଜଳରେ ଧ୍ୟାନ କରିବା ଫଳରେ ଆଲୋକର ଏକ ବିରାଟ ପିଣ୍ଡୁଳା ଆକାଶରୁ ତାଙ୍କ ଆଡ଼କୁ ଛୁଟି ଆସି ତାଙ୍କ ବକ୍ଷ ସ୍ଥଳରେ ମିଳାଇ ଯାଇଥିଲା । ଏହାର ଫଳସ୍ୱରୂପ ସେ ଲାଭ କରିଥିଲେ ଅଲୌକିକ ଶକ୍ତି ।

ଗୌତମ ବୁଦ୍ଧ ଅଶ୍ୱତ୍ଥ ବୃକ୍ଷ ତଳେ ଦୀର୍ଘ ଦିନ ତପସ୍ୟା କରିବା ଫଳରେ ଜ୍ଞାନାଲୋକ ପ୍ରାପ୍ତ ହୋଇ ଥିଲେ । ବାଇବେଲରେ ଅଛି – ଯୀଶୁ ଯେତେବେଳେ କହିଲେ, 'Let there be light' – ସେତେବେଳେ ସମସ୍ତ ସଂସାର ଆଲୋକିତ ହୋଇଗଲା ।

ବୈଜ୍ଞାନିକମାନେ କହନ୍ତି ମଣିଷର ପ୍ରତ୍ୟେକ କୋଷର କେନ୍ଦ୍ରରେ ଅଛି ଆଲୋକ । ମାତ୍ର ରୋଗ ବା ମୃତ୍ୟୁର ଭୟ, କୃତଘ୍ନତାର ଭାବ, ସମାଲୋଚନା ମନୋବୃତ୍ତି, ପରଶ୍ରୀକାତରତା, ଈର୍ଷା ଆଦି ନିମ୍ନପ୍ରକୃତିର ଆବେଗସବୁ ଆଲୋକକୁ ଅସ୍ପଷ୍ଟ କରିଦିଏ । ଯଦି ଅନ୍ତର୍ଜ୍ଞାନର ଶକ୍ତି ପୁନଶ୍ଚ ଆଲୋକର ଅଭିବ୍ୟକ୍ତି ପ୍ରକାଶ କରେ, ତା'ହେଲେ ସେତେବେଳେ ତାହା ଆରୋଗ୍ୟକାରୀ ଶକ୍ତିର ରୂପ ଧାରଣ କରେ ।

X-ray ରିପୋର୍ଟର ବିବରଣୀ ମଧ୍ୟ ପ୍ରତ୍ୟେକଙ୍କ ଶରୀରରେ ଆଲୋକର ଉପସ୍ଥିତିରେ ଥିବା ପାର୍ଥକ୍ୟକୁ ସୂଚାଇ ଥାଏ । ଏକଦା ଦୁଇଜଣ ଯୁବକଙ୍କର ହୃତପିଣ୍ଡର X-rayରୁ ଜଣାଗଲା ଯେ ଜଣକର ବକ୍ଷରେ ଏକ ଅନ୍ଧକାର ଭଳି ବସ୍ତୁ ସ୍ପନ୍ଦିତ ହେଉଛି । କିନ୍ତୁ ଅନ୍ୟ ଜଣକର ହୃତ୍‌ପିଣ୍ଡର ଅବସ୍ଥା ଏହା ଅପେକ୍ଷା ଖୁବ୍ ପରିଷ୍କାର ଥିଲା । ଅନୁସନ୍ଧାନରୁ ଜଣାଗଲା ଯେ ଯେଉଁ ଯୁବକର ହୃତ୍‌ପିଣ୍ଡ ନିର୍ମଳ ଥିଲା ସେ ଯୁବକଟି ପ୍ରତିଦିନ ଆଧ୍ୟାତ୍ମିକ ଗ୍ରନ୍ଥ ପାଠ କରୁଥିଲା ଏବଂ ନିୟମିତ ଭାବରେ ମନ୍ଦିରରେ ପ୍ରାର୍ଥନା ଓ ଧ୍ୟାନ ମଧ୍ୟ କରୁଥିଲା । ଅନ୍ୟ ଜଣକ କିନ୍ତୁ ସର୍ବଦା ଅନ୍ୟମାନଙ୍କୁ ଭର୍ତ୍ସନା ଏବଂ ଅପମାନିତ କରୁଥିଲା ।

ଏଣୁ କୌଣସି ରୋଗାକ୍ରାନ୍ତ ଅଙ୍ଗର ଚିକିତ୍ସା ପାଇଁ ରୋଗୀ ଆଲୋକକୁ ଆବାହନ କରି ସେହି ଅଙ୍ଗରେ ତାହାକୁ କାର୍ଯ୍ୟ କରିବା ପାଇଁ ପ୍ରାର୍ଥନା କରିପାରେ । ନିଜକୁ ନିଜେ କହିପାରେ ମୁଁ ମୋ ପୃଥିବୀର ଆଲୋକ ଅଟେ । ବାରଂବାର ଏହା ଉପରେ ଧ୍ୟାନ କରିବା ଦରକାର ହୋଇଥାଏ । ଏପରି ଅଭ୍ୟାସ କଲେ ନିଜ ସତ୍ତାରେ ଆଲୋକର ଧାରା ପ୍ରବାହିତ ହୁଏ । ଏହି ଆଲୋକର ଭାବନା ହିଁ ଜଣକୁ ସୁସ୍ଥତା ପ୍ରଦାନ କରିଥାଏ । ଏପରିକି ଏଇ ସ୍ଥିତିରେ କେହି ବି ତା'ର କିଛି କ୍ଷତି କରିପାରେ ନାହିଁ ।

ଏକଦା Henry Fordଙ୍କ ଅନ୍ତରରେ କିଛି ନୂତନ ପ୍ରେରଣା ସୃଷ୍ଟି ହେଲା । ସେ ଇଚ୍ଛା କଲେ ଉଚ୍ଚଶକ୍ତି ସମ୍ପନ୍ନ ଏବଂ ଉନ୍ନତ କୌଶଳଯୁକ୍ତ ନୂତନ ମଡ଼େଲର ଏକ ମୋଟର କାର୍ ନିର୍ମାଣ କରିବା ପାଇଁ । ମାତ୍ର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଏପରି କାର୍ ନିର୍ମାଣ ଓ ପରୀକ୍ଷଣ ଲାଗି ସେ ଅସୁବିଧାର ସମ୍ମୁଖୀନ ହେଲେ । ତାଙ୍କର ଏପରି ଅବାନ୍ତର ମାନସିକତା ପାଇଁ ବନ୍ଧୁମାନେ ତାଙ୍କୁ ନିରୁତ୍ସାହିତ କରି ତାଙ୍କ କଥାକୁ ହସରେ

ଉଡ଼ାଇ ଦେଉଥିଲେ । ହେନ୍‌ରୀଙ୍କ ପିତା ତାଙ୍କୁ ଏପରି ଏକ କାର୍ଯ୍ୟରୁ ସମ୍ପୂର୍ଣ୍ଣ ରୂପେ କ୍ଷାନ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ସେତେବେଳେ ହେନ୍‌ରୀ ତାଙ୍କ ଚାକିରିରୁ ବେତନ ହିସାବରେ ସପ୍ତାହରେ ପଚିଶ ଡଲାର ଦରମା ପାଉଥିଲେ । ଏସବୁକୁ ଛାଡ଼ି କାହିଁକି ନିର୍ବୋଧଙ୍କ ଭଳି ଏକ କଳ୍ପନା ପଛରେ ଗୋଡ଼ାଉଛି ବୋଲି ହେନେରୀଙ୍କୁ ତାଙ୍କ ପିତା ପ୍ରଶ୍ନ କରିଥିଲେ । ମାତ୍ର ହେନ୍‌ରୀ କାହାରି କଥାକୁ କର୍ଣ୍ଣପାତ ନ କରି ତାଙ୍କ ଅନ୍ତର୍ଜ୍ଞାନକୁ ଉପଯୋଗ କରି ଏହି ପାଗଳାମି ପଛରେ ଦୌଡ଼ିବାକୁ ଲାଗିଲେ । ଏହାର ପରିଣତି ଶେଷରେ କ'ଣ ହୋଇଥିଲା ତାହା ସମସ୍ତେ ଜାଣନ୍ତି । ହେନ୍‌ରୀ ଫୋର୍ଡ଼ ନିର୍ମାଣ କରିଥିଲେ ପୃଥିବୀ ବିଖ୍ୟାତ ଫୋର୍ଡ଼ କାର୍ ।

ଏହା ଥିଲା ତାଙ୍କ ଜୀବନର ସଫଳ କାହାଣୀ ।

ଜଣେ ବୈଜ୍ଞାନିକଙ୍କ ମତରେ ଅସାଧାରଣ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତି ହେଉଛନ୍ତି ସାଧାରଣ ମଣିଷ, ଯେଉଁମାନେ ତାଙ୍କ ଅନ୍ତରର ସ୍ୱରକୁ ଶୁଣିବା ପାଇଁ ସାହସ କରିଥା'ନ୍ତି । ଏକଦା ବିଖ୍ୟାତ ବୈଜ୍ଞାନିକ Albert Einsteinଙ୍କୁ ତାଙ୍କର ପ୍ରସିଦ୍ଧ ଆବିଷ୍କାର 'The Theory of Relativity'ର ତଥ୍ୟକୁ ସେ କିପରି ବିକାଶ କରିପାରିଲେ ବୋଲି ଜିଜ୍ଞାସା କରି ତା'ର ରହସ୍ୟ ବିଷୟରେ ପଚରା ଯାଇଥିଲା । ସେ ଉତ୍ତର ଦେଇଥିଲେ ଯେ ଏହାର ପ୍ରକୃତ ରହସ୍ୟ ବା ମୂଲ୍ୟବାନ୍ ଉପାଦାନ ହେଉଛି ଅନ୍ତର୍ଜ୍ଞାନ । ଏହା ମହାଜାଗତିକ ଜ୍ଞାନର ଏକ ରୂପ ଏବଂ ଏହାକୁ ସର୍ବୋଚ୍ଚ ଧୀଶକ୍ତି କୁହାଯାଇପାରେ । ଅନ୍ତର୍ଜ୍ଞାନରେ ବଞ୍ଚିବାର ଅର୍ଥ ହେଉଛି ଚେତନାର ଏକ ଉଚ୍ଚତର ସୋପାନରେ ଜୀବନ ଧାରଣ କରିବା ।

ପ୍ରାୟଶଃ ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ସମୟରେ ନିଜ ଜୀବନରେ ଏହିପରି ଜ୍ଞାନର ଅନୁଭୂତି ଲାଭ କରିଥାଏ ଏବଂ ସେଥିରେ ସେ ଆଶ୍ଚର୍ଯ୍ୟ ବି ହୋଇଥାଏ । ଅବଶ୍ୟ ପରେ ସେ ଏହାକୁ ଉପେକ୍ଷା କରିଥାଏ । କେବଳ ଯିଏ ତା' ମନ ଓ ଶରୀରକୁ ଅନ୍ତର୍ଜ୍ଞାନ ପ୍ରତି ଉନ୍ମୁକ୍ତ ରଖିଥାଏ, ସେହିଁ କେବଳ ତା' ସତ୍ତାକୁ ଏକ ନୂତନ ଶକ୍ତିର ବନ୍ୟାରେ ପ୍ଲାବିତ କରିଥାଏ । ଏହିପରି ଭାବରେ ଜୀବନର ସଙ୍ଗଠିତ ପଦ୍ଧତିର ଆଣବିକ ସ୍ପନ୍ଦନକୁ ଅନ୍ତର୍ଜ୍ଞାନ, ପୃଥିବୀର ସାଧାରଣ ବିଘଟିତ ଭାବନାର ଉର୍ଦ୍ଧ୍ୱକୁ ଉତ୍ଥିତ କରିଥାଏ । ଫଳରେ ତା' ଶରୀରର ସ୍ନାୟବିକ ବ୍ୟବସ୍ଥାରେ ସନ୍ତୁଳନ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ଠିକ୍ ରହେ ।

ବାସ୍ତବରେ ଅନ୍ତର୍ଜ୍ଞାନ ହେଉଛି ଅନ୍ତର୍ନିହିତ ଗୁରୁ । ଏହାର ସ୍ୱର ଯେତେ ଅସ୍ପଷ୍ଟ ମନେ ହେଉଥିଲେ ମଧ୍ୟ ଯଦି ମନୁଷ୍ୟ ଏହାକୁ ଆବିଷ୍କାର ଓ ଅନୁସରଣ କରେ, ଏହା ତା'କୁ ଜୀବନର ସର୍ବୋତ୍ତମ ରାସ୍ତାରେ ଚଳାଇ ନିଏ ।

ଏହାକୁ କୁହାଯାଏ କୁହୁକ ପଥ (Magic path) ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


ଭକ୍ତି ଏକ ଅନୁଭୂତି ନୁହେଁ, ଏହା ହୃଦୟ ଓ ଆତ୍ମାର ଏକ ଅବସ୍ଥା । ଏହି ଅବସ୍ଥା ସେତିକିବେଳେ ଆସିଥାଏ ଯେତେବେଳେ ଚୈତ୍ୟପୁରୁଷ ଜାଗ୍ରତ୍ ଓ ପ୍ରଭାବଶାଳୀ ଥାଆନ୍ତି ।

— ଶ୍ରୀଅରବିନ୍ଦ

# ପ୍ରେମାନନ୍ଦ ବାବୁଙ୍କୁ ଆମର ଶ୍ରଦ୍ଧାଞ୍ଜଳି

**(୧୯୩୭ - ୨୦୨୦)**

ନବଜ୍ୟୋତି କାର୍ଯ୍ୟାଳୟର ଜଣେ ପୁରାତନ କର୍ମୀ ତଥା ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ଶ୍ରୀ ପ୍ରେମାନନ୍ଦ ନାୟକଙ୍କ ଗତ ୨୯.୧୦.୨୦୨୦ରେ ତିରୋଧାନ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ଦୀର୍ଘଦିନ ଧରି ଆଶ୍ରମର ଜରାନିବାସ 'କେୟାର'ରେ ରହୁଥିଲେ ।

ପୁରୀ ଜିଲ୍ଲାର ପିପିଲି ନିକଟସ୍ଥ ରାଜସ ଗ୍ରାମରେ ୨୩.୧୧.୧୯୩୭ରେ ପ୍ରେମାନନ୍ଦ ବାବୁଙ୍କ ଜନ୍ମ । ସେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଲାଭ ପରେ ଭୁବନେଶ୍ୱରସ୍ଥ 'ଅନ୍ଧ-ମୂକ-ବଧୀର'' ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ସେଠାକାର ରହଣି କାଳରେ ସେ ଶ୍ରୀଅରବିନ୍ଦ ପାଠଚକ୍ର ମାଧ୍ୟମରେ ବାବାଜି ଶ୍ରୀ ରାମକୃଷ୍ଣ ଦାସ ଓ ଶ୍ରୀ ପ୍ରପତ୍ତିଙ୍କ ସମ୍ପର୍କରେ ଆସିଥିଲେ; ଏପରିକି ସେମାନଙ୍କୁ ନିଜ ବିଦ୍ୟାଳୟକୁ ନିମନ୍ତ୍ରଣ କରି ଆଧ୍ୟାତ୍ମିକ ଆଲୋଚନାର କାର୍ଯ୍ୟକ୍ରମ ମଧ୍ୟ କରାଇଥିଲେ ।

ପରେ ୧୯୭୩ରେ ସେ ଶ୍ରୀମାଙ୍କର ସାକ୍ଷାତ୍ ଦର୍ଶନର ସୌଭାଗ୍ୟ ମଧ୍ୟ ଲାଭ କରିଥିଲେ । ତା' ପରବର୍ଷ (୧୯୭୪ରେ) ପତ୍ନୀ ସରସ୍ୱତୀ ଦେବୀ ଓ ଏକମାତ୍ର ପୁତ୍ର ଦେବାନନ୍ଦଙ୍କ ସହିତ ଆସି ସବୁଦିନ ପାଇଁ ଆଶ୍ରମ ଜୀବନରେ ସାମିଲ ହୋଇଥିଲେ । ପ୍ରଥମ ଅବସ୍ଥାରେ ସେ 'ମାରେ ଗାର୍ଡ଼େନ' ରେ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ସମୟରେ ସରସ୍ୱତୀ ଦେବୀ ଗ୍ରେନେରୀରେ କାର୍ଯ୍ୟ କଲେ ଓ ଦେବାନନ୍ଦ ଆଶ୍ରମ ଶିକ୍ଷାକେନ୍ଦ୍ରରେ ଶିକ୍ଷାର୍ଥୀଭାବେ ଯୋଗଦାନ କରିଥିଲେ । ୧୯୭୭ରେ ନବଜ୍ୟୋତି କାର୍ଯ୍ୟାଳୟର ଶାଖା ରୂପେ କାର୍ଯ୍ୟ କରୁଥିବା ନବଜ୍ୟୋତି ପ୍ରେସ୍‌ରେ ପ୍ରୁଫ୍ ସଂଶୋଧନ ପାଇଁ କର୍ମୀ ଆବଶ୍ୟକ ହେବାରୁ ତାଙ୍କୁ ମାରେ ଗାର୍ଡ଼େନରୁ ନବଜ୍ୟୋତିକୁ ଅଣାଯାଇଥିଲା । ଏଠାରେ ସେ ନିରବଚ୍ଛିନ୍ନ ଭାବେ ତାଙ୍କ କର୍ମଜୀବନର ଶେଷ ପର୍ଯ୍ୟାୟ ଯାଏଁ, ପ୍ରାୟ ୩୫ ବର୍ଷ ଧରି କାର୍ଯ୍ୟ କରିଥିଲେ । ୧୯୮୯ ରୁ ୨୦୦୫ ପର୍ଯ୍ୟନ୍ତ ମୁଁ ତାଙ୍କ ସହ ନବଜ୍ୟୋତି ପ୍ରକାଶନର ପୁସ୍ତକ ଓ ପତ୍ରିକା ସଂଶୋଧନ କାର୍ଯ୍ୟ କରିବାର ସୁଯୋଗ ପାଇଥିଲି ଓ ଅନେକ କିଛି ଶିକ୍ଷା ମଧ୍ୟ କରିଥିଲି ।

ସେ ଥିଲେ ଜଣେ ସରଳ, ନିରହଂକାରୀ, ଭଦ୍ର, ନମ୍ର, ସମୟାନୁବର୍ତ୍ତୀ ତଥା ନିଷ୍ଠାପର ସାଧକ କର୍ମୀ । ମୁଦ୍ରଣଗତ ତ୍ରୁଟି ଧରିବାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ଏହି ଦକ୍ଷତା ଯୋଗୁଁ ନବଜ୍ୟୋତି ପ୍ରକାଶନକୁ ପାଠକମାନେ ତ୍ରୁଟିହୀନ ବୋଲି କହିଥା'ନ୍ତି । କାର୍ଯ୍ୟ ସମୟରେ ଅବସର ପାଇଲେ ସେ ଅଭିଧାନ ଅଧ୍ୟୟନ କରୁଥିଲେ, ଯାହା ତାଙ୍କର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରୁଥିଲା । ସେ ଅନ୍ୟମାନଙ୍କ ସହ ବେଶୀ ଆଳାପ ଆଲୋଚନାରେ ବ୍ୟାପୃତ ନ ରହୁ ଥିଲେ ବି ଆଶ୍ରମର ତଥା କାର୍ଯ୍ୟାଳୟର ସମସ୍ତଙ୍କ ସହିତ ତାଙ୍କର ଅତ୍ୟନ୍ତ ମଧୁର ସମ୍ପର୍କ ଥିଲା । ଥରେ ସେ ମୋତେ ତାଙ୍କ ଘରକୁ ନିମନ୍ତ୍ରଣ କରିଥିବା ବେଳେ ତାଙ୍କର ଯୁବା ବୟସର ପ୍ରତିଛବି ଦେଖାଇଥିଲେ, ସେଥିରୁ ଏକ ଦେବତୁଲ୍ୟ ପବିତ୍ରତାର ସ୍ପନ୍ଦନ ମୁଁ ପାଇଥିଲି । ଆଜି ତାଙ୍କର ତିରୋଧାନରେ ନବଜ୍ୟୋତି ପ୍ରକାଶନ ଜଣେ ସୁଦକ୍ଷ କର୍ମୀଙ୍କର ଅଭାବ ଅନୁଭବ କରୁଛି । ଏହି ପବିତ୍ରାତ୍ମା ତଥା ନୀରବ ମାତୃକର୍ମୀଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

– ମଧୁସୂଦନ ମହାପାତ୍ର,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଚେତନାର ଦିଗ୍‌ବଳୟ :

# ଆଧ୍ୟାତ୍ମିକ ଅଭିଯାତ୍ରାରେ ଗୁରୁ ଓ ଶାସ୍ତ୍ରର ଭୂମିକା

*ପ୍ରଶ୍ନ : ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ବହି ଓ ଗୁରୁଙ୍କ ଆବଶ୍ୟକତା କେତେ ? ମୁଁ ସଠିକ ବହି ଓ ଗୁରୁ କେଉଁଠୁ ପାଇବି ?*

**ଉତ୍ତର :** ବହି କଥା । ମୋ ଭାଷା ଆପାତତଃ ଆଡ଼ମ୍ବରିକ ବା ଅବାସ୍ତବ ମନେ ହୋଇପାରେ । କିନ୍ତୁ ବକ୍ତବ୍ୟ ବାସ୍ତବ । ଆମ ସମଗ୍ର ଜୀବନର ଭିତ୍ତି ଆଧ୍ୟାତ୍ମିକ । ବିପୁଳ ସମ୍ଭାବନାପୂର୍ଣ୍ଣ ଏ ଜୀବନକୁ ଯଦି କୌଣସି ଅଣଆଧ୍ୟାତ୍ମିକ ଶକ୍ତି ସୃଜନ କରିଥା'ନ୍ତା, ତେବେ ଏଭଳି ପ୍ରଶ୍ନଟିଏ ଆପଣଙ୍କ ମନକୁ ଆସି ହିଁ ନ ଥା'ନ୍ତା । ଆମେ ଯେତେ ଅଜ୍ଞାନ ଅନ୍ଧକାରରେ ନିମଜ୍ଜିତ ଥିଲେ ମଧ୍ୟ ଜ୍ଞାନ ପାଇଁ, ସତ୍ୟ ପାଇଁ, ଜୀବନର ଅର୍ଥ ପାଇଁ ବ୍ୟାକୁଳତା ଆମ ଚେତନାରେ ଅନିବାର୍ଯ୍ୟ ଭାବେ ବିଦ୍ୟମାନ ରହିଥାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣର ବିକାଶ ନିମନ୍ତେ ଏ ସମଗ୍ର ବିଶ୍ୱ ହିଁ ଏକ ଅସରା ଏବଂ ଅସମାପ୍ତ ବହି । ଆମେ ଆଗ୍ରହୀ ହେଲେ ଅନୁକୂଳ, ପ୍ରତିକୂଳ ସବୁ ପରିସ୍ଥିତିରେ ଆମ ପାଇଁ କିଛି ଶିକ୍ଷା ପ୍ରଚ୍ଛନ୍ନ ରହିଥାଏ; ସାଧାରଣ ବୈଷୟିକ, ବ୍ୟାବହାରିକ ବା ବିଦ୍ୟାଳୟ-ସୁଲଭ ଶିକ୍ଷା ନୁହେଁ, ଆମ ଚେତନାକୁ ବ୍ୟାପକତର କରିବା ଦିଗରେ ଶିକ୍ଷା । (ଅବଧୂତ ଓ ତାଙ୍କ ପ୍ରାକୃତିକ ଗୁରୁବୃନ୍ଦଙ୍କ ଉପାଖ୍ୟାନ ଜାଣିଥିବେ ।)

ଆଧ୍ୟାତ୍ମିକ ବିକାଶ ଏବଂ ଚେତନାର ଅଭିବୃଦ୍ଧି ଅବିଚ୍ଛେଦ୍ୟ । ଜନ୍ମ ଜନ୍ମ ଧରି ଆମର ଯେଉଁ ଆଧ୍ୟାତ୍ମିକ ବିକାଶ ବା ପ୍ରଗତି ଅବ୍ୟାହତ ରହିଛି ତାହା ଅଜ୍ଞାନରୁ ଜ୍ଞାନର ଦିଗ୍‌ବଳୟ ଅଭିମୁଖେ । ଅତୀତ ଜନ୍ମସବୁର କେତେ ଘଟଣା, କେତେ ମୋହମୁକ୍ତି ତଥା ହୁଏତ କେତେ ସତ୍ ସାହିତ୍ୟରୁ ଜଣେ ଆହରଣ କରିଥିବା ଅଭିଜ୍ଞତା ସେ ଦିଗରେ ତାକୁ ସହାୟତା ଦେଇଥିବ । ଆଧ୍ୟାତ୍ମିକ ସାହିତ୍ୟର ବିଶେଷ ଅଭାବ ନାହିଁ । ଯୁଗ ଯୁଗ ଧରି ଅସଂଖ୍ୟ ଜ୍ଞାନଲିପ୍ସୁଙ୍କ ଆସ୍ପୃହା ଚରିତାର୍ଥ କରିଥିବା ଭଗବତ୍ ଗୀତାରୁ ହିଁ ଜଣେ ଆରମ୍ଭ କରିପାରେ ଏବଂ ସାରା ଜୀବନ ସେହିଥିରେ ବିତାଇ ଦେଇପାରେ ନିତ୍ୟ ନୂତନ ଆଲୋକରେ ଉଦ୍ଭାସିତ ହୋଇ । କିନ୍ତୁ ତାହା ଏକ ବ୍ୟତିକ୍ରମ ଏବଂ ତାହା ଯାନ୍ତ୍ରିକ ଭାବରେ ଅନୁକରଣୀୟ ବୋଲି ଧରିବା ଉଚିତ ନୁହେଁ । ପ୍ରତ୍ୟେକଙ୍କର ସନ୍ଧାନର ମାତ୍ରା ଓ ସ୍ତର ଭିନ୍ନ ।

ଏକଦା ଏ ଲେଖକ ବିପୁଳ ଆଗ୍ରହରେ ବିଦ୍ୱାନ୍ ଓ ସନ୍ଥମାନେ ପରିବେଷଣ କରିଥିବା ଗୀତାର ବିଭିନ୍ନ ବ୍ୟାଖ୍ୟା ପଢୁଥିଲା । ସେହି କ୍ରମରେ ସେ ପଢ଼ିଲା ଶ୍ରୀଅରବିନ୍ଦଙ୍କର ''ଏସେଜ୍ ଅନ୍ ଦି ଗୀତା'' (Essays on the Gita) । ମନେ ହେଲା ଯେଉଁ ଚେତନା ଏକଦା ଜିଜ୍ଞାସୁବର୍ଗଙ୍କୁ ଗୀତା ରୂପକ ଅନନ୍ୟ ଅବଦାନ ଦେଇଥିଲା, ସେହି ଚେତନା ହିଁ ତା'ର ତାତ୍ପର୍ଯ୍ୟ ବୁଝାଉଛି ଏ ନିବନ୍ଧମାଳା ଯୋଗେ । ବୁଦ୍ଧି ତଥା ଜ୍ଞାନଚାଳିତ ବହୁ ବ୍ୟକ୍ତିଙ୍କର ଅଧ୍ୟାତ୍ମ ରଚନା ରହିଛି । ଆମେ ସେସବୁ ତାରିଫ କରିପାରିବା । କିନ୍ତୁ ଉପଲବ୍ଧି-ପ୍ରସୂତ ପ୍ରଜ୍ଞା ହିଁ ଆମକୁ ପ୍ରଭାବିତ କରିପାରିବ । ଏ ଲେଖକର ପଠନ ପରିସର ବ୍ୟାପକ ନୁହେଁ; ତେବେ ଇତିହାସରେ ମୁଖ୍ୟ ଆଧ୍ୟାତ୍ମିକ ପ୍ରଜ୍ଞା ସମୂହର ମର୍ମ ବୁଝିବାର ଚେଷ୍ଟା ସେ କରିଛି । ସେଭଳି ପ୍ରଜ୍ଞାସମ୍ବଳିତ ବହିର ତାଲିକା ଦେବା ନିଷ୍ପ୍ରୟୋଜନ । ଆପଣଙ୍କ ନିଜ ସନ୍ଧିତ୍ସା ସେ ଦିଗରେ ସହାୟତା ଦେବ । (ଉପଲବ୍ଧିର ସରଳ ବ୍ୟାଖ୍ୟା : ଜଣେ ଯଦି ମହୁର ଉତ୍ପତ୍ତି, ମହୁମାଛିମାନଙ୍କର ଏବଂ ମହୁର ଶ୍ରେଣୀଭେଦ ଉପରେ ଗବେଷଣା କରିଥିବ, ସେ ବ୍ୟକ୍ତି ମହୁ ବିଶେଷଜ୍ଞ ପଣ୍ଡିତ । ଆପଣ ସେ ପାଣ୍ଡିତ୍ୟ ଅର୍ଜନ କରି ନ ଥିଲେ ମଧ୍ୟ ଯଦି ମହୁ ଆସ୍ୱାଦନ କରିଛନ୍ତି, ତେବେ ଆପଣ ମହୁ ଉପଲବ୍ଧି କରିଛନ୍ତି ।) ଜଗନ୍ନାଥ ଦାସଙ୍କ ଭାଗବତରେ ହିଁ ରହିଛି ଅଧ୍ୟାତ୍ମ ଆଲୋକର ବହୁ ସ୍ଫୁଲିଙ୍ଗ ।

ବର୍ତ୍ତମାନ ଗୁରୁ ପ୍ରସଙ୍ଗକୁ ଆସିବା । ଭାରତର ଗୁରୁ ପରମ୍ପରା ବିଶ୍ୱରେ ଅନନ୍ୟ । ଭାରତୀୟ ସଂସ୍କୃତିର ନିର୍ମାତା ଯେଉଁ ଋଷିକୁଳ, ସେ ସମ୍ପ୍ରଦାୟ ସହ ତୁଳନୀୟ କୌଣସି ଗୋଷ୍ଠୀର ଦୃଷ୍ଟାନ୍ତ ଆମେ ଅନ୍ୟ କୌଣସି ସଭ୍ୟତାରେ ଦେଖିବାକୁ ପାଉନା । ପ୍ରାଚୀନ ଭାରତରେ ଏକଦା ସେମାନେ ଶିକ୍ଷାଧାରାର ପ୍ରବର୍ତ୍ତକ ଥିଲେ : ଥିଲେ ଗୁରୁ । ଯେଉଁ ବିଦ୍ୟାର୍ଥୀ ଅଧ୍ୟାତ୍ମ ଜୀବନ ସକାଶେ ପ୍ରସ୍ତୁତ ବୋଲି ଗୁରୁ ଅନୁଭବ କରୁଥିଲେ, ତାକୁ ସେ ସେହି ମାର୍ଗରେ ପରିଚାଳିତ କରୁଥିଲେ । ସେ ପର୍ଯ୍ୟାୟର ଗୁରୁ ନାହାନ୍ତି । ବର୍ତ୍ତମାନ ରହିଛନ୍ତି ପାରମ୍ପରିକ ଗୁରୁ : ଏକଦା ଜଣେ ଜଣେ ଋଷିପ୍ରତିମ ମହାପୁରୁଷଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ସଂସ୍ଥାର ଧାରାବାହିକ ଉତ୍ତରାଧିକାରୀ-

ମାନଙ୍କଠାରୁ ଦୀକ୍ଷା ଗ୍ରହଣ ପ୍ରଥା । ଦ୍ୱିତୀୟରେ ପ୍ରଭାବ ବିସ୍ତାର କରିଛନ୍ତି ବେଶ୍ କେତେଜଣ ଦକ୍ଷ ଆଧ୍ୟାତ୍ମିକତା-ପ୍ରଚାରକ । ସେମାନେ କିଛି ହଠ ଯୌଗିକ କ୍ରିୟା ସହ ମନସ୍ତାତ୍ତ୍ୱିକ ଜ୍ଞାନ ଓ ବିଭିନ୍ନ ରୀତିର ଧ୍ୟାନ ଶୃଙ୍ଖଳାର ସୁପରିକଳ୍ପିତ ସମାବେଶ କରି ଏକ ଏକ ଯୋଜନା ପ୍ରସ୍ତୁତ କରିଥା'ନ୍ତି; ସେହି ଅନୁସାରେ ସମ୍ମିଳନୀ, ତାଲିମ ଶିବିର ଇତ୍ୟାଦି ଆୟୋଜନ ହୁଏ, ଆଧୁନିକ ପ୍ରଚାର ରୀତିର ବ୍ୟବହାର କରାଯାଏ । ଭାରତରେ ତଥା ବିଦେଶରେ ଏମାନେ ଭିନ୍ନ ଭିନ୍ନ ମାତ୍ରାରେ ପ୍ରଭାବ ସୃଜିବାରେ ସକ୍ଷମ ହୋଇଛନ୍ତି । ଏମାନଙ୍କ ଦ୍ୱାରା ଅନେକେ ଏକ ନିର୍ଦ୍ଦିଷ୍ଟ ମାତ୍ରା ଯାଏ ଉପକୃତ ହୁଅନ୍ତି । ଏମାନଙ୍କ ପ୍ରବର୍ତ୍ତିତ ଶୃଙ୍ଖଳାରୁ ଆମକୁ କିଛି ଆଧ୍ୟାତ୍ମିକ ପାଠ୍ୟ ଜ୍ଞାନ ମିଳିପାରେ; କିନ୍ତୁ ଆମ ଚେତନାର ଗୁଣଗତ ପରିବର୍ତ୍ତନ ହୁଏ ନାହିଁ । ତେବେ ଏମାନେ କ୍ଷତିକାରକ ନୁହନ୍ତି । (ଅବଶ୍ୟ କିଛି କିଛି ସ୍ୱୟଂ-ଘୋଷିତ ଗୁରୁ ରହିଥା'ନ୍ତି, ଯେଉଁମାନଙ୍କ ''ଗୁରୁତ୍ୱ'' ଅଳୀକ ।)

ଆଧ୍ୟାତ୍ମିକତା ଏକ ଅନୁଭୂତି ସାପେକ୍ଷ ଜ୍ଞାନ । ଯେଉଁମାନେ ସେ ଜ୍ଞାନ ଜୀବନରେ ଉପଲବ୍ଧ କରିବାକୁ ଅଗ୍ରସର, ସେମାନେ ଯୋଗ ସାଧକ । ଏଠାରେ ଯୋଗର ଉଲ୍ଲେଖ କରୁଛି ବ୍ୟାପକତର ଅର୍ଥରେ । ଯୋଗର ଚାରି ପ୍ରାଥମିକ ପ୍ରୟୋଜନୀୟତା ହେଲେ ଶାସ୍ତ୍ର, ଉତ୍ସାହ, ଗୁରୁ ଏବଂ କାଳ । ଶାସ୍ତ୍ର ବୋଇଲେ ସେ ମାର୍ଗ ସମ୍ପର୍କରେ ଜ୍ଞାନ; ଉତ୍ସାହର ବ୍ୟାଖ୍ୟା ଅନାବଶ୍ୟକ; ଗୁରୁ ହେଲେ ଦିଗ୍‌ଦର୍ଶକ । କାଳ ମୋଟାମୋଟି ଜଣକର ବ୍ୟକ୍ତିଗତ କ୍ରମବିକାଶରେ ସତ୍ୟାନୁସନ୍ଧାନ ନିମନ୍ତେ ଉପସ୍ଥିତ ମୁହୂର୍ତ୍ତ । ଆମର ଅଧିକାଂଶ କାର୍ଯ୍ୟକଳାପ ଅହଂ ପ୍ରଣୋଦିତ । ତେଣୁ କାଳ ଆମ ଆଗରେ ନାନା ପ୍ରତିବନ୍ଧକ ରଖେ । ଯେତେବେଳେ ସତ୍ୟ ପାଇଁ ଜଣକର ଉତ୍ସାହ ହୁଏ ଅବିମିଶ୍ରିତ ନିର୍ମଳ, ସେତେବେଳେ ଦିବ୍ୟ କରୁଣା ତାକୁ ସ୍ୱାଗତ କରେ ଏବଂ କାଳ ତାକୁ ସହାୟତା ଦିଏ ।

ଏ ଲେଖକର ବିଶ୍ୱାସ ଅନୁସାରେ ଶ୍ରୀଅରବିନ୍ଦଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣାଙ୍ଗ ଯୋଗ ହିଁ ଯୋଗର ଭବିଷ୍ୟତ୍ ଏବଂ ଆଧ୍ୟାତ୍ମିକତାର ସର୍ବୋତ୍ତମ ପ୍ରତିଶ୍ରୁତି । ଏହା ଭଗବାନଙ୍କର ଏ ସୃଷ୍ଟିକୁ ମାୟା ଓ ମିଥ୍ୟା ଆଖ୍ୟା ଦେଇ ବର୍ଜନ କରେନା । ଆମ ଜୀବନରେ ମାୟା ଓ ମିଥ୍ୟାର ପ୍ରଚଣ୍ଡ ପ୍ରଭାବକୁ ଏହା ଅସ୍ୱୀକାର କରେନା; କିନ୍ତୁ ସେଥିରୁ ଉତ୍ତୀର୍ଣ୍ଣ ହେବାର ଶକ୍ତି ଆମ ଚେତନାରେ ନିହିତ ବୋଲି ଏ ଦିବ୍ୟଦର୍ଶନ ଆମକୁ ପ୍ରତିଶ୍ରୁତି ଦିଏ । ଆଧ୍ୟାତ୍ମିକ ଜୀବନଯାପନ ସକାଶେ ସାମାଜିକ ବା ସ୍ଥୂଳ ଜୀବନ ପରିତ୍ୟାଗ କରିବା ଅନିବାର୍ଯ୍ୟ ବୋଲି ଏହା ଘୋଷଣା କରେନା । ବିବର୍ତ୍ତନ କ୍ରମରେ ମଣିଷ ତା'ର ଅପରିଣତ ଜୀବନର ଊର୍ଦ୍ଧ୍ୱତର ଏକ ସୋପାନରେ ଉପନୀତ ହେବ ଏବଂ ଏକ ଦିବ୍ୟ ଜୀବନର ଅଧିକାରୀ ହେବ; ତାହା ହିଁ ମଣିଷର ଆଧ୍ୟାତ୍ମିକ ଭବିଷ୍ୟତ୍ । (କେବେ ତାହା ନିର୍ଭର କରେ ଆମର ଆସ୍ପୃହା, ଦିବ୍ୟ ଶକ୍ତିଠାରେ ସମର୍ପଣ ଏବଂ ପ୍ରକୃତିଗତ ବିରୂପ ଅଭ୍ୟାସ ଏବଂ ପ୍ରଭାବସବୁର ପରିବର୍ତ୍ତନ ଉପରେ ।)

ଶାଶ୍ୱତ ବେଦ ରୂପକ ଶାସ୍ତ୍ର ଏବଂ ପରମ ଦିଗ୍‌ଦର୍ଶକ ଗୁରୁ ଉଭୟେ ଆମ ହୃଦୟରେ ଅଧିଷ୍ଠିତ । ଅତଏବ ମାନବ ଗୁରୁ ନ ଥିଲେ କ୍ଷତି ନାହିଁ । ସେ ଦାୟିତ୍ୱ ଆପଣ ଭଗବାନଙ୍କୁ ଦେଇ ଦିଅନ୍ତୁ । ଯଦି ଆବଶ୍ୟକ ଥିବ, ତେବେ ମାନବ ଗୁରୁଙ୍କ ସହ ଯୋଗାଯୋଗ ଅବଶ୍ୟ ଘଟିବ । ସବୁ ନିର୍ଭର କରେ ପ୍ରାର୍ଥୀର ଆନ୍ତରିକତା ଓ ଆବଶ୍ୟକତା ଉପରେ । ରହସ୍ୟ ହେଲା, ଗୁରୁ ସଚ୍ଚା ହୋଇ ନ ଥିଲେ ବି ସଚ୍ଚା ଶିଷ୍ୟଟିଏ ଗୁରୁଙ୍କ ଭିତରେ ଜଗଦ୍‌ଗୁରୁଙ୍କୁ ଜାଗରିତ କରି ଦେଇପାରିବ । ଆମ ଲୋକକଥାରେ ରହିଛି ଏହାର ଉଦାହରଣ । ସଂକ୍ଷେପରେ :

ଜଣେ ସଚ୍ଚା ଗୁରୁଙ୍କ ତିରୋଧାନ ଅନ୍ତେ ତାଙ୍କ ବ୍ୟକ୍ତିଗତ ସେବକ ଜଣକ ତାଙ୍କ ଆସନରେ ବସିଗଲେ । ନିଜ ଅଯୋଗ୍ୟତାକୁ ଗୋପନ କରିବା ନିମନ୍ତେ ତାଙ୍କୁ ବିଶେଷ କ୍ଲେଶ ସହିବାକୁ ପଡ଼ିଲା ନାହିଁ, କାରଣ ସେ ଖଣ୍ଡମଣ୍ଡଳର ଲୋକେ ଥିଲେ ଅତ୍ୟନ୍ତ ସରଳ ବିଶ୍ୱାସୀ । ନୂଆ ଗୁରୁ ଘୋଷଣା କଲେ, ସେ ଶିଷ୍ୟବହୁଳ ଏକ ଏକ ଗାଁରେ ଦୁଇ ଚାରି ଦିନ କରି ବିତାଇବେ । ମନ୍ଦରପୁର ଗାଁ ତରଫରୁ ରାମଦାସ ଆସି ନେହୁରା ହେଲା, ଗୁରୁ ତା' ଗାଁରେ ବିଜେ ହୁଅନ୍ତୁ । ସେ ପ୍ରାୟ ଅଧିଆ ପଡ଼ି ରହିଲା ନ ଖାଇ ନ ପିଇ । ତେଣେ ତା' ଘରୁ ଲୋକ ଆସି ତାକୁ ଚେତାଇ ଦେଲେ, ତା'ର ଶିଶୁ କନ୍ୟା ଭୀଷଣ ଅସୁସ୍ଥ; ସେ ଶୀଘ୍ର ଘରକୁ ଯିବା ଚାହି । କିନ୍ତୁ ରାମଦାସ ଗୁରୁଙ୍କୁ ନ ନେଇ ଯିବ ନାହିଁ ।

ଗୁରୁ ଅବଶ୍ୟ ତାଙ୍କ ମର୍ଜି ଅନୁସାରେ ଗଲେ – ଶୋଭାଯାତ୍ରାରେ । ଆଗେ ଆଗେ ଉଦ୍ଦାମ ଭକ୍ତ ରାମଦାସ । କିନ୍ତୁ ଗୁରୁ ଆଗମନ ଉପଲକ୍ଷେ ଉତ୍ସବମୁଖର ଗାଁରେ ପଶିବା ବେଳକୁ ଜଣେ ଆସି ତାକୁ ଖବର ଦେଲା, ତା' ସନ୍ତାନର ଶେଷ ସମୟ ଉପସ୍ଥିତ । ''ଚୁପ୍ କର ! ଆଗେ ଗୁରୁ ଥଇଥାନ ହୁଅନ୍ତୁ,'' କହି ରାମଦାସ ସେ ଧନ୍ଦାରେ ବ୍ୟସ୍ତ ରହିଲା । ଅବଶେଷରେ ସେ ଘରେ ପହଞ୍ଚିବା ବେଳକୁ କନ୍ୟା ମୃତ ।

ରାମଦାସ ଶିଶୁକୁ କୋଳାଗ୍ରତ କରି ଦୌଡ଼ିଯାଇ ତାକୁ ଗୁରୁଙ୍କ ପଦପ୍ରାନ୍ତରେ ଥୋଇ ଗୋଟାଏ ପାତ୍ରରେ ପାଣି ଆଣି ଗୁରୁଙ୍କୁ ସେଥିରେ ତାଙ୍କ ପାଦାଙ୍ଗୁଳି କେତୋଟି ବୁଡ଼ାଇବାକୁ ନେହୁରା ହୋଇ ସେ ପାଣି ଛିଞ୍ଚିଲା ଶିଶୁ ଉପରେ । ଶିଶୁର ଆଖିପତା ସ୍ପନ୍ଦିତ ହେଲା । ଚାହୁଁ ଚାହୁଁ ସେ କାନ୍ଦିଲା । ଗୁରୁଙ୍କ ଜୟଧ୍ୱନିରେ ମୁଖରିତ ହେଲା ବାତାବରଣ । ଧନ୍ୟ ନୂଆବାବାଙ୍କ ବିଭୂତି !

ସ୍ଥାନୀୟ ଜମିଦାର ଶୁଣିଲେ ସେ ଅଲୌକିକ ବୃତ୍ତାନ୍ତ; ସେ ଆସି ପ୍ରଣାମାନ୍ତେ ବାବା ତାଙ୍କ ଆତିଥ୍ୟ ଗ୍ରହଣ କରି ତାଙ୍କ ପ୍ରାସାଦରେ ଦିନ କେତୋଟି ବିତାଇବା ନିମନ୍ତେ ଅଳି କଲେ । କିଞ୍ଚିତ୍ କୁଣ୍ଠାର ଅଭିନୟ ଅନ୍ତେ ନିଜ ଶକ୍ତିରେ ଚକିତ ଓ ମୁଗ୍ଧ ବାବା ପ୍ରାସାଦକୁ ଗଲେ । ତାଙ୍କୁ ଦେଖିବା ନିମନ୍ତେ ଶହ ଶହ ନରନାରୀ ଭିଡ଼ କରୁଥା'ନ୍ତି ।

ପରଦିନ ପ୍ରଭାତରେ ବାବା ପଦ୍ମାସନରେ ଧ୍ୟାନରତ, ଜମିଦାରଙ୍କ ଶିଶୁ ପୁତ୍ରଟି ଗୁରୁଣ୍ଡି ଗୁରୁଣ୍ଡି ଆସି ତାଙ୍କ କୋଳରେ ଚଢ଼ିଗଲା । ବାବା ଆବର୍ଜନା ଭଳି ତାକୁ ଠେଲି ଦେଲେ । କିନ୍ତୁ ନନ୍ଦନଟି ପୁଣି ଆସି ତାଙ୍କ ଲୋଭନୀୟ ଦାଢ଼ିଟିକୁ ଆତ୍ମସାତ୍ କରିବାକୁ ଚେଷ୍ଟା କରନ୍ତେ ମହାଶୟ ତାକୁ ପ୍ରାୟ ଫୋପାଡ଼ି ଦେଲେ ଏବଂ ସେ କାନ୍ଥ ଦେହରେ ପିଟି ହୋଇଯାଇ ଚେତା ହରାଇଲା । ଦୌଡ଼ି ଆସିଲେ ପରିଚାରିକାମାନେ ଓ ଜମିଦାରଙ୍କ ପତ୍ନୀ । ପରେ ପରେ ବୈଦ୍ୟ । ଶିଶୁ ମୃତ ।

ବନ୍ଧ ଚକ୍ଷୁ ନୂଆବାବାଙ୍କ ଆଗରେ ଉଭା ଜମିଦାର । ''ବାବା !'' ସେ ଗମ୍ଭୀର କଣ୍ଠରେ ସମ୍ବୋଧନ କରି କହିଲେ, ''ଅଧମ ଶିଶୁଟିକୁ ଏଥର ଜୀବନ୍ୟାସ ଦିଅନ୍ତୁ'' । ଗୁରୁ ସାମାନ୍ୟ ବିରକ୍ତି ଦେଖାଇ କହିଲେ, ''ଏତିକି ପାଇଁ ମୋ ଧ୍ୟାନ ଭଙ୍ଗାଇଲ ? ଆଣ କଂସାଏ ପାଣି'' । ପାଣି ଆସିଲା । ବାବା ସେଥିରେ ଆଙ୍ଗୁଳି ବୁଡ଼ାଇ ଶିଶୁ ଉପରେ ତାହା ସିଞ୍ଚନ କଲେ । ନିଷ୍ଫଳ । ଏକ ଗରା ଭର୍ତ୍ତି ପାଣିରେ ସେ ଦୁଇ ଗୋଡ଼ ବୁଡ଼ାଇଲେ ଓ ତାହା ଶିଶୁ ଉପରେ ଅଜାଡ଼ି ଦିଆଗଲା । ତଥାପି ନିଷ୍ଫଳ । ଏଥର ଧମକ ଦେଲେ ଜମିଦାର, ''ମୋ ପୁଅ ଉପରେ ତୁମ କରାମତି ଦେଖାଇବ ନା ତୁମ ଉପରେ ମୋ କରାମତି ଦେଖିବ !''

ଗୁରୁ ଥରହର । ସେତିକିବେଳେ ପଶି ଆସିଲା ରାମଦାସ । ''ଗୁରୁଦେବ ! କାହିଁକି ଏ ପରୀକ୍ଷା ?'' କହି ସେ ଗୋଟିଏ ପାତ୍ରରେ ପାଣି ଆଣି ସେଥିରେ ଗୁରୁଙ୍କ ପାଦାଙ୍ଗୁଳି ବୁଡ଼ାଇ ତହିଁରୁ କେତେ ବିନ୍ଦୁ ଶିଶୁଟି ଉପରେ ସିଞ୍ଚନ କରନ୍ତେ ଅବିଳମ୍ବେ ଶିଶୁ ଆଖି ଖୋଲିଲା । ବାବାଙ୍କ ଗୌରବ ଗାନରେ ପୁନର୍ବାର ସ୍ପନ୍ଦିତ ହେଲା ବାତାବରଣ । କିନ୍ତୁ ଏକମାତ୍ର ବାବା ବାପୁଡ଼ା ହିଁ ବୁଝୁଥିଲେ ସେ ଚମତ୍କାରର ରହସ୍ୟ ।

କହିବାବାହୁଲ୍ୟ, ରାମଦାସର ନିଃସର୍ତ୍ତ ବିଶ୍ୱାସ ଓ ଚୂଡ଼ାନ୍ତ ଗୁରୁଭକ୍ତି ଏକ ଅପରାଜେୟ ଶକ୍ତିରେ ପରିଣତ ହୋଇ ପରମଗୁରୁଙ୍କ କରୁଣାକୁ ଅବତରଣ କରାଇ ଆଣିଥିଲା ।

ଲୋକ ସମାଜରେ ଗୋଟିଏ ଗୋଟିଏ ତତ୍ତ୍ୱ ନାଟକୀୟ କାହାଣୀ ଭାବେ ହିଁ ଜୀବିତ ରହିଥାଏ । କିନ୍ତୁ ସେସବୁ କାହାଣୀର ମର୍ମ ସତ୍ୟ ।

**— ମନୋଜ ଦାସ**

❑❑❑

ତୁମର ଯଦି ବିଶ୍ୱାସ ଏବଂ ଆସ୍ଥା ଥିବ, ତେବେ ତୁମେ ଗୁରୁଙ୍କର ମାନବିକ ରୂପାକାରକୁ ପୂଜା କରୁ ନାହଁ, କରୁଛ ପରମ ପ୍ରଭୁଙ୍କୁ ଯିଏ ତାଙ୍କ ମାଧ୍ୟମରେ ପ୍ରକଟିତ ।

ଦ୍ୱନ୍ଦ୍ୱକ୍ଲିଷ୍ଟ ହୁଅନା ଏବଂ ଯେଉଁ ଧାରା ସହାୟତା କରୁଛି ତାହାରି ମଧ୍ୟ ଦେଇ ବିନା କୁଣ୍ଠାରେ ତୁମେ ନିଜକୁ ପରମ ପ୍ରଭୁଙ୍କୁ କର ସମର୍ପଣ ।

ପ୍ରୀତି ଓ ଆଶୀର୍ବାଦ ସହ ।

— ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 12** **R.N.I. No. 18163/70.**
Navaprakash (Monthly), December, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**